
ଅନୁବାଦ
ଶ୍ରୀ ଉମାଶଙ୍କର ପଣ୍ଡା

1429

ଓଡ଼ିଆ ଭାଷାରେ ସର୍ବ ପ୍ରଥମ •

ରାଜଶ୍ରୀ ପକେଟ ବୁକ୍ସ

ଆଲବେର୍ଟୋ ମୋରାଭିଆଙ୍କର

CONJUGAL LOVE ର ଓଡ଼ିଆ ରୂପାନ୍ତର

# ମାୟା ମୃଗୟା

ଅନୁବାଦ :

ଶ୍ରୀ ଉମାଶଙ୍କର ପଣ୍ଡା

ପ୍ରକାଶକ
ପ୍ରାଣକୃଷ୍ଣ ଦାସ
ରଜଶ୍ରୀ ପ୍ରକାଶନୀ
୭୬ବ, ଅଖିଲ ମିସ୍ତ୍ରୀ ଲେନ୍
କଲିକତା-୯ ।

ମୁଦ୍ରଣ :
କଳିଙ୍ଗ ମୁଦ୍ରଣୀ
୭୬ବ, ଅଖିଲ ମିସ୍ତ୍ରୀ ଲେନ୍
କଲିକତା-୯ ।

ପ୍ରଚ୍ଛଦ ଶିଳ୍ପୀ :
ମନସ୍ ସେନ୍ ।

ଆଦ୍ୟ ପ୍ରକାଶ :
ଜୁଲାଇ - ୧୯୭୦ ।

ମୂଲ୍ୟ :
ଦୁଇଟଙ୍କା

ଅଗ୍ରଗାମୀ ସାହିତ୍ୟିକ ବନ୍ଧୁ

ଶ୍ରୀ ନିତ୍ୟାନନ୍ଦ ଆଚାର୍ଯ୍ୟଙ୍କୁ

ଗଭୀର ଶ୍ରଦ୍ଧାର ସଙ୍କେତ ସ୍ୱରୂପ ।

ଉମାଶଙ୍କର

MAYA MRUGAYA

By

ALBERTO MORAVIA

Translated by

*Uma Shankar Panda*

***Price* : *Rs. 2·00***


ସ୍ୱଜଶ୍ରୀ ପକେଟ ବୁକ୍ସର ପରବର୍ତ୍ତୀ ଆକର୍ଷଣ

ଶ୍ରୀ ଆଶୁତୋଷ ରାୟଙ୍କର

ସାଗରର କ୍ଷୁଧା

( ଏକ ରୋମାଞ୍ଚକାରୀ ରହସ୍ୟଘନ ଉପନ୍ୟାସ )

ପ୍ରଥମତଃ ମୁଁ ମୋର ସ୍ତୀର କଥା କହିବାକୁ ଇଚ୍ଛାକରେ ।
ନ୍ୟାନ୍ୟ ଅନେକ ପଦାର୍ଥ ଅପେକ୍ଷା ପ୍ରେମର ପାର୍ଥକ୍ୟ ଏହି ଯେ
ମାଧୁରୀକୁ ଦେଖିବା ଓ ଲକ୍ଷ୍ୟ କରିବା ଭିତରେ ଏକ ଗମ୍ଭୀର
ନନ୍ଦର ସ୍ପର୍ଶ ମିଳେ । ଏହି ଯେଉଁ ଆନନ୍ଦାନୁଭୂତି କେବଳ ମାତ୍ର
ଶଂସା ଯୋଗ୍ୟ ସୌନ୍ଦର୍ଯ୍ୟ ଉପଭୋଗରେ ହିଁ ଗଢି ଉଠେ ନାହିଁ,
ନ୍ ବେଶୀ ସକଳ ତୃଟି ବିଚ୍ୟୁତିକୁ ଆଗ୍ରହ କରି ଏହି ଉପଭୋଗର
ତ୍ତି ଘଟେ । ବିବାହର ପ୍ରଥମ ଦିନରୁ ମୁଁ ଲୀଳାକୁ ନିରୀକ୍ଷଣ
ତା'ର ଦେହ ଓ ମୁହଁର ପ୍ରତିଟି ତୁଚ୍ଛ ପରିବର୍ତ୍ତନକୁ ଲକ୍ଷ୍ୟ
ବାରେ ଏକ ବିଶେଷ ଧରଣର ଆନନ୍ଦ ଉପଭୋଗ କରି ଆସିଛି ।
ଦୋଟି ସନ୍ତାନର ଜନନୀ ହେବା ପରେ ଆଜି ତା'ର ବହୁ
ବର୍ତ୍ତନ ଘଟିଛି କିନ୍ତୁ ସେଦିନ ତା'ର ବୟସ ଥିଲା ତିରିଶରୁ କିଛି
ଶୀ । ଦୋହରା ଗଠଣର ଲୀଳାକୁ ସୁନ୍ଦରୀ ବୋଲି ହିଁ କହିବ
ରଣ ତା'ର ଶରୀର ଆଉ ମୁହଁର ଗଠଣ ସବୁରେ ଅତି ଚମତ୍କାର
। କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ରୂପରେ କୌଣସି କଳଙ୍କ
ଥିଲା । ପ୍ରାଚୀନ କଳାରେ ଏକ ପ୍ରକାରର ଅସ୍ପଷ୍ଟ ସୌନ୍ଦର୍ଯ୍ୟ
ତ ଥାଏ । ଅନେକ ମଧ୍ୟମ ଧରଣର ଛବିରେ ବି ଆମେ ବିଶେଷ
ୌନ୍ଦର୍ଯ୍ୟର ସନ୍ଧାନ ପାଇ ଥାଉ ତା'ର ସୁପ୍ରାଚୀନତା ପାଇଁ । ତା'ର
, ନିଷ୍ପ୍ରଭ ଅଥଚ ଆକର୍ଷଣୀୟ ମୁହଁଟି ଏ ସବୁ ପ୍ରାଚୀନ ଚିତ୍ରପଟ
ରେ ଯେଉଁ ପୌରାଣିକ ଦେବ ମୂର୍ତ୍ତି ଦେଖାଯାଏ ସେମାନଙ୍କ
ସହିତ ସାଦୃଶଯୁକ୍ତ ବୋଲି ମୋର ମନେ ହୋଇଥିଲା । ତା'ର
ତ ଆଖିରେ ଏମିତି ଏକ ରହସ୍ୟମୟ ଚିତ୍ରର ଆଭାସ ଥିଲା.
ାକୁ ସ୍ପର୍ଶ କରାଯାଇ ପାରେନା କେବଳ ମାତ୍ର ଅନୁଭବ କରି

- ମାୟା ମୃଗୟା

ହୁଏ।  ଇସ୍ତେ ଯେମିତି ଦେବାଲ ଉପରେ ହଠାତ୍ ଆସି ପଡ଼ିଥିବ
ଅସ୍ତଗାମୀ ସୂର୍ଯ୍ୟର ଟେନାଏ ରଶ୍ମି ରେଖା, ହୁଏତ ବା ଉଜ୍ଜ୍ୱଳ ସମୁ
ଉପର ଆକାଶରେ ଭାସମାନ ମେଘ ଖଣ୍ଡର ଝଣ୍ଡିତ ଛାୟା।  ତା'
ବିଶାଳ ନୀଳ ଚକ୍ଷୁର ଉଜ୍ଜ୍ୱଳ ମଣି କେବଳ ତାକୁ ବୈଶିଷ୍ଟ୍ୟ ଦେଇ
ନ ଥିଲା, ତା'ର ଅଯତ୍ନ କୁଞ୍ଚିତ କେଶଦାମ ସେହି ରୂପକୁ ବର୍ଦ୍ଧି
କରିବାରେ ସାହାଯ୍ୟ କରିଥିଲା। ସବୁ କିଛିର ସଂମିଶ୍ରଣରେ ନାରୀ
ଅବୟବ ତା'ର ଏମିତି ଏକ ମନର ସନ୍ଧାନ ଦେଉଥିଲା ଯେଉଁଠି
ଏକାକାର ହୋଇ ମିଶି ରହିଥିଲା ଖାଦ୍ଧ ଓ ସଂକୋଚ।  ତା'ର
ତୀକ୍ଷ୍ଣ ନାସିକା କିନ୍ତୁ ତା'ର ସୁଗୋଲ ଲାଲ ମୁଖମଣ୍ଡଳରେ ବେଶ୍
ଶୋଭା ପାଉଥିଲା।  ମୁହଁର ଅଙ୍ଗଗୁଡ଼ିକ ହୁଏତ ଶ୍ରେଷ୍ଠ ଚିବୁକ
ଉପରେ ନଇଁ ଆସିଥିବା ତଳ ଓଠଟିର ଅବଶ୍ୟ କୌଣସି ସାମଞ୍ଜସ୍ୟ
ନ ଥିଲା।  ତଥାପି ସେ ସବୁ ଏମିତି ଏକ ରୂପଲୋକ ଗଢ଼ି ତୋଳି
ଥିଲେ ଯା' ମଧ୍ୟରେ ବେଶ୍ ସ୍ପଷ୍ଟ ଭାବରେ ଆଖିରେ ପଡ଼ୁଥିଲା
ଭୋଗବାସନାର ଆଭାସ।  ତା'ର ବିଶାଳ ଅଉ ଗଭୀର ଆଖିର
ବିସ୍ଫାରିତ ତାରକାରେ ବଢ଼ନ୍ତ ନିର୍ଜନତା ପ୍ରୟାସୀ ଯେଉଁ କାମନା
ଫୁଟି ଉଠୁଥିଲା, ଠିକ୍ ତା'ର ଧ୍ୱନି ଶୁଣା ଯାଉଥିଲା ତରଙ୍ଗାୟିତ
କେଶରାଶିର ଭାଷାରେ।  ସାମଞ୍ଜସ୍ୟହୀନ ତଥାପି ଅତି ସୁନ୍ଦର ସେହି
ମୁହଁର ଯେଉଁ ବର୍ତ୍ତନା ମୁଁ ଦେଖିଛି ତା' ମଧ୍ୟରେ ଥିଲା ଅନନୁଭବନୀୟ
ଏକ ଅପରୂପ ରୂପର ପ୍ରକାଶ।  ଏହି ରୂପ ଯେମିତି ବିଶେଷ
ବିଶେଷ ପରିବେଶରେ ବିଶେଷ ମୁହୂର୍ତ୍ତ ଗୁଡ଼ିକରେ ଚୂନା ଚୂନା
ହୋଇ ଅଦୃଶ୍ୟ ହୋଇ ଯାଉଥିଲା।  ଅନ୍ତତଃ ମୋର ସେସ୍ଥା ମନେ
ହେଇଛି।  ତା'ର ଦେହ ସମ୍ବନ୍ଧରେ ବି ସେହି ଏକଇ ମନ୍ତବ୍ୟ
କରିବାକୁ ହୁଏ।  କଟୀଦେଶର ଊର୍ଦ୍ଧ୍ୱାଂଶ ଅଳ୍ପ ବୟସୀ ତରୁଣୀ
ମାନଙ୍କ ଭଳି ହାଲୁକା ଗଠଣର।  ଅଥଚ ତା'ର ଶରୀରର ଅବଶିଷ୍ଟ
ନିମ୍ନାଙ୍ଗକୁ ଖୁଣ୍ଟି ଦେଖିଲେ ବୁଝା ଯାଉଥିଲା ସେ ସବୁ ବେଶ୍ ଶକ୍ତ

ସମର୍ଥ, ପେଶୀ ବହୁଳ ଆଉ ସେ ଗୁଡ଼ିକର ସଞ୍ଚାଳନ ବି ଥିଲା ସଚେଷ୍ଟ ସାମର୍ଥ୍ୟର ପରିଚାୟକ । ଅଙ୍ଗସଂସ୍ଥାନର ଏହି ଯେଉଁ ସାମଞ୍ଜସ୍ୟହୀନତା, ତାହା କିନ୍ତୁ ତା'ର ମୁଖାବୟବ ସଦୃଶ୍ୟ ଗୋଟାଏ ବିଶେଷ ସୁଷମାର ଆବରଣରେ ଆଚ୍ଛାଦିତ ହୋଇ ପଡ଼ିଥିଲା । ଏହି ବୈଶିଷ୍ଟ୍ୟ ତା'ର ସମସ୍ତ ଶରୀରକୁ ଏମିତି ଏକ ନିଖୁଣ ରୂପଲାବଣ୍ୟର ପରିମଣ୍ଡଳରେ ଢାଙ୍କି ରଖିଥିଲା ଯାହା ମନେ ହେଉଥିଲା ଏକ ସୁଶୋଭିତ ଦେହକାନ୍ତି ଅଥବା କୌଣସି ଏକ ରହସ୍ୟମୟ ମହିମାନ୍ୱିତ ଆଲୋକମଣ୍ଡଳ । ସତ କହିବାକୁ ଗଲେ ତା'ର ରୂପକୁ ଚାହିଁ ଅନେକ ସମୟରେ ମୋର ମନେ ହେଉଛି ସିଏ ଯେମିତି ଏକ ଅପରୂପ ଲାବଣ୍ୟମୟୀ ନାରୀ ଯା' ମଧ୍ୟରେ ତ୍ରୁଟିବିଚ୍ୟୁତିର ଚିହ୍ନ ଲେଶ ମାତ୍ର ନାହିଁ । ଶାନ୍ତ ସଙ୍ଗତିପୂର୍ଣ୍ଣ, ସୁସମଞ୍ଜସ ଲାବଣ୍ୟର ସିଏ ଯେମିତି ଏକ ପ୍ରତିମୂର୍ତ୍ତି । ପ୍ରକାଶ୍ୟଯୋଗ୍ୟ ଭାଷାର ଅଭାବରେ ଯାହାକୁ ମୁଁ ବିଭ୍ରାନ୍ତିକର ଅତିମାନବୀୟ ସୌନ୍ଦର୍ଯ୍ୟ କହିପାରେ ଯାହା ନିଃସନ୍ଦେହରେ ମୋତେ ପଥଭ୍ରଷ୍ଟ କରିଛି । କିନ୍ତୁ ଭ୍ରାନ୍ତିର ଏହି ସ୍ୱର୍ଣ୍ଣାବଗୁଣ୍ଠନ ମଝିରେ ମଝିରେ ଯେତେବେଳେ ଛିନ୍ନଭିନ୍ନ ହୋଇ ଯାଇଛି, ସେତେବେଳେ ତା'ର ଅସଂଖ୍ୟ ଅସଂଲଗ୍ନତା ହିଁ କେବଳ ପ୍ରକାଶିତ ହୋଇନି, ଆଖିରେ ପଡ଼ିଛି ତା'ର ସାମଗ୍ରିକ ବ୍ୟକ୍ତିସତ୍ତାର କରୁଣ ରୂପାନ୍ତର ।

ମୋର ବିବାହିତ ଜୀବନର ପ୍ରଥମ ଅବସ୍ଥାରେ ହିଁ ଏସବୁ ଆବିଷ୍କାର କରିଥିଲି । ସେତେବେଳେ କୌଣସି କୌଣସି ଦୁର୍ବଳ ମୁହୂର୍ତ୍ତରେ ମୁଁ ନିଜକୁ ପ୍ରତାରିତ ବି ମନେ କରିଛି । ଅର୍ଥଲୋଭରେ ବିବାହ କଲାପରେ ମଣିଷ ଯେମିତି ଭାବରେ ଜାଣିପାରେ ଯେ ତା'ର ସ୍ତ୍ରୀ ନିତାନ୍ତ ଦରିଦ୍ର, ଭସ୍ନେ ଠିକ୍ ସେସ୍ଥା । ମଝିରେ ମଝିରେ ମୁଁ ମୋ ସ୍ତ୍ରୀର ମୁହଁରେ ଏମିତି ଏକ ଗମ୍ଭୀର ଅଥଚ ନିର୍ବାକ ପରିବର୍ତ୍ତନ ଲକ୍ଷ୍ୟ କରିଛି ଯାହା ମଧ୍ୟରେ ଏକ ସଙ୍ଗରେ ଭୟ, ମର୍ମବେଦନା

ଆଉ ସ୍ୱେଚ୍ଛାଚାରିତାର ଛାୟା ପଡ଼ିଛି ବୋଲି ମୋର ମନେ ହୋଇଛି । ପୁନଶ୍ଚ ଏହା ସହିତ ମିଶି ରହିଥିଲା ଏକ ପ୍ରକାର ଅନାଗ୍ରହ ଭାବ ଯହିଁରେ ସ୍ପନ୍ଦିତ ହେଉଥିଲା ଯୌନ ଆକର୍ଷଣ । ମଝିରେ ମଝିରେ ତା'ର ମୁଖ ବିକୃତି ଫଳରେ ଦୈହିକ ଅସାମଞ୍ଜସ୍ୟ ଯେମିତି ତୀବ୍ର ଭାବରେ ତା'ର ଆଖିରେ ଫୁଟି ଉଠୁଥିଲା । ସେତେବେଳେ ତା'ର ସମଗ୍ର ମୁହଁରେ ଆଂଶିକ ରୁଚିହୀନ ଏବଂ ଆଂଶିକ ବେଦନାଦାୟକ ଏକ ଅଦ୍ଭୁତ ମୁଖାର ହାସ୍ୟକର ଛବି ଦେଖିବାକୁ ପାଉଥିଲି । ବୁଝିପାରୁଥିଲି ତା'ର ବହିରାକୃତିର କୌଣସି କୌଣସି ବୈଶିଷ୍ଟ୍ୟକୁ, ବିଶେଷ ଭାବରେ ମୁହଁ ଦୁଇ ପାଖର ଦୁଇଟି ରେଖା, ନାଶାରନ୍ଧ୍ର ଆଖିଗୁଡ଼ିକୁ ସେ ଇଚ୍ଛାକୃତ ଭାବରେ ବଢ଼ାଇ ପକାଉଛି । ମୋର ସ୍ତ୍ରୀର ଓଠରେ ରଙ୍ଗ ଲଗେଇବାର ଅଭ୍ୟାସ ଥିଲା । ସାଧାରଣ ଭାବରେ ସେ ଅଳ୍ପ ଶେତା । ତେଣୁ ସେ ଗାଲରେ ରୁଜ ଏବଂ ଓଠରେ ଗାଢ଼ ଲାଲରଙ୍ଗ ବ୍ୟବହାର କରିବାକୁ ପସନ୍ଦ କରୁଥିଲା । ତାର ପ୍ରଶାନ୍ତ ମୁଖମଣ୍ଡଳରେ ଏହି କୃତ୍ରିମ ରଙ୍ଗର ପ୍ରଲେପ କିନ୍ତୁ ଆଖି, କେଶ ଆଉ ଶରୀରର ବର୍ଣ୍ଣ ସହିତ ବେଶ୍ ସୁନ୍ଦର ଭାବରେ ମାନୁଥିଲା, ଆଖିରେ ମୋଟେ ପଡ଼ୁ ନ ଥିଲା । କିନ୍ତୁ ମୁଖ ବିକୃତିର ସଙ୍ଗେ ସଙ୍ଗେ ଏସବୁ ପୁନଶ୍ଚ ଦୃଷ୍ଟିକଟୁ ରୂପେ ପ୍ରକଟ ହୋଇ ଉଠୁଥିଲା । ଚକ୍ମକ୍ କରି ଉଠୁଥିଲା ନଗ୍ନ ବିଭତ୍ସତାରେ । ଯେଉଁ ମୁହଁ ଅଳ୍ପ ସମୟ ପୂର୍ବରୁ ହିଁ ଏକ ପ୍ରଶାନ୍ତ ମାଧୁର୍ଯ୍ୟରେ ପରିପୂର୍ଣ୍ଣ ଥିଲା, ସେ ଯେମିତି ହଠାତ୍ ଆନନ୍ଦୋତ୍ସବର ଢଙ୍ଗରେ ବ୍ୟବହୃତ ମୁଖାର ବର୍ଣ୍ଣାଢ଼୍ୟତା ନେଇ ହାସ୍ୟକର ଭାବରେ ପ୍ରକାଶ ପାଉଥିଲା । ପୁନଶ୍ଚ ତା ସହିତ ଯୁକ୍ତ ହେଉଥିଲା ବିକୃତଭଙ୍ଗୀର ସେହି ଗୂଢ଼ ଲାଲସା ଯାହା ସାଧାରଣତଃ ଜୀବ ଦେହର ଆବେଗ ଉଷ୍ମତାରେ ବିକାଶ ଲାଭ କରେ ।

ମୁହଁ ଭଳି ତାର ଦେହ ବି ମୋହମୟ ରୂପ ବିକିରଣ କରି

ନାନା ପ୍ରକାର ବିକୃତ ଭଙ୍ଗୀ କରୁଥିଲା । ବେଳେ ବେଳେ ଭୟ କମ୍ପା ଘୃଣାରେ ତାର ସମଗ୍ର ଶରୀର କୁଞ୍ଚିତ ହୋଇ ଉଠୁଥିଲା, ସେତେବେଳେ ଦେଖା ଯାଉଥିଲା ଠିକ୍ ଯେମିତି ନର୍ତ୍ତକୀ ବା ରୂପ ଦକ୍ଷ ଅଭିନେତ୍ରୀଗଣ ଦର୍ଶକବୃନ୍ଦଙ୍କୁ ଉଦ୍ଦୀପ୍ତ କରିବା ପାଇଁ ଚେଷ୍ଟା କରନ୍ତି । ଅନେକାଂଶରେ ସେହିଭଳି ତାର ଶରୀର ପଛକୁ ନଇଁ ପଡ଼ୁଛି ଆକର୍ଷଣ କରିବାର ଏକ ମନୋରମ ଭଙ୍ଗୀରେ । ମନେ ହେଉଥିଲା ସେ ଯେମିତି କୌଣସି ଏକ କାଳ୍ପନିକ ବିପଦକୁ ଦୂରେଇ ଦେବା ପାଇଁ ଚେଷ୍ଟା କରୁଛି । ପୁଣି ସେହି ଏକଇ ମୁହୂର୍ତ୍ତରେ ସ୍ପଷ୍ଟ ବି ଭାବି ହୁଆଯାଇ ପାରନ୍ତା ବା ତାର ତୀବ୍ର ଦୈହିକ ଆକୁଞ୍ଚନରୁ ଏହା ଅନୁମାନ କରି ହୁଆଯାଇ ପାରନ୍ତା ଯେ କୌଣସି ବିପଦ ବା ଦୈହିକ ଆକ୍ରମଣକୁ ସେ ନିଛକ ଅବାଞ୍ଛିତ ମନେ କରୁ ନାହିଁ । ବେଳେ ବେଳେ ସେ ବେଶ୍ ଶାନ୍ତ, ସଂଯତ ଓ ମାଧୁର୍ଯ୍ୟମଣ୍ଡିତ ଦେଖା ଯାଉଥିଲା କିନ୍ତୁ ପର ମୁହୂର୍ତ୍ତରେ ସେ ଯେତେବେଳେ ମୁଖଭଙ୍ଗୀ କରି ଅଶାଳୀନ ଆଚରଣ କରୁଥିଲା ସେତେବେଳେ ସ୍ୱାଭାବିକ ଭାବରେ ଏହି ଏକଇ ମଣିଷକୁ ମୁଁ ଦେଖିଛି କି ନାହିଁ ସେ ବିଷୟରେ ଯଥେଷ୍ଟ ସନ୍ଦେହ ହେଉଥିଲା ।

(ପ୍ରିୟଜନର ଦୋଷ ସହିତ ଯାହା କିଛି ଗୁଣ ଥାଏ, ସବୁକିଛି ଏକତ୍ର କରି ତାକୁ ପ୍ରୀତିର ଆଖିରେ ଗ୍ରହିବା ଯେ ପ୍ରେମ ଏ କଥା ପୂର୍ବରୁ କହିଛି) ମଧୁର ମୁହୂର୍ତ୍ତ ଗୁଡ଼ିକରେ ତାର ପ୍ରଶାନ୍ତ ମଧୁର ସୁସଙ୍ଗତ ଆଚରଣ ଯେମିତି ଭାବରେ ମୋତେ ଆକୃଷ୍ଟ କରିଥିଲା ଠିକ୍ ସେଇମିତି ଆକୃଷ୍ଟ କରିଥିଲା ତାର ଏ ଅବାଞ୍ଛିତ ଅଙ୍ଗ ବିକୃତି ସମୂହ । ବିଶେଷ ଧରଣର ପରିପାର୍ଶ୍ୱିକତାରେ ମୋର ସ୍ତ୍ରୀ ଯେ ଆକର୍ଷଣହୀନ ଏକ ପ୍ରକାର ବିକୃତରୂପ ଧାରଣ କରେ ତାହା ମୁଁ ଜାଣିଥିଲି । ତାର ସେହି ପ୍ରକାଶ ଟିକକ ମୋ ପାଖରେ କୌତୁକାବହ ମନେ ହୋଇଛି । ତାର ଗୁଣ ଭଲ ଏହା କି ତାକୁ ଭଲ ପାଇବା ପକ୍ଷରେ

ଅନ୍ୟତମ ଯୋଗ୍ୟକାରଣ ବୋଲି ମୋର ମନେ ହୋଇଛି । ପ୍ରକୃତରେ ତାକୁ ଭଲ ନ ପାଇବା ଭଳି ଇଚ୍ଛା ବା ଶକ୍ତି ମୋର ନ ଥିଲା ।

ପ୍ରସଙ୍ଗତ ଏକଥା ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ଆମର ଘନିଷ୍ଠତମ ମୁହୂର୍ତ୍ତଗୁଡ଼ିକରେ ତାର ମୁହଁ ବା ଦେହର ଏହି ପ୍ରକାର ବିକୃତି ଘଟିବାର ମୁଁ ଦେଖି ନାହିଁ । ଆମର କଥାବାର୍ତ୍ତା ମଧ୍ୟରେ କେବେହେଲେ ଏହି ଧରଣର ବିକୃତି ଘଟେଇ ମୁଖ ଭଳି ବା ଦେହଟିକୁ କଣ୍ଢେଇ ନାଚର କଣ୍ଢେଇ ଭଳି କରିଥିବାର ଦେଖିଛି ବୋଲି ମୋର ସ୍ମରଣ ହେଉ ନାହିଁ । ବରଂ ଏକଥା କୁହାଯାଇ ପାରେ ଯେ ଆମର ପ୍ରେମଘନ ମୁହୂର୍ତ୍ତ ଗୁଡ଼ିକରେ ତାକୁ ଏକ ଅବିଶ୍ୱାସ୍ୟ ଓ ଅବର୍ଣ୍ଣନୀୟ ମାଧୁର୍ଯ୍ୟର ପୂର୍ଣ୍ଣତା ଭିତରେ ଲାଭ କରିଛି । ସେତେବେଳେ ତାର ଆୟତ ଆଖିର ଶକ୍ତି ଓ ବିସ୍ତାରିତ ତାରକାରେ ଯେଉଁ ଚଞ୍ଚଳ ସୁନ୍ଦର ଆବେଦନର ରୂପ ଫୁଟି ଉଠୁଥିଲା ତାର ପ୍ରକାଶ କ୍ଷମତା ଯେ କୌଣସି ସମୃଦ୍ଧ ଭାଷା ଅପେକ୍ଷା ବି ଥିଲା ଶକ୍ତିଶାଳୀ । ତାର ମୁଖମଣ୍ଡଳର ନୀରବ ଭାଷା ଓଠ ଗୁଡ଼ିକର ବଙ୍କିମ ଭଙ୍ଗୀରେ ଏବଂ ଆସକ୍ତିର ଅଭିବ୍ୟକ୍ତିରେ ପରିପୂର୍ଣ୍ଣ ହୋଇ ଏକ ଲିପ୍ସାଳୀ ଅଥଚ ବୁଦ୍ଧିଦୀପ୍ତ ପ୍ରାଣସତ୍ତାର ପ୍ରକାଶ କରୁଥିଲା । ତାର ସୁନ୍ଦର ଅବିନ୍ୟସ୍ତ କେଶରାଶିର ଯୋଗ୍ୟ ପରିମଣ୍ଡଳରେ ମୁଖମଣ୍ଡଳଟି ଗୋଟିଏ ରହସ୍ୟମୟ ଅଥଚ ଅଭୟପ୍ରଦ ଦର୍ପଣ ସଦୃଶ ମନେ ହେଉଥିଲା । ସେତେବେଳେ ତାର ସର୍ବ ଶରୀରରେ ନଇଁ ଆସୁଥିଲା ପରମ ସୁନ୍ଦର ଏକ ନିଷ୍ପାପ ଅବସାଦ, ଯା ଭିତରେ ନ ଥିଲା ଶକ୍ତି ବା ଲଜ୍ଜାର ସ୍ପର୍ଶ । (ସେ ଯେମିତି ସେତେବେଳେ ସେହି ପ୍ରତିଶ୍ରୁତ ଭୂମିଖଣ୍ଡ ଟିଏ ତାର ସୁଦୂର ଦିଗନ୍ତ ବିସ୍ତୃତ ନଦନଦୀ ବନଗିରି ଏବଂ ଉପତ୍ୟକାଗୁଡ଼ିକ ନେଇ ପ୍ରଥମ ଦୃଷ୍ଟିର ସମ୍ମୁଖରେ ନିଜକୁ ପରମ ରମଣୀୟ ଓ ଆକର୍ଷଣୀୟ ଭାବରେ ମେଲେଇ ଧରିଛି ।) ପୁନଶ୍ଚ ଅନ୍ୟ ପକ୍ଷରେ

ତାର ମୁଖାବୟବ ଏବଂ ଅନ୍ୟାନ୍ୟ ଅଙ୍ଗର ବିକୃତି ଗୁଡ଼ିକ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ସାଧାରଣ ପରିବେଶରେ ବି ପ୍ରକାଶିତ ହେଉଥିଲା । କେତୋଟି ମାତ୍ର ଘଟଣା ଉଲ୍ଲେଖ କଲେ ଏ ବିଷୟଟି ସୁସ୍ପଷ୍ଟ ହୋଇ ପାରେ । ଡିଟେକ୍ଟିଭ ବହି ପଢ଼ିବାର ଝୁଙ୍କ ମୋର ସ୍ତ୍ରୀର ଖୁବ୍ ବେଶୀ । ଲକ୍ଷ୍ୟ କରିଛି କାହାଣୀର ପରିବେଶ ଯେତେବେଳେ ଖୁବ୍ ଭୟାବହ ଓ ଉତ୍ତେଜନ ମୟ ହୋଇ ଉଠିଛି ସେତେବେଳେହିଁ ତାର ମୁହଁ କୁଞ୍ଚିତ ଓ ବିକୃତ ହୋଇଆସିଛି । ଘଟଣାଟିର ଜଟିଳତା'ର ପରିସମାପ୍ତି ପୂର୍ବରୁ କେବେହେଲେ ସ୍ୱାଭାବିକତା ଲାଭ କରିବାର ଦେଖି ନାହିଁ । ଜୁଆ ଖେଳରେ ବି ମୋର ସ୍ତ୍ରୀର ଆସକ୍ତି ପ୍ରଚୁର । କ୍ୟାସ୍ପିଓନ, ମଣ୍ଟେକାର୍ଲୋ, ସାନରେମୋ—ସବୁଠି ମୁଁ ତାର ସଙ୍ଗରେ ରହିଛି । ବାଜି ଲଗେଇବା ପରେ ପ୍ରଥମଥର ଯେତେବେଳେ ଚକ ଘୂରୁଥିଲା, ଆଉ ଗ୍ରେଟ ବଲଟି ସଂଖ୍ୟା ପରେ ସଂଖ୍ୟା ପାରେଇ ଯାଉଥିଲା ସେତେବେଳେ ତାର ମୁହଁର ସେହି ଅବାଞ୍ଛିତ ବିକୃତି ଦେଖା ଦେଉଥିଲା । ଛୁଞ୍ଚିରେ ସୂତା ଲଗେଇବାକୁ ଯାଇ କମ୍ପା ନଦୀତଟରେ ହେଉଁଠି ପଡ଼ିଯିବାର ଆଶଙ୍କା, ଏମିତିକି ପିଠିରେ ଟୋପାଏ ଥଣ୍ଡା ପାଣି ପଡ଼ିଲେବି ତାର ମୁହଁର ସେହି ପରିବର୍ତ୍ତନ ଦେଖା ଯାଉଥିଲା ।

ପରିଶେଷରେ ମୁଁ ଦୁଇଟି ଘଟଣାର କଥା ବିଶେଷ ଭାବରେ କହିବାକୁ ଚାହେଁ ଯେଉଁ କ୍ଷେତ୍ରରେ ମୋର ମନେ ହୋଇଛି ଯେ ତା'ର ଏହି ଅସ୍ୱାଭାବିକ ପରିବର୍ତ୍ତନ ମୂଳରେ କୌଣସି ନା କୌଣସି ଜଟିଳତାର କାରଣ ରହିଛି । ଗାଁର ବଗିଚାରେ ଦିନେ ଆମେ ବୁଲୁଥିଲୁ । ଦେଖିଲି ଝୋଲାପାଖରେ ଗୋଟାଏ ଜଙ୍ଗଲି ଗଛର ସବୁ ଶାଖାପ୍ରଶାଖା ବପୁ'ର କରି ବଢ଼ି ଉଠିଛି । ତାକୁ ଉପାଡ଼ି ପକେଇବା ପାଇଁ ପ୍ରବଳ ଚେଷ୍ଟା କଲା । ତା'ର ଚେର ଖୁବ୍ ଗଭୀରକୁ ଚାଲି ଯାଇଥିଲା ଆଉ ଗଛଟି ବାରମ୍ବାର ହାତରୁ ଖସି

ଯାଉଥିଲି । ଏହା ଭିତରେ କାହିଁକି କେଜାଣି ହଠାତ୍ ମୋର ସ୍ତ୍ରୀ ଉପରେ ଆଖି ପଡ଼ିଲା । ଦେଖିଲି ତା'ର ମୁହଁ ଆଉ ଦେହରେ ସେହି ଅସ୍ୱାଭାବିକ କଦର୍ଯ୍ୟ ବିକୃତି ଫୁଟି ଉଠୁଛି । ଆଉ ଠିକ୍ ସେହି ମୁହୂର୍ତ୍ତରେ ମୋର ଦେହର ଓଜନରେ ପରାଜିତ ହୋଇ ଗୁଳ୍ମଗଛଟି ଚେରଗୁଡ଼ିକ ସହିତ ମାଟିରୁ ଉଠି ଆସିଲା, ଫଳରେ ମୁଁ ବି ମୁରମ ଢିଆ ରାସ୍ତାରେ ଚିତ୍ ହୋଇ ପଡ଼ିଗଲି ।

ଆଉ ଥରେ ରୋମରେ କେତେଜଣ ବନ୍ଧୁଙ୍କୁ ଭୋଜନ ପାଇଁ ଘରକୁ ଆମେ ନିମନ୍ତ୍ରଣ କରିଥିଲୁ । ବନ୍ଧୁମାନେ ପଦାର୍ପଣ କରିବା ପୂର୍ବରୁ ମୋ'ର ସ୍ତ୍ରୀ ସାନ୍ଧ୍ୟପୋଷାକ ଆଉ ଦାମୀଗହଣା ପିନ୍ଧି ପ୍ରସ୍ତୁତ ହୋଇ ସାରିଥିଲେ । ସବୁ ଆୟୋଜନ ଠିକ୍ ଅଛି କି ନା ଦେଖି ଆସିବା ପାଇଁ ସେ ଥରେ ରୋଷେଇ ଘରକୁ ଗଲା । ଅବଶ୍ୟ ମୁଁ ମଧ୍ୟ ତା' ସହିତ ଯାଇଥିଲି । ସେଠିକି ଯାଇ ଦେଖାଗଲା ଖାନସମାର ଅବସ୍ଥା ଭୟାବହ । ବେଶ୍ ଅର୍ଦ୍ଧମୃତ ଗୋଟାଏ ଚିଙ୍ଗୁଡ଼ି ଆଉ ତା'ର ତୀକ୍ଷ୍ଣ ନଖଗୁଡ଼ିକ ସମ୍ମୁଖରେ ସେ ପୂରାପୂରି ବିପନ୍ନ । ତାକୁ ଉଠେଇ ଯେ କୌଣସି ପ୍ରକାରେ କଡ଼େଇରେ ପକେଇ ପାରୁନାହିଁ । ଚୁପ୍ଚାପ୍ ଟେବୁଲ ପାଖକୁ ଯାଇ ମୋର ସ୍ତ୍ରୀ ଚିଙ୍ଗୁଡ଼ିଟାକୁ ଧରି କଡ଼େଇର ଗରମ ପାଣିରେ ବୁଡ଼େଇ ଦେଲା । ଅବଶ୍ୟ ଏ କାମଟି କରିବା ପାଇଁ ତାକୁ ନିଆଁ ଓ ଚିଙ୍ଗୁଡ଼ି ପାଖରୁ ଯେତେଦୂର ସମ୍ଭବ ଦୂରତ୍ୱ ବଜାୟ ରଖିବା ପାଇଁ ପଡ଼ିଥିଲା ଏକଥା ଠିକ୍ । ଏହି କାମଟି କଲା ସମୟରେ ଅବଶ୍ୟ ତା'ର ସେହି ଅନଭିପ୍ରେତ ଏବଂ ହାସ୍ୟକର ମୁଖବିକୃତିର କିଞ୍ଚିତ ସୂଚନା ମିଳିଥିଲା । ତା'ର ଉଜ୍ଜ୍ୱଳ ରେଶମର ସାନ୍ଧ୍ୟପୋଷାକ ତଳେ ଉଦ୍ଦୀପକ ଭଙ୍ଗୀରେ ସେଦିନ ସେ ନିତମ୍ବ ସଞ୍ଚାଳନ କରିଥିଲା । ତା'ର ଅର୍ଥ କିଛିଟା ସେଦିନ ଯେମିତି ସ୍ପଷ୍ଟ ହୋଇ ଉଠିଥିଲା ।

ମୋର ମନେହୁଏ ନାନା ପ୍ରକାର ଘଟଣାକୁ କେନ୍ଦ୍ରକରି

ବହୁବାର ମୋର ସ୍ତ୍ରୀର ଏହି ଭଳି ମୁଖ ଓ ଦେହର ବିକୃତି ଘଟିଛି । ଅବଶ୍ୟ ଯାହାକୁ ନେଇ ବାଗାପକେଇ କିଛି କୁହାଯାଇପାରେନା ଯେ ଏମିତି କିଛି ଘଟଣା ବି ଆଇପାରେ । ଦେହ ସମ୍ଭୋଗ ସମୟରେ କିନ୍ତୁ କେବେହେଲେ ଏହି ପ୍ରକାର ମୁଖ ବା ଦେହର ଆକୁଞ୍ଚନ ମୁଁ ଲକ୍ଷ୍ୟ କରି ନାହିଁ । ଆଉ ଏହି ଆକୁଞ୍ଚନ ଏମିତି ପ୍ରଗାଢ଼ ନୀରବତା ମଧ୍ୟରେ ରୂପ ନେଉଥିଲା ଯେ ଯାହାକୁ କଟାକ ନିସ୍ତବ୍ଧତା ପରିବର୍ତ୍ତେ ଗୋଟାଏ ଅବ ନମିତ ସ୍ପନ୍ଦନ ସଦୃଶ ମୋର ମନେ ହେଉଥିଲା । ଶେଷରେ କୁହାଯାଇ ପାରେ ଯେ ଏହି ମୁହଁ ଏବଂ ଦେହ ବିକୃତି ସୃଷ୍ଟି ହେଉଥିଲା ଅଶାନ୍ତ ହଠାତ୍ କୌଣସି ତିଜନକ ଘଟଣାକୁ କେନ୍ଦ୍ରକରି, ଏକାବେଳକେ ବିଦ୍ୟୁତ୍‌ଭଳି ଆକସ୍ମିକ ଆବିର୍ଭାବ । ଗଭୀର ଭାବରେ ଲକ୍ଷ୍ୟକଲେ ମନେ ହେଉଛି ଏ ହେଲା ଦୈହିକ ଆକର୍ଷଣ ସମ୍ଭୂତ ଘନୀଭୂତ ଏକ ଆତଙ୍କ ।

---

ଏତେ ସମୟ ପର୍ଯ୍ୟନ୍ତ ମୁଁ କେବଳ ମୋର ସ୍ତ୍ରୀର କଥା କହୁଛି, ମାନ ମୋ ନିଜ ସମ୍ବନ୍ଧରେ କିଛି କୁହାଯାଇ ପାରେ । ଯଦିଓ ମୋର ଶରୀରର ସୁଷମତା ଓ ବୁଦ୍ଧିଦୀପ୍ତ ମୁଖ ଲକ୍ଷଣୀୟ ତଥାପି ମୋର ଗଠନଟା ଟିକିଏ ସରୁ ଓ ଲମ୍ବା ଧରଣର । ଖୁବ୍ ନିରୀକ୍ଷଣ କରି ଦେଖିଲେ ମୋର ଚିବୁକ ଆଉ ମୁହଁର ଗଠନରେ ବୋଧହୁଏ ଟା ବୈଷମ୍ୟ ପରିଲକ୍ଷିତ ହେବ । ତେବେ ଏକଥା ସତ ହେ ର ମୁହଁ ମୋର ବୁଦ୍ଧିଜୀବିକ ପଣ୍ଡିତସୁଲଭ ସାକ୍ଷ୍ୟ ମୋଟେ ବହନ

କରି ନାହିଁ । ତେବେ ଏ ମୁଖ ଦୁର୍ଭାବ୍ୟଞ୍ଜକ ଏବଂ କଳ୍ପିତ ପରିମାଣରେ ବିପର୍ଯ୍ୟସ୍ତ ଗୁଣର ପରିସ୍ପନ୍ଦକ । ଏକଥା ଅବଶ୍ୟ ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ଚିନ୍ତାଭାବନାରେ ମୋର କୌଣସି ଗମ୍ଭୀରତା ନାହିଁ । ମୁଁ ଯେତେବେଳେ ଯାହା କୁହେ ବା କରେ ତା' ଭିତରେ କୌଣସି ଗୋପନୀୟତା ନ ଥାଏ, ଫଳରେ ପଶ୍ଚାଦପସରଣ କରିବାକୁ ହେଲେ ମୋର କିଛି ନୂତନ ଜିନିଷ କହିବାର ବା କରିବାର ନ ଥାଏ । ମୋର ସବୁ କିଛି ସାମନାସାମନି, ସାହାଯ୍ୟ ପାଇବା ଆଶାରେ ମୁଁ କିଛି ପଛରେ ରଖି ଆଗେଇ ଯାଏନା । ଏଥିରୁ ଅବଶ୍ୟ ବୁଝାଯିବ ଯେ ଶ୍ରେଷ୍ଠ ଘଟଣାମାନଙ୍କୁ କେନ୍ଦ୍ରକରି ବି ମୁଁ ବେଶ୍ ଉତ୍ସାହ ଓ ଉତ୍ତେଜନା ବୋଧକରେ । ମୋର ଏଭଳି କର୍ମୋଦ୍ୟମକୁ ଗୋଟାଏ ଅନିୟନ୍ତ୍ରିତ ଅଶ୍ୱ ସହିତ ତୁଳନା କରାଯାଇ ପାରେ ଯେ ଗୋଟାଏ ସୁଉଚ୍ଚ ପାଚେରି ଡେଇଁ ଯିବାର ଚେଷ୍ଟାକରୁଛି ସତ କିନ୍ତୁ ପୂର୍ବରୁ ତା'ର ସବାରକୁ ପଛରେ ଫିଙ୍ଗି ଦେଇ ଆସିଛି । ସବାର ସେଠି ମାଟିକାମୁଣ୍ଡ ପଡ଼ିଛି । ପ୍ରକୃତରେ ମୁଁ ଯାହା କହିବାକୁ ଚାହେଁ ତାହା ହେଲା ମୋର ଏ ଉତ୍ସାହ ଏମିତି ଏକ ଶ୍ରେଣୀର ଯାହା ପଛରେ ପର୍ଯ୍ୟାପ୍ତ କାର୍ଯ୍ୟକାରୀ ଶକ୍ତିର ବିଶେଷ ଅଭାବ ଘଟେ ଫଳରେ ଅନିବାର୍ଯ୍ୟ ଭାବରେ ସବୁ ଉତ୍ସାହ ବହ୍ୱାରମ୍ଭେ ଲଘୁକ୍ରିୟାରେ ପରିଣତ ହୁଏ । ମୁଁ ଯେ କଳ୍ପିତ ଆଡ଼ମ୍ବର ପ୍ରିୟ ଏବଂ କାମ ଅପେକ୍ଷା କଥାକୁ ଭଲପାଏ ଏକଥା ଅସ୍ୱୀକାର କରିବାର ଉପାୟ ନାହିଁ । ବିଚାର କଲେ ଦେଖାଯିବ ଯେ ମୋର ଏ ଆଡ଼ମ୍ବର ପ୍ରିୟତା ଭାବପ୍ରବଣତା ଉପରେ ଗଢ଼ି ଉଠିଛି । ଉଦାହରଣର ସ୍ୱରୂପ ମୁଁ ଭଲପାଇବାକୁ ଚାହେଁ ଏବଂ ମୁଁ ଯେ କାହାରି ନା କାହାରି ପ୍ରେମରେ ପଡ଼ିଛି ଏକଥା ଭାବି ନିଜକୁ ପ୍ରତାରଣା କରେ । ପ୍ରକୃତରେ ତା' ମଧ୍ୟରେ ପ୍ରେମର କିଛି ନ ଥାଏ, ଯାହା ଥାଏ ସେ କେବଳ ଶରୀର ଅନୁଭୂତି ନେଇ ପ୍ରେମ

ମୁହଁରେ କୁହାଯାଇଥିବା କିଛି କଥା । ଏହି ସବୁ ମୁହୂର୍ତ୍ତରେ ମୋର କିନ୍ତୁ ବାକ୍‌ରୋଧ ହୋଇପଡ଼େ, ଆଖିରୁ ଝରିପଡ଼େ ଅଶ୍ରୁର ନିର୍ଝର । ପ୍ରକୃତରେ ମୋର ହୃଦୟର ବହିଃପ୍ରକାଶ ପଛରେ ଯାହା ମୁଁ ଗୋପନ କରି ରଖେ ତାହାହେଲା ଗୋଟାଏ ପ୍ରକାରର ଭକ୍ତି ଏବଂ ତୀକ୍ଷ୍ଣ ବୁଭୁକ୍ଷା ଯାହା ନିଃସନ୍ଦେହରେ ମୋତେ ପ୍ରତାରକ କରି ତୋଳେ । ଏହା କୌଣସି ପ୍ରକାର ଶକ୍ତିର ପରିଚୟସୂଚକ ନୁହେଁ, ବରଂ ଏହାକୁ ଅନୁଦ୍ଦେଶ୍ୟତା ହିଁ କୁହାଯାଇପାରେ ।

ଲୋଡ଼ା ସହିତ ପରିଚୟ ହେବା ପୂର୍ବରୁ ମୋର ପରିଚିତ ବନ୍ଧୁମାନେ ମୋତେ ଜଣେ ଶିଳ୍ପରସିକ ବୋଲି ସ୍ୱୀକାର କରୁଥିଲେ । ଅବଶ୍ୟ ଏକଥା ଆଜିବି କୁହାଯାଇପାରେ, ତେବେ ଯାଣେନା ଆଉ କେତେଦିନ ମୁଁ ଏ ପରିଚୟ ବହନ କରିପାରିବି । ପ୍ରକୃତରେ ମୁଁ ଥିଲି ସେହି ଶ୍ରେଣୀର ମଣିଷ ଯେଉଁମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଆଉ ଅଖଣ୍ଡ ଅବସର ସେମାନଙ୍କୁ ଯେ କୌଣସି ଶିଳ୍ପଧାରାର ଅନୁସରଣ ଓ ତହିଁରୁ ଆନନ୍ଦରସ ଆସ୍ୱାଦନରେ ଯଥେଷ୍ଟ ସହାୟତା କରେ । ସମାଜରେ ମୁଁ ଯେଉଁ ସ୍ଥାନଟି ଦଖଲ କରି ରହିଛି ସେହି ଦୃଷ୍ଟିରେ ଏହି ଆତ୍ମ ବିଶ୍ଳେଷଣ ବେଶ୍ ସଂଗତ । କିନ୍ତୁ ମୁଁ ଯେତେବେଳେ ଏକାକୀ ମୋ ନିଜର ମୁହାଁମୁହିଁ ଠିଆ ହୁଏ ସେତେବେଳେ ମନେହୁଏ ମୋ ଭିତରେ କୌଣସି ଶିଳ୍ପସତ୍ତାହିଁ ସ୍ଥିତ ନାହିଁ । ସେତେବେଳେ ମୁଁ ବେଦନାତୁର ନୈରାଶ୍ୟର ରାଜତ୍ୱରେ ଜଣେ ଯନ୍ତ୍ରଣାବିକ୍ଷୁବ୍ଧ କ୍ଳାନ୍ତ ଯୁବକ ମାତ୍ର । ମୋର ଏହି ସମୟର ମାନସିକ ଅବସ୍ଥା 'ପୋ'ଙ୍କ ଲିଖିତ ଗୋଟାଏ କାହାଣୀରେ ସୁନ୍ଦର ଭାବରେ ଲିପିବଦ୍ଧ । ଏହି କାହାଣୀରେ 'ପୋ' ଜଣେ ମତ୍ସ୍ୟଜୀବୀର ରୋମାଞ୍ଚକର ଅଭିଯାନ ବର୍ଣ୍ଣନା କରିଛନ୍ତି । କେଉଟ ଜଣକ ନୌକା ନେଇ ସମୁଦ୍ରର ଘୂର୍ଣ୍ଣାବର୍ତ୍ତରେ ଯାଇ ପଡ଼ିଥିଲା । ଆବର୍ତ୍ତରେ ଘୂରି ଘୂରି ପୁରାତନ ଭଗ୍ନ ଜାହାଜର

ଭଗ୍ନାବଶେଷ ଗୁଡ଼ିକର ପାଖଦେଇ କେବଳ ତଳକୁ ବୁଡ଼ି ଯାଉଥିଲା ।
ତାର ଆଗରେ ପଛରେ, ତଳେ ଉପରେ ସେହି ଜାହାଜର ଭଙ୍ଗା
ଅଂଶ ବ୍ୟତୀତ ଆଉ କିଛି ନଥିଲା । ସେ ଜାଣେ କେଉଁଠୁ ଆସିଛି ଏ
ଭଗ୍ନାଂଶ ତେଣୁ ସେ ସ୍ପଷ୍ଟ ବୁଝି ପାରୁଥିଲା ଯେ ଏଇମିତି ଭାବରେ
ଘୂରି ଘୂରି ସେ ଆବର୍ତ୍ତିରେ ବୁଡ଼ି ଯାଉଛି ଆଉ ସେଠି ତା ପାଇଁ
ଅପେକ୍ଷା କରି ରହିଛି ମୃତ୍ୟୁ । ମୋର ଜୀବନକୁ ମଧ୍ୟ ସେହିଭଳି ଏକ
ନିରବଚ୍ଛିନ୍ନ ଘୂର୍ଣ୍ଣାବର୍ତ୍ତ ବୋଲି ଧରି ନିଆଯାଇ ପାରନ୍ତା । ମୁଁ
ଯେମିତି ଏକ ଅନ୍ଧକାର ଆବର୍ତ୍ତର ଗଭୀରତାରେ ଘୂରୁଥିଲି । ମୁଁ
ଦେଖୁଥିଲି ମୋ ସହିତ ଘୂରୁଛି ମୋର ଅତି ପ୍ରିୟ ସକଳ ପଦାର୍ଥ
ଆଗରେ ପଛରେ, ତଳେ ଉପରେ ସବୁ ଆଡ଼ରେ । ଅନେକଙ୍କ
ମତରେ କୁଆଡ଼େ ଏ ସବୁ ଥିଲା ମୋର ଆଗ୍ରହ କିନ୍ତୁ ମୁଁ ସ୍ପଷ୍ଟ
ଦେଖୁଥିଲି ଯେ କାହାଣୀର ସେ ଭଙ୍ଗା ଜାହାଜର ଅଂଶ ଗୁଡ଼ିକ ଭଳି
ଏସବୁ ଆଚ୍ଛନ୍ନ ହୋଇ କେବଳହିଁ ବୁଲୁଛି । ପାର୍ଥିବ ଜଗତର ଯାହା
କିଛି ସୁନ୍ଦର, ଯାହା କିଛି ମଧୁର, ସେ ସକଳ ନେଇ ମୁଁ ଯେ କେବଳ
ବୃତ୍ତାକାରରେ ଘୂରୁଛି, ଆବର୍ତ୍ତିତ ହେଉଛି ତାହା ବେଶ୍ ଅନୁମାନ
କରି ପାରୁଥିଲି । ମୋ ସହିତ ଏଇସବୁ ଘୂର୍ଣ୍ଣାୟମାନ ଅଦରକାରୀ
ଜିନିଷ ଗୁଡ଼ିକ ପାଇଁ ଯେଉଁଠି ଅନିବାର୍ଯ୍ୟ ଧ୍ୱଂସ ଅପେକ୍ଷା କରି ରହିଛି
ଆବର୍ତ୍ତର ସେହି ଅନ୍ଧକାରାଚ୍ଛନ୍ନ ଗଭୀରତା ଆଡ଼କୁ ମୁଁ ଅପଲକ
ଦୃଷ୍ଟିରେ ଚାହିଁ ରହୁଥିଲି । ଥରେ ଥରେ ମନେ ହୋଇଛି ଯେ
ଆବର୍ତ୍ତିଟି ସଙ୍କୀର୍ଣ୍ଣ ହୋଇ ତାର ତୀବ୍ରତା ହରେଇ ପକେଇଛି ଆଉ
ବୋଧହୁଏ ମୋତେ ମୋର ପ୍ରାତ୍ୟହିକ ଜୀବନର ନିସ୍ତରଙ୍ଗ ଅଧ୍ୟାୟକୁ
ଫେରେଇ ଦେବାକୁ ଚାହୁଁଛି । ପୁଣି କେତେବେଳେ ମନେ ହେଉଛି
ଆବର୍ତ୍ତର ତୀବ୍ରତାରେ ମୁଁ ଦ୍ରୁତବେଗରେ କ୍ରମଶ ତଳେଇ ଯାଉଛି
ଆଉ ତା ସହିତ ତଳେଇ ଯାଉଛି ପାର୍ଥିବ ଜଗତର ସକଳ
ଚିନ୍ତାଭାବନା । ଏଇ ସବୁ ପରମ ମୁହୂର୍ତ୍ତରେ ନିଜକୁ ସମ୍ପୂର୍ଣ୍ଣ

ନିଶ୍ଚିହ୍ନ କରି ହୃଦୟରୁ ଦେଖେଇବାର କାମନା ଅବଶ୍ୟ ମୁଁ ମନେ ମନେ ପୋଷଣ କରିଛି । ଏହି ପ୍ରକାର ଚରମ ମୁହୂର୍ତ୍ତ ବହୁବାର ଆସି ମୋର ମୂର୍ଦ୍ଧାମୂର୍ଦ୍ଧି ଠିଆ ହୋଇଛି । କୋଡ଼ିଏରୁ ତିରିଶବର୍ଷ ମଧ୍ୟରେ ଏମିତି ଗୋଟିଏ ଦିନ ମୋର କଟିନି ଯେଉଁଦିନ ମୋ ମନରେ ଆତ୍ମହତ୍ୟାର କାମନା ଉଦିତ ହୋଇ ନାହିଁ । ନିଜକୁ ନିଶ୍ଚିହ୍ନ କରି ପକେଇବାର ଇଚ୍ଛା ସତରେ ହୁଏତ ମୋର ନଥିଲା ( କାରଣ ତାହା ଥିଲେ ନିଶ୍ଚୟ ଘଟିଥାନ୍ତା । ) କିନ୍ତୁ ଏହି ବିଶେଷ ଚିତ୍ତବୃତ୍ତି ମୋତେ ଆବିଷ୍ଟ କରି ମୋର ମନୋରାଜ୍ୟର ବିଶେଷ ବିଶେଷ ପ୍ରବଣତାର ଯେ ସୃଷ୍ଟି କରିଛି ଏକଥା ନିଶ୍ଚିତ ଭାବରେ କୁହା ଯାଇପାରେ ।

ଏହାର ପ୍ରତିକାର କଥା ମୁଁ ଅନେକ ସମୟରେ ଚିନ୍ତା କରିଛି । ଅଳ୍ପ ଦିନ ମଧ୍ୟରେ ମୁଁ ବୁଝି ପାରିଥିଲି ଯେ ରକ୍ଷା ପାଇବାର ମାତ୍ର ଦୁଇଟି ପଥ ଖୋଲା ରହିଛି—ନାରୀର ପ୍ରେମ ଏବଂ ଶିଳ୍ପକର୍ମ ପ୍ରତି ଆକର୍ଷଣ । ଯେଉଁ ଭାବରେ ପଥ ଦୁଇଟିର ଉଲ୍ଲେଖ କଲି ତାହା ହୁଏତ ହାସ୍ୟକର ମନେ ହୋଇ ପାରେ । ଯେମିତି ଅବଲୀଳାକ୍ରମେ ଏହି ମହାର୍ଘ୍ୟ ପଦାର୍ଥ ଦୁଇଟିର ଉଲ୍ଲେଖ କଲି ତହିଁରୁ ନିଶ୍ଚୟ ମନେ ହୋଇପାରେ ଯେ ଏସବୁ ବୈଦ୍ୟ ମହାଶୟଙ୍କର ସାଧାରଣ କୌଣସି ଔଷଧ, ଦୋକାନରୁ କିଣି ଆଣିଲେ ହେଲା । ପ୍ରକୃତରେ ମୋର ବୟସ ଯେତେବେଳେ ପଞ୍ଚଦଶ ସେତେବେଳେଠୁଁ ମୋର ଏ ଧାରଣା ସୁସ୍ପଷ୍ଟ ଭାବରେ ଗଢ଼ି ଉଠିଛି ଯେ ଜୀବନ ସମସ୍ୟାର ସମାଧାନ କେବଳ ଏହି ଦୁଇଟି ପଥରେ କରାଯାଇ ପାରେ ତା ବ୍ୟତୀତ ପୃଥିବୀର ଯେ କୌଣସି ମଣିଷ ପରି ଏ ଦୁଇଟିକୁ କରାୟତ୍ତ କରିବାର ଅଧିକାର ମୋର ରହିଛି । କୌଣସି କୌଣସି ବର୍ଣ୍ଣୋଜ୍ଜ୍ୱଳ ମୁହୂର୍ତ୍ତରେ ଏହି ଭ୍ରାନ୍ତି ବି ମୋର ହୋଇଥିଲା ଯେ ରୁଚି ଆଉ ପ୍ରତିଭାର ସ୍ୱାଭାବିକ ଶକ୍ତିରେ ଶିଳ୍ପରସ ଆସ୍ୱାଦନର କ୍ଷମତା ମୋର ଜନ୍ମଗତ ।

କିନ୍ତୁ ଅସଲ କାର୍ଯ୍ୟକ୍ଷେତ୍ରରେ ବିପରୀତ ଫଳ ଫଳିଲା । କୌଣସି ପୁସ୍ତକର ଦୁଇ ତିନି ପୃଷ୍ଠାରୁ ଆଗକୁ ଆଉ ମୁଁ ଅଗେଇ ପାରିଲି ନାହିଁ । ଆଉ ନାରୀର କ୍ଷେତ୍ରରେ ସେହି ଗଭୀରତାକୁ ସ୍ପର୍ଶ ହିଁ କରି ପାରିଲି ନାହିଁ ଯେଉଁଠୁ ଉଭୟଙ୍କ ମଧ୍ୟରେ ବୁଝାମଣା ଘନିଷ୍ଠ ହୋଇ ପାରେ ବା ତାହାରି ଲୋକେ ଆମ ଉଦ୍ଦେଶ୍ୟ ବୁଝିବାରେ ସକ୍ଷମ ହୋଇ ପାରନ୍ତେ । ଏହା ଫଳରେ ସୃଜନଶକ୍ତି ଆଉ ଭାବପ୍ରବଣତା କ୍ଷେତ୍ରରେ ମୋର ଯେଉଁ କ୍ଷତି ଘଟିଲା ତାହା ହେଲା ଉଚ୍ଛ୍ୱସିତ ଉଦ୍ୟମର ଅଙ୍କୁରରେ ବିନାଶ । ଅନିଚ୍ଛୁକ ଓଠରୁ ଗୋଟାଏ ଅଧେ ଚୁମ୍ବନ ବା ଦୁଇତିନୋଟି ପୃଷ୍ଠା ଦ୍ରୁତ ଲେଖନ ପରେ ହୁଏତ ଭାବିଛି ଯେ ସମସ୍ୟାର ସମାଧାନ ହୁଏତ ହୋଇଗଲା । କିନ୍ତୁ ତାପରେ ? ତାପରେ ସେହି ନାରୀ ସହିତ ଭାବପ୍ରବଣ ବାତୁଳତାରେ ମଗ୍ନ ହୋଇ ତାକୁ ମୋ ପାଖରୁ ବିଚ୍ଛିନ୍ନ କରିଛି, ଦୂରକୁ ଅପସାରଣ କରିଛି ସେହିଭଳି ରଚନା କ୍ଷେତ୍ରରେ ମଧ୍ୟ ମୋର ସାମୟିକ ନୈପୁଣ୍ୟ ଗଭୀର ଅନୁପ୍ରେରଣାର ଅଭାବରେ ହୋଇପଡ଼େ ଭ୍ରାନ୍ତିବିତର୍କ ନଚେତ ଅର୍ଥହୀନ ବାଗଡ଼ମ୍ବରର ଅତଳ ଗର୍ଭରେ ନିମଜ୍ଜିତ । ମୋର ପ୍ରଶଂସନୀୟ ପ୍ରଥମ ଉଦ୍ୟମ ଚିରକାଳହିଁ ନିଜକୁ ଆଉ ଅପରକୁ ପ୍ରତାରିତ କରିଛି, ଏମିତି ଏକ ଅଫଳଗ୍ନ ନିରାଶ୍ରୟ ଦୁର୍ବଳତାରେ ମୋତେ ନିମଜ୍ଜିତ କରିଛି ଯାହା ବର୍ଣ୍ଣନା କରିବା ଦୁଃସାଧ୍ୟ ସେତେବେଳେ ମନେ ମନେ ଭାବିଛି ଯେ ପ୍ରେମରେ ପଡ଼ିବା ଲେଖିବା ପାଇଁ ମୋର ଯେଉଁ ପରିମାଣରେ ଆଗ୍ରହ କାର୍ଯ୍ୟ କ୍ଷେତ୍ରରେ ଠିକ୍ ସେତିକିଟା ଆଗେଇବା ମୋର ଉଚିତ ହେଉନାହିଁ । କେବେ କେବେ କୌଣସି ନାରୀକୁ ପ୍ରେମ କରିବା ପାଇଁ ଆଗେଇ ଆସିବାର ଦେଖିଛି କିନ୍ତୁ ବୁଝି ପାରିନାହିଁ ସେ ପ୍ରେମ ମୋ ପ୍ରତି କରୁଣା ବା ସେମାନଙ୍କର ବ୍ୟକ୍ତିଗତ ପ୍ରୟୋଜନ । ତେବେ ସ୍ୱଏବ ମୋତେ ଶେଷପର୍ଯ୍ୟନ୍ତ ପ୍ରତାରଣା କରିଛି । ମୋର ଲେଖାକୁ ପୃଷ୍ଠା ପରେ

ପୃଷ୍ଟା ଆଗେଇ ନେବାର ପ୍ରେରଣା ଯୋଗେଇଛି, ପ୍ରତିବନ୍ଧକ ବି ସୃଷ୍ଟି କରିଛି। କିନ୍ତୁପାରେ ଏକମାତ୍ର ଭଲ ଗୁଣ ମୋର ଅଛି, ତାହା ହେଉଛି ମୋର ବିବେକ। ସେ ମୋର ଭ୍ରାନ୍ତପଥ ଯାହାର ଯଥାର୍ଥ ସ୍ଥାନରେହିଁ ବାଧା ଦେଇଛି ଚିରକାଳ। ସେତେବେଳେ ମୋର ଲେଖାଗୁଡ଼ିକ ମୁଁ ନିର୍ମମ ଭାବରେ ଚିରି ଫିଙ୍ଗି ଦେଇଛି ଅପର ପକ୍ଷରେ କୌଣସି ନା କୌଣସି ଛଳନାରେ ନିର୍ଦ୍ଦିଷ୍ଟ ମହିଳାମାନଙ୍କ ସହିତ ଦେଖା କରିବାକୁ ଯାଇନି। ଏହି ଭଳି ବ୍ୟର୍ଥ ଚେଷ୍ଟାର ଅବସର ଭିତରେ କେତେବେଳେ ମୋର ଦୁରନ୍ତ ଯୌବନ ଶେଷ ହୋଇ ଯାଇଛି।

କେଉଁଠି ଆଉ କେମିତି ଭାବରେ ମୋର ସ୍ତ୍ରୀ ସହିତ ମୋର ପ୍ରଥମ ସାକ୍ଷାତ ହୋଇଥିଲା ତାହା ଜାଣିବାର ପ୍ରୟୋଜନ ନାହିଁ। ହୁଏତ କୌଣସି ଡ୍ରଇଂରୁମ୍‌ରେ, ପାଣିଦେବା ସ୍ଥାନରେ ବା ଏହିଭଳି କେଉଁଠି ନିଶ୍ଚୟ। ସେ ଥିଲା ପ୍ରାୟ ମୋର ସମବୟସୀ। ଆଉ ମୋତେ ବି ମନେ ହୋଇଥିଲା ଯେ ନାନା ଦିଗରୁ ଆମ ଉଭୟଙ୍କ ଜୀବନ ମଧ୍ୟରେ ବେଶ୍ ସାମଞ୍ଜସ୍ୟ ରହିଛି। କେତୋଟି ଦିଗରୁ ସତରେ ସାମଞ୍ଜସ୍ୟ ଥିଲା, ବିଶେଷ ଭାବରେ ବାହାର ଲକ୍ଷଣ ଗୁଡ଼ିକରେ। ମୋଭଳି ତାର ବି ଥିଲା ଆର୍ଥିକ ସ୍ୱଚ୍ଛଳତା, ଅଖଣ୍ଡ ଅବସର ଆଉ ମୋରି ଧରଣର ଜୀବନ ଯାପନରେ ସେ ଅଭ୍ୟସ୍ତ ଥିଲା। ତାର ମିଳାମିଶାର ଭଙ୍ଗିଟା ବି ଥିଲା ମୋରି ମନଲାଖି। କ୍ଷଣିକ ଉତ୍ସାହର ଆବେଗରେ ମୁଁ ସ୍ଥିର କରି ନେଇଥିଲି ଯେ ଏହି ସାମଞ୍ଜସ୍ୟଗୁଡ଼ିକ

ଖୁବ୍ ଅର୍ଥପୂର୍ଣ୍ଣ । ହୁଏତ ବା ମୁଁ ମୋର ଆତ୍ମାର ଦୋସର ପାଇ ଯାଇଛୁ ଏମିତି ଭାବିଥିଲି । ସେ ମିଲନ୍ ସହରରେ ଜନ୍ମଲାଭ କରି ଥିଲା, ଅଳ୍ପ ବୟସରେ ଏମିତି ଜଣଙ୍କ ସାଥିରେ ବିବାହ ହୋଇଥିଲା ଯାହାକୁ ଭଲ ପାଇ ପାରି ନାହିଁ । ସେ ବିବାହ ତିଷ୍ଠି ରହିଥିଲା କେବଳ ଦୁଇବର୍ଷ । ତାପରେ ସେମାନେ ବିଚ୍ଛିନ୍ନ ହୋଇଗଲେ ଏବଂ ସୁଇଜରଲ୍ୟାଣ୍ଡ ଆଇନାନୁସାରେ ବିବାହ ବିଚ୍ଛେଦ ହୋଇଥିଲା । ଏହାପରେ ଏତେଦିନ ଧରି ସେ ଏକାକୀ ଥିଲା । ପ୍ରଥମଥର ଯେତେବେଳେହିଁ ତାକୁ ଦେଖିଲି ସେତେବେଳେହିଁ ସେ ସ୍ୱୀକାର କରିଥିଲା ଯେ ସେ ତାର ଅଭ୍ୟସ୍ତ ଜୀବନ ଯାତ୍ରାରେ କ୍ଳାନ୍ତ ହୋଇ ପଡ଼ିଛି । ଏଥର ସେ ପ୍ରକୃତ ପ୍ରେମର ବନ୍ଧନରେ ବାକି ଜୀବନତକ କଟେଇ ଦେବାକୁ ଚାହୁଁଥିଲା । ଏହି ସ୍ୱୀକୃତିରୁ ମୋର ଧାରଣା ଦୃଢ଼ତର ହେଲା ଯେ ଇଏହିଁ ହେଲା ସେହି ନାରୀ ଯାହାକୁ ଏତେକାଳ ଧରି ଖୋଜି ବୁଲୁଛି । ଭାବାବେଗହୀନ ସରଳତାରେ ଯେମିତି ଭାବରେ ସେ ତାର ଅନ୍ତର ମେଲି ଧରିଥିଲା ତହିଁରେ ମନେ ହୋଇ ନାହିଁ ଯେ ସିଏ ତାର ପ୍ରେମ ସ୍ପର୍ଶହୀନ ଜୀବନର କରୁଣ କାମନା କ୍ଷଣିକ ଆବେଗରେ ପ୍ରକାଶ କରିଛି । ତାର ମନର ଭାବ ଏକ ବାସ୍ତବଧର୍ମୀ ପ୍ରସ୍ତାବ ହିସାବରେହିଁ ସେ ପ୍ରକାଶ କରିଥିଲା । ତାର ଭିତରେ ତେଣୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ମୁଁ ମୋର ମନର ପ୍ରତିଫଳନହିଁ ଦେଖିଥିଲି ଆଉ ଚିରଭ୍ୟସ୍ତ ଆବେଗ ପ୍ରବଣତାରେ ସ୍ଥିର କରି ନେଇଥିଲି ଯେ ଏହି ନାରୀହିଁ ମୋର ଘରଣୀ ହେବ ।

ଲୀଡା ଖୁବ୍ ବୁଦ୍ଧିମତୀ ନ ଥିଲା । ତଥାପି ସେ ତାର ସ୍ୱଳ୍ପ ବୁଦ୍ଧିବୃତ୍ତି ନେଇ ମୋର ଜୀବନରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରି ନେଇଥିଲା । ସେ ତାର ଅଭିଜ୍ଞତା ଫଳରେ ଏମିତି ଭାବରେ ପ୍ରଶ୍ରୟ ଏବଂ ବିଦ୍ରୂପକୁ ମିଶେଇ ନେଇ ପାରୁଥିଲା ଯାହା

ାଃସନ୍ଦେହରେ ଧନ୍ୟବାଦର ଯୋଗ୍ୟ । ସେ ମୋ ଆଖିରେ ଏକ
।ହସ୍ୟମୟୀ କାନ୍ତି ହୋଇ ଠିଆ ହୋଇଥିଲା । ଫଳରେ
ା ନିକଟରୁ ସାମାନ୍ୟ ସହାନୁଭୂତି ବା ଉତ୍ସାହ ମୋ ପାଖରେ
।ଶାପ୍ରଦ ପରମ ସମ୍ପଦ ବୋଲି ମନେ ହେଉଥିଲା । ସେତେବେଳେ
ମାର କିନ୍ତୁ ଏମିତି ଏକ ଭ୍ରାନ୍ତ ଧାରଣା ଥିଲା ଯେ ମୋତେ ବିବାହ
।ରିବା ପାଇଁ ମୁହିଁ ତାକୁ ପ୍ରରୋଚିତ କରିଛି । ବର୍ତ୍ତମାନ ଏକଥା
।ଃସନ୍ଦେହରେ କହିପାରେ ଯେ ଏ ଘଟଣାରେ ସ୍ଥିର ସିଦ୍ଧାନ୍ତ ସେ
।କେହିଁ ପ୍ରଥମେ ଗ୍ରହଣ କରିଥିଲା, ଆଉ ତାହା ନହୋଇ ନ ଥାନ୍ତା
। ବିବାହ ସମ୍ଭବ ହୋଇ ନ ଥାନ୍ତା । ସେତେବେଳେ ଆମର ପୂର୍ବରାଗ
।ଲିଥାଏ । ଧାରଣା ହୋଇଥିଲା ଯେ ଏଭଳି ଦୀର୍ଘ ଆଉ ସୁକଠିଣ
।ଧ୍ୟାୟ ଆଉ ନାହିଁ । ଠିକ୍ ଏମିତି ସମୟରେ ସେ ନିଜକୁ ମୋ
।ାତରେ ଏକରକମ ଜୋର କରି ସମର୍ପଣ କରିଦେଲା । ଅନ୍ୟ
ଯ କୌଣସି ନାରୀ ପକ୍ଷରେ ଏହା ଘଟିଥିଲେ ଏହି ଆତ୍ମସମର୍ପଣକୁ
ତାର ସ୍ୱାଭାବିକ ଧର୍ମ ବୋଲି କହି ତାକୁ ତୁଚ୍ଛତାଚ୍ଛଲ୍ୟ କରିଥାନ୍ତି ।
।ନ୍ତୁ ଏହି କ୍ଷେତ୍ରରେ ଏହି ବ୍ୟବହାରଟି ଦମ୍ଭିତ ସୂଚକ ଉତ୍ସାହ
।ଦାନର ମୂଲ୍ୟବାନ ଆଶାପ୍ରଦ ଆଚରଣ ବୋଲିହିଁ ମୋତେ ଧରି
ନବାକୁ ହୋଇଥିଲା । ତାକୁ ଘନିଷ୍ଠ ଭାବରେ ଲାଭ କରିବା ପରେ
। ତାର ରହସ୍ୟମୟ କାନ୍ତିକୁ ଅତୁଟ ରହିଛି ଏକଥା ବୁଝିବାରେ
ମାର କଷ୍ଟ ହୋଇ ନାହିଁ । ତାକୁ ନିଜ ଆୟତ୍ତରେ କେବେହେଲେ
।ପୂର୍ଣ୍ଣ ଭାବରେ ପାଇଛି ଏ ବିଷୟ ଅନୁଭବ କରି ନାହିଁ ବା ବୁଝିପାରି
।ାହିଁ । ପୂର୍ଣ୍ଣ ପରିତୃପ୍ତିର ମୁହାମୁହିଁ ଠିଆ ହୋଇ ତାର ପଦେ
।ଥା ବା ଟିକିଏ ଅଙ୍ଗଭଙ୍ଗୀରେ ପୁଣି ମନେ ହୋଇଛି ତାକୁ ମୁଁ
ରଉଛି । •ପ୍ରାପ୍ତି ଆଉ ନୈରାଶ୍ୟର ଏ ଅନୁଭୂତି ବିବାହ ଦିନ
।ଆନ୍ତ ଚାଲିଥିଲା । ଇତିମଧ୍ୟରେ ମୁଁ ତାକୁ ଭୀଷଣ ଭଲ ପାଇ
ସିଲି ଏବଂ ସ୍ଥିର କଲି ପୂର୍ବ ଯେମିତି ଭାବରେ ବ୍ୟର୍ଥ ଓ ନିରୁତ୍ସାହିତ

ହୋଇଛି, ଏହି କ୍ଷେତ୍ରରେ ସେହିଭଳି ପ୍ରେମର ସମାଧି ରଚନା ହେବାକୁ କୌଣସି ପ୍ରକାରେ ଦିଆ ହେବ ନାହିଁ । ଯାହାହେଉ ନାନା ଆଶଙ୍କା ଭିତରେ ବିବାହଟା ଶୀଘ୍ର କରି ନେବାକୁ ଚାହିଁଲି । ଭାବିଥିଲି ଏ କାମ ଅତ୍ୟନ୍ତ ସହଜ ସେ ଯେ ଅବଲମ୍ବେ ଏହି ପ୍ରସ୍ତାବ ସ୍ୱୀକାର କରିବ ଏହି ବିଶ୍ୱାସ ନେଇ ତା ନିକଟରେ ବିବାହ ପ୍ରସ୍ତାବ ବାଢ଼ିଲି । କିନ୍ତୁ ମୁଁ ଯେମିତି କୌଣସି ମହାନ ଆଉ ଗୁପ୍ତ ଆଚରଣ ବିଧି ଲଙ୍ଘନ କରିଛି ଏମିତିଭାବ ଦେଖେଇ ସେ ମୋତେ ପ୍ରତ୍ୟାଖ୍ୟାନ କରି ବିସ୍ମିତ କଲା । ପ୍ରତ୍ୟାଖ୍ୟାତ ହୋଇ ମନେହେଲା ମୁଁ ମୋର ସେହି ପୁରାତନ ହତାଶାର ଗଭୀର ଗର୍ତ୍ତରେ ପୁନରାୟ ଯାଇ ପଡ଼ିଛି । ତାକୁ ମୁଁ ପରିତ୍ୟାଗ କଲି । ମୋର ଅଉ କୌଣସି ଅବଲମ୍ବନହିଁ ରହିଲା ନାହିଁ । ଭାବି ଦେଖିଲି ପ୍ରକୃତରେ ଯଦି ମୁଁ କାପୁରୁଷ ନ ହୁଏ ତେବେ ଆତ୍ମହତ୍ୟା କରିବାର ଉପଯୁକ୍ତ ସମୟ ବର୍ତ୍ତମାନ ଆସିଛି । କେତେଦିନ ପରେ ହଠାତ୍ ସେ ଟେଲିଫୋନ କରି ଜାଣିବାକୁ ଚାହିଁଲା ଏହା ମଧ୍ୟରେ କାହିଁକି ତା ସହିତ ଦେଖା କରିବାକୁ ଯାଇ ନାହିଁ । ବିସ୍ମିତ ହେଲେ ବି ମୁଁ ସାକ୍ଷାତ କରିବାକୁ ଗଲି । ସେ ମୋତେ ସ୍ୱାଗତ ଜଣେଇଲା । ତାପରେ ମଧୁର ଅଥଚ ଉଦ୍ଧତ ଭର୍ତ୍ସନାର କଣ୍ଠରେ ପ୍ରଶ୍ନ କଲା, ଚିନ୍ତା ନ କରି ବା ଚିନ୍ତା କରିବାର ଅବକାଶ ନ ଦେଇ ତାକୁ ପରିତ୍ୟାଗ କରିଛି କାହିଁକି ? ଏହି ଆଲୋଚନାର ଉପସଂହାରରେ ସେ ମୋତେ ଜଣେଇ ଦେଲା ଯେ ମୋତେ ବିବାହ କରିବାକୁ ସେ ସମ୍ମତ । ତାର ଠିକ୍ ଦୁଇ ସପ୍ତାହ ମଧ୍ୟରେ ଆମର ବିବାହ ସଂପନ୍ନ ହୋଇଗଲା ।

ମୋ ଅପରିଚିତ ଏକ ପରମାନନ୍ଦମୟ ଅଧ୍ୟାୟର ସୂଚନା ମିଳିଲା ଠିକ୍ ସ୍ୱା'ପରେ । ମୁଁ ଲିଡ଼ାକୁ ଗଭୀର ଭାବରେ ଭଲ ପାଉଥିଲି । ତଥାପି ଆଶଙ୍କା ହୋଇଛି ଆମର ଏ ଭଲ ପାଇବା

ହୁଏତ ଯେ କୌଣସି ମୁହୂର୍ତ୍ତରେ ଶେଷ ହୋଇଯିବ । ତେଣୁ ଦୁହିଁଙ୍କ ମଧ୍ୟରେ ଏକ ଅଚ୍ଛେଦ୍ୟ ସମ୍ପର୍କ ଗଢ଼ି ତୋଳିବାକୁ ମୁଁ ପ୍ରାଣପଣେ ଚେଷ୍ଟା କରୁଛି । ଦୁଇଟି ଜୀବନକୁ ଏକ ସୂତ୍ରରେ ଆବଦ୍ଧ କରିବାକୁ ସାଧ୍ୟାନୁସାରେ ଚେଷ୍ଟା କରୁଛି । ନନ୍ଦନତତ୍ତ୍ୱ ସମ୍ପର୍କରେ ତା'ର କୌଣସି ଧାରଣା ନାହିଁ ଭାବି ତାକୁ କହୁଥିଲି ଏ ସମ୍ବନ୍ଧରେ ତା'ର କିଛି ଶିକ୍ଷା ଦରକାର । ଏ ବିଷୟରେ ଶିକ୍ଷା ଦେବା ଓ ନେବାରେ ଯେଉଁ ଆନନ୍ଦ ମିଳେ ସେ କଥାବି ତାକୁ ଜଣେଇ ଥିଲି । ଠିକ୍ ଏହି ସମୟରେ ମୁଁ ଆବିଷ୍କାର କଲି ଯେ ସେ କେବଳ ଆଶାତୀତ ଭାବରେ ଅନୁଗତ ନୁହେଁ ବୁଦ୍ଧିମତୀ ମଧ୍ୟ । ଯାହାହେଉ ଉଭୟଙ୍କ ସୁବିଧା ହେବା ଭଳି ପରିକଳ୍ପନା ଓ ସମୟ ସୂଚୀ ପ୍ରସ୍ତୁତ କରାହେଲା । ତା'ପରେ ମୁଁ ଯାହା ଜାଣେ ଏବଂ ପସନ୍ଦକରେ ତାହା ତାକୁ ଶିକ୍ଷାଦେବା ଏବଂ ତହିଁରୁ ଆନନ୍ଦଲାଭ କରିବାରେ ସାହାଯ୍ୟ କରିବା ଆରମ୍ଭ ହେଲା । ସେ କେତେ ପରିମାଣରେ ମୋତେ ଅନୁସରଣ କରିବାରେ ସଫଳ ହୋଇଥିଲା ଜାଣେ ନା, ତେବେ ମୁଁ ଯେତେ ପରିମାଣରେ ଆଶା କରିଥିଲି, ସେତେଟା ନୁହେଁ ନିଶ୍ଚୟ । ତା'ର କର୍ତ୍ତ୍ରୀସୁଲଭ ସ୍ୱଭାବ ମୁଁ ଅନୁଭବ କରୁଥିଲି ସତ କିନ୍ତୁ ସେ ଯେତେବେଳେ କହୁଥିଲା, ଏ ଗୀତଟି ଚମତ୍କାର ଏ କବିତାଟି ସୁନ୍ଦର ! 'ଏହି ଅଂଶଟା ପୁଣି ପଢ଼ି ଶୁଣାଅ' କିମ୍ବା 'ଆସ ଏହି ରେକର୍ଡ ଖଣ୍ଡିକ ପୁଣିଥରେ ବଜେଇ ଶୁଣିବା' ସେତେବେଳେ ମନେ ହେଉଥିଲା ମୁଁ ତାକୁ ଜୟ କରିଛି । ଆମର ସ୍ୱଳ୍ପ ଅବକାଶର ବିନିଯୋଗ ପାଇଁ ତାକୁ ମୁଁ ଇଂରାଜୀ ବି ଶିକ୍ଷା ଦେଉଥିଲି । ତା'ର ପ୍ରଖର ସ୍ମୃତି ଶକ୍ତି ଏବଂ ଭାଷା ଆୟତ୍ତ କରିବାର ପ୍ରବଣତା ରହିଥିଲା । ତେଣୁ ସେ ଭଲ ଭାବରେ ହିଁ ଇଂରାଜୀ ଶିଖିବାକୁ ଲାଗିଲା । ତା'ର ସଦିଚ୍ଛା ଏବଂ ଗଭୀର ପ୍ରେମର ପ୍ରଭାବରେ ମୋ ପକ୍ଷରେ ଇଂରେଜୀ ପଠନ, ବ୍ୟାଖ୍ୟା ଏବଂ

ଅନୁଶୀଳନ ଗୁଡ଼ିକ ଯେମିତି ମୂଲ୍ୟବାନ ଏବଂ ମନୋରମ ହେବାକୁ ଲାଗିଲା । ଯଦିଓ ସେ ଥିଲା ଛାତ୍ରୀ ଏବଂ ମୁଁ ଶିକ୍ଷକ ତଥାପି ସେ ଧୀରେ ଧୀରେ ପାଠ୍ୟକ୍ରମ ଭିତରେ ଯେତେ ଅଗ୍ରସର ହେବାକୁ ଲାଗିଲା, ମୁଁ ବି ଯେମିତି ଏକ ଗ୍ରୁହ୍ୟୋଜନୋଚିତ ଅନୁଭୂତିରେ ଆବିଷ୍ଟ ହୋଇ ପଡ଼ିଲି । ଏହି ଜାତୀୟ ହତୋତ୍ସାହନର କାରଣ ମଧ୍ୟ ଥିଲା । କାରଣ ହେଉଛି ଏହି ଯେ ଆମର ପାଠ୍ୟବିଷୟ ଥିଲା ପ୍ରେମ । ତେଣୁ ଦିନପରେ ଦିନ ମନେ ହେବାକୁ ଲାଗିଲା ଯେ ମୁଁ ଏଥିରେ ପାରଦର୍ଶୀ ହୋଇ ଉଠିଛି ।

ସତ କହିବାକୁ ଗଲେ ଆମର ପ୍ରେମ ଜୀବନ ହିଁ ଥିଲା ଆମର ସୁଖ ଶାନ୍ତିର ଦୃଢ଼ ଭିତ୍ତି । ଆଉ ଏହି ପ୍ରେମ ଜୀବନ ସହିତ ଅଙ୍କ କାଲିକା ରୁଚିର କୌଣସି ସମ୍ବନ୍ଧ ହିଁ ନ ଥିଲା । ସେ ମଝିରେ ମଝିରେ ଯେ ବିକୃତ ମୁଖ ଭଙ୍ଗି ଓ ଅଙ୍ଗଭଙ୍ଗି କରେ ଏକଥା ମୁଁ ଆଗରୁ କହିଛି । ଆମର ପରସ୍ପରର ପ୍ରେମ ନିବେଦନର ମୁହୂର୍ତ୍ତରେ ଏଗୁଡ଼ିକ ଅବଶ୍ୟ ଖୁବ୍ ବେଶୀ ଅସଙ୍ଗତ ବୋଲି ମନେ ହେଉ ନ ଥିଲା । ଆଜି ଏକଥା ସ୍ଥିର ନିଶ୍ଚୟ ଭାବରେ କହିବ ଯେ ତା'ର ସୌନ୍ଦର୍ଯ୍ୟ ଉପଭୋଗର ବୃତ୍ତରେ ପୁନରାୟ ପୂର୍ବପରି ଆବର୍ତ୍ତ ସୃଷ୍ଟି ହୋଇଛି ତେବେ ଏହି ଆବର୍ତ୍ତ ଅନ୍ଧକାରଚ୍ଛନ୍ନ ଆଉ ଖେଦପ୍ରଦ ନୁହେଁ ; ବରଂ ମନୋରମ ଭାବରେ ମନ୍ଥର ଆଉ ଉଜ୍ଜଳ । ବିଛଣାରେ ମୋ ପାଖରେ ମେଲେଇ ଦେଇ ଥିବା ତା'ର ଶିଥିଳ ଦେହର ପ୍ରମତ୍ତ ସୌନ୍ଦର୍ଯ୍ୟ କେତେ ଥର ସେ ମୋର ଦୃଷ୍ଟି ସମ୍ମୁଖରେ ମେଲେଇ ଧରିଛି । ତଥାପି ଏ ରୂପର ସଂଜ୍ଞା ମୁଁ କୌଣସି ପ୍ରକାରେ ନିର୍ଦ୍ଦେଶ କରିପାରି ନାହିଁ । କୋମଳ ଉପାଧାନରେ ମୁଣ୍ଡଟିକୁ ପ୍ରାୟ ବୁଡ଼େଇ ଦେଇ ସେ କେତେ ଥର ବିଛଣାରେ ପିଠିକରି ଶୋଇଛି ଏବଂ ମୁଁ ତା'ର କୋମଳ ଦୀର୍ଘ କେଶର ସୁନ୍ଦର ଗୁଚ୍ଛଗୁଡ଼ିକ ଅବିନ୍ୟସ୍ତ କରି ଦେଇଛି, ପର ମୁହୂର୍ତ୍ତରେ ପୁଣି ସୁବିନ୍ୟସ୍ତ କରିଛି । ଏଗୁଡ଼ିକ

ଛଳନାମସ୍ତ ଚଞ୍ଚଳ ରୂପର ବିଶ୍ଳେଷଣର କେତେ ବ୍ୟର୍ଥ ଚେଷ୍ଟା ହିଁ ବା କରି ନାହିଁ ! ତା'ର ନୀଳ ବିଶାଳ ଚକ୍ଷୁରେ ମଧୁର ଗୁଞ୍ଜନ କେଉଁଠି ଲୁକ୍କାୟିତ ହୋଇ ରହିଛି ତାହା ମଧ୍ୟ ମୁଁ କମ୍ ଖୋଜି ନାହିଁ । କେତେ ଥର ବିଲମ୍ବିତ ଚୁମ୍ବନ ସୁତୀବ୍ର ଆବେଗରେ ତା'ର ଓଷ୍ଠ ଧରରେ ଅଙ୍କିତ କରି ଦେଖିବାକୁ ଚାହିଁଛି ତା'ର ସମ୍ବେଦନ ମୋର ଓଠଗୁଡ଼ିକ କେତେ ସମୟ ଧରି ରଖିପାରୁଛି । ବୁଝିବାକୁ ଚାହିଁଛି ତା'ର କଂପିତ ଓଠର ଆକୁତିଟି କେମିତି । ଅର୍ଥ ସନ୍ଧାନ କରିବାକୁ ଚାହିଁଛି ଚୁମ୍ବନ ପରେ ତା'ର ମୁହଁର ଭଙ୍ଗିମାରେ ଲାଗିଥିବା ଦୁର୍ଲଭ ହସର, ଯେଉଁ ହସ କେବଳ ଏକମାତ୍ର ପ୍ରାଚୀନ ଗ୍ରୀକ୍ ମୂର୍ତ୍ତିର ମୁହଁରେ ଲକ୍ଷ୍ୟ କରାଯାଏ । ମୁଁ ଯେତେବେଳେ ଗଭୀର ସୁଖରେ ବୁଡ଼ି ରହିଥିଲି ସେତେବେଳେ ସ୍ତ୍ରୀର ସଦିଚ୍ଛା ଉପରେ ନିର୍ଭର କରିବା ବୋଧହୁଏ ଉଚିତ ଥିଲା । ତା' ଦେଗରୁ ପ୍ରେମ ସ୍ୱତୋତ୍ସାରିତ ନ ଥିଲା । ତା'ର ବ୍ୟବହାର ମଧ୍ୟରେ ଧରାପଡ଼ି ଯାଉଥିଲା ଯେ କାହିଁକି କେଜାଣି ସେ ମୋତେ ବେଶ୍ ଟିକିଏ ଖୁସି କରିବା ପାଇଁ ଚାହୁଁଛି । ଏମିତିକି ଲଘୁ ଚାଟୁକାରିତା ଭିତରେ ଆନନ୍ଦ ଦେବାପାଇଁ ଚେଷ୍ଟା କରୁଛି । ତା'ର ଏହି ଆଚରଣକୁ ମୁଁ ସଦିଚ୍ଛା କହିବି । ଏ ପ୍ରକାର ସଦିଚ୍ଛା ବଜାୟ ରଖିବାକୁ କେତେଗୁଡ଼ିଏ ପୂର୍ବକୃତ ପାପ କେବଳ ଗୋପନ କରିବା ନୁହେଁ, ମଝିରେ ମଝିରେ କଳ୍ପିତ ଛଳନା ଏବଂ ବିଶ୍ୱାସଘାତକତାର ମଧ୍ୟ ପ୍ରୟୋଜନ । ମୁଁ କିନ୍ତୁ ତା'ର ସଦିଚ୍ଛାଟିକୁ ଭଲ ପାଇବାର ପ୍ରତୀକ ରୂପେ ଗ୍ରହଣ କରିଥିଲି, ତେଣୁ ତା'ର ଆଢୁଆଳରେ କ'ଣ ଲୁଚି ରହିଛି ବା ଏ ସଦିଚ୍ଛାର ଅର୍ଥ କ'ଣ ଏ ନେଇ ଅନୁସନ୍ଧାନ କରି ନାହିଁ । ପ୍ରକୃତରେ ପରମ ସୁଖ ମଧ୍ୟରେ ମୁଁ ଏକାନ୍ତ ଭାବରେ ଆତ୍ମକେନ୍ଦ୍ରିକ ହୋଇ ଉଠିଥିଲି । ମୋ ଜୀବନରେ ଏଇ ପ୍ରଥମ ପ୍ରେମକୁ ମୁଁ ପରିପୂର୍ଣ୍ଣ ଭାବରେ ଉପଲବ୍ଧି କରିଥିଲି ଆଉ ତା'ର ଅଦୂରଦର୍ଶୀ ଉତ୍ସାହର

ପ୍ରାବଲ୍ୟରେ ମୋର ମନର ସକଳ ଅନୁଭୂତି ତା'ର ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଦେଇଥିଲି ।

---

ମୋର ସାହିତ୍ୟିକ ଆକାଂକ୍ଷାର କଥା କୌଣସିଦିନ ମୁଁ ମୋର ସ୍ତ୍ରୀକୁ ଶୁଣାଇ ନାହିଁ । ଏସବୁ ସେ ହୁଏତ ବୁଝିବ ନାହିଁ । ତାଛଡ଼ା ଏସବୁ କେବଳ ଆକାଂକ୍ଷା, କେତେଗୁଡ଼ିଏ ବ୍ୟର୍ଥଇଚ୍ଛାର ସମଷ୍ଟି ମାତ୍ର । ସେବର୍ଷ ସମୁଦ୍ର ତୀରରେ ଆମେ ଗ୍ରୀଷ୍ମକାଳଟା ଅତିବାହିତ କରୁ କରୁ ପରବର୍ତ୍ତି ହେମନ୍ତ ଆଉ ଶୀତକାଳ କେମିତି ବିତେଇବୁ ତାରହିଁ ପରିକଳ୍ପନା କରୁଥିଲୁ । ଠିକ୍ ମନେ ନାହିଁ କେମିତି କଥାରେ କଥାରେ ମୋର ସେହି ନିଷ୍ଫଳ ସାହିତ୍ୟିକ ପ୍ରଚେଷ୍ଟାର କଥା ଥରେ ଉଲ୍ଲେଖ କରିଥିଲି । ହୁଏତ ବା ବିବାହ ପରେ ଯେଉଁ ସୁଦୀର୍ଘ ଆଳସ୍ୟ ମଧ୍ୟରେ ଆସି ପଡ଼ିଛୁ ସେହି ପ୍ରସଙ୍ଗରେ ହୁଏତ କଥାଟା କହି ଥାଇପାରେ । ତତ୍‌କ୍ଷଣାତ ସେ କହି ଉଠିଲା କିନ୍ତୁ ସିଲଭିଓ, ତୁମେ ତ ମୋତେ ଏକଥା କେବେହେଲେ କହି ନା । କହିଲି ତାକୁ ଏତେଦିନ ଏକଥା କହିବାର ପ୍ରୟୋଜନ ବୋଧକରି ନାହିଁ କାରଣ ଏତେଦିନ ଉଲ୍ଲେଖଯୋଗ୍ୟ କିଛି ଲେଖି ପାରିନାହିଁ । ସେ କିନ୍ତୁ ତାର ସ୍ନେହସିକ୍ତ ଆଗ୍ରହରେ ମୋର କୌଣସି ଏକ ରଚନା ତାକୁ ଦେଖେଇବା ପାଇଁ ଜିଦ୍ ଧରିଲା । ତାର ଏହି ଅନୁରୋଧରେ ମୁଁ ତତ୍‌କ୍ଷଣାତ ବୁଝି ପାରିଲି ଯେ ତାର ଏହି କୌତୁହଳ ମୋ ଉପରେ ସ୍ତାବକତାରୂପେ କାର୍ଯ୍ୟକରି ମୋତେ ଅତ୍ୟନ୍ତ ଖୁସି କରିଛି । ତାର ମତାମତର ମୂଲ୍ୟ ଅନ୍ତତଃ ଯେ କୌଣସି ପେଶାଦାର ସାହିତ୍ୟିକର ମତାମତ ସହିତ ସମାନ । ମୁଁ ଖୁବ୍ ଭଲ ଭାବରେ

ଜାଣିଥିଲି ଯେ ଏ ବିଷୟରେ ତାର ଜ୍ଞାନ ଗଭୀର ନୁହେଁ କିମ୍ବା ରୁଚି ବି ନିର୍ଭରଯୋଗ୍ୟ ନୁହେଁ ତେଣୁ ତାର ନିନ୍ଦା ବା ପ୍ରଶଂସାରେ ପ୍ରକୃତରେ କୌଣସି ମୂଲ୍ୟ ନାହିଁ । ତଥାପି ବୁଝିଲି ଏହାପରେ ଲେଖାଲେଖି କରିବି କି ନାହିଁ ତାହା ତା ଉପରେ ନିର୍ଭର କରୁଛି । ତାର ଜିଦ୍ ଉପରେ କିଛିକ୍ଷଣ ପାଇଁ ମୁଁ ବାଧାସୃଷ୍ଟିର ଛଳନା କଲି । ଶେଷରେ ଦୁଇବର୍ଷ ପୂର୍ବେ ଲେଖିଥିବା ଗୋଟାଏ ପୁରାତନ ଗଳ୍ପ ତାକୁ ଶୁଣାଇବା ପାଇଁ ରାଜି ହେଲି । କିନ୍ତୁ ତାକୁ ବାରମ୍ବାର ସାବଧାନ କରିଦେଲି ଯେ ଏ ଲେଖା ଗୁଡ଼ିକର ପ୍ରକୃତ ସାହିତ୍ୟିକ ମୂଲ୍ୟ ନାହିଁ । କିନ୍ତୁ ତା ପାଖରେ ପଢ଼ିବାକୁ ଯାଇ ମନେହେଲା ଗଳ୍ପଟିକୁ ପୂର୍ବେ ଯେତେଟା ଖରାପ ଭାବିଥିଲି ତାହା ସେତେଟା ନୁହେଁ । ତେଣୁ ଏକ ଭାବବ୍ୟଞ୍ଜକ ଦୃଢ଼ତା ସହିତ ଲେଖାଟି ପଢ଼ିଲି ଓ ତାର ପ୍ରଭାବ ମୋ ସ୍ତ୍ରୀ ଉପରେ କେମିତି ପଡ଼ୁଛି ଜାଣିବା ପାଇଁ ମଝିରେ ମଝିରେ ତାକୁ କଣେଇ କଣେଇ ଚାହିଁ ଦେଖିଲି । ଅତ୍ୟନ୍ତ ନିବିଷ୍ଟ ଭାବରେ ସେ ଶୁଣୁଥିଲା କିନ୍ତୁ ତାର ପ୍ରତିକ୍ରିୟା ତାର ଭାବଭଙ୍ଗୀରେ ମୋଟେ ପ୍ରକାଶ ପାଉ ନ ଥିଲା । ପଢ଼ା ଶେଷରେ କାଗଜତକ ଗୋଟାଏ ପାଖରେ ଫିଙ୍ଗିଦେଇ କହିଲା, ଦେଖିଲ କହିବୁଲିବା ଭଳି ଲେଖା ଏ ମୋଟେ ନୁହେଁ । ତଥାପି ତାର ଉତ୍ତର ଶୁଣିବା ପାଇଁ ଏକ ଅବର୍ଣ୍ଣନୀୟ ଉତ୍କଣ୍ଠାରେ ମୁଁ ବସି ରହିଲି । ତାପରେ ମୁଁ ଯେ ମୋର ପ୍ରତିଭାର ଯଥେଷ୍ଟ ମୂଲ୍ୟ ନଦେଇ ଅନ୍ୟାୟ କରୁଛି ଏହି କଥାଟି ସେ ନିର୍ଦ୍ଦିଷ୍ଟ ପ୍ରତ୍ୟୟ ସହିତ ଉଚ୍ଚାରଣ କଲା । କିନ୍ତୁ ତ୍ରୁଟିବିଚ୍ୟୁତି ଥିବା ସତ୍ତ୍ୱେ ବି ଗଳ୍ପଟି ତାକୁ ଖୁବ୍ ଭଲ ଲାଗିଛି, ଏକଥା ବି ସେ ଜଣେଇଲା । କେବଳ କଣ ସେୟା ? ଭଲ ଲାଗିବାର କାରଣ ସ୍ୱରୂପ କେତୋଟି ଯୁକ୍ତି ମଧ୍ୟ ଉପସ୍ଥାପିତ କଲା ମୋର ସ୍ତ୍ରୀ । କୁଶଳୀ ଶିଳ୍ପୀର ସମାଲୋଚନା ସ୍ୱରୂପ ନହେଲେ ବି (ତାହା ବା ସମ୍ଭବ କେମିତି ?) ତାର କଥାରେ ମୁଁ ବେଶ୍ ଉତ୍ସାହିତ ହୋଇ ଉଠିଲି । ସାଧାରଣ

ରୁଚିସଂପନ୍ନ ମଣିଷର ଉପସ୍ଥାପିତ ସାଧାରଣ ଯୁକ୍ତି ଭଳି ଶୁଣାଗଲେ ମଧ୍ୟ ମୋର ଯେମିତି ମନେହେଲା ସଂସ୍କୃତିବାନ କୌଣସି ପଣ୍ଡିତ-ବ୍ୟକ୍ତିର ଯୁକ୍ତି ଅପେକ୍ଷା ଏସବୁ କୌଣସି ଅଂଶରେ କମ ନୁହେଁ । ସତକଥା କହିବାକୁ ଗଲେ ଉପକାର ଅପେକ୍ଷା ଯେଉଁଥିରେ ମୋର ଅପକାର ବେଶୀ ହୋଇଛି ତାହା ହେଲା ଆତ୍ମସମାଲୋଚନା କ୍ଷେତ୍ରରେ ମାତ୍ରାଧିକ ଭାବପ୍ରବଣତା । ବୋଧହୁଏ ମୋ କ୍ଷେତ୍ରରେ ଯେଉଁ ବିଶେଷ ପଦାର୍ଥଟିର ଅଭାବ ଥିଲା ତାହା ପ୍ରତିଭା ନୁହେଁ, ସ୍ନେହ ଉତ୍ସାହ, ଯାହା ଏହି ମୁହୂର୍ତ୍ତରେ ମୋର ସ୍ତ୍ରୀ ମୋ ଉପରେ ଅକୃପଣ ଭାବରେ ବର୍ଷଣ କରୁଥିଲା । ଯେଉଁମାନେ ସ୍ନେହ କରନ୍ତି ସେମାନେ ପ୍ରଶସ୍ତି ଦିଅନ୍ତି, ତେଣୁ ସେମାନଙ୍କ ନିକଟରେ ଯାହା ସାଫଲ୍ୟ ତାହା ମଧ୍ୟରେ ଅନେକ ଅଂଶ ଥାଏ ପକ୍ଷପାତ ଏବଂ ଅତିରଞ୍ଜନ । ଆମ ଭିତରେ ଥିବା ଯେଉଁ ପ୍ରତିଭାର ବୀଜକୁ ଅନ୍ୟମାନେ ନିର୍ମମ ଭାବରେ ଅସ୍ୱୀକାର କରନ୍ତି ତାକୁହିଁ ମୂଲ୍ୟଦେବା ପାଇଁ ଆଗେଇ ଆସନ୍ତି ଆମର ମା ଭଉଣୀ ଏବଂ ସଂଗିନୀଗଣ । ଆପଣାର ଲୋକ ବୋଲି ବୋଧହୁଏ ସେମାନଙ୍କର ଏ ଉତ୍ସାହରେ ଆମେ ଆଦୌ ତୃପ୍ତି ପାଉନା । ବରଂ ମନେହୁଏ ପ୍ରକାଶ୍ୟରେ ନିନ୍ଦାକଲେ ବୋଧହୁଏ ଆମକୁ ଭଲ ଲାଗନ୍ତା । କିନ୍ତୁ ମୋର ସ୍ତ୍ରୀ କ୍ଷେତ୍ରରେ ମୋର ଅନୁଭୂତି ଥିଲା ଭିନ୍ନ ଧରଣର । ମୋ ପ୍ରତି ପ୍ରେମରେ ଆଚ୍ଛନ୍ନ ନ ହୋଇ ବି ଯେ ସେ ମୋର ଗଳ୍ପଟିକୁ ପସନ୍ଦ କରିଥିଲା, ଏହି ସ୍ପଷ୍ଟ ଧାରଣା ମୋର ହୋଇଥିଲା । କରୁଣା ଦେଖେଇବା ପାଇଁ ସେ ମୋତେ ପ୍ରଶଂସା କରିନାହିଁ । ତାର ପ୍ରଶଂସା ଥିଲା ସତରେ ଯୁକ୍ତି ଆଉ ବିବେଚନାଭିତ୍ତିକ । କିନ୍ତୁ ଖାରୁତାର ସହିତ ଶେଷରେ ପ୍ରଶ୍ନ କଲା, ତାହାହେଲେ ତୁମେ କହିବା ପାଇଁ ଚାହୁଁ ଯେ ଲେଖିବା କାମ ମୁଁ ଚଳେଇ ଯିବି, ଆଉ ଏହା ପଛରେ ଲାଗିଥିବି ? ତୁମେ କଣ କହିବାକୁ ଚାହୁଁ ଭଲ ଭାବରେ ଭାବି

ଦେଖ । ମୁଁ କମ ପକ୍ଷରେ ପ୍ରାୟ ଦଶବର୍ଷ କାମ କରୁଛି କୌଣସି ଫଳ ପାଇ ନାହିଁ । ଯଦି କୁହ ତେବେ ନିଶ୍ଚୟ ଲେଖିଥିବ ତେବେ ବନ୍ଦ କରିବା ପାଇଁ କହିଲେ ବର୍ତ୍ତମାନ ତାହା କରିବ, ଏ ଜୀବନରେ ଆଉ କଲମ ଛୁଇଁବ ନାହିଁ ।

ସେ ହସି ହସି କହିଲା : ତୁମେ ମୋ ଉପରେ ବିରାଟ ଦାୟିତ୍ୱ ଚପେଇ ଦେଉଛ । ମୁଁ ଜିଦ୍ କରି ଧରି ନଅ ମୋ ସହିତ ତୁମର କୌଣସି ସମ୍ପର୍କ ନାହିଁ, ମୁଁ ଜଣେ ଆଗନ୍ତୁକ ମାତ୍ର, ଏଥର ଯାହା ଭାବୁଛ ତାହା ବିନା ଦ୍ୱିଧାରେ କହି ପକାଅ ।

ମୁଁ ତ କହୁଛି, ସେ ଉତ୍ତର ଦେଲା । ଲେଖାଲେଖି ତୁମର କରିବା ଉଚିତ ।

: ସତ କହୁଛ ?

: ନିଶ୍ଚୟ ।

ଅଳ୍ପ ସମୟ ନୀରବ ରହି ସେ ପୁନରାୟ କହିଲା ; ଆସ ଗୋଟାଏ କାମ କରିବା । ସେମାନଙ୍କୁ ନ ଯାଇ ଟାପକ୍ୟାମ୍ପର ସହରତଳି ଘରେ ଦୁଇମାସ ଖଣ୍ଡେ ଘର କଟେଇ ଦେଇ ଆସିବା । ସେଠାରେ ହିଁ ତୁମେ କାମ ଆରମ୍ଭ କରି ପାରିବ ଆଉ ମୋର ଦୃଢ଼ବିଶ୍ୱାସ ସେଠି ନିଶ୍ଚୟ କିଛି ତୁମେ ଭଲ ଜିନିଷ ଲେଖି ପାରିବ ।

: କିନ୍ତୁ ତୁମେ, ତୁମକୁ ବିରକ୍ତ ଲାଗିବ ନାହିଁ ?

: କାହିଁକି ? ତୁମେ ତ ସେଠି ମୋ ସଙ୍ଗରେ ରହିବ, ତା'ଛଡ଼ା ମୋ ପକ୍ଷରେ ଏହା ଏକ ପରିବର୍ତ୍ତନ ହେବ । ଅନେକଦିନ ଶାନ୍ତ ନିର୍ଜନ ଜୀବନର ସ୍ୱାଦ ପାଇ ନାହିଁ ।

ଏକଥା ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ତାର ଯୁକ୍ତି ବା ଉତ୍ସାହ ଦାନ ମୋତେ ସେତେ ପରିମାଣରେ ଅନୁପ୍ରେରଣା ଯୋଗାଇ ନାହିଁ, ଯାହା ଅନୁପ୍ରେରଣା ଦେଇଛି ତାହା ହେଲା

ଏକପ୍ରକାର ଅତି ପ୍ରାକୃତ ବିଶ୍ୱାସ । ମନେହେଲା ଜୀବନରେ ଏଇ ପ୍ରଥମ ଗୋଟାଏ ଶୁଭ ସଦୟ ଗ୍ରହର ଦୃଷ୍ଟି ମୋ ଉପରେ ପଡ଼ିଛି । ଆଶାତୀତ ସୌଭାଗ୍ୟର ଏହି ସମ୍ଭାବ୍ୟ ମୁହୂର୍ତ୍ତରେ ଶୁଭଲଗ୍ନ ସହିତ ମୋର ସର୍ବପ୍ରକାର ସହଯୋଗିତା କରିବା ଉଚିତ । ଯେଉଁ ପ୍ରେମର ଆକାଂକ୍ଷାରେ ମୁଁ ଦୀର୍ଘକାଳ ଅତିବାହିତ କରିଛି ତାହା ରୂପ ନେଇଛି ମୋର ସ୍ତ୍ରୀ ମଧ୍ୟରେ । ଏଥର ନିଶ୍ଚୟ ମୋର ସାହିତ୍ୟିକ ସୃଜନଶୀଳତା ପ୍ରେମର ଅନୁସଙ୍ଗୀ ହେବ । ମୁଁ ଯେ ଠିକ୍ ପଥରେ ଚାଲିଛି ଏବଂ ଆମ ମିଳନର ଶୁଭଫଳ ଯେ ଏକାବେଳକେ ଶେଷ ହୋଇଯାଇ ନାହିଁ, ଏଥିରେ ମୋର ଦୃଢ଼ବିଶ୍ୱାସ ଥିଲା । ସ୍ତ୍ରୀକୁ ଆଲିଙ୍ଗନ କରି ରସିକତା କରି କହିଲି ଯେ ବର୍ତ୍ତମାନଠାରୁ ସିଏହିଁ ହେବ ମୋର ସାହିତ୍ୟ ସୃଷ୍ଟିର ଅଧିଷ୍ଠାତ୍ରୀ ପ୍ରେରଣା । ମୁଁ ଯାହା କହିବା ପାଇଁ ଚାହିଁଲି ତାହା ସେ ବୁଝିଲା ବୋଲି ମନେହେଲା ନାହିଁ, କାରଣ ସେ ବାରମ୍ବାର ସେ ମୋର ସିଦ୍ଧାନ୍ତ କଥା ଜାଣିବାକୁ ଚାହିଁଲା ।

ଉତ୍ତରରେ ତାକୁ ଜଣେଇଦେଲି, ତା'ର ସିଦ୍ଧାନ୍ତ ଅନୁସାରେ ଅଳ୍ପଦିନ ମଧ୍ୟରେ ହିଁ ଆମେ ସହରତଳିକୁ ଯାତ୍ରା କରିବା । ସପ୍ତାହକ ପରେ ସତରେ ଆମେ ଲେଭେସ୍ଟ୍ରେ ପରିତ୍ୟାଗ କରି ଟାସକ୍ୟାନି ଯାତ୍ରା କଲୁ ।

---

ସହରତଳିର ଘରଟା ଗୋଟାଏ ଖୋଲା ଜାଗାରେ ଥିଲା । ଠିକ୍ ଅତି ନିକଟରେ କେତୋଟି ମଧ୍ୟମ ଆକାରର ପାହାଡ଼ ଆଉ ସମ୍ମୁଖର ବିସ୍ତୀର୍ଣ୍ଣ କର୍ଷିତ ଭୂମି । ଘର ଚତୁପାର୍ଶ୍ୱରେ ବୃକ୍ଷଲତାରେ

ପରିପୂର୍ଣ୍ଣ ଗୋଟାଏ ସୁନ୍ଦର ଉଦ୍ୟାନ ଥିଲା । ଫଳରେ ଘରର ଉପର ମହଲର ଝରକାରୁ ବି କିଛି ଦେଖାଯାଉ ନ ଥିଲା । ଖମାର ଘର, କୃଷିକ୍ଷେତ୍ରରେ ଗୋଟାଏ ପାର୍ଶ୍ୱରେ ଯେ ଘରଟି ଅବସ୍ଥିତ ଏକଥା ମୋଟେ ମନେ ହେଉ ନ ଥିଲା । ବରଂ ମନେ ହେଉଥିଲା ନିବିଡ଼ ବନ ମଧ୍ୟରେ ତାହା ଏକ ଆଶ୍ରମ । ଅଳ୍ପ ଦୂରରେ ଥିଲା ବେଶ୍ ଗୋଟାଏ ବଡ଼ ଗ୍ରାମ । ଘର ପଛରେ ଗୋଟାଏ ପାହାଡ଼, ତା ଉପରେ ଏକ ସହର । ଏହା ହେଲା ସବୁଠାରୁ ନିକଟତମ ସହର କିନ୍ତୁ ଘୋଡ଼ାଗାଡ଼ିରେ ସେଠି ପହଞ୍ଚିବା ପାଇଁ ପ୍ରାୟ ଘଣ୍ଟାଏ ଲାଗି ଯାଉଥିଲା । ବିଶାଳ ପ୍ରସାଦ, ଗୀର୍ଜା, ମନ୍ଦିର ଓ ମଠ ଯାଦୁଘର ଆତ୍ମରକ୍ଷଣପାଖରେ ଯୁଦ୍ଧ ପାଇଁ ପ୍ରସ୍ତୁତ ପ୍ରାଚୀରକୁ ନେଇ ଏହା ଏକ ମଧ୍ୟଯୁଗୀୟ ସହର ବୋଲି ମନେ ହେଉଥିଲା । ତଳର ସମତଳ ଅଞ୍ଚଳରେ ବ୍ୟବସାୟ ବାଣିଜ୍ୟର କଲ୍ୟାଣରେ ଯେଉଁ କୁଶ୍ରୀ ଆଧୁନିକ ଗ୍ରାମଟିର ସୃଷ୍ଟି ହୋଇଛି, ଟାସକ୍ୟାନିର ଏହି ସହର ଥିଲା ତାଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର ।

ବଗିଚାର ଗଛପତ୍ର ଗୁଡ଼ିକୁ ଦେଖି ବେଶ୍ ଅନୁମାନ କରାଯାଇ ପାରେ ଯେ ଘରଟି ପ୍ରାୟ ଶହେବର୍ଷ ପୂର୍ବେ ତିଆରି ହୋଇଥିଲା । ସାଦାସିଧା ଦୁଇମହଲା କୋଠା, ପ୍ରତିଟି ମହଲାରେ ତିନୋଟି ଲେଖାଏଁ ବଡ଼ ବଡ଼ ଝରକା, ଆଗରେ ମୁରୁମ ବିଛା ଯାଇଥିବା ଟ୍ରେଟ ଗୋଟାଏ ଖୋଲା ଜାଗା । ତାର ଦୁଇପାଖରେ ଦୁଇଟି ବାଦାମ ଗଛ । ଏହିଠାରୁହିଁ ସର୍ପିଳ ଗତିରେ ବଗିଚାର ଗେଟ୍ ପର୍ଯ୍ୟନ୍ତ ବାହାରି ଯାଇଛି ଗୋଟାଏ ଗାଡ଼ିଚଳାର ରାସ୍ତା । ଗେଟ୍ ପାରି ହୋଇ ଆଉ ପାଖରେ ରାସ୍ତାଟି ଯାଇ ମିଶିଛି ରାଜପଥ ସହିତ । ପ୍ରଚୁର ଗଛପତ୍ର ଏବଂ ଛାୟାଘନ ବିଶ୍ରାମ କୁଞ୍ଜରେ ସମ୍ମୁଖରେ ଥିବା ପାର୍କଟି ପରିପୂର୍ଣ୍ଣ । ପାର୍କର ଶେଷ ପ୍ରାନ୍ତରେ ଦୁଇଟି ଖମାର ଘର । ଏଗୁଡ଼ିକ କିନ୍ତୁ ଗୋଟାଏ ପାହାଡ଼ର ଚୂଡ଼ାରେ ଅବସ୍ଥିତ । ତେଣୁ

ସେଠାରୁ ସମ୍ମୁଖର ଦିଗନ୍ତ ବିସ୍ତୃତ ସମତଳ କ୍ଷେତ୍ର ଉପରେ ଏକା ନଜରରେ ଆଖି ପକେଇବା ଖୁବ୍ ସହଜ । ସହରତଳିର ଏହି ଭିଲା ବା ଘରଟିରୁ ଗୃହିଣୀମାନେ ସେମାନଙ୍କର ବଳଦମାନଙ୍କୁ ବାହାର କରିବା ପାଇଁ ଅନୁଚ୍ଚ କଣ୍ଠରେ ଯେଉଁ କଥାବାର୍ତ୍ତା କରୁଥିଲେ ତାହା ବି ଶୁଣା ଯାଉଥିଲା । ସେମାନଙ୍କୁ କିନ୍ତୁ ଦେଖି ହେଉ ନ ଥିଲା । ମଝିରେ ମଝିରେ ସେମାନଙ୍କର କୁକୁଡ଼ା ଗୁଡ଼ିକ ଆହାର ଅନ୍ୱେଷଣରେ ପାର୍କର ଗେଟ୍ ପର୍ଯ୍ୟନ୍ତ ପହଞ୍ଚି ଯାଉଥିଲେ ।

ଘର ଭିତରେ ଆସବାବପତ୍ର ଭର୍ତ୍ତି ହୋଇଥିଲା । ସେଗୁଡ଼ିକ ମଧ୍ୟରେ ଗତ ଶତାବ୍ଦୀର ସବୁପ୍ରକାର ଶିଳ୍ପ କର୍ମର ନମୁନା ଥିଲା । ଏହି ଘରର ସର୍ବଶେଷ ବାସିନ୍ଦା ମୋର ପ୍ରମାତାମହୀ ପ୍ରାୟ ଶହେ ବର୍ଷ ବୟସରେ ସ୍ୱର୍ଗାରୋହଣ କରିଥିଲେ । ସେ ପ୍ରାୟ ପିପିଲିକାର ଧୈର୍ଯ୍ୟ ଏବଂ ଲାଳସା ନେଇ ଏତେ ଜିନିଷ ସଂଗ୍ରହ କରି ଯାଇଛନ୍ତି ଯେ ଏମିତି ଦଓଟି କୋଠା ଭର୍ତ୍ତି ହୋଇଯିବ । ଡ୍ରୟାର, ଆଲମାରି, ସିନ୍ଦୁକ, ଏଭଳି ସବୁ ଜିନିଷ ଗୋଟାଏ ଗୋଟାଏ କୋଠରୀରେ ଯାହା ଥିଲା ତାହା ପ୍ରୟୋଜନ ତୁଳନାରେ ଦୁଇଗୁଣ । ଏ ଗୁଡ଼ିକ ବ୍ୟତୀତ ପୁଣି ଟନାମାଟିର ପଦାର୍ଥ, ପୋଷାକପତ୍ର, ପୁରୁଣା କାଗଜ, ଛବିର ଆଲ୍‌ବମ, ବସିବା ବାସନ କୁସନ, ଏମିତି ନାନାପ୍ରକାର ଜିନିଷ ସ୍ତୁପିକୃତ ହୋଇ ରହିଥିଲା । ଖୁବ୍ ଅନ୍ଧକାର ଶୟନକକ୍ଷମାନଙ୍କରେ ଥିଲା ବିଚିତ୍ର ଧରଣର ଚୌକି, ବଡ଼ ବଡ଼ ଆଲମାରି ଏବଂ ଫିକା ପଡ଼ି ଆସୁଥିବା ପାରିବାରିକ ତୈଳ ଚିତ୍ର । ବୈଠକଖାନା ଥିଲା ଅସଂଖ୍ୟ । ଗୋଟାଏ ପାଠାଗାର ବି ଥିଲା ଯାର ଥାକଗୁଡ଼ିକରେ ପୁରୁଣା ବହିପତ୍ର ଭର୍ତ୍ତି ହୋଇଥିଲା । ଏଗୁଡ଼ିକର ଅର୍ଦ୍ଧାଧିକ ପଞ୍ଜିକା, ଧର୍ମଗ୍ରନ୍ଥ ଏବଂ ସମାଲୋଚନା ବହି । ବିଲିୟାର୍ଡ ଟେବୁଲଟା ଥିଲା ଜରାଜୀର୍ଣ୍ଣ, କପଡ଼ା ସବୁ ଛିଣ୍ଡା ଓ ବଲ୍ ବି ଗୋଟାଏ ବୋଲି ନ ଥିଲା । ଏହି ଅପରିଷ୍କୃତ ଆସବାବପତ୍ର ମଧ୍ୟରେ ଚଲା ଫେରା କରିବା ବି ଥିଲା ଖୁବ୍

କଠିଣ କାମ । ଏହି ପୁରାତନ ଯୁଗର ଅସବାବପତ୍ରହିଁ ଏହି ଘରଟିର ଯେମିତି ପ୍ରକୃତ ବାସିନ୍ଦା ଆଉ ଆମେ ନିହାତ ଅନଧିକାର ପ୍ରବେଶକାରୀ । ଯାହାହେଉ ବହୁ ଚେଷ୍ଟାରେ ଦୋତାଲାର ଗୋଟାଏ ଡ୍ରଇଂରୁମ୍ ପରିଷ୍କାର କରେଇ ତାର ରାଜକୀୟ ଧରଣଟି ଫେରେଇ ଅଣା ହେଲା । ତାକୁ ଆମେ ପଢ଼ାଘର କଲୁ । ତଳ ମହଲାର ଡ୍ରଇଂ ରୁମ୍‌ରେ ଦୁଇଟି ଭଲ ଅରାମ ଚେୟାର ଥିଲା । ଏହି ଘରଟାକୁହିଁ ବସାଉଠା କରିବା ପାଇଁ ମୋର ସ୍ତ୍ରୀ ପସନ୍ଦ କଲା, ଆଉ ଶୋଇବା ପାଇଁ ପ୍ରତ୍ୟେକେ ଗୋଟାଏ ଲେଖାଏ ଘର ବାଛି ନେଲୁ ।

ଗ୍ରମପରାୟଣ ସନ୍ନ୍ୟାସୀମାନଙ୍କ ଭଳି ପ୍ରଥମଦିନରୁ ଆମେ ଏକ ନିୟମିତ ଜୀବନ ଯାପନ କରିବାକୁ ଆରମ୍ଭ କଲୁ । ସକାଳୁ ଘରର ପୁରାତନ ଭୃତ୍ୟର ଟ୍ରେରେ ମୋର ସ୍ତ୍ରୀର ଘରକୁ ଖାଦ୍ୟ ପଦାର୍ଥ ନେଇ ଆସୁଥିଲା । ସେଇଠି ସେ ଶୋଇ ଶୋଇ ଏବଂ ମୁଁ ବସି ପ୍ରାତଃ ରାଶ ଶେଷ କରି ନେଉଥିଲୁ । ତା'ପରେ ମୁଁ ମୋର ପଢା କୋଠରୀକୁ ଚାଲି ଆସୁଥିଲି ଏବଂ ଦ୍ୱିପ୍ରହର ଯାଏ କାମ କରୁଥିଲି, ଅନ୍ତତଃ କାମ କରିବା ପାଇଁ ଚେଷ୍ଟା କରୁଥିଲି । ଅନ୍ୟ ଦିଗରେ ବେଶ୍ କିଛି ସମୟ ବିଛଣାରେ ପଡ଼ି ରହିବା ପରେ ମୋର ସ୍ତ୍ରୀ ପ୍ରସାଧନ ପାଇଁ ଯାଉଥିଲା । ପ୍ରସାଧନରେ ତାର ବେଶ୍ ସମୟ ଲାଗୁଥିଲା ଏବଂ ତାରି ଭିତରେ ସେ ମଧ୍ୟାହ୍ନ ଭୋଜନର ଫରମାସ ଦେଉଥିଲା । ପ୍ରାୟ ଦ୍ୱିପ୍ରହର ହେଲେ ତଳକୁ ଓହ୍ଲେଇ ଆସି ସ୍ତ୍ରୀ ପାଖରେ ବସୁଥିଲି । ସେଠି ସାମନାର ପାର୍କରେ ନଜର ପଡ଼ିବା ଭଳି ଗୋଟାଏ ଖୋଲା ଝରକା ପାଖରେ ବସି ଆମେ ମଧ୍ୟାହ୍ନ ଭୋଜନ କରୁଥିଲୁ । ଏହାପରେ କଫି ପାନ କରିବା ପାଇଁ ବାଦାମ ଗଛର ଗୁମ୍ଫାକୁ ଚାଲି ଯାଉଥିଲୁ । ତା'ପରେ ଯିଏ ଯାର ଘରେ ବିଶ୍ରାମ ନେଉଥିଲୁ । ତଳର ବୈଠକଖାନାରେ ଆମେ ପୁନରାୟ

ସ୍ଥ ଖାଇବା ପାଇଁ ଏକତ୍ରିତ ହେଉଥିଲୁ । ପରେ ସପିଲ ରାସ୍ତାରେ ଗୋଟାଏ ଖମାର ଘରୁ ଆଉ ଗୋଟା ଖମାର ଘରକୁ ଚାଲିଯାଉଥିଲୁ । କେତେବେଳେ ଅବା ସମତଳ ଭୂମି ଉପରେ ପ୍ରବାହିତ ହେଉଥିବା କେନାଲର ତୃଣାଚ୍ଛାଦିତ କୂଳରେ ବୁଲୁଥିଲୁ, ପୁଣି କେତେବେଳେ ଗ୍ରାମ ବା ସହର ପର୍ଯ୍ୟନ୍ତ ନ ଯାଇ ବଡ଼ ରାସ୍ତାରେ କିଛିବାଟ ଚାଲି ଯାଉଥିଲୁ । ଘଣ୍ଟାଏ ପରେ ଫେରିଆସି ମୁଁ ମୋର ସ୍ତ୍ରୀକୁ ଇଂରେଜୀ ପଢ଼େଇବା ପାଇଁ ବସୁଥିଲି । ନୈଶ ଭୋଜନ ପରେ ବି କୌଣସି କୌଣସି ଦିନ ପଢ଼ାଶୁଣା ବା କଥାବାର୍ତ୍ତା ଚାଲୁ ଥିଲା । ହାତରେ ସମୟ ଥିଲେ ତାଙ୍କୁ ପଢ଼ିବାକୁ କହୁଥିଲି ବା ନିଜେ କିଛି ପଢ଼ି ଶୁଣଉ ଥିଲି । ତା'ପରେ ବିଶେଷ ବିଳମ୍ବ ନ କରି ଆମେ ଶୋଇବାକୁ ଯାଉଥିଲୁ । ମୁଁ ନିଜେ ଯାଉଥିଲି ତାର ଶୋଇବା ଘରକୁ । ଦିନସାରା ଯେଉଁ ଉଦ୍ଦେଶ୍ୟରେ ଆମର ଅତିବାହିତ ହୋଇଛି ଏହି ସମୟରେ ତାର ପୂର୍ଣ୍ଣ ପରିଣତି ଘଟୁଥିଲା । ଏ ସମୟରେ ଆମେ ପରସ୍ପରକୁ ପ୍ରେମ ନିବେଦନ କରୁଥିଲୁ । ଏହି ମୁହୂର୍ତ୍ତ ଗୁଡିକରେ ମୁଁ ମୋର ସ୍ତ୍ରୀକୁ ଶାନ୍ତ ଅବସ୍ଥାରେ ଦେଖିଛି । ସାରାଦିନର ନିସ୍ତରଙ୍ଗ ଜୀବନ ଯାପନ ପରେ ସିଏ ବି ଯେମିତି କିଛି ପୁରସ୍କାର ଦେବାକୁ ଏବଂ ନେବାକୁ ପ୍ରସ୍ତୁତ ହୋଇ ରହୁ ଥିଲା । ଖୋଲା ଝରକା ଦେଇ ଗ୍ରାମର ନୈଶ ରୂପଟି ଆଖିରେ ପଡ଼ୁଥିଲା । ମଝିରେ ମଝିରେ ଗୋଟାଏ ଦୁଇଟି ନିଶାଚର ପକ୍ଷୀର ଡାକରେ ରାତିର ନିସ୍ତବ୍ଧତା ଭଙ୍ଗ ହେଉଥିଲା । ବୃହତ ଶୟନ କକ୍ଷର ମୃଦୁ ଆଲୋକର ପୃଷ୍ଠଭୂମିରେ ଆମର ପ୍ରେମ ଯେମିତି ହଠାତ୍ ପ୍ରଜ୍ଜ୍ୱଳିତ ଦୀପଶିଖାଭଳି ପ୍ରାଣବନ୍ତ ହୋଇ ଉଠୁଥିଲା ଏବଂ ଦୀର୍ଘ ସମୟ ଧରି ତହିଁରୁ ବିଚ୍ଛୁରିତ ହେଉଥିଲା ଆଲୋକ । ସେ ଯେମିତି ଥିଲା ସେହି ବିପନ୍ନ କକ୍ଷ ମଧ୍ୟରେ ଅନିର୍ବାଣ ତୈଳ ଦୀପ । ସିଏ ଏକ ସମୟରେ ଏହି କକ୍ଷଗୁଡ଼ିକ ଆଲୋକୋଜ୍ଜ୍ୱଳ କରି ରଖିଥିଲା । ମନେ

ହେଉଥିଲା ପ୍ରତିଦିନ ମୋର ସ୍ତ୍ରୀକୁ ଗଭୀର ଭାବରେ ଭଲ ପାଉଛି । ପ୍ରତି ସନ୍ଧ୍ୟାରେ ସେ ପ୍ରେମ ସମୃଦ୍ଧ ଲାଭ କରୁଛି ଏବଂ ଅତୀତ ସନ୍ଧ୍ୟାର ପ୍ରେମ ସଞ୍ଚୟରୁ ପ୍ରାଣଶକ୍ତି ସଂଗ୍ରହ କରୁଛି । ତା ଦିଗରୁ ମଧ୍ୟ ଯେମିତି କ୍ଳାନ୍ତିହୀନ ପ୍ରେମଶକ୍ତି ଆସଙ୍ଗ ଲିପ୍‌ସାର ଅନ୍ତ ନାହିଁ । ଦାମ୍ପତ୍ୟ ପ୍ରଣୟର ଅର୍ଥ ବୋଧହୁଏ ଏହି ରାତିଗୁଡ଼ିକରେ ମୁଁ ପ୍ରଥମ ଓ ଶେଷଥର ପାଇଁ ଉପଲବ୍ଧି କରିଥିଲି । ଏଇ ଯେମିତି ବୈଧ ଭୋଗବାସନା ଆଉ ପ୍ରଚଣ୍ଡ ଆଶକ୍ତିର ସମ୍ମିଳିତ ରୂପ, ପ୍ରଚଣ୍ଡ ଭାବରେ ପ୍ରାପ୍ତି ଏବଂ ଆତ୍ମତୃଷ୍ଟ ଆନନ୍ଦର ସୀମାହୀନ ପ୍ରକାଶ, ମୋର ଘର, ମୋର ପୋଖରୀ, ମୋର ଗାଡ଼ି ଭଳି, ମୋର ସ୍ତ୍ରୀ କହିବାକୁ ଯାଇ କେହି କେହି ଯେମିତି ବିବାହିତ ସମ୍ପର୍କର ଯେଉଁ ନିର୍ବୋଧ ପରିଚୟ ଦେଇଥାନ୍ତି ଏତେଦିନକେ ତାର ସଠିକ କାରଣଟି ଯେମିତି ବୁଝିଲି ।

ଏ ଦିଗରେ ଯଥେଷ୍ଟ ସୁବିଧା ସୁଯୋଗ ଥିବା ସତ୍ତ୍ୱେ ବି ମୋର କାମ କିନ୍ତୁ ବିଶେଷ ଆଗେଇ ନଥିଲା । ମୋର ପ୍ରବଳ ଇଚ୍ଛା ବିବାହର ଘଟଣାକୁ କେନ୍ଦ୍ରକରି ଗୋଟାଏ ବଡ଼ ଗଳ୍ପ ବା ଗୋଟାଏ କ୍ଷୁଦ୍ର ଉପନ୍ୟାସ ଲେଖିବି । ଇଚ୍ଛେ ହେଲା ପ୍ରକୃତରେ ମୋର ସ୍ତ୍ରୀର ଗଳ୍ପ । ଏଗୁଡ଼ିକ ଛୋଟ ଛୋଟ ନିର୍ଦ୍ଦିଷ୍ଟ ଘଟଣାର ପରିଚ୍ଛନ୍ନ ରୂପ ନେଇ ମୋର ମନ ମଧ୍ୟରେହିଁ ଥିଲା । ପ୍ରୟୋଜନ ଥିଲା କେବଳ ଅନାୟାସରେ ସେଗୁଡ଼ିକୁ ଗଳ୍ପରେ ଗ୍ରଥିତ କରିନେବା । କିନ୍ତୁ କାଗଜ ସମ୍ମୁଖରେ ଲେଖିବାକୁ ବସିବା ମାତ୍ରକେ ସବୁ ଅଡୁଆଡୁଆ ହୋଇ ଯାଉଥିଲା । ହୁଏତ କଟାକଟି ହୋଇ କେତୋଟି ଶବ୍ଦରେ କାଗଜ ପୂର୍ଣ୍ଣ ହୋଇ ଯାଉଥିଲା, ନତୁବା ଗୋଟାଏ ଦୁଇଟି ପୃଷ୍ଠା ଲେଖିବା ପରେ ଦେଖା ଯାଉଥିଲା ଅର୍ଥହୀନ କେତେଗୁଡ଼ିଏ ଅସ୍ପଷ୍ଟ ବାକ୍ୟର ସମଷ୍ଟି ଗଢ଼ି ଉଠିଛି । ଏମିତି ବି ହୋଇଛି ଯେ ଦୁଇ ଏକ ପଂକ୍ତି ଲେଖିବା ପରେ ଖୋଲା ପୃଷ୍ଠାର ସମ୍ମୁଖରେ ମୁଁ ସ୍ତବ୍ଧ

ଭାବରେ ବସି ରହିଛି । ସେତେବେଳେ ମୋତେ ଗଭୀର ଚିନ୍ତାରେ ନିମଗ୍ନ ମନେ ହେଲେ ବି ସଂପୂର୍ଣ୍ଣ ନିଷ୍କ୍ରିୟ ମନ ଆଉ ମସ୍ତିଷ୍କ ନେଇହିଁ ମୁଁ ବସି ରହୁଥିଲି । ସମାଲୋଚନାର ଯୋଗ୍ୟ ଅନୁଶୀଳିତ ମନ ମୋର ଥିଲା । ଖବରକାଗଜ ପାଇଁ କେତେବର୍ଷ ସମାଲୋଚନା ବି ମୁଁ ଲେଖିଥିଲି । ତେଣୁ ସ୍ପଷ୍ଟ ଦେଖିଲି, କାମରେ ଯେ ମୁଁ ଆଗଭଳି ନାହିଁ ସେତିକି ନୁହେଁ, ମୋର ଅବସ୍ଥା ହିଁ ନିକୃଷ୍ଟ ଶୋଚନୀୟ ହୋଇ ଉଠୁଛି । ପୂର୍ବେ ଯେ କୌଣସି ବିଷୟରେ ମନଯୋଗ ଦେବା ବା ସୁଶୃଙ୍ଖଳ ଭାବରେ କିଛି ଲେଖିବାର ଶକ୍ତି ମୋର ଥିଲା । କବିତା ଲେଖିବା ପାଇ ଅବଶ୍ୟ ମୁଁ ଚେଷ୍ଟା କରି ନାହିଁ ତଥାପି ରୁଚିପୂର୍ଣ୍ଣ ସ୍ପଷ୍ଟତାର ମନ ମୋ ଲେଖାରେ ଦେଖା ଯାଉଥିଲା । ବର୍ତ୍ତମାନ କିନ୍ତୁ ଦେଖାଗଲା ଯେ କେବଳ ବିଷୟବସ୍ତୁ ନୁହେଁ ମୋର ବୈଶିଷ୍ଟ୍ୟ ପୂର୍ଣ୍ଣ ରଚନାଶୈଳୀ ମଧ୍ୟ ମୋତେ ଛଳନା କରୁଛି । କୌଣସି ଅପଦେବତାର ଦୁର୍ଦ୍ଦୈବ୍ୟଶକ୍ତିର ପ୍ରଭାବରେ ମୋର ଲିଖିତ ପୃଷ୍ଠାଗୁଡ଼ିକ ଯେମିତି ଅସଙ୍ଗତ, ଅସ୍ପଷ୍ଟ, ଖଣ୍ଡିତ ବାକ୍ୟର ପୁନଃରୁକ୍ତିରେହିଁ ଭରି ଉଠିବାକୁ ଲାଗିଲା । ତା ମଧ୍ୟରେ କେବଳ ଅର୍ଥହୀନ ବିଶ୍ଳେଷଣ, ଅସଙ୍ଗତ ଅର୍ଥରେ ବ୍ୟବହୃତ ବାକ୍ଧାରା ଆଉ ବହୁ ପ୍ରଚଳିତ ଗତାନୁଗତିକ ଶବ୍ଦ ଛଡ଼ା ଆଉ କିଛି ନ ଥିଲା । ପ୍ରକୃତରେ ଯେଉଁ ନିୟମିତ ଆଉ ସୁସଙ୍ଗତ ରଚନାଶୈଳୀ ଗଦ୍ୟର ପ୍ରାଣ ବା ପଦ୍ୟର ପ୍ରାଣ ବା ପଦ୍ୟର ପ୍ରକୃତି, ସେହି ଛନ୍ଦରହିଁ ଅଭାବ ମୋ ଭିତରେ ଘଟିଥିଲା । ମନେପଡ଼ୁଛି ଦିନେ ଏହି ଛନ୍ଦ ମୋର ଥିଲା ଯଦିଓ ତାର ପ୍ରକୃତି ଓ ପରିମାଣ ସେମିତି ଉଲ୍ଲେଖଯୋଗ୍ୟ ନୁହେଁ । ଅଜି ଯେମିତି ସେତିକ ବି ଶେଷ ହୋଇଗଲା ଏବଂ ମୁଁ କେବଳହିଁ ଏକ ବେସୁରା ବିକ୍ଷୋଭର କଳରବରେ ଟୁଣ୍ଟି ବାକୁ ଲାଗିଲି ।

ମୋର ସ୍ତ୍ରୀ ଯଦି ଲେଖାଲେଖି ଜିଦ୍ କରି ନ ଥାନ୍ତା ତେବେ କେଉଁ କାଳରୁ ତାହା ମୁଁ ଛାଡ଼ି ଦେଇ ସାରିଥାନ୍ତି । ସୁଖ ଦିଗରୁ

ତା ପ୍ରତି ମୋର ଆକର୍ଷଣ ଥିଲା ଯଥେଷ୍ଟ । ଏମିତି ଗୋଟାଏ ଦିନ ବି ବାଦ୍ ଯାଇନାହିଁ, ଯେଉଁ ଦିନ ସେ ମୋର ଲେଖାର ପ୍ରଗତି ସମ୍ବନ୍ଧରେ ସସ୍ନେହ ଆଗ୍ରହରେ ଜାଣିବାକୁ ଚାହିଁ ନାହିଁ । ଫଳରେ ମୋର ଅନଗ୍ରସତି ସମ୍ବନ୍ଧରେ ଲଜ୍ଜିତ ହୋଇଛି ଏବଂ ଅଝଟା କରି କହୁଛି ଯେ କାମ ବେଶ୍ ଆଗେଇ ଚାଲିଛି । ଲେଖେଇ ନେବାର ଦାୟିତ୍ୱ ଯେ ତାର ଏକଥା ସେ ବେଶ୍ ବୁଝିଥିଲା ଏବଂ ସେଥି ପାଇଁ ସେ ଏହି ଲେଖା ଉପରେ ଅତ୍ୟଧିକ ଗୁରୁତ୍ୱ ଆରୋପ କରୁଥିଲା । ଏ ଦିଗରେ ମୁଁ ମଧ୍ୟ ପ୍ରତ୍ୟହ ଅନୁଭବ କରୁଥିଲି ଯେ ନିଜ ପାଇଁ ଯେତେଟା ନୁହେଁ ତାର ଅନେକ ବେଶୀ ତାରି ପ୍ରୟୋଜନରେ ଗଳ୍ପଟା ଶେଷ କରିବା ଦରକାର । ତା ପ୍ରତି ପ୍ରେମ ଆଉ ମୋର ଜୀବନରେ ତାର ଉପସ୍ଥିତି ଯେଉଁ ବିପୁଳ ପରିବର୍ତ୍ତନ ଆଣି ଦେଇଛି ତାରହିଁ ପ୍ରମାଣ ରଖିବା ଦରକାର ଏହି କାହାଣୀ ରଚନାରେ । ଠିକ ଏଇ କଥାହିଁ ତାକୁ ଆଲିଙ୍ଗନ କରି ଚୁପଚାପ୍ କହିବା ପାଇଁ ଯାଇଥିଲି, ଯେଉଁ ଦିନ କହିଥିଲି ଏହାପରେ ସିଏହିଁ ହେବ ମୋର ସାହିତ୍ୟିକ ଜୀବନର ଅଧିଷ୍ଠାତ୍ରୀ । ତାର ପ୍ରାତ୍ୟହିକ ପ୍ରଶ୍ନ ଥିଲା, ସକାଳଟା ମୁଁ କେମିତି କଟେଇବି । ସେ ମୋତେ ଉତ୍ସାହିତ କରିବା ପାଇଁ ଚାହିଁଛି ସତ କିନ୍ତୁ ତାର ଅବସ୍ଥା ହୋଇଛି ପୌରାଣିକ ମହିଳାମାନଙ୍କ ଭଳି ଯେଉଁମାନେ ସେମାନଙ୍କର ବୀର ପୁରୁଷମାନଙ୍କୁ ଅନୁରୋଧ କରନ୍ତି ଦୈତ୍ୟକୁ ହତ୍ୟାକରି ସୁନେଲି ପରିମଳ ଚମଡ଼ା ଆଣି ଦେବାକୁ । କିନ୍ତୁ ଖ୍ରୀଷ୍ଟ ଅନୁଚର ବୀର ପୁରୁଷ ରିକ୍ତ ହସ୍ତରେ ଫେରି ଆସିଛି । ସୁନେଲି ପରିମର୍ଦ୍ଦିତ ଚମଡ଼ା ଆଣିନାହିଁ ବା ଡ୍ରାଗନର ମୁହାଁମୁହିଁ ଯୁଦ୍ଧ କରିବାକୁ ସାହସ ପାଇନାହିଁ ଏମିତି କଥା କାହାଣୀରେ ବର୍ଣ୍ଣିତ ହୋଇନାହିଁ । ତାର ଜିଦ୍ ଧରିଣ ଥିଲା ଯୁକ୍ତିହୀନ । ଚିନ୍ତା ସାପେକ୍ଷ ସୃଜନଶକ୍ତିର ପଥରେ ଯେ ନାନା ବାଧାବିଘ୍ନ ଆଇପାରେ ଏ କଥା ଜଣେ ଶିକ୍ଷିତା ମହିଳା ଭଳି

ଭାବରେ ଜାଣନ୍ତୁ । ମୋର ଏହି ସାଧାରଣ ବୁଦ୍ଧିର ସରଳ କଣ୍ଠିଟି କିନ୍ତୁ ଭାବ ନେଇଥିଲା ଯେ ଇଚ୍ଛାଶକ୍ତିକୁ ପ୍ରୟୋଗ କଲେହିଁ କାବ୍ୟ ରଚନା କରାଯାଏ । ପ୍ରାତ୍ୟହିକ ଭ୍ରମଣ ସମୟରେ ଦିନେ ମୁଁ ସାହିତ୍ୟ ସୃଷ୍ଟିର ଅନ୍ତରାୟ ବାଧା ବିପତ୍ତି ଗୁଡ଼ିକ ପ୍ରତି ତାର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଥିଲି । ଦେଖିଲି ସିଏ ମୋ କଥା ମୋଟେ ବୁଝି ପାରିଲା ନାହିଁ । ମୋର କଥା ଶୁଣି ସେ କହିଲା, ଦେଖ ମୁଁ ଲେଖିକା ନୁହେଁ ଆଉ ତା ବ୍ୟତୀତ ସାହିତ୍ୟ ରଚନାର କୌଣସି ଆକାଂକ୍ଷା ମୋର ନାହିଁ । ତେବେ ଏକଥା ଠିକ ଯେ ଶକ୍ତି ଆଉ ଇଚ୍ଛା ଥିଲେ ଅନେକ କଥା ମୁଁ ପ୍ରକାଶ କରନ୍ତି । ତାଛଡ଼ା ତୁମେ ଯେଉଁ ପରିବେଶରେ ଏଠି କାମ କରୁଛ ତହିଁରେ ଅନେକ କଥା ଯେ ତୁମେ ସୁନ୍ଦର ଭାବରେ କହି ପାରିବ ଏ ଦୃଢ଼ ବିଶ୍ୱାସ ମୋର ରହିଛି । ଅଳ୍ପ ସମୟ ନୀରବ ରହି ସେ ମୋତେ ଥରେ କଣେଇ ଚାହିଁ ନେଲା । ତାପରେ ପ୍ରେମ ଗଦ୍‌ଗଦ କଣ୍ଠରେ କହିଲା, ମନେ ନାହିଁ—ମୋତେ ନେଇ ଗଳ୍ପ ଲେଖିବାକୁ ତୁମେ ପରା କଥା ଦେଇଛ । ଏକଥା ତୁମକୁ ରଖିବାକୁ ପଡ଼ିବ । ମୁଁ କୌଣସି ଉତ୍ତର ଦେଲିନାହିଁ, ତେବେ ମନେ ମନେ ଭାବିନେଲି ଟେବୁଲରେ ଜମିଉଠିଥିବା କାଗଜର ସ୍ତୂପଟିର କଥା । ତା ଭିତରେ କଟାକଟି ଏବଂ ଇତସ୍ତତ ଦୁଇଧାଡ଼ି ପଂକ୍ତି ବ୍ୟତୀତ ଆଉ କିଛି ନଥିଲା ।

ସ୍ତ୍ରୀ ସହିତ ପୂର୍ଣ୍ଣ ବା ଆଂଶିକ ଜଣିଯାପନ ପରେ ସକାଳବେଳା ଯେତେବେଳେ ମୁଁ ଲେଖିବା ପାଇଁ ବସିଛି ସେତେବେଳେ କିଛି ନଲେଖି ମୋର କେବଳ ବସି ରହିବା ପାଇଁ ପ୍ରବଳ ଇଚ୍ଛା ହୋଇଛି । ମୁଣ୍ଡ ଭିତରଟା ସେତେବେଳେ କେମିତି ଖାଲି ଖାଲି ଲାଗେ, ଆଉ ଦେହରେ ଅନୁଭବ କରୁଥିଲି ଏକ ପ୍ରକାର ହାଲୁକା ଭାବ ଏବଂ ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକ ମନେ ହେଉଥିଲା ଶକ୍ତିହୀନ ହୋଇ ପଡ଼ିଛନ୍ତି । ଭୁଲ ହେଉ କିମ୍ବା ଠିକ ହେଉ ଏକଥା ଚିନ୍ତା କରିବାକୁ ମୋତେ

ବେଶୀ ସମୟ ଲାଗିନାହିଁ ଯେ ମୋର ଆଳସ୍ୟ ଏବଂ କାମରେ ମନୋନିବେଶ କରିବାର ଯେଉଁ ଅକ୍ଷମତା ତାର ଏକମାତ୍ର କାରଣ ହେଲା ସ୍ତ୍ରୀ ନିକଟରେ ପୂର୍ବ ରାତ୍ରିରେ ପ୍ରେମନିବେଦନ ପରେ ଶାରୀରିକ ପଙ୍ଗୁତା । ମଝିରେ ମଝିରେ କାମ ବନ୍ଦକରି ଦେଇ ଦର୍ପଣ ଆଗରେ ଯାଇ ମୁଁ ଠିଆ ହେଉଥିଲି । ଦେଖୁଥିଲି କ୍ଲାନ୍ତିରେ ମୁହଁର ପେଶିଗୁଡିକ ଭାଙ୍ଗିପଡ଼ିଛି ଏବଂ ଦ୍ୟୁତିହୀନ ଚକ୍ଷୁର କୋଣରେ ବେଶ ଘନ ହୋଇ କାଳି ଜମିଛି । ସଂକ୍ଷେପରେ ଏତିକି କୁହାଯାଇପାରେ ଯେଉଁ ବଳିଷ୍ଠ ପ୍ରାଣଶକ୍ତି ନେଇ ରାତ୍ରିରେ ସ୍ତ୍ରୀକୁ ବାହୁବନ୍ଧନରେ ବନ୍ଦୀ କରିଛି ପରଦିନ କ୍ଲାନ୍ତ ଅବସନ୍ନ ଦେହର ସୀମାରେ ତାର ତଳେ ହେଲେ ଚିହ୍ନ ଖୋଜି ପାଉନାହିଁ । ଯେଉଁ ଶକ୍ତିରେ ମୁଁ ଲେଖନୀ ଧାରଣ କରି ପାରନ୍ତି ତାହା ଯେମିତି ପୂର୍ବ ରାତ୍ରିରେ ସ୍ତ୍ରୀର ଆଲିଙ୍ଗନ ଭିତରେ ନିଃଶେଷ ହୋଇ ଯାଇଛି । ଅନ୍ୟ ଭାବରେ କହିବାକୁ ଗଲେ କୁହାଯାଇ ପାରେ ଲେଖା ଦିଗରୁ ଯେଉଁ ଟିକକ କମ ପଡ଼ୁଛି ସେ ଟିକକ ମୁଁ ମୋର ସ୍ତ୍ରୀକୁ ଉତ୍ସର୍ଗ କରି ଦେଇଛି । ଏ କଥା ମୋର ମୋଟାମୋଟି ଗୋଟାଏ ଧାରଣା ମାତ୍ର ନୁହେଁ, ଏହା ହେଲା ମୋର ଯଥାର୍ଥ ଏକ ଅନୁଭୂତି, ପ୍ରକୃତ ବିଶ୍ୱାସ ବା ଧାରଣା । ମୋର ସୃଜନୀଶକ୍ତି ଯେମିତି ଦେହରୁ ପ୍ରତି ରାତ୍ରିରେ ଶେଷ ହୋଇ ଯାଉଥିଲା, ଆଉ ପରଦିନ ସହଜ ଭାବରେ କାମ କରିବାକୁ ବା ମସ୍ତିଷ୍କକୁ ଶକ୍ତିଶାଳୀ ରଖିବାକୁ ମୁଁ କଷ୍ଟ କରି ପାରୁ ନଥିଲି ।

ସେହି କ୍ଲାନ୍ତ ମାନସିକବୃତ୍ତିରେ କିଛିଦିନ ବୁଲିବା ପରେ ଏକ ସନ୍ଧ୍ୟାରେ ସ୍ଥିର କଲି ଯେ ଏ ବିଷୟରେ ତା' ସହିତ କଥାବାର୍ତ୍ତା କରିବି । ତାବ୍ୟତୀତ ଲେଖା ପାଇଁ ଜିଦ୍‌ଟା ଯେତେବେଳେ ସେ ପାଖରୁ ବେଶୀ ସେତେବେଳେ ଭରସା ହେଲା ଯେ ମୋର ଯୁକ୍ତି ଗୁଡିକ ସେ ମାନିନେବ । ପାଖରେ ମୋର ସ୍ତ୍ରୀ ଶୋଇଥିଲା ।

ତାକୁ କହିଲି : ଦେଖ ତୁମକୁ ମୋଟେ ବୁଝାଯାଇନି ଏମିତି ଗୋଟ
କଥା ଆଜି କହିବି ।

ଗ୍ରୀଷ୍ମର ରାତି । ହାତ ଦୁଇଟିକୁ ବେକତଳେ ଦେଇ ତକିଆ
ମୁଣ୍ଡ ରଖି ସେ ଶୋଇଥିଲା, ମୁଁ ତା'ର ପାଖରେ ଥିଲି । ଟିକ
ବି ଇତସ୍ତତ ନ କରି ସେ ଉତ୍ତର ଦେଲା : କୁହ ଶୁଣେ ।

: ତୁମେ କ'ଣ ମୋତେ ଗଳ୍ପଟି ସତରେ ଲେଖିବା ପା
କହୁଛ ?

: ନିଶ୍ଚୟ ।

: ସେହି ଗପ, ଯହିଁରେ ତୁମର ଓ ମୋର କଥା ରହିଥିବ ?

: ସେୟା ତ ।

: କିନ୍ତୁ ଏହି ଭାବରେ ଚାଲିଲେ, ମୋ ଦ୍ୱାରା କୌଣସି ପ
ଲେଖା ସମ୍ଭବ ହେବ ନାହିଁ ।

: ତୁମେ କ'ଣ ବୁଝେଇବା ପାଇଁ ଚାହୁଁଛ ?

: ଅଳ୍ପ ସମୟ ଇତସ୍ତତ କରି କହିଲି, ପ୍ରତି ରାତିରେ ତ ଆ
ଏକାସଙ୍ଗରେ ରହୁଛୁ । ଏଭଳି ରହିବା ଫଳରେ ଲେଖିବା ଶ
ମୋର କମି ଯାଉଛି ବୋଲି ଧାରଣା । ଏ ରକମ ଭାବରେ ଚାଲି
କୌଣସିଦିନ କିଛି ଲେଖିବା ମୋ ଦ୍ୱାରା ସମ୍ଭବ ହେବ ନାହିଁ ବୋ
ମନେ ହେଉଛି ।

ମୋତେ ବୁଝିବା ପାଇଁ ସେ ତାର ବିଶାଳ ବିସ୍ମୟଭରା ଦୃ
ମୋ ଉପରେ ନିକ୍ଷେପ କଲା । ତାପରେ କହିଲା : କିନ୍ତୁ ଅ
ଲେଖକମାନେ କେମିତି କାମ କରନ୍ତି ?

ତା ମୁଁ ଜାଣେନା—ତେବେ ମୋର କିଛି ମନେହୁଏ ଜାଣ
ଲେଖିବା ସମୟରେ ସେମାନେ ଟିକିଏ ସଂଯତ ଜୀବନଯାପନ କରନ୍ତି

କିନ୍ତୁ ମୁଁ ତ ଶୁଣିଛି ଡ. ଆନାନ୍‌ସିଓର ଦଶଜଣ ପ୍ରେମିକା ଥିଲେ
ତାହାହେଲେ ସେ କେମିତି ଭାବରେ ଲେଖୁଥିଲେ ।

ଉତ୍ତରରେ କହିଲି : ତାର କିଛି ପ୍ରେମିକା ଥିଲେ କି ନାହିଁ
ଣେନା । ତେବେ କେତେଜଣ ବିଖ୍ୟାତ ମହିଳାଙ୍କ ସହିତ
ମିଶା ଥିବାର ଶୁଣିଛି । ସେମାନଙ୍କର କଥା ଅବଶ୍ୟ ସମସ୍ତେ
ଥିଲେ ତେବେ ସବୁ ଠାରୁ ବେଶୀ କହୁଥିଲେ ସେ ନିଜେ ।
ନିଜେ ଗୋଟାଏ ଉତ୍ତମ ଜୀବନ ଯାପନ ପଦ୍ଧତି ସେ ନିଷ୍ଟୟ
ସରଣ କରୁଥିଲେ । ଆଚ୍ଛା ବୋଦଲେୟାରଙ୍କ କଥା ଖିବିଦେଖ,
ଙ୍କର ଫମ୍ପି ଜୀବନର କଥା ସମସ୍ତେ ଜାଣନ୍ତି ।
ସେ ନୀରବ ରହିଲା । ମୋର ମନେହେଲା ମୋର ଯୁକ୍ତିଗୁଡ଼ିକ
ଙ୍କର ସମାପ୍ତିରେ ଆସି ପହଞ୍ଚିଛି । କିନ୍ତୁ ଯେତେବେଳେ
ନ୍ତି କରଛି, ଗୋଟାଏ ସିଦ୍ଧାନ୍ତରେ ମୋତେ ପହଞ୍ଚିବାକୁହିଁ
। ଟିକିଏ ଆଦର କରି ଶାନ୍ତ ଭାବରେ ପୁଣି କହିଲା : ଦେଖ
କହିବାକୁ ଗଲେ ମୁଁ ଏହି ଗଳ୍ପଟି ଲେଖିବାକୁ ବା ସ୍ତାବିତ
ତ୍ୟିକ ହୋଇ ଉଠିବାକୁ ମୋଟେ ଚାହେଁନା । ଏ ସମସ୍ତ କାମ
ଅନାୟାସରେ ବନ୍ଦ କରିପାରେ । ମୋ ପାଖରେ ସବୁଠାରୁ
ାନ ପଦାର୍ଥ ହେଲା ମୋର ପ୍ରେମ ।
ଯେମିତି ଭ୍ରୁକୁଟୀ କରି ସେ କହିଲା : କିନ୍ତୁ ମୁଁ ଚାହେଁ ତମେ
ଲେଖି ସାହିତ୍ୟିକ ହୁଅ ।
କାହିଁକି ?
ଟିକିଏ ଯେମିତି ବିରକ୍ତ ହୋଇ ସେ ଉତ୍ତର ଦେଲା : କାରଣ
ଲେଖିବାର କ୍ଷମତା ଅଛି । ଆଉ ମୁଁ ବେଶ୍ ବୁଝିଛି
ତୁମର ଲେଖିବା ଭଳି ଅନେକ ଜିନିଷ ରହିଛି ।
ତ୍ୱା ଅନ୍ୟମାନେ ଯେଉଁ ଭାବରେ କାମ କରନ୍ତି
ଭାବରେ ତୁମେ ବି କାମ କରିଯିବା ଉଚିତ । ମୋତେ ପ୍ରେମ
ନ କରି ଅଳସ ଭାବରେ ଜୀବନଟାକୁ କଟେଇଦିଅ ଏକଥା
ବି ପାରେନା । ତୁମକୁ ବଡ଼ ହେବାପାଇଁ ହିଁ ହେବ ।

ସାହିତ୍ୟିକ ହେବାର କୌଣସି ପ୍ରୟୋଜନ ମୋର ନାହିଁ । କଥାଟା କହିଲି ସତ କିନ୍ତୁ ନିଜ କାନକୁ ଏହା ଆଂଶିକ ମିଥ୍ୟା ଭାଷଣ ଭଳି ଶୁଣାଗଲା । କହିଲି : ମୁଁ କିଛି ନ କରି ବି ବେଶ୍ ସୁଖରେ ରହିପାରେ । ପୂର୍ବ ପରି ଅନ୍ୟମାନଙ୍କ ଲେଖା ପଢ଼ି ଆନନ୍ଦ ଉପଭୋଗ କରି ତୁମକୁ ପ୍ରେମ କରି ବେଶ୍ ସମୟ କଟେଇ ଦେଇପାରେ । ଆଉ ଯଦି ଆଳସ୍ୟ ତ୍ୟାଗ କରିବାକୁ ହୁଏ ତେବେ ଅନ୍ୟ ଯେ କୌଣସି ପେଶା ମୁଁ ଗ୍ରହଣ କରିପାରେ ।

ମୋର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ସେ ସମଗ୍ର ଶରୀର ଆନ୍ଦୋଳିତ କରି ଉତ୍ତର ଦେଲା । ନା, ନା, ତା ହୋଇପାରେନା । ତୁମକୁ ଲେଖିବା ପାଇଁ ହିଁ ପଡ଼ିବ । ନିଶ୍ଚୟ ତୁମେ ଜଣେ ସାହିତ୍ୟିକ ହେବ । କିଛି ସମୟ ନୀରବ ରହି ସେ ପୁନରାୟ କହିଲା, ଆଜି ଯଦି ତୁମ କଥା ସତ ହୁଏ ତେବେ ଆମର ସବୁକିଛି ପରିବର୍ତ୍ତନ କରିବାକୁ ହେବ ।

: ତାର ମାନେ ?

: ତୁମର ଗଳ୍ପ ଲେଖା ଶେଷ ନ ହେବା ଯାଏ ପ୍ରେମ ନିବେଦନ ବନ୍ଦ ରହିବ । ଏହା ଶେଷ ହେଲେ ପୁଣି ଆମେ ଆରମ୍ଭ କରିବା ।

ପ୍ରସ୍ତାବଟି ଟିକିଏ ହାସ୍ୟକର ଏବଂ ଅଦ୍‌ଭୁତ ହେଲେହେଁ ତାକୁ ସେହିକ୍ଷଣି ଗ୍ରହଣ କରିବାର ଲୋଭ ଯେ ମୋର ହୋଇଥିଲା ଏକଥା ଅସ୍ୱୀକାର କରିବି ନାହିଁ । ଆଛନ୍ନ ଭାବ ସେତେବେଳେ ମୋର ଥିଲା ତେଣୁ ଅନୁମାନ କରି ପାରିଲି ନାହିଁ ଯେ ତା ପଛରେ କେତେ ପରିମାଣରେ ସ୍ୱାର୍ଥପରତା ଏବଂ ମିଥ୍ୟାଚାର ନିହିତ ଥିଲା । ଆବେଗର ପ୍ରଥମ ଉଚ୍ଛ୍ୱାସ ମୁଁ ଦମନ କରିନେଲି । ତାକୁ ମୁଁ ଆଲିଙ୍ଗନ କରି କହିଲି, ତୁମେ ଯେ ମୋତେ କେତେ ଭଲପାଅ ଏହାଠାରୁ ବଳି ଆଉ ବଡ଼ ପ୍ରମାଣ କିଛି ନାହିଁ ଲିଡ଼ା । ଯାହା କହୁଛ ସେୟାହିଁ ଯଥେଷ୍ଟ

ଆମର ଏ ପ୍ରେମ ଅକ୍ଷୟ ହେବ । ଆମର ଅନ୍ୟ କୌଣସି କଥା ଭାବିବାର ପ୍ରୟୋଜନ ନାହିଁ ।

ମୋତେ ଅଳ୍ପ ଅପସାରଣ କରିଦେଇ ସେ ପ୍ରାୟ ଆଦେଶ ଦେବା ଭଳି କଣ୍ଠରେ କହିଲା : ନା ଏହା ଆମକୁ କରିବାକୁ ହେବ । ଆଉ ତା'ଛଡ଼ା ତୁମେ ଏହିଭଳି ଚାହିଁ ଥିଲ ।

: ସତରେ ତମେ କଣ ରାଗିଲ ?

: ନା ସିଲ୍‌ଭିଓ, ମୁଁ ରାଗିବି କାହିଁକି ? ସତରେ ମୁଁ ଚାହେଁ ତୁମେ ଏହି ଗଳ୍ପଟା ଲେଖ । ଦୁଷ୍ଟାମୀ କର ନାହିଁ, ସୁନାଟା ପରି ! ତାର ବକ୍ତବ୍ୟଟିକୁ ଗୁରୁତ୍ୱ ଦେବା ପାଇଁ ବୋଧହୁଏ କଥା ଗୁଡ଼ିକ କହିବାକୁ ଯାଇ ସେ ମୋତେ ଦୁଇ ହାତରେ କଡ଼େଇ ଧରିଲା ।

ଆମେ ଏମିତି ଭାବରେ ଆଉ କିଛି ସମୟ କଥାବାର୍ତ୍ତା କଲୁ । ମୁଁ ମୋର ପକ୍ଷ ସମର୍ଥନ କରି ଚାଲିଲି ଏବଂ ସେ ଅମନନୀୟ ମନୋଭାବ ଦେଖେଇ କର୍ତ୍ତୃତ୍ୱର କଣ୍ଠରେ ତାର ଜିଦ୍ ବଜାୟ ରଖିଲା । ଶେଷରେ କହିଲି, ବେଶ୍ ସେୟା ହେବ । ଚେଷ୍ଟା ମୁଁ କରିବି । ତେବେ ଏମିତି ବି ତ ହୋଇପାରେ ଯେ ଏ ସମସ୍ତହିଁ ମିଥ୍ୟା, ମୁଁ ସାହିତ୍ୟିକ ବର୍ଜିତ ଜଣେ ସାଧାରଣ ମଣିଷ ମାତ୍ର ।

: ନା, ସିଲ୍‌ଭିଓ ଏ କଥାଟା ଯେ ସତ୍ୟ ନୁହେଁ, ତାହା ତୁମେ ବି ଜାଣ ।

: ଠିକ୍ ଅଛି, ତେବେ ମନେରଖ ତୁମେହିଁ ମୋଦ୍ୱାରା ଏ କାମଟା କରେଇବା ପାଇଁ ଚାହୁଁଛ ।

: ନିଶ୍ଚୟ ମନେ ରହିବ ।

: ପୁଣି କିଛି ସମୟ ନୀରବରେ ଅତିବାହିତ କଲା ପରେ ତାକୁ ଆଲିଙ୍ଗନାବଦ୍ଧ କରିବା ଇଚ୍ଛାରେ ଯେମିତି ମୁଁ ଟିକିଏ ପାଖକୁ ଯାଇଛି ସେ ମୋତେ ଅପସାରଣ କରିଦେଇ କହିଲା : ଆଜି ଏହି ରାତିରୁ

ଆମେ ଅନ୍ୟ ଧରଣ ଜୀବନ ଯାପନ କରିବା । କଥାଟା ବୁଝି ହୋଇଗଲା ଭଳି ସେ ପରିବେଶଟାକୁ ଟିକିଏ ହାଲୁକା କରି ନେବାର ଚେଷ୍ଟା କଲା । ଅଳ୍ପ ହସି ତାର ପାତଳା ଲମ୍ବା ହାତରେ ମୋର ମୁହଁଟିକୁ ଏମିତି ସାବଧାନରେ ଟେକି ଧଇଲା ଯା ଫଳରେ ମନେ ହେଲା ଦେଖି ଯେମିତି ଗୋଟାଏ ମୂଲ୍ୟବାନ ଆଧାର ଟେକି ଧରିଛି । କହିଲା, କେମିତି ? ଏଥର ତୁମେ ସୁନ୍ଦର ସୁନ୍ଦର ଜିନିଷ ଲେଖିବ, ସେଇଆ ନା ? ଏଥର ମୋ ଆଡ଼କୁ ଗମ୍ଭୀର ଦୃଷ୍ଟିରେ ଚାହିଁ ସେ ହଠାତ୍ ଅଦ୍ଭୁତ ଭାବରେ ପ୍ରଶ୍ନ କଲା, ତୁମେ ମୋତେ ଭଲ ପାଅ ?

କିଛିଟା ଅଭିଭୂତ ହୋଇ କହିଲି : ଲୀଡ଼ା ! ତୁମେ ମୋତେ ଏକଥା ପଚାର ନାହିଁ ।

ପୁରା ଗଳ୍ପ ଯେଉଁଦିନ ତୁମେ ମୋତେ ପଢ଼ି ଶୁଣେଇବ, ଠିକ୍ ସେହିଦିନ ମୋତେ ଫେରି ପାଇବ । ମନେ ରଖ କିନ୍ତୁ ।

: ଆଉ ଯଦି ମୁଁ ମୋଟେ ଲେଖି ନ ପାରେ ?

: ତୁମକୁ ପାରିବାକୁ ହେବ ।

ତାର ଏହି କଥାରି ମଧ୍ୟରେ ଅନଭିଜ୍ଞତାର ସାରଲ୍ୟ ମିଶ୍ରିତ ହୋଇ ରହିଥିଲେବି ତାହା ଥିଲା ନିତାନ୍ତ ଅନମନୀୟ ଆଉ ସେଥିପାଇଁ ତାର ସେ ମନୋଭାବ ମୋତେ କଡ଼ ଭଲ ଲାଗୁଥିଲା । ପ୍ରାଚୀନ କାହାଣୀର ବୀର ପୁରୁଷର କଥା ପୁଣି ମୋର ମନେପଡ଼ିଲା । ତାର ପ୍ରେମିକା ଚାହୁଁଛି ଡ୍ରାଗନକୁ ହତ୍ୟା କରି ତା ପାଇଁ ବୀର ପୁରୁଷଟି ସୁନେଲୀ ପଶମ ଆଣି ଦେଉ । ଏଥର କିନ୍ତୁ ମୋର ଆଉ ରାଗ ହେଲା ନାହିଁ ବରଂ ବୀର ପୁରୁଷଟିର ପ୍ରଶଂସା କରିବାର ଇଚ୍ଛା ହେଲା । ତାର ପ୍ରେମିକାର ଯେମିତି ଡ୍ରାଗନ ଆଉ ତାର ସୁନେଲୀ ପଶମ ସମ୍ବନ୍ଧରେ କୌଣସି ଧାରଣା ନ ଥିଲା । ଏହାର ବି ଲେଖା ସମ୍ବନ୍ଧରେ କୌଣସି ଧାରଣା ନ ଥିଲା ଏବଂ ଏହି ଅଜ୍ଞତା

ାଇଁ ହୁଁ ତାର ଆଦେଶଟି ଏତେ ଭଲ ଲାଗିଥିଲା ମୋତେ । ଇଚ୍ଛେ
ଯେମିତି ଦେବଦତ୍ତ ଅଲୌକିକ ଏକ ସୃଜନ ଶକ୍ତିକୁ ସ୍ୱୀକୃତି ଦାନ ।
ମା ଭିତରେ ଆତ୍ମପ୍ରତ୍ୟୟ, ଆଉ କୃତଜ୍ଞତାର ଏକ ମହିମାନ୍ୱିତ
ମନ୍ୱୟ ମୂର୍ତ୍ତି ଫୁଟି ଉଠିଲା । ଗଭୀର ଆବେଗରେ ତାକୁ ଚୁମ୍ବନ
ରି କହିଲି, ଲେଖିବାକୁ ହେବ । ତୁମ ପ୍ରତି ମୋର ପ୍ରେମର
ରୀକ୍ଷା ଦେବା ପାଇଁ ମୋତେ ସାହିତ୍ୟିକ ହେବା ପାଇଁ ପଡ଼ିବ ।
ାର ନିଜର ପ୍ରଶ୍ନେ ଜନରେ ନୁହେଁ । ସେ ନୀରବରେ ଶୋଇ
ହିଲା । ବିଛଣାରୁ ଓହ୍ଲାଇ ମୁଁ ମୋର ଶୟନ କକ୍ଷକୁ
ଲିଗଲି ।

ସାହସ ସଞ୍ଚୟ କରି ପୁଣି ନୂତନ ଉଦ୍ୟମରେ କାମ ଆରମ୍ଭ
କଲି । ପ୍ରେମ ଆଉ ଲେଖା ମଧ୍ୟରେ ସମ୍ପର୍କ ଥାଉ ବା ନଥାଉ
ାର ଅନୁମାନ ଯେ ମିଥ୍ୟା ନୁହେଁ ଏତକ ଅନୁଭବ କରିବାକୁ
ମ୍ବ ହେଲା ନାହିଁ । ବେଶ୍ ବୁଝି ପାରିଲି ଏ ସିଦ୍ଧାନ୍ତ ନନେଲେ
ର ସେହି ଶକ୍ତିହୀନ ଆଛନ୍ନ ତାକୁ ଦୂର କରିବା ପାଇଁ ମୁଁ
ୌଣସି ପ୍ରକାରେ ସକ୍ଷମ ହେବି ନାହିଁ । ଏହାପରେ ପ୍ରତିଦିନ
ାକୁ ମୁଁ ଯେମିତି ନିଜକୁ ଅଧିକ ଶକ୍ତିଶାଳୀ ବୋଲି ମନେ
ବାକୁ ଲାଗିଲି । ମନେ ହେଲା ମୁଁ ସୃଜନଶକ୍ତିରେ ଶକ୍ତିମାନ
ଇ ଉଠିଛି । ଦେଖାଗଲା ଯେ ମୋର ଜୀବନର ଗୋଟାଏ
ତ କାମନା କ୍ରମଶଃ ପୂର୍ଣ୍ଣ ହୋଇ ଉଠୁଛି । ଲେଖା ବି ତେବେ
ତେ କୃପା ପ୍ରଦର୍ଶନ କଲା । ପ୍ରେରଣାର ପ୍ରବଳ ପ୍ରବାହରେ
ପ୍ରତିଦିନ ପ୍ରାୟ ଦଶବାର ପୃଷ୍ଠା କରି ଲେଖି ଚାଲିଲି ।
ଖାର ବାହାରେ ଦିନର ବାକି ସମୟତକ କେମିତି ଯେମିତି
ୁଦ୍ଧି ଆଉ ହତଚେତନା ଭିତରେ କଟୁଥିଲା । ମନେ ହେଉଥିଲା
ବାହାରେ ଆଉ କିଛି ମୋ ପାଖରେ ମୂଲ୍ୟବାନ ନୁହେଁ ।
ଧିକ ସ୍ତ୍ରୀ ପ୍ରତି ପ୍ରେମ ବି ନୁହେଁ । ପ୍ରତିଭାର ଉଦ୍ଦୀପ୍ତ ସାହିତ୍ୟିକମ

ପରେ ବାକି ଦିନଟିକକ ତାର ଅପ୍ରୟୋଜନୀୟ ଅବଶିଷ୍ଟାଂଶ ବୋଲି ମନେ ହେବାକୁ ଲାଗିଲା । ନିର୍ବାପିତ ଉଜ୍ଜ୍ୱଳ ଅଗ୍ନିଶିଖାର ଶେଷରେ ଯେମିତି ପଡ଼ି ରହିଥିବା କିଛିଟା ପୋଡ଼ା କୋଇଲା ଓ ପାଉଁଶ । ତା' ପରଦିନ ସକାଳୁ କାମ ଆରମ୍ଭ କରିବା ପୂର୍ବ ପର୍ଯ୍ୟନ୍ତ ନିଜକୁ ଅନାସକ୍ତ, ଅସୁସ୍ଥ ଆଉ ଅକର୍ମଣ୍ୟ ମନେ ହେଉଥିଲା । ମନର ଏହି ଛନ୍ଦ ବଜାୟ ରହିଲେ ବେଶ୍ ଦ୍ରୁତଗତିରେ ଯେ କାମଟା ଶେଷ ହୋଇଯିବ ତହିଁରେ ଆଉ ସନ୍ଦେହ ରହିଲା ନାହିଁ । ମୋର କାହିଁକି ଜାଣେନା, ଏହି କଥାହିଁ କେବଳ ମନେ ହେବାକୁ ଲାଗିଲା ଯେ ସବୁ ଭୁଲି ଯାଇ ଆଶାତୀତ ଏହି ସୁବର୍ଣ୍ଣ ଫସଲର ଶେଷ ଦାନାଟି ପର୍ଯ୍ୟନ୍ତ ମୋତେ ଗୋଟେଇ ନେବାପାଇଁ ହେବ । ମୁଁ ଖୁସୀ ହୋଇ ଉଠିଥିଲି । ଜୀବନରେ ମୁଁ ବୋଧହୁଏ ଏହି ପ୍ରଥମ ଏମିତି ଏକ ବହିର୍ଜଗତରେ ଯାଇ ପଡିଥିଲି ଯାର ସୁନ୍ଦର ସ୍ୱାଧୀନ ପରିବେଶରେ ମୁଁ ପାଇଥିଲି ଏକ ପରମ ନିଶ୍ଚିନ୍ତତାର ଆସ୍ୱାଦ । ମୋର ଯେଉଁ ସାହିତ୍ୟିକ ଅଭିଜ୍ଞତା ରହିଛି ଆଉ ମୁଁ ଯେ ଗୋଟାଏ ମହତ୍ ଶିଳ୍ପ ସୃଷ୍ଟିରେ ମଗ୍ନ ହୋଇ ପଡ଼ିଛି, ଏ ଚିନ୍ତା ମୋର ମନକୁ ଅଧିକାର କରି ରହିଲା ।

---

ସାରା ସକାଳ କାମ କରିବା ପରେ ସ୍ୱାଭାବିକ ଭାବରେ ଅପରାହ୍ଣଟି ଅତିବାହିତ କରୁଥିଲି । ଯା ଫଳରେ କୌଣସି ପ୍ରକାର ମନୋବେଦନା, ଆକସ୍ମିକ ଆବେଗ ବା ବିକ୍ଷିପ୍ତତା ମାନସିକ ଶୃଙ୍ଖଳା ନ ଘଟାଏ ଏ ବିଷୟରେ କିନ୍ତୁ ଯଥେଷ୍ଟ ସାବଧାନ ରହୁଥିଲି ।

ବାହାରେ ମୋତେ ସେତେବେଳେ ସାହିତ୍ୟ ଜଗତରୁ ବିଚ୍ଛିନ୍ନ ମନେ ହେଲେ ମଧ୍ୟ ଅନ୍ତର୍ଜଗତରେ ସକାଳର ରଚନା ଓ ଅଗାମୀ ଦିନର ପରିକଳ୍ପନା ନେଇ ଗଭୀର ଆଲୋଡ଼ନ ସୃଷ୍ଟି ହେଉଥିଲା । ରାତିରେ ଦୁହିଙ୍କର ଶୟନ କକ୍ଷରେ ମଧ୍ୟ ପଥରେ ଠିଆ ହୋଇ ସ୍ତ୍ରୀକୁ ବିଦାୟ ସମ୍ଭାଷଣ ଜଣାଉଥିଲି ଏବଂ ତାପରେ ସିଧା ବିଛଣାକୁ ଚାଲି ଯାଉଥିଲି । ଆଗାମୀ ଦିନର ନୂତନ ସୃଷ୍ଟିର ସ୍ୱପ୍ନ ଦେଖୁ ଦେଖୁ କେତେବେଳେ ମୋର ଦୁଇ ଆଖି ପତା ବନ୍ଦ ହୋଇ ଆସୁଥିଲା । ରାତିରେ ଅବିରାମ ବର୍ଷଣ ଫଳରେ ପ୍ରାନ୍ତରରେ ଯେମିତି ନୂତନତ୍ୱତା ଜାଗିଉଠେ, ଠିକ ସେହିଭଳି ନିଦ୍ରା ଶେଷରେ ମୋର ଦେହ ମନ କର୍ମକ୍ଷମତା ଆଉ ଚିନ୍ତା ଶକ୍ତିର ପ୍ରାଚୁର୍ଯ୍ୟରେ ଭରି ଉଠୁଥିଲା । ମୁଁ ନୂତନ ଉଦ୍ୟମରେ କାମରେ ବସୁଥିଲି ଆଉ ଅଳ୍ପ ଟିକିଏ ଇତସ୍ତତ କରିବା ପରେ କାମ ଆରମ୍ଭ କରୁଥିଲି । କୌଣସି ଏକ ପ୍ରବଳ ଶକ୍ତିର ପ୍ରଭାବରେ ଯେମିତି ମୋର କଲମ କାଗଜ ଉପରେ ଦୌଡ଼ି ଚାଲୁଥିଲା ଗୋଟିଏ ଶବ୍ଦରୁ ଆଉ ଗୋଟାଏ ଶବ୍ଦକୁ ଗୋଟାଏ ପଂକ୍ତିରୁ ଆଉ ଗୋଟାଏ ପଂକ୍ତିକୁ । ମୋର ମନେ ହେଉଥିଲା ମୁଣ୍ଡ ଭିତରେ ଅଫୁରନ୍ତ ସୂତା ଗୁଡ଼ା ହୋଇ ଏକ ବିରାଟ ନଟେଇ ରହିଛି । ସେହି ସୂତା ଟାଣି, ଜଟ ଛଡ଼େଇ ସୁନ୍ଦର କଳା କଳା ଅକ୍ଷରରେ କାଗଜରେ ସଜେଇ ଦିବା ମୋର କାମ । ଗଣ୍ଠିହୀନ ସେହି ସୂତାକୁ ମୁଣ୍ଡରୁ ଟାଣି ବାହାର କରି ଆଣିବାକୁ ଯାଇ ଦେଖିଛି ମୋର ଟାଣିବାର ବି ଯେମିତି ଶେଷ ନାହିଁ, ସେହି ସୂତାର ବି ସେମିତି ଅନ୍ତ ନାହିଁ । କ୍ଳାନ୍ତ ନ ହେବା ପର୍ଯ୍ୟନ୍ତ ପ୍ରାୟ ଦଶବାର ପୃଷ୍ଠା ଏକାଦିକ୍ରମେ ମୁଁ ଲେଖି ଯାଉଥିଲି । ତାପଛରେ ଏକ ଆଶଙ୍କା ବି ଥିଲା । ମନେ ହେଉଥିଲା ହୁଏତ ବା କୌଣସି ମୁହୂର୍ତ୍ତରେ କୌଣସି ରହସ୍ୟମୟ କାରଣରେ ମୋର ଏହି କର୍ମକ୍ଷମତାର ପ୍ରବଳ ସ୍ରୋତ ପ୍ରତିରୁଦ୍ଧ ହୋଇଯିବ ବା ଏକାବେଳକେ ଶୁଷ୍କ ହୋଇଯିବ ।

ଲେଖିବାର କ୍ଷମତା ମୋଟେ ରହୁ ନ ଥିଲା । ଉଠି ପଡ଼ୁଥିଲି । ସେତେବେଳେ ମୋର ମୁଣ୍ଡ ଝିମ୍ ଝିମ୍ କରୁଥିଲା ଓ ପାଦ ଟଳୁଥିଲା । ଦର୍ପଣ ସମ୍ମୁଖରେ ନିଜକୁ ଥରେ ଦେଖିନେଇ ଠିଆ ହେଉଥିଲି । ସେଇଠି ମୋର ଏକାଧିକ ପ୍ରତିବିମ୍ବକୁ ଗୋଟାକ ପରେ ଗୋଟାଏ ଆଉ ଭାବରେ ପ୍ରତିଫଳିତ ହୋଇଥିବାର ଦେଖୁଥିଲି । ଏହା ପରେ ପ୍ରାୟ ସାରାଦିନ ଆଚ୍ଛନ୍ନ ଆଉ ବିଭ୍ରାନ୍ତ ହୋଇ ରହୁଥିଲି । ବେଶ ଟିକଏ ପ୍ରସାଧନ ପରେ ଟିକଏ ସ୍ୱାଭାବିକତା ଫେରି ଆସୁଥିଲା ।

ତାପରେ ଭୋଜନ ପର୍ବ । ଟେବୁଲରେ ପ୍ରବଳ କ୍ଷୁଧାରେ ଗୋଗ୍ରାସରେ ଗିଳିବା ପାଇଁ ଆରମ୍ଭ କରୁଥିଲି । ମନେ ହେଉଥିଲା ମୁଁ ଯେମିତି ଯନ୍ତ୍ରବିଶେଷ । ଯାହାକୁ କେତୋଟି ଘଣ୍ଟା ଚଳେଇବା ପରେ ତା ମଧ୍ୟରେ ଜାଳେଣି ଭରି ଦେବାର ପ୍ରୟୋଜନ ହୁଏ । ଖାଇବା ସମୟରେ ହସ ପରିହାସ ଏମିତି କି କଥାରେ ମୁଁ କୌତୁକ ବି କରୁଥିଲି । ତେବେ କୌଣସି କାରଣରୁ ମୁଁ ଯେତେବେଳେ କୌଣସି ବିଷୟରେ ଆଗ୍ରହୀ ହୋଇ ଉଠୁଥିଲି ସେତେବେଳେ ପ୍ରାୟ ମୋର ବିଚାର ବୁଦ୍ଧି ହରେଇ ପକଉ ଥିଲି । ଏମିତି କି ଉଚ୍ଛ୍ୱାସର ପ୍ରାବଲ୍ୟରେ ଶାଳୀନତାର ସୀମା ବି ପାରେଇ ଯାଉଥିଲି । ଏ ତ୍ରୁଟିର କଥା ମୋର ଅଜ୍ଞାତ ନୁହେଁ, ସମୟ ସମୟରେ ମୁଁ ଏଥିପାଇଁ ଲଜ୍ଜିତ ହେଉଥିଲି । କିନ୍ତୁ ଆଜି ମୁଁ ଯେ ଏହି ଧରଣର ବ୍ୟବହାର କରିପାରୁଛି ସେଥିପାଇଁ ଯେମିତି ଆନନ୍ଦ ବୋଧ କରିବାକୁ ଲାଗିଲି । ଟେବୁଲରେ ମୋର ସ୍ତ୍ରୀର ମୁହାଁମୁହିଁ ଖାଇବା ପାଇଁ ବସିଲେ ବି ଅନେକ ସମୟରେ ପ୍ରାୟ ମୁଁ ଅନୁପସ୍ଥିତ ରହୁଥିଲି । ପ୍ରକୃତରେ ମୋର ମନ ପଡ଼ି ରହୁଥିଲା ଉପର ମହଲାର ପଢ଼ାଘରେ । ଯାହାହେଉ ଦିନଗୁଡ଼ିକ ମୋର ପାନୋନ୍ମତ୍ତ ବ୍ୟକ୍ତି ଭଳି ପ୍ରାଣୋଚ୍ଛଳତାରେ କଟି ଯିବାକୁ ଲାଗିଲା ।

କାମରେ ମୁଁ ଏତେ ବେଶୀ ନିମଗ୍ନ ହୋଇ ପଡ଼ିଥିଲି ଯେ ଏହି

ସମୟରେ ଗୋଟିଏ ଗ୍ରେଟ ଅଥଚ ମଜା ଘଟଣା ଆଡ଼କୁ ନଜର ଦେଇ ପାରି ନ ଥିଲି । ମୋର ତ୍ୱକର ସ୍ପର୍ଶକାତରତା ଖୁବ୍ ପ୍ରବଳ ତେଣୁ ଦାଢ଼ି କାଟିବା ବ୍ୟାପାରଟା ଚିରକାଳ ମୋ ପାଖରେ ଏକ ବିଶେଷ କଷ୍ଟଦାୟକ ଘଟଣା । କାଟିବା ପରେ ପ୍ରାୟ ମୋର ମୁହଁ ଜଳେ ତେଣୁ ନାପିତର ସାହାଯ୍ୟ ନ ନେଇ ମୁଁ ନିଜେ କେବେହେଲେ ଦାଢ଼ି କାଟେ ନାହିଁ । ଅନ୍ୟାନ୍ୟ ସ୍ଥାନ ଭଳି ସହରତଳିର ଏହି ଘରକୁ ଆସି ମଧ୍ୟ ସକାଳୁ ଦାଢ଼ି କାଟିବା ପାଇଁ ମୁଁ ଜଣେ ନାପିତ ଠିକ କରି ନେଇଛି । ଆଖପାଖ ଗାଁରେ ସେ ଏକମାତ୍ର ନାପିତ । ସେଠି ତାର ଦୋକାନ ବାରଟାରେ ବନ୍ଦ କରି ଠିକ ସାଢ଼େ ବାରଟାରେ ତାର ସାଇକେଲ ନେଇ ପହଞ୍ଚି ଯାଉଥିଲା, ତାର ଆସିବା ସମୟ ସହିତ ମୋର ଲେଖାଲେଖି ବନ୍ଦ କରିବା ସମୟକୁ ମୁଁ ମିଶେଇ ନେଇଥିଲି ।

ଏହି ନାପିତଟି ଥିଲା ଗେଡ଼ା, ପ୍ରଶସ୍ତ କାନ୍ଧ, ମୁଣ୍ଡଟାକ ଟାଙ୍ଗରା, ବେଶି ମୋଟା ଗଳା ଆଉ ଗୋଲଗାଲ ମୁହଁ । ଠିକ ଚର୍ବିବହୁଳ ତାକୁ କୁହାଯାଇ ନପାରେ ବରଂ ବେଶ୍ ବଳିଷ୍ଠ ଚେହେରା ତାର ଥିଲା । ଇସତ୍ ହଳଦୀ ଆଉ ବାଦାମୀ ରଙ୍ଗର ମୁହଁ ଦେଖି ମନେ ହେଉଥିଲା ସେ ଯେମିତି ସଦ୍ୟ ରକ୍ତହୀନତାରୁ ଆରୋଗ୍ୟ ଲାଭ କରିଛି । ତାର ଆଖି ଯୋଡ଼ିକ ଥିଲା ଦର୍ଶନୀୟ । ବଡ଼ ବଡ଼ ଗୋଲ ଆଖି ଦୁଇଟିରେ ଧଳା ଅଂଶଟି ଯେମିତି ବହୁ ଅଂଶ ଆବୃତ କରି ରଖିଥିଲା । ତା ମଧ୍ୟରେ ବିସ୍ମୟ, ପ୍ରଶ୍ନ ଆଉ ଯେମିତି କିଛିଟା ବିଦ୍ରୂପ ମିଶି ରହିଥିଲା । ନାକଟା ଥିଲା ଖୁବ ଗ୍ରେଟ । ଓସାରିଆ ମୁହଁରେ ହସ ପ୍ରାୟ ମୋଟେ ଦେଖା ଯାଉନଥିଲା, କିନ୍ତୁ ହସିଲେ ତାର ଓଠହୀନ ମୁହଁ ଭିତରୁ ଦୁଇ ପାଟିର କୁତ୍ସିତ ଭଙ୍ଗା ଦାନ୍ତ ବାହାରି ପଡୁଥିଲା । ତାର ଚିବୁକରେ ଏକ ଅସମ୍ଭବ ଧରଣର ବିରକ୍ତିକର ଗନ୍ତି ସୃଷ୍ଟି ହେଉଥିଲା । ଆକାରରେ ପ୍ରାୟ ନାଭିମଣ୍ଡଳ ସଦୃଶ,

ତାର ନା ଥିଲା ଏଣ୍ଟୋନିଓ । କଣ୍ଠସ୍ୱର ଥିଲା ଅସ୍ୱାଭାବିକ ଭାବରେ ଶାନ୍ତ ଓ କୋମଳ । ପ୍ରଥମ ଦିନରୁ ଲକ୍ଷ୍ୟ କରିଥିଲି ଯେ ତା ହାତରେ ଅସାଧାରଣ ଦକ୍ଷତା ଆଉ କ୍ଷିପ୍ରତା ରହିଛି । ତାର ବୟସ ପ୍ରାୟ ଚାଳିଶ ପାଖାପାଖି । ସ୍ତ୍ରୀ ଏବଂ ପାଞ୍ଚୋଟି ପୁଅ-ଝିଅଙ୍କୁ ନେଇ ସଂସାର । ତା ସମ୍ବନ୍ଧରେ ଶେଷ ଖବର ହେଉଛି ଯେ ତାର ଘର ତାସ୍‌କାନିରେ ନୁହେଁ । ସିସିଲିର ବାସିନ୍ଦା; ସେଠାକାର ଗୋଟାଏ ଗ୍ରାମରେ ଜନ୍ମ । ସେ ଯେତେବେଳେ ସୈନ୍ୟ ବିଭାଗରେ କାମ କରୁଥିଲା ସେତେବେଳେହିଁ ଗୋଟାଏ ପ୍ରଣୟ ଘଟିତ ବ୍ୟାପାରରେ ବିବାହ କରି ଶେଷରେ ଏଠି ସେ ବସବାସ କରିଛି । ଶେଷରେ ସେ ଏଠି ଗୋଟାଏ ସେଲୁନ ଖୋଲିଛି । ତାର ସ୍ତ୍ରୀ ଏକ ଖମାରରେ କାମ କରେ । ଛୁଟିର ପୂର୍ବ ଦିନ ସେଲୁନରେ ଖରିଦାରଙ୍କ ଭିଡ଼ ଜମେ ତେଣୁ ଶନିବାର ହେଲେ ତାର ସ୍ତ୍ରୀ ଦୋକାନକୁ ଯାଇ ତାକୁ ସାହାଯ୍ୟ କରେ ।

ଏଣ୍ଟୋନିଓ ଖୁବ୍ ସମୟନିଷ୍ଠ ଥିଲା । ପ୍ରତିଦିନ ସାଢ଼େ ବାରଟାରେ ସାମନାର ଖୋଲା ଫରକ ତଳେ ମୁରୁମ ଦିଆ ରାସ୍ତାରେ ତାର ସାଇକେଲ ଚାଳନାର ଏକ ବିଶେଷ ଧରଣର ଶବ୍ଦ ଶୁଣିବାକୁ ପାଉଥିଲି । ଏହି ଶବ୍ଦରୁ ବୁଝୁଥିଲି କାମ ବନ୍ଦ କରିବାର ସମୟ ହୋଇଯାଇଛି । ଟିକିଏ ପରେ ସେ ଆସି ଦରଜାରେ ଶବ୍ଦ କରୁଥିଲା ଏବଂ ମୁଁ ପଢ଼ା ଟେବୁଲରୁ ଉଠି ତାକୁ ଭିତରକୁ ଆସିବା ପାଇଁ କହୁଥିଲି । ତା'ପରେ ସେ ଘର ଭିତରକୁ ପ୍ରବେଶ କରି ନିଶବ୍ଦରେ ଦରଜା ବନ୍ଦ କରି ଈଷତ୍ ନଇଁପଡ଼ି ଅଭିବାଦନ ଜଣାଉଥିଲା । ତାର ପ୍ରବେଶ କରିବା ସଙ୍ଗେ ସଙ୍ଗେ ଏକମଗ ଗରମପାଣି ନେଇ ପରିଚାରିକାଟି ଘରକୁ ଆସୁଥିଲା ଏବଂ ଯେଉଁ ଚକଲଗା ଟେବୁଲରେ ସାବୁନ, ବ୍ରଶ ଓ କ୍ଷୁର ରଖା ହେଉଥିଲା ତା ଉପରେ ତାକୁ ରଖୁଥିଲା । ଇତିମଧ୍ୟରେ ମୁଁ ଗୋଟାଏ ଆରାମ ଚେୟାର

ଦଖଲ କରି ନେଇଥିଲି ଏବଂ ଏସ୍କୋନଓ ଟେବୁଲଟି ଠେଲି ମୋ ପାଖକୁ ନେଇ ଆସୁଥିଲି । ମୋତେ ପଛ କରି ସେ ତାର କ୍ଷୁରରେ ବେଶ କିଛିସମୟ ଶାଣ ଦେଇ ଗୋଟାଏ ପାଦରେ ଗରମ ବ୍ରଶଟା ମଶାଲ ଭଳି ଶୂନ୍ୟରେ ଉଠେଇ ସେ ମୋ ଆଡ଼କୁ ବୁଲିପଡ଼ି ଠିଆ ହେଉଥିଲି । ତା'ପରେ ଯେତେବେଳ ପର୍ଯ୍ୟନ୍ତ ମୋର ମୁହଁର ତଳ ଭାଗଟା ସାବୁନର ଧଳା ଫେଣରେ ଭରି ଯାଉ ନ ଥିଲି ସେତେବେଳ ପର୍ଯ୍ୟନ୍ତ ସେ ସାବୁନ ମଖେଇ ଯାଉଥିଲି ତାପରେ କ୍ଷୁରରେ ହାତ ଦେଉଥିଲି ।

ଏସ୍କୋନଓ କେତେ ମନ୍ଥରଗତିରେ ଅଥଚ ନିଖୁଣ ଭାବରେ କାମ କରୁଥିଲି ଏବଂ ମୁଁ ତାହା ଉପଭୋଗ କରିବା ପାଇଁ କେମିତି ଭାବରେ ପ୍ରସ୍ତୁତ ହୋଇ ଉଠୁଥିଲି କେବଳ ସେତକ ବୁଝେଇଦେବା ପାଇଁ ଏହି ସାଧାରଣ ଜିନିଷ ଗୁଡ଼ିକର ଏତେ ଟିକିନିଖି ବର୍ଣ୍ଣନା କଲି । କ୍ଷୌର କର୍ମଟା କୌଣସିଦିନ ମୋ ପାଖରେ ଆରାମଦାୟକ ବ୍ୟାପାର ନୁହେଁ । କୌଣସି କୌଣସି ଅପଦାର୍ଥ ନାପିତର ଅକାରଣ ହଇଚଇ ମୋତେ ଆହୁରି ବେଶୀ ବିବ୍ରତ କରି ତୋଳେ । ଏସ୍କୋନଓର ବ୍ୟାପାରଟି କିନ୍ତୁ ସମ୍ପୂର୍ଣ୍ଣ ପୃଥକ । ସେ ଆସି ପହଞ୍ଚିବା ପୂର୍ବରୁ ଲେଖିବା ଟେବୁଲରେ ଯେଉଁ ସମୟ ଟିକକ ମୁଁ କଟଉଥିଲି ସେ ଟିକକ ଯେ ମୂଲ୍ୟବାନ, ସେ ଧାରଣାହିଁ ମୋର ଅତି ପ୍ରବଳ ହୋଇଥିଲି । ପରବର୍ତ୍ତୀ ସମୟତକ କ୍ଷୌରକର୍ମ, ବହି ପଢ଼ା ବା ସ୍ତ୍ରୀ ସହିତ ଆଲୋଚନାରେ କଟିଲି କି ନାହିଁ ତହିଁରେ ମୋର କିଛି ଯାଉଆସୁ ନ ଥିଲି । ମୋର କାମ ବାହାରର ସମସ୍ତ ନେଇ ମୁଁ କେବେହେଲେ ମୁଣ୍ଡ ଖେଳେଇ ନାହିଁ, କାରଣ ତା ସହିତ ମୋର କାମର କୌଣସି ସମ୍ପର୍କ ନ ଥିଲି ।

ଏସ୍କୋନଓ ବେଶୀ କଥାବାର୍ତ୍ତା କରୁ ନ ଥିଲି । ମୁଁ କିନ୍ତୁ ଦୀର୍ଘ ସମୟ ଧରି ଶ୍ରମ ଆଉ ସଂଯମ ସହିତ କାମ କଲା ପରେ ମୋର

ଆନନ୍ଦ ପ୍ରକାଶର ପଥ ଖୋଜି ବୁଲୁଥିଲି । ମୁଁ ତେଣୁ ଯାହା
ସେ ବିଷୟରେ ତା ସହିତ କଥାବାର୍ତ୍ତା କରୁଥିଲି । କେତେବେ
ଗ୍ରାମର ଜୀବନଯାତ୍ରା, କେତେବେଳେ ବା ଗ୍ରାମବାସୀ, ଫସଲ,
ପର୍ବବାର, ଗ୍ରାମର ବିଶିଷ୍ଟ ବ୍ୟକ୍ତି ବା ଯେ କୌଣସି ବିଷୟ
କଥାବାର୍ତ୍ତା କରିବାରେ ମୋର ଦ୍ୱିଧା ନ ଥିଲା । ସବୁଠାରୁ
ଆଲୋଚନାରେ ମୁଁ ବେଶୀ ଆନନ୍ଦ ପାଉଥିଲି, ମୋର ବେଶ୍ ମ
ଅଛି ତାହାହେଲା ନାପିତଟିର ଦକ୍ଷିଣାଞ୍ଚଳର ଜନ୍ମଭୂମି
କର୍ମଭୂମିର ପ୍ରାର୍ଥକ୍ୟରେ ଚାଷକ୍ୟାମ ଆଉ ସିସିଲି ମଧ୍ୟରେ ବ
ପାର୍ଥକ୍ୟ । ଏକାଧିକବାର ଏହି ଆଲୋଚନା ପ୍ରସଙ୍ଗରେ ତା ପା
ଚାଷକ୍ୟାନ ସମ୍ପର୍କରେ କୌତୁକପ୍ରଦ ମନ୍ତବ୍ୟ ଶୁଣିଛି ।
କଥାରେ ଚାଷକ୍ୟାନମାନଙ୍କ ସମ୍ପର୍କରେ କୌତୁକପ୍ରଦ ଘ
ଅନ୍ତ ନ ଥିଲା । ଏଣ୍ଟୋନିଓ ଖୁବ୍ ସତ କଥା କହୁଥିଲା
ତାର ମନ୍ତବ୍ୟର ପରିମାଣ ସବୁବେଳେ ଥିଲା ପରିମିତ ।
କଥାବାର୍ତ୍ତା କରିବାର ଧରଣହିଁ ଥିଲା ସଂଯତ, ସଂକ୍ଷିପ୍ତ ଓ ଅର୍ଥପୂର୍ଣ୍ଣ
ତା ସହିତ ମିଶି ରହିଥିଲା କୌଣସି ବିଦ୍ରୂପ । ମୁଁ ହୁଏତ ହସ
ଫାଟି ପଡ଼ୁଛି ବା କଥାରେ କଥାରେ ଉତ୍ତେଜିତ ହୋଇ ଉଠି
ଏମିତି ସମୟରେ ସେ ସାବୁନ ଲଗେଇବା ବା କ୍ଷୌର କରିବା
କରି ପୁଣି ଶାନ୍ତ ହୋଇ ଆସିବା ଯାଏ ବ୍ରଶ ବା କ୍ଷୁର ଶୂନ୍ୟ
ତୋଳି ଧରି ନୀରବରେ ଅପେକ୍ଷା କରି ରହୁଥିଲା ।

---

ମୁଁ ଆଗରୁ ପରିଷ୍କାର କରି କହିଛି ଯେ ଏଣ୍ଟୋନିଓ
କଥାବାର୍ତ୍ତା କରିବା ପଛରେ ମୋର କୌଣସି ଉଦ୍ଦେଶ୍ୟ ନ ଥି

ନ୍ତୁ କିଛି ଦିନ ପରେ ବୁଝିପାରିଲି ଯେ ତାର ମନର ଗଭୀରତାରେ
ବେଶ କରି ପାରିନାହିଁ, ବା ତାର ମନର ଗତିପ୍ରକୃତି ସମ୍ବନ୍ଧରେ
ଆର ମୋଟେ ଧାରଣା ହୋଇନି । ଗରିବ ଆଉ ବେଶ୍ ବଡ଼
ଯାର ନାପିତଟିର, ତଥାପି ଅର୍ଥ ପାଇଁ ତାର ଭାବନା ନଥିଲା
ଲା ମୋର ଧାରଣା । ଲୋକେ ନିତାନ୍ତ ସ୍ୱାଭାବିକ ଆଉ
ନିବାର୍ଯ୍ୟ ଘଟଣା ନେଇ ଯେମିତି କଥାବାର୍ତ୍ତା କରନ୍ତି, ସେ ତାର
ସାରର କଥା ସେମିତି ନିରାଶକ୍ତ ଭାବରେ, ସ୍ନେହ ବା ନିଷ୍ଠୁରତାର
ବ ପ୍ରକାଶ ନକରି କହୁଥିଲା । ରାଜନୀତିରେ ତାର କୌଣସି
ଗ୍ରହ ନଥିଲା । ନିଜର କାମ ସେ ଭଲ ଭାବରେ ଜାଣିଥିଲା
ଥାପି ତାହା ତା ପାଖରେ ନିତାନ୍ତ ଗୋଟାଏ ଜୀବିକାର୍ଜନର ପନ୍ଥା
ହି ଥିଲା ।

କ୍ଷୌର କର୍ମ ସମୟରେ ମୋର ସ୍ତ୍ରୀ ଝରକା ପାଖରେ ଝରକୁ
ଠି ଦେଖେଇ ଗୋଟାଏ ବହି ନହେଲେ ନଖକଟା ଓ ପାଲିସ
ରିବା ସାମଗ୍ରୀ ନେଇ ବସୁଥିଲା । କାହିଁକି ଜାଣେନା,
ଣ୍ଟୋନିଓର କ୍ଷୌର କର୍ମ ବେଳେ ମୋର ସ୍ତ୍ରୀକୁ ବସି ରହିଥିବାର
ଖି ମନଟା ଆନନ୍ଦରେ ଭରି ଉଠୁଥିଲା । ଠିକ୍ ଯେମିତି
ଣ୍ଟୋନିଓ ମଧ୍ୟରେ ସେହି ଭଳି ତା ମଧ୍ୟରେ ମୋର ଆନନ୍ଦ ପ୍ରତିଫଳି
ତିବିମ୍ବିତ ହୋଇଥିବାର ମୁଁ ଦେଖିଲି । ଟିକିଏ ଅନ୍ୟରକମ
ଲେ ମଧ୍ୟ ସେ ଏମିତି ଭାବରେ ଘରକୁ ଆସି ମୋର ଦୈନନ୍ଦିନ
ନର କାମରେ ଅନେକ ସାହାଯ୍ୟ କରୁଥିଲା । ଏହା ଫଳରେ
ଅତି ସହଜରେ ମୋର ଶାନ୍ତସୁନ୍ଦର ଆଉ ସୁଶୃଙ୍ଖଳ ମାନସିକତା
ରି ପାଉଥିଲି ଏବଂ କାମ କରିବା ପାଇଁ ପାଉଥିଲି ଅପରିମିତ
ାହ । ନାପିତ ସହିତ କଥାବାର୍ତ୍ତା କରିବା ମଝିରେ ମାଡ଼ାକୁ
ବହିଟା କେମିତି ଲାଗୁଛି, ଦେହ କେମିତି ଅଛି ବା ବର୍ତ୍ତମାନ
କି କାମ କରୁଛି ଏମିତି ସବୁ ପ୍ରଶ୍ନ କରୁଥିଲି । ନଖ ପରିଷ୍କାର

କରୁ କରୁ ବା କିଛି ପଢୁ ପଢୁ ଆଖି ନ ଉଠେଇ ସେ କଥାର ଉତ୍ତର ଦେଉଥିଲା । ଏମିତି ଏକ ସକାଳରେ ଆନନ୍ଦର ପୂର୍ଣ୍ଣତା ମଝିରେ ମନେ ମନେ ଭାବିନେଲି, ମୁଁ ଆରାମ ଚେୟାରରେ ଶୋଇ ରହିଛି । ଏଣ୍ଟୋନିଓ ମୋତେ କ୍ଷୌର କରୁଛି ଆଉ ଅଳସ ଆଲୋକର ମଝିରେ ଠିକ୍ ଝରକା ତଳକୁ ବସି ରହିଛି ମୋର ସ୍ତ୍ରୀ । ଏ ଦୃଶ୍ୟଟି ମୁଁ ଆଜୀବନ ସ୍ମରଣ କରିବି ।

ଡ୍ରେସିଂ ଗାଉନ ପିନ୍ଧି ଦିନେ ମୋର ସ୍ତ୍ରୀ ମୋ ଘରକୁ ଆସିଲା । ଏଣ୍ଟୋନିଓକୁ ଡାକି କହିଲା, ତାର କେଶ ଉପରେ ଟିକିଏ ଢେଉ ସୃଷ୍ଟି କରୁଥିବା ଲୁହାଟି ବୁଲେଇ ନେବାର ସେ ଦରକାର ବୋଧ କରୁଛି । ଇତି ମଧ୍ୟରେ ସେ ତାର କେଶ ଧୁଆଧୋଇ କରି ପରିଷ୍କାର କରି ରଖିଥିଲା । ଏଣ୍ଟୋନିଓ ଯେତେବେଳେ କହିଲା ଯେ କେଶର କାମ ସେ ଜାଣେ ସେତେବେଳେ ମୋର କ୍ଷୌର କର୍ମ ଶେଷକରି ତା ଘରକୁ ଯିବାପାଇଁ କହି ମୋର ସ୍ତ୍ରୀ ଚାଲିଗଲା । ସ୍ତ୍ରୀମାନଙ୍କ କେଶବିନ୍ୟାସ ସେ ଭଲ ଭାବରେ ଜାଣେ କି ନାହିଁ ତାକୁ ପୁନରାୟ ପଚାରିଲି । ଉତ୍ତରରେ କୌଣସି ପ୍ରକାର ଆଡ଼ମ୍ବର ନକରି ସେ କହିଲା ଯେ ଏ ଅଞ୍ଚଳର ସମସ୍ତ ସ୍ତ୍ରୀ ଲୋକେ କେଶବିନ୍ୟାସ କରେଇ-ନେବା ପାଇଁ ତା ପାଖକୁ ଆସନ୍ତି । ଏକାବେଳକେ ଗ୍ରାମ୍ୟ କୃଷକମାନଙ୍କର କନ୍ୟାମାନେ ବି ଯେ କୁଞ୍ଚିତ କେଶ ସ୍ଥାୟୀ ଭାବରେ ରଖିବାକୁ ପସନ୍ଦ କରୁଛନ୍ତି ଜାଣି ଖୁବ୍ ବିସ୍ମିତ ହେଲି । ଟିକିଏ ହସି ସେ କହିଲା, ବିଶ୍ୱାସ କରନ୍ତୁ ସହରି ଝିଅମାନଙ୍କ ଅପେକ୍ଷା ଏହି ବ୍ୟାପାରରେ ଏମାନେ ଖୁବ ସାବଧାନ । ସେମାନଙ୍କୁ ସନ୍ତୁଷ୍ଟ କରିବା ଖୁବ୍ କଠିଣ, ସେମାନେ ତ ପାଗଳକରି ଛାଡ଼ିବେ । ମୋତେ କ୍ଷୌର ଶେଷକରି ସେ ତାର ଜିନଷ ପତ୍ର ଗୋଟେଇ ନେଇ ମୋର ସ୍ତ୍ରୀର ଘରକୁ ଚାଲିଗଲା ।

ସେ ଚାଲିଯିବା ପରେ ମୋର ସ୍ତ୍ରୀ ଯେଉଁ ଚେୟାରରେ ବସି

ବହି ପଢ଼ୁଥିଲା ସେଇଠି ଯାଇ ବସିଲି । ବୁଝିଲି ସେ ଟାଗୋର 'ଅ୍ୟମିନଟା' ବହି ଖଣ୍ଡକହିଁ ପଢ଼ୁଥିଲା । ଏ ଖଣ୍ଡକ ମୁଁ ଅନେକଥର ପଢିଥିଲି । ମୁଁ ବେଶ୍ ବୁଝି ପାରିଲି ଯେ ସେହି କବିତାର ମଧୁର ମାଧୁର୍ଯ୍ୟର ସହିତ ଆଜିକାର ଏହି ଦୀପ୍ତିମାନ ସୁନ୍ଦର ପ୍ରକୃତିର ଆନ୍ତରିକ ଏକାତ୍ମତା ରହିଛି । ମୋର ମନ ଏକ ସ୍ବର୍ଗୀୟ ସରଳତାରେ ଆଚ୍ଛନ୍ନ ହୋଇଗଲା । ପାଶୋର ଗଲି ଯେ ମୁଁ ମୋର ସ୍ତ୍ରୀ ପାଇଁ ଅପେକ୍ଷା କରୁଛି । ଯେତେଥର ଝରକା ବାହାରକୁ ଚାହେଁ ସେତେଥର ଯେମିତି ଅପୂର୍ବ ସୁରମାଧୁର୍ଯ୍ୟରେ ମୋର ମନ ଆକୃଷ୍ଟ ହୋଇଯାଏ । ଉଷ୍ମ ଶଯ୍ୟାର ସୁଖପ୍ରଦ ଆରାମ ଟିକକ ଜାଗ୍ରତ ଅବସ୍ଥାରେ ଯେମିତି ଭାବରେ କେହି କେହି ଉପଭୋଗ କରନ୍ତି ସେହିଭଳି ସଚେତନ ଅବସ୍ଥାରେ ମୁଁ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଲାଗିଲି । ସ୍ତ୍ରୀର କାମ ଶେଷ କରିବାକୁ ଏଣ୍ଡୋନିଓଙ୍କୁ ପ୍ରାୟ ଘଣ୍ଟାଏ ସମୟ ଲାଗିଲା । ପରିଚାରିକାକୁ ବିଦାୟ ସମ୍ଭାଷଣ ଜଣେଇ ସେ ଯେତେବେଳେ ଚାଲିଗଲା ମୁରୁମ ବିଛା ହୋଇଥିବା ରାସ୍ତାରେ ତାର ସାଇକେଲର ବିଶେଷ ଶବ୍ଦଟି ମୁଁ ବେଶ୍ ଶୁଣି ପାରିଲି । ଏଥର କେତୋଟି ମିନିଟ ପରେହିଁ ମୋର ସ୍ତ୍ରୀ ଘରକୁ ପ୍ରବେଶ କଲା ।

ଦେଖିଲି ଏଣ୍ଡୋନିଓ ତାର ମସୃଣ ଅବିନ୍ୟସ୍ତ କେଶଗୁଚ୍ଛକୁ ଏକାବେଳକେ ବଦଳେଇ ଦେଇଛି । ଗମ୍ଭୀର କୁଞ୍ଚିତ କବରୀରେ ଅଷ୍ଟାଦଶ ଶତକର ପକ୍ଷୀପରର ଭାବ ଯେମିତି ଆସିଛି । ତାର ପାତଳା ଦୀର୍ଘ ଗଠନର ମୁହଁ ସହିତ ଢେଉ ଢେଉକା କେଶରାଶି ପ୍ରଥମେ ବଡ଼ ଅସୁନ୍ଦର ଦେଖାଗଲା । ସେ ଯେମିତି ଚାଷୀମାନଙ୍କ ଘରର ଆଧୁନିକ ପୋଷାକ ପରିହିତ କନ୍ୟା, ଏମିତି ମୋର ମନେ ହେଲା । ଲାଲ ଜରେନିୟମ ଫୁଲର ଗୋଟାଏ ଗୁଚ୍ଛ ସେ ତାର କପାଳର ଗୋଟାଏ ପାଖରେ ଗୁଂଜି ନେଇଥିଲା । ଏଥିରେ କିନ୍ତୁ

ଗ୍ରାମ୍ୟଭାବଟାହିଁ ଯେମିତି ବେଶୀ ପରିମାଣରେ ପ୍ରକଟ ହୋଇ ପଡୁଥିଲା ।

ଆନନ୍ଦରେ ମୁଁ ଚିତ୍କାର କରି ଉଠିଲି, ଅପୂର୍ବ ! ଏଣ୍ଟୋନିଓ ଦେଖୁଛି କୁହୁକ ଜାଣେ । ହୋମର ମାରିଓ ଆଲିଓ ଏହା ପାଖରେ ହାର ମାନିଯିବେ । ସେମାନେ ଏଣ୍ଟୋନିଓର ପାଦତଳକୁ ବି ଯୋଗ୍ୟ ନୁହଁନ୍ତି । ଏଠାକାର ସ୍ତ୍ରୀମାନେ ରବିବାର ମେଳାକୁ ଯିବା ସମୟରେ ଯେମିତି ସାଜନ୍ତି, ତୁମକୁ ଦେଖିବାକୁ ଅବିକଳ ସେମିତି ଲାଗୁଛି । ଆଉ ଫୁଲଗୁଡ଼ିକ ବି ଯାହା ସୁନ୍ଦର, କଣ କହିବି ! ଟିକିଏ ରହ, ଭଲ କରି ଦେଖିନିଏ । ନାପିତର କାମ କେତେ ସୁନ୍ଦର ହୋଇଛି ତାହା ଦେଖିବା ପାଇଁ ମୁଁ ଠିଆ ହେଲି ।

କିନ୍ତୁ ଅଦ୍ଭୁତ ବାପାର, ହଠାତ୍ କାହିଁକି କେଜାଣି ମୋର ସ୍ତ୍ରୀର ମୁହଁ ତମତମ ହୋଇ ଆସିଲା । ରାଗିଗଲେ ଯେମିତି ତାର ତଳ ଓଠ କମ୍ପିତ ହୁଏ, ଠିକ ସେମିତି ତାର ଓଠ କମ୍ପି ଉଠିଲା । ଶେଷରେ ବିରକ୍ତିର ତୀବ୍ରତାରେ ସେ ମୋତେ ଠେଲି ଅପସାରଣ କରିଦେଇ ଚିତ୍କାର କରି ଉଠିଲା, ତାମସା କରନାହିଁ କହୁଛି, ମୋତେ କିଛି ଭଲ ଲାଗୁନାହିଁ ।

କିଛି ନବୁଝି କହିଲି 'ଲଜ୍ଜା କଣ ?' ତୁମକୁ ହତରେ ସୁନ୍ଦର ମାନୁଛି । ମୁଁ କହୁଛି ଏଣ୍ଟୋନିଓ ଅଦ୍ଭୁତ କାମ କରିଛି । ଏଥର ଯଦି ରବିବାରର ମେଳାକୁ ଯିବ, ସମସ୍ତେ ତୁମକୁ ଚାହିଁ ରହିବେ । ନାଚିବାକୁ ଗଲେ ନୂତନ ଭାବରେ ବିବାହ ପ୍ରସ୍ତାବ ଆସିବାରେ ବି ସମ୍ଭାବନା ଅଛି ।

ମନେହେଲା ତାର ଝିଅାଳି ମନ ଏଣ୍ଟୋନିଓର କାମରେ ଖୁସି ହୋଇନାହିଁ । କେଶବିନ୍ୟାସ ପେଶାରେ ଯେଉଁମାନେ ଅନାଡ଼ି ସେମାନଙ୍କ କାମରେ ରାଗିଯିବା କିଛି ବିଚିତ୍ର ନୁହେଁ । ସେ ଭୀଷଣ କ୍ଷୁବ୍ଧ ହୋଇ ଉଠିଲା । ମୁଁ କଣ ତୁମକୁ କହିନାହିଁ ଯେ ପରିହାସ

କରନାହିଁ ?' ହଠାତ୍ ମନେହେଲା କେଶବିନ୍ୟାସ ନୁହେଁ ଅନ୍ୟ କୌଣସି ବିଷୟରେ ସେ କ୍ଷୁଣ୍ଣ ହୋଇଥାଇପାରେ । ପଚାରିଲି 'ବ୍ୟାପାର କଣ କହତ ? ସେ ସେତେବେଳକୁ ବାହାରକୁ ଦୃଷ୍ଟି ପ୍ରସାରିତ କରି ଝରକାର ଚୌକାଠରେ ହାତରଖି ଠିଆ ହୋଇଥିଲା ।

ହଠାତ୍ ପଛକୁ ଫେରି ସେ କହିଲା 'ଘଟଣା' ଏହି ଯେ କାଲିଠାରୁ ଏହି ନାପିତଟାକୁ ବଦଳି କରିନେଇ ମୋତେ ଟିକିଏ ଦୟା କରିବ । ଏଣ୍ଟୋନିଓକୁ ମୁଁ ଏଠି ଆଉ ଦେଖି ପାରିବା ପାଇଁ ଚାହେଁନା ।

ବିସ୍ମିତ ହୋଇ ଉତ୍ତର ଦେଲି 'ମୁଁ ବେଶ ଜାଣେ ଯେ ସେ ସହରସ୍ଥ ନାପିତ ନୁହେଁ । କିନ୍ତୁ ମୋର କାମତ ସେ ବେଶ ଭଲ ଭାବରେ କରେ । ତାଛଡ଼ା ତାର ସାହାଯ୍ୟ ତ ତୁମର ଆଉ ଦରକାର ହେବନାହିଁ । କ୍ରୋଧରେ ଅସ୍ଥିର ହୋଇ ପଡ଼ିଲା ଲାଉଡ଼ା । ଚଢ଼ାଗଲାରେ କହି ଉଠିଲି, ତୁମେ ମୋ କଥା କାହିଁକି ବୁଝିପାରୁନା ସିଲଭିଓ । କାମ କେମିତି କରୁଛି ସେ ପ୍ରଶ୍ନ ମୁଁ ମୋଟେ ଉଠେଇ ନାହିଁ ।

: ତେବେ ଘଟଣାଟା କଣ ?

: ସେ ମୋର ଅସମ୍ମାନ କରିଛି । ତାର ମୁହଁ ମୁଁ ଦେଖିବାକୁ ଚାହେଁନା ।

: ତୁମର ଅସମ୍ମାନ କରିଛି ? ମୋର କଥା ଆଉ କଣ୍ଠ ସ୍ୱରରେ ହୁଏତବା ସକାଳର ଉଦାସୀନ ନିସ୍ତିନ୍ତତାର ସ୍ପର୍ଶଥିଲା । ସେ ଯେମିତି ବିଦ୍ରୂପ କରି କହିଲା, ଏଣ୍ଟୋନିଓ ମୋର ଅସମ୍ମାନ କରିଛି ଏଥିରେ ତମର କଣ ଯାଏ ଆସେ ! ସତରେ ତୁମର ତ କିଛି ହୋଇନାହିଁ ।

ମନେହେଲା ତାର ମନରେ ମୁଁ ଆଘାତ ଦେଇଛି । ତା ପାଖକୁ ଯାଇ ଆନ୍ତରିକତା ସହିତ କହିଲି : ମୁଁ ଠିକ୍ ତୁମର କଥା ବୁଝି ପାରିନାହିଁ ଲାଉଡ଼ା, ମୋତେ ତୁମେ କ୍ଷମାକର । କିନ୍ତୁ ସେ

ତୁମକୁ କେମିତି ଭାବରେ ଅସମ୍ମାନ କରୁଛି ତାହା ମୋତେ ଟିକେ ପରିଷ୍କାର କରି କୁହ ।

ସେ ଏଥର ମୋଅଡ଼କୁ ବୁଲିପଡ଼ି ଠିଆହେଲା । କ୍ରୋଧରେ ତାର ନାଶାରନ୍ଧ୍ର ସେତେବେଳେ ବିସ୍ଫାରିତ ଆଉ ଚକ୍ଷୁରେ କଠିଣ ଘୃଣା, କହିଲା : ମୁଁ କହୁଛି ସେ ମୋର ଅସମ୍ମାନ କରୁଛି । ତାଠୁ ବେଶୀ ମୁଁ କିଛି କହିବାକୁ ଚାହେଁନା । ସେ ମାରାତ୍ମକ ଲୋକ, ତାକୁ ଏଠାରେ ଯେମିତି ଆଉ ମୁଁ ନଦେଖେ । ତାକୁ ଦୂର କରିଦିଅ. ଅନ୍ୟ ଯେକୌଣସି ଜଣକୁ ତା ଜାଗାରେ ନିଯୁକ୍ତ କର ।

ବେଶ୍ ଶ୍ରଦ୍ଧାଶୀଳ ବୋଲି ତାକୁ ମନେ ହୁଏ । ତାଛଡ଼ା ସେ ସଂସାରୀ ମଣିଷ, ଘଟଣା ଯେ କଣ ବୁଝି ପାରୁନାହିଁ ।

କାନ୍ଧ ଅଳ୍ପ ହଲେଇ ସେ ବକ୍ରୋକ୍ତି କଲା : ହଁ ସଂସାରୀ ମଣିଷ ।

: କିନ୍ତୁ ସେ ଠିକ କି ଅପରାଧ କରୁଛି ତାହା ଦୟାକରି କହିବ କି ? ମୁଁ ପୁଣି ଲୀଡ଼ାକୁ ପ୍ରଶ୍ନ କଲି ।

ତାର ଉତ୍ତରରେ ସେ କିଛି କହିଲା ନାହିଁ । ମୁଁ ଯେତେଥର ପ୍ରଶ୍ନ କଲି କି ଧରଣର ଅଶୋଭନୀୟ ସେ ପ୍ରକାଶ କରୁଛି, ସେତେଥରହିଁ ଉତ୍ତର ଆସିଲା ସେ ଅସମ୍ମାନ କରୁଛି । ଅସଲ ଘଟଣାର କୌଣସି ସୂଚନା ମିଳିଲା ନାହିଁ । କେବଳ ଜଣାଗଲା ଯେ ତାକୁ ତଡ଼ିବାକୁ ହିଁ ପଡ଼ିବ । ଯାହା ହେଉ ଅନେକ ବାକ୍‌ବିତଣ୍ଡା ପରେ ବୁଝାଗଲା ଯେ ବାଳ ଠିକ କରିବା ସମୟରେ ଏଣ୍ଟୋନିଓକୁ ଲୀଡ଼ାର ଚୌକିର ଖୁବ ନିକଟକୁ ଆସିବାକୁ ପଡ଼ିଥିଲା । ତାର କୁଆଡ଼େ ସେତେବେଳେ ମନେ ହୋଇଥିଲା ଯେ ଏଣ୍ଟୋନିଓ ଏକାଧିକବାର ନିଜର ଶରୀର ଇଚ୍ଛାକରି ତାର କାନ୍ଧ ଏବଂ ହାତର ସଂସ୍ପର୍ଶରେ ଆଣିଛି । ସେ ଅନ୍ୟ କୌଣସି ଧରଣର ଅଶୋଭନୀୟ ପ୍ରଦର୍ଶନ କରି ନାହିଁ, ବରଂ ଧୀର ଭାବରେ ନିଜର କାମ କରି ଯାଇଛି, ଏକଥା ଅବଶ୍ୟ ଲୀଡ଼ା ସ୍ୱୀକାର କଲା । କିନ୍ତୁ ଏକଥା ବି ଲୀଡ଼ା କହିଲା ଯେ

ସେ ଶପଥ କରି କହିପାରେ ଏ ଧରଣର ଘଟଣାଗୁଡ଼ିକ ଏକାବେଳକେ ଆକସ୍ମିକ ନୁହେଁ, ବରଂ ଏଗୁଡ଼ିକ ଇଚ୍ଛାକୃତ ଆଉ ବିଶେଷ ଉଦ୍ଦେଶ୍ୟ ପ୍ରଣୋଦିତ। ଏହି ଧରଣର ଆଚରଣ କରି ଏଣ୍ଟୋନିଓ ଯେ ବିଶେଷ ଏକ ଧରଣର ସଂପର୍କ ସ୍ଥାପନ କରିବାକୁ ଆଉ ବିଶେଷ ରକମର ପ୍ରସ୍ତାବ କରିବାକୁ ଚାହିଁଥିଲା, ଏଥିରେ ସେ ଏକାବେଳକେ ନିଃସନ୍ଦେହ।

ବିସ୍ମିତ ହୋଇ ପ୍ରଶ୍ନକଲି : ତୁମେ ଏକାବେଳକେ ନିଃସନ୍ଦେହ ?

ନ ହେଲେ ମୁଁ କଣ କରିପାରେ କୁହ ? ଆଉ ତାଛଡ଼ା ତମେ ମୋ କଥାରେ କେମିତି ସନ୍ଦେହ କରୁଛ ସିଲଭିଓ ?

: ଏହା ତୁମର କେବଳ ଧାରଣା ମାତ୍ର ହୋଇପାରେ।

: ଧାରଣା ? ଅସମ୍ଭବ। ତାଛଡ଼ା ତାକୁ ଦେଖିଲେହିଁ ବୁଝାଯାଏ ଯେ ସେ ଗୋଟାଏ ଦୁର୍ବୃତ୍ତି। ତାର ବିରାଟ ଟାଙ୍ଗରା ମୁଣ୍ଡ। ଗଳା ଆଉ ଚାହାଣି ଏସବୁ ଦେଖି କଣ ବୁଝାଯାଏନା ଯେ ସେ ଏକ ଦୁର୍ନୀତି ପରାୟଣ ବ୍ୟକ୍ତି। ତୁମେ କଣ ଅନ୍ଧ ? ମୁଁ କଣ କହୁଛି ତାହା ବି ବୁଝିପାର ?

: ନାପିତର ଯେଉଁ କାମ ତହିଁରେ ତା ମହଳାର ଖୁବ୍ ପାଖକୁ ଆସିବାକୁହିଁ ପଡ଼ିଥାଏ। ମନେହୁଏ ଏହା ଏକ ଆକସ୍ମିକ ଘଟଣା ମାତ୍ର।

: ନା ତାହା ମୋଟେହିଁ ଆକସ୍ମିକ ଘଟଣା ନୁହେଁ। ଥରେ ଅଧେ ଘଟିଥିଲେ ହୁଏତ ସେପରି ଭାବିଥାନ୍ତି। କିନ୍ତୁ ବାରମ୍ବାର, ଅନେକଥର ଘଟିବା ପରେ କେମିତି ଭାବରେ ତୁମେ ତାକୁ ଆକସ୍ମିକ କହିବ ?

ଘଟଣାଟିର ଅନୁସନ୍ଧାନ କରିବାରେ ମୁଁ ବେଶ କୌତୁକ ଅନୁଭବ କରୁଥିଲି। କହିଲି : ତୁମେ ଏ ଚେୟାରଟାରେ ବସ ଦେଖି। ଧରିନିଅ ମୁଁ ଏଣ୍ଟୋନିଓ, ଦେଖି କଣ ହେଉଛି।

ସେ ଖୁବ୍ ରାଗି ଯାଇଥିଲା ଏବଂ ଧୈର୍ଯ୍ୟ ହରେଇ ପକେଇଥିଲା । ତଥାପି ମୋର କଥାରେ ଗୋଟାଏ ଚେୟାରରେ ବସି ପଡ଼ିଲା । ମୁଁ ଯେମିତ କେଶରେ ଚେଉ ଖେଳେଇବାର ଇସ୍ତ୍ରୀ ଧରିଛୁ ସେମିତ ଭଙ୍ଗିରେ ପେନ୍‌ସିଲ ନେଇ ତାର କେଶ ଉପରେ ଝୁଙ୍କି ପଡ଼ିଲି । ସତକଥା କହିବାକୁ ଗଲେ ଏମିତ ଅବସ୍ଥାରେ ମୋର ପେଟ ସହିତ ତାର କାନ୍ଧ ଏବଂ ହାତର ଘର୍ଷଣ ଏଡ଼େଇବା ମୋଟେ ସମ୍ଭବ ନଥିଲା ।

: ଏଇ ଦେଖ, ଯାହା ଭାବୁଥିଲି ଠିକ ସେୟା । ତୁମକୁ ସ୍ପର୍ଶ କରିବା ବ୍ୟତୀତ ତାର ଗତ୍ୟନ୍ତର ନଥିଲା । ସେମିତ ଯଦି କହୁଛ, ତୁମେ ଅଳ୍ପ ଘୁଞ୍ଚି ବସି ପାରିଥାନ୍ତ ।

: ମୁଁ ତ ସେୟା କହୁଥିଲି । ସେ ପୁଣି ସେ ପାଖକୁ ଠିଆ ହେଲା ।

: ସେ ପାଖର ବାଳ ସଜେଇ ନେବା ପାଇଁ ହୁଏତ ତାକୁ ସେପଟକୁ ବୁଲି ଯିବା ପାଇଁ ହୋଇଥିଲା ।

ଗୋଟାଏ ପ୍ରଶ୍ନ ଓଠ ଉପରକୁ ଆସି ଯାଇଥିଲା, କିନ୍ତୁ ତାକୁ ଚପେଇ ନେଲି । ଶେଷରେ କହିଲି : ଅଚ୍ଛା ତୁମକୁ ଛୁଇଁବାକୁ ଯେଉଁ କଥା କହୁଛ, ଏଇ ସମସ୍ତ · କଣ କହନ୍ତି । ଏଇ ଯାକୁ ଉତ୍ତେଜନା କହନ୍ତି, ତାହା କଣ ତା ମଧ୍ୟରେ ଲକ୍ଷ୍ୟ କରିଥିଲ ?

ମୁହଁରେ କ୍ରୋଧର ଗ୍ରୁମ୍ବା ମାଖି ଆଉ ଦାନ୍ତରେ ଗୋଟାଏ ଅଙ୍ଗୁଳି କାମୁଡ଼ି ଧରି ସେ ଚେୟାରରେ ପ୍ରାୟ ଶୟନ ଭଙ୍ଗୀରେ ବସିଥିଲା । ଭାବି ହଲେଇ ସେ ଜୋରରେ କହିଲା : ନିଶ୍ଚୟ ।

ମୋର ଆଶଙ୍କା ହେଲା ହୁଏତ ମୁଁ ତାର କଥା ବୁଝିଁ ପାରୁନାହିଁ କିମ୍ବା ମୁଁ କଣ କହିବାକୁ ଚାହେଁ ତାକୁ ବୁଝେଇ ପାରୁନାହିଁ କହିଲି, ତାହାହେଲେ ସେ ଯେ ଉତ୍ତେଜିତ ହୋଇ ଉଠିଛୁ, ଏହା କେଉଁଠି ବୁଝା ଯାଇଥିଲା । କଣ କହୁଛ ?

: ହୁଁ, ନିଶ୍ଚୟ ।

ଏଲ୍ଫୋନ୍‌ଙ୍କର ବ୍ୟବହାର ତୁଳନାରେ ମୋର ସ୍ତ୍ରୀର ବ୍ୟବହାର-ରେହିଁ ଯେମିତି ମୁଁ ବେଶୀ ପରିମାଣରେ ବିବ୍ରତ ହେଲି । ସେ ତ ଆଉ ଗ୍ରେଟ୍ କ୍ଲିଅ ନୁହେଁ । ତା'ର ଯଥେଷ୍ଟ ବୟସ ଆଉ ଅଭିଜ୍ଞତା ହୋଇଛି । ତାଛଡ଼ା ଏହି ଧରଣର ଘଟଣାକୁ ସେ ଚିରକାଳହିଁ ଆମୋଦ ମିଶ୍ରିତ ଘୃଣାର ଚକ୍ଷୁରେ ଦେଖି ଆସିଛି । ମୋର କେବଳ ମନେ ହେବାକୁ ଲାଗିଲା ଯେ ଏତେ କ୍ରୋଧ ଆଉ ଘୃଣା ନଦେଖେଇ ତାର ଉଚିତ ଥିଲା ଘଟଣାଟିକୁ ଗୁରୁତ୍ୱ ନଦେଇ ରସିକତା କରି ଉଡ଼େଇ ଦେବା । ମୁଁ କୁଣ୍ଠିତ ବିହ୍ୱଳ ଭାବରେ କହିଲି : ଶୁଣ ଲାଲ୍ଡ଼ା, ଏସବୁର ପ୍ରକୃତରେ କୌଣସି ଅର୍ଥ ହୁଏନା । କାମ ଭିତରେ ହଠାତ୍ ସଂସ୍ପର୍ଶରେ ଆସି ଯାଇଛି ଆଉ ଟିକିଏ ଉତ୍ତେଜନା ବୋଧ କରିଛି, ଏହା ତ ଯେ କୌଣସି ଲୋକ ପକ୍ଷରେ ଘଟିବା ସମ୍ଭବ । ଭିଡ଼ରେ ବା ଟ୍ରାମରେ ଚଢ଼ିବାକୁ ଯାଇ ମୋର ଅନିଚ୍ଛା ସତ୍ତ୍ୱେଓ କୌଣସି ସ୍ତ୍ରୀ ଲୋକର ଦେହ ସହିତ ଯୁକ୍ତ ଅବସ୍ଥାରେ ମୁ ବି କେତେଥର ଏମିତି ଉତ୍ତେଜନା ବୋଧ କରିଛି । ତାକୁ ଶାନ୍ତ କରିବା ପାଇଁ ଅଳପ ରସିକତା କରି କହିଲି, ଇଚ୍ଛା ଥିଲେ କନା ସେସ୍ଥା ଦେଖିବା ବଡ଼ କଥା । ଭଗବାନ ଜାଣନ୍ତି, ରକ୍ତମାଂସ ମଧ୍ୟରେ ଗୋଟାଏ ଦୁର୍ବଳତା ମଣିଷର ନିଶ୍ଚୟ ରହିଛି ।

ସେ ଆଉ କୌଣସି କଥା କହୁନାହିଁ । ମନେ ହେଲା ସେ ଗଭୀର ଚିନ୍ତାରେ ନିମଗ୍ନ । ଅଙ୍ଗୁଳିର ଟିପ କାମୁଡ଼ି ଧରି ସେ ଝରକା ଦେଇ ବାହାରକୁ ଚାହିଁଥିଲା । ତାକୁ ଅଣ୍ଡା କରିବା ପାଇଁ ହାଲୁକା ରସିକତା କରି କହିଲି : ଗୋଟାଏ ନାପିତର କଥା ଧରୁଛ କାହିଁକି, ସାଧୁସନ୍ନ୍ୟାସୀ ମାନଙ୍କର କଣ ଦୁର୍ବଳତା ନାହିଁ ? ହତଭାଗ୍ୟ ଏଲ୍ଫୋନ୍‌ଓ ଆଶା ବି କରି ନାହିଁ ଯେ ତୁମେ ଏତେ ରୂପ ଆଉ କାମନାର ସାମଗ୍ରୀ । ତୁମର ଘନିଷ୍ଠ ସଂପର୍କରେ ଆସି ସେ ଟିକିଏ

ହୁଏତ ବେସମ୍ଭାଳ ହୋଇ ପଡ଼ିଥିଲି । ଘଟଣାଟା ତୁମର ବା ତାର କାହାରି ଦିଗରୁ କାମ୍ୟ ନଥିଲା । ଏ ସବୁର ଏଇଠି ଇତିଶ୍ରୀ ହୋଇ ଯାଇଛି ।

ବର୍ତ୍ତମାନ ବି ଲଜ୍ଜା କରୁଥିବ ଚିହ୍ନ । ମୁଁ କହିଲି : ସବୁ କହିବା ଆଉ କରିବା ହୋଇ ଯାଇଛି । ମୋର ମନେହୁଏ ବର୍ତ୍ତମାନ ଏସବୁ ଘଟଣାକୁ ତୁମର ହାଲୁକା ଭାବନରେ ନେବା ଉଚିତ । ଏକଥା ମୁଁ ସହସ୍ରବାର ସ୍ୱୀକାର କରେ ଯେ ଟିକଏ ସ୍ଥୂଳ ଓ ଗ୍ରାମ୍ୟଧରଣର ହେଲେହେଁ ଘଟଣାଟିରେ ତୁମ ପ୍ରତି ଅସୌଜନ୍ୟ ପ୍ରଦର୍ଶନ କରାଯାଇ ନାହିଁ ବରଂ ଶ୍ରଦ୍ଧା ପ୍ରଦର୍ଶନ ହୋଇଛି । ତୁମେ ତ ଜାଣ ଲଜ୍ଜା ଆଦବ-କାଇଦାରେ ରକମଫେର ରହିଛି ।

କାମ ପରେ ଏମିତି ଭାବରେହିଁ ମୁଁ ଖୁସି ହୋଇ ଉଠିଥିଲି । ଆଜି ମନେହେଲା ଯେମିତି ଟିକଏ ଶସ୍ତା ରସିକତାହିଁ ବେଶୀ କରୁଛି ଏକାନ୍ତ ଅଶୋଭନ ଭାବରେ । ତେଣୁ ଟିକଏ ଗମ୍ଭୀର ଭାବରେ କହିଲି, ମୁଁ ତୁମକୁ ଯେଉଁ ସ୍ଥୂଳ ରସିକତା କରୁଛି ସେଥିପାଇଁ ମୋତେ କ୍ଷମା କର । ଘଟଣାଟି କଣ ଜାଣ, ବ୍ୟାପାରଟି ଏମିତି ଯେ ମୁଁ ଏହାକୁ କୌଣସି ମୂଲ୍ୟ ଦେଇ ପାରୁନାହିଁ । ବିଶେଷ ଭାବରେ ମୁଁ ଯେତେବେଳେ ଜାଣେ ଯେ ଏଣ୍ଟୋନିଓ ନିରପରାଧ ।

ଏତେ ସମୟ ପରେ ସେ କଥା କହିଲା, ଦେଖ ଏତେ କଥାରେ କୌଣସି ପ୍ରୟୋଜନ ନାହିଁ । ମୁଁ କେବଳ ଜାଣିବାକୁ ଚାହେଁ ତୁମେ ତାକୁ ଚିହ୍ନିଛ କି ନାହିଁ ।

ସୁଖର ସଂସ୍ପର୍ଶରେ ଆସି ଯେ ମଣିଷ ସ୍ୱାର୍ଥପର ହୋଇଉଠେ ଏହା ମୁଁ ଅନେକ ଆଗରୁ ବୁଝିଥିଲି । ମୁଁ ଜାଣିଥିଲି ଗାଁରେ ଆଉ ଅନ୍ୟ ନାପିତ ନାହାନ୍ତି ଆଉ ଇଏ ତ ଜାଣିଥିଲି ଯେ ପ୍ରତ୍ୟହ ସହରରୁ କୌଣସି ନାପିତ ଏତେ ଦୂର ଆସିବାକୁ ରାଜି ହେବେ ନାହିଁ । ନିଜେ କ୍ଷୌର ହେବାର ପ୍ରଶ୍ନହିଁ ଉଠନାହିଁ, କାରଣ ସେ ବଦ୍ୟାରେ

ମୁଁ ଅନ୍ଧ । କ୍ଷୌର ହେବା ପାଇଁ ଗଲେ ମୁହଁ କଟିଯାଇ ଏକାକାର ହୋଇଯିବ ଏବଂ ହଜାର ପ୍ରକାରର ଅସୁବିଧା ସୃଷ୍ଟି ହେବ । ଯେଉଁ କାମ ବର୍ତ୍ତମାନ ମୁଁ କରୁଛି ସେଥିରେ ଯେମିତି କୌଣସି ବାଧା ସୃଷ୍ଟି ନ ହୁଏ ସେଥିପାଇଁ ମୋ ନିଜ ପକ୍ଷରୁ ମନର ନିରବଚ୍ଛିନ୍ନ ଶାନ୍ତିର ପ୍ରୟୋଜନ ଥିଲା । ତେଣୁ ଏକରକମ ଯୋର କରି କହିଲି, ସୁନାଟା ପରି, ତମେ ତ ଏକଥା ପ୍ରମାଣ କରି ପାରିନ ଯେ ଏଷ୍ଟୋନିଓ ଇଚ୍ଛା କରି ତୁମକୁ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଛି । କେଉଁ କାରଣ ଦେଖେଇ ଆଉ କାହିଁକି ବା ମୁଁ ତାକୁ ତଡ଼ି ଦେବି କୁହ ?

: ଯେ କୌଣସି କାରଣ ନିଆ ଯାଇପାରେ—କୁହ ଆମେ ଚାଲି ଯାଉଛୁ ।

: କିନ୍ତୁ କଥାଟା ତ ସତ ନୁହେଁ, ଏହାପରେ ବି ତ ସେ ଆମକୁ ଦେଖିବ ।

: ମୋର ସେଥିରେ କଣ ଯାଏ ଆସେ ? ମୁଁ ତ ତାକୁ ଆଉ ଦେଖୁନି !

: ନା କେବେହେଲେ ସମ୍ଭବ ନୁହେଁ ।

ଅତ୍ୟନ୍ତ କ୍ରୁଦ୍ଧ ହୋଇ ସେ ଚିତ୍କାର କରି ଉଠିଲା, ଏମିତିକ ମୋତେ ଦୟା ପ୍ରଦର୍ଶନ ପାଇଁ ବି ନୁହେଁ ?

: ସୁନାଟା, ତୁମେ ଥରେ ଭାବିଦେଖ, ଜଣେ ଗରିବ ଲୋକ ଉପରେ ଏତେବଡ଼ ଅନ୍ୟାୟ କରିବି କାହିଁକି ? ତାଛଡ଼ା ବି···

: ଗରିବ, ସେ ଗୋଟାଏ ଭୀଷଣ ଶୟତାନ, ଚରିତ୍ରହୀନମଣିଷ ।

: ମୋର କ୍ଷୌର କର୍ମ ମୁଁ କରିବି କେମିତି । ତୁମେ ଜାଣ ନିଶ୍ଚିତଃ ପନ୍ଦର ମାଇଲ ମଧ୍ୟରେ କୌଣସି ନାପିତ ନାହାନ୍ତି ।

: ନିଜେ କାଟିବ ।

: ମୋ ଦ୍ୱାରା ମୋଟେ ହେବ ନାହିଁ ।

: ତୁମେ କେମିତି ମଣିଷ ? ନିଜେ କାହିଁ ଜାଣନା ?

: ନା, ଏହାପରେ କଣ କରାଯାଇ ପାରେ କୁହ ?

: ଛାଡ଼ି ରଖିବାକୁ ଆରମ୍ଭ କର।

: ଭଗବାନଙ୍କ ଶପଥ ସେ କଥା କୁହନା । ମୋତେ ଟିକ-ବ ନିଦ ହେବ ନାହିଁ ।

ଟିକଏ ରହିଗଲି ମିତ୍ରା । ତାପରେ ଯେତେବେଳେ କ-କହିବାକୁ ଆରମ୍ଭ କଲି ମନେହେଲା ସେ ହତାଶାରେ ଭାଙ୍ଗି ପଡ଼ିଛି ତାହାହେଲେ ତୁମକୁ ଯାହା କହୁଛି ତାହା ତୁମେ କରିବ ନାହିଁ କୌଣସି ପ୍ରକାରେ ନୁହେଁ ?

: ସତ କହୁଛି ମିତ୍ରା…

: ଥାଉ ବୁଝିଛି, ମୋ କଥା ତୁମେ ରଖିବାକୁ ଚାହୁଁନା ; ଏ-ଜଘନ୍ୟ ଖ୍ରୀଷ୍ଟାଣ ଲୋକଟା ମୋ ଅଗକୁ ଆସୁ ଏହା ତୁମେ ଚାହଁ-ମୋତେ ତାର ସଂସ୍ପର୍ଶରେ ଆସିବା ପାଇଁ ତୁମେ ବାଧ କରୁଛ ।

: ତୁମକୁ କଛି ହେଲେ କରିବା ପାଇଁ ମୁଁ ବାଧ କରୁନାହିଁ ତା ଆଗକୁ ଆସିବାର ତୁମର କୌଣସି ପ୍ରୟୋଜନ ନାହିଁ, ତୁ-ତୁମର ଘରେ ରହିଥିବ ।

: ତାହାହେଲେ ନିଶ୍ଚୟ ହେଲା ଯେ ମୋର ଅନୁରୋଧ ତୁ-ରଖିବ ନାହିଁ ଏବଂ ମୋତେ ମୋର ଘର ଭିତରେ ଲୁଚି ରହିବା-ହେବ, କେମିତି ସେଥି ତ ?

ମୁଁ ତାକୁ ସାନ୍ତ୍ୱନା ଦେବାପାଇଁ କଛି କହିବାକୁ ଚାହିଁଲି, କ-ମିତ୍ରା…। ସେ ବାଧାଦେଇ କହିଲା, ଦୟାକରି ମୋତେ ଟିକ-ନିର୍ଜନରେ ରହିବା ପାଇଁ ଦିଅ । ତୁମକୁ ଯେତେ ଅନୁନୟ କ-କହୁଛି ତାକୁ ଛାଡ଼ିଦିଅ । ତଥାପି ତୁମର ସେହି ଏକା ଜି-କୌଣସି ପ୍ରକାରେ କଥା ରଖିବ ନାହିଁ ।

ସ୍ଥିର କଲି ଏ ସମ୍ବନ୍ଧରେ ଟିକଏ କଠିଣ ମନଭାବ ପ୍ରଦର୍ଶି

।ଶବ । କହିଲି : ଶୁଣ ନୀତା ଏମିତି କରନାହିଁ । ଇଏସୁ ଏକ ବାଜେ
ଆଲ । ତୁମର ଖିଆଲ ଅନୁସାରେ କାମ କରିବା ମୁଁ ପସନ୍ଦ
ରେ ନାହିଁ । ତୁମର ଅଭିଯୋଗ ସତ୍ୟ କି ନୁହେଁ ମୁଁ ଦେଖିବି ।
ହି ଦେଖିବି ସତ୍ୟ ହେବେହିଁ ତାକୁ ତଡ଼ିବି ନଚେତ ନୁହେଁ ।
ସେ ମୋତେ ଅଳ୍ପ ସମୟ ଚାହିଁ ରହିଲା । ତାପରେ ଉଠିପଡ଼ି
ହାଲଗଲା ।

ଘରେ ଏକାକୀ ବସିବସି ମୁଁ ଘଟଣାଟିକୁ ଭାବିବାକୁ ଲାଗିଲି ।
ାର କେବଳ ମନେହେଲା ତା ଭିତରେ ମୁଁ ଯାହା କହୁଛି ତା
ପେକ୍ଷା ଢେଲେ ହେଲେ ଅଧିକ ସତ୍ୟ ନାହିଁ । ଏକ୍ଷେତ୍ରରେ
ଜନା ବୋଧହୁଏ ତାର ମନୋଭାବ ଦମନ କରିବାକୁ ସକ୍ଷମ
ାଇନାହୁଁ ଏହାବି ଅସମ୍ଭବ ନୁହେଁ । ତେବେ ଏକଥା ଠିକ୍ ଯେ
ାର ସଂସ୍ପର୍ଶରେ ଆସିବାର ସ୍ୱେଚ୍ଛାକୃତ ଚେଷ୍ଟା ସେ କରିନାହୁଁ ।
ଖୁବ୍ ବେଶୀ କୁହାହୁଏ କୁହାଯିବ ଯେ ଅନିଚ୍ଛାକୃତ ମନୋବୃତ୍ତିରୁ
ପାଇବାପାଇଁ କୌଣସି ଚେଷ୍ଟାହୁଁ ସେ କରିନାହୁଁ । ମୁଁ
ଣେ ଅମେ ପୂର୍ବରୁ ଭାବି ନ ନେଇ ବା ପ୍ରକୃତରେ କାହାର
ମରେ ନ ପଡ଼ି ମଝିରେ ମଝିରେ ବିଚଳିତ ହୋଇପଡ଼ୁ ।
ନିର୍ଜନ ପରିବେଶରେ ଏହି କଥାଗୁଡ଼ିକ ଯେତେବେଳେ ଦୃଢ଼
ାସର ଶହ ଭାବି ଦେଖିଲି ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ
ରେହିଁ ମୋର ମନ ମଧ୍ୟରେ ଜମି ଉଠିଥିବା ଅନୁଶୋଚନା
ଭୂତ ହୋଇଗଲା । ବୁଝିଲି ଯେ ଯଦିଓ ସ୍ୱାର୍ଥପର ହେଇ କାମଟି
ଛି ତଥାପି ମୁଁ ଯେ ନ୍ୟାୟପରାୟଣତାର ସାଧାରଣ ପଥରୁ
ୟୁତ ହେଇନାହୁଁ ଏକଥା ଭାବି ଆନନ୍ଦ ପାଇଲି । ଏକ୍ଷେତ୍ରରେ
ପ୍ରକୃତରେ ନିରପରାଧ ଏଥିରେ ମୋର କୌଣସି ସନ୍ଦେହ ନଥିଲା
ସି ମୋର ସୁବିଧାଟିକକ ଦେଖିବାକୁ ଯାଇଁ ଛି ତହିଁରେ କୌଣସି
ାୟ କରି ନାହିଁ ।

ଅଳ୍ପ ସମୟ ପରେ ଡାଇନିଂ ଟେବୁଲରେ ମାଡ଼ାଙ୍କୁ ଦେଖି ପ୍ରଶାନ୍ତ ନ ହେଲେବି ଟିକିଏ ଅଣ୍ଡା ହୋଇଛି ବୋଲି ମନେହେଲା । ଡ୍ରେସ୍‌ଗୁଡ଼ିକ ନେଇ ପରିଚାରିକା ଟିକିଏ ବାହାରକୁ ଯିବା ମାତ୍ରେ ସେ କହି ଉଠିଲା, ଠିକ୍ ଅଛି । ଏଣ୍ଟୋନିଓ ତୁମର କାମ କରୁ ; ତେବେ ଏଥିକି ବ୍ୟବସ୍ଥା କର ଯେମିତି ସେ ମୋ ଆଗକୁ ନଆସେ ଏମିତି କି ସିଡ଼ିକୁ ବି ନୁହେଁ ତୁମକୁ ମୁଁ ଆଗରୁ ସାବଧାନ କରିଦେଲି ।

ଖୁବ୍ ଖରାପ ଲାଗିଲା । କଥାଟା ଯେମିତି ମୋତେ ଶୁଣିନାହିଁ ଏମିତି ଛଳନା କଲି । ସେ ପୁଣି କହିଲା : ହୁଏତ ସତରେ ଏ ମୋର ଖିଆଲ । କିନ୍ତୁ ମୋର ଖିଆଲର ମୂଲ୍ୟ ତୁମର ବ୍ୟକ୍ତିଗତ ସୁବିଧା ଅପେକ୍ଷା ବେଶୀ ମୂଲ୍ୟବାନ ହେବା ପ୍ରୟୋଜନ ନୁହେଁ କି ?

ମନେହେଲା ସେ ଠିକ୍ ବିପରୀତ କଥାହିଁ କହୁଛି । ସେହି ସମୟରେ ପରିଚାରିକାଟି ଆସିଯିବାରୁ ଆମର କଥାବାର୍ତ୍ତାରେ ବାଧା ପଡ଼ିଲା । ପରେ ଯେତେବେଳେ ଦୁହେଁ ବୁଲି ବାହାରିଲୁ ସେତେବେଳେ ମୋର ମନଟା ଖୁବ୍ ଖରାପ ହୋଇଗଲା । ମୋର ମନେହେଲା କଥାଟା ପୁଣି ଉତ୍ଥାପନ କରିବା ଦରକାର ଏବଂ ମୋର ଯୁକ୍ତିଗୁଡ଼ିକ ଯେ ଅକାଟ୍ୟ ତାହାବି ତାଙ୍କୁ ସୁସ୍ପଷ୍ଟ ଭାବରେ ଜାଣିବାକୁ ଦେବା ଦରକାର । କିନ୍ତୁ ମୋତେ ବିସ୍ମିତ କରି ସେ ଶାନ୍ତ ଭାବରେ କହି ଉଠିଲା, : କିଛି ମନେ କରନା ସିଲଭିଓ, ସେ କଥା ଆମେ ଆଉ ଆଲୋଚନା କରିବା ନାହିଁ । ସକାଳେ ଘଟଣାଟାକୁ ଖୁବ୍ ବଡ଼ କରିହିଁ ଦେଖିଥିଲି । ଭାବି ଦେଖିଲି ସତରେ ମୁଁ ବିଶେଷ ଭାବପ୍ରବଣତା ପ୍ରକାଶ କରିଛି । ବିଶ୍ୱାସକର ବିଷୟରେ ମୋର ମନରେ ଆଉ ଟିକିଏ ବୋଲି କ୍ଷୋଭ ନାହିଁ ।

ସେ ଖୁବ୍ ସହଜ ଭାବରେ କଥାଟା କହିଲା, ମନେହୋ

ସତରେ ସେ ସକାଳର ବ୍ୟବହାରରେ ଦୁଃଖ ଅନୁଭବ କରୁଛି ।
ପଚାରିଲି : ସତ କହୁଛ ନାଁ ।

ପ୍ରଗାଢ଼ ସରଳତାରେ ସେ କହିଲା : ଶପଥ କରି କହିପାରେ । ଆଉ ମିଥ୍ୟା ଭାଷଣର କଣ ବା କାରଣ ଥାଇପାରେ କୁହ ? ତାପରେ ନାନା ବିଷୟରେ ଗଳ୍ପ କରି ଆମେ ବୁଲିବାକୁ ଲାଗିଲୁ । ସେ ଯେ ମନରୁ ଘଟଣାଟିକୁ ପୋଛି ପକାଇଛି ତହିଁରେ ମୋର ଦୃଢ଼ ବିଶ୍ୱାସ ଜନ୍ମିଲା ।

---

ଆଜି ଏଣ୍ଟୋନିଓର ଘଟଣା କହିବାକୁ ଗଲେ ପୂର୍ବାପର ବିଷୟ ଗୁଡ଼ିକର ପରିପ୍ରେକ୍ଷିରେ ମୁଁ ଗୋଟାଏ ମୋଟାମୋଟି ଚିତ୍ର ଅଙ୍କନ କରିବାରେ ସମର୍ଥ ମାତ୍ର । ଯେଉଁମାନେ ଇତିହାସ ଲେଖନ୍ତି ସେମାନଙ୍କ କ୍ଷେତ୍ରରେ ମନେହୁଏ ଏଇମିତି ଘଟେ । ଘଟଣା ଯେତେ ଗୁରୁତ୍ୱପୂର୍ଣ୍ଣ ହେଉନା କାହିଁକି ସମସାମୟିକମାନଙ୍କ ଆଖିରେ ତାହା ମୋଟେ ଧରା ପଡ଼େ ନାହିଁ । ଯେମିତି କୁହାଯାଏ ଫରାସୀ ବିପ୍ଳବର କେବଳ ଦ୍ରଷ୍ଟା ମାନେ ନୁହନ୍ତି ସ୍ରଷ୍ଟା ଆଉ ଅଂଶଗ୍ରହଣକାରୀଙ୍କ ନିକଟରେ ବି ତାହା କେବଳ ଫରାସୀ ବିପ୍ଳବ ମାତ୍ର ଥିଲା । ଏଣ୍ଟୋନିଓ ସଂପର୍କିତ ଉପନ୍ୟାସଟି ସମ୍ବନ୍ଧରେ ଅନ୍ୟମାନେ ଯାହା କିଛି ଭାବନ୍ତୁ ନା କାହିଁକି ତାହା ମୋର ମନକୁ ବିଶେଷ ଭାବରେ ଦୂରର କଥା ଟିକିଏ ବି ବିଚଳିତ କରିନାହିଁ । ଏହିଭଳି ଘଟଣାକୁ ଗୁରୁତ୍ୱ ଦେବାର ମୋର କୌଣସି ଇଚ୍ଛା ନଥିଲା । ମୋର ସ୍ତ୍ରୀ ଏବଂ ମୋ ମଧ୍ୟରେ ବେଶ୍ ସୁସ୍ଥ ସଂପର୍କ ରହିଛି । ଗୋଟାଏ ଆଧୁନିକ ଧରଣର ସୁନ୍ଦର ଘର ମଧ୍ୟରେ ମଧ୍ୟଯୁଗୀୟ ସ୍ୱୈର ଦରଜା କେହି

ହେଲେ ନିଶ୍ଚୟ ପସନ୍ଦ କରିବେ ନାହିଁ । ମୋ ମନର ନିରପରାଧ ଅବସ୍ଥାଟି ମୁଁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଚାହୁଁଥିଲି, ଯଦିଓ ମୁଁ ଜାଣିଥିଲି ଏଥିରେ ମୋର ସ୍ୱାର୍ଥପରତା ଏବଂ ଚରିତ୍ରର ଅଗଭୀରତାହିଁ ପ୍ରକାଶ ପାଉଛି । କାରଣ ଯାହାହେଉ ଖରାପ ଚିନ୍ତା କରିବାର ମାନସିକତା ମୋର ନଥିଲା । ତା ପରଦିନ ନିର୍ଦ୍ଦିଷ୍ଟ ସମୟରେ ଯେତେବେଳେ ଏଣ୍ଟୋନିଓ ଆସିଲା ସେତେବେଳେ ମୋ ମଧ୍ୟରେ ବିତୃଷ୍ଣା ବା ଘୃଣାର ଲେଶମାତ୍ର ନଥିଲା । ସ୍ତ୍ରୀର ଅଭିଯୋଗର ଆଲୋକରେ ଲୋକଟିର ବ୍ୟବହାରରେ ମୋର ମନର ଏହି ସ୍ଥିର ଭାବ ସାହାଯ୍ୟ କରିବ ଭାବି ଆନନ୍ଦିତ ହେଲି । ଯଥାରୀତି ତା ସହିତ କଥାବାର୍ତ୍ତା କରିବା ଭିତରେ ( ତା ସହିତ କଥାବାର୍ତ୍ତା କରିବାରେ କହିବାକୁ ଗଲେ ମୋର କୌଣସି ଅସ୍ୱସ୍ତିତା ନଥିଲା ) ତାକୁ ବେଶ ଲକ୍ଷ୍ୟ କଲି । ପୂର୍ବପରି ସେ ଯଥେଷ୍ଟ ସାବଧାନତା ଆଉ ଦକ୍ଷତାର ସହିତ କାମ କରି ଯାଉଥିଲା । ସ୍ତ୍ରୀର ଅଭିଯୋଗ ଯଦି ସତ୍ୟ ବୋଲି ଧରିନେବାକୁ ହୁଏ ତେବେ ବୁଝିବାକୁ ହେବ ମନର ଅବସ୍ଥା ଗୋପନ କରିବାର ପଟୁତା ଏଣ୍ଟୋନିଓର ଅଛି । ସେ ଗୋଟାଏ ପକ୍କା ସୟତାନ, ଚରିତ୍ରହୀନ ବ୍ୟକ୍ତି । ସ୍ତ୍ରୀର ଏହି ଧରଣର ଅଭିଯୋଗ ସେତେବେଳେ ବି ଯେମିତି ମୋର କାନରେ ବାଜୁଥିଲା । ତାର କଦାକାର ଚେହେରାଟା ବେଶ କିଛି ସମୟ ଧରି ନିରୀକ୍ଷଣ କରି ଦେଖିବା ପରେ ଏକାବେଳକେ ନିର୍ବିକାର ଭାବରେ କହି ବସିଲି : ମୋର ଖୁବ୍ ଜାଣିବାକୁ ଇଚ୍ଛା ହେଉଛି ଏଣ୍ଟୋନିଓ ତୁମଭଳି ପାଞ୍ଚୋଟି ସନ୍ତାନର ଜନକ କେବେ କଣ ସ୍ତ୍ରୀଙ୍କ ସହିତ ପ୍ରେମ କରି ଭୁଲିପାରେ ।

ଖଣ୍ଡିଏ କାଗଜରେ ଏଣ୍ଟୋନିଓ ଛୁରିଟା ପରିଷ୍କାର କରି ରଖିଥିଲା । ମୋ ଆଡ଼କୁ ଛୁରି ହାତରେ ଫେରି ପଡ଼ି ଟିକିଏ ହସି ସେ କହିଲା : ସିନର ବ୍ୟାଲଦେଶୀ ପାଇଁ ସମୟ ସବୁବେଳେ କରି ନିଆ ଯାଇପାରେ ।

ମୁଁ ଯେ ଅନ୍ୟ ଧରଣର ଉତ୍ତର ଆଶା କରୁଥିଲି ଏକଥା ନିଶ୍ଚୟ
ାକାର କରିବ । ଟିକିଏ କ୍ଷୁବ୍ଧ କଣ୍ଠରେ କହିଲି : ତୁମର ସ୍ତ୍ରୀ
ନ୍ଦେହ କରେନା ?
: ସ୍ତ୍ରୀ ମାନଙ୍କେ ପୁରୁଷଙ୍କୁ ସନ୍ଦେହ କରିଥାନ୍ତି ।
: ତା'ହେଲେ ତୁମେ ସ୍ତ୍ରୀକୁ ଭଲ ପାଅନା ।
କ୍ଷୁରଟା ହାତରେ ନେଇ ସେ ସିଧା ମୋତେ ଚାହିଁ କହିଲା : କ୍ଷମା
ବେ ସିନର । ତାହା ମୋର ନିତାନ୍ତ ବ୍ୟକ୍ତିଗତ ବ୍ୟାପାର ।
ଏ ଉଚ ଶ୍ରେଣୀର ମଣିଷ ତାର ତଳ ଶ୍ରେଣୀର ମଣିଷମାନଙ୍କୁ
ଧରଣର ପ୍ରଶ୍ନ କରିପାରେ ଏହିଭଳି ଏକ ଭ୍ରାନ୍ତ ଧାରଣା ମୋର
। ତେଣୁ ତାର ଉତ୍ତରରେ ମୁଁ ଟିକିଏ ଲଜ୍ଜିତ ହେଲି ।
ାନ ସ୍ତରର ବ୍ୟକ୍ତି ଯେଉଁଭଳି ଭାବରେ କଥାବାର୍ତ୍ତା କରନ୍ତି ପ୍ରାୟ
ନିକଟା ସେହିଭଳି ଏକ ପର୍ଯ୍ୟାୟକୁ ସେ ମୋତେ ଆଣି ପକେଇ
। ଏହା ମୁଁ ମୋଟେ ଆଶା କରି ନ ଥିଲି । ଟିକିଏ ବିରକ୍ତ
ଲି । କହିବା ପାଇଁ ଇଚ୍ଛା ହେଲା ନା, ବ୍ୟାପାରଟା କେବଳ
ର ଜଣଙ୍କର ନୁହେଁ ମୋର ବି କାରଣ ମୋର ସ୍ତ୍ରୀକୁ ବିରକ୍ତ
ବା ଭଳି ସ୍ପର୍ଦ୍ଧା ତୁମେ ଦେଖେଇଛ । କିନ୍ତୁ ନିଜକୁ ସଂଯତକରି
ଏ ଯେମିତି ବିଭ୍ରାନ୍ତ ଭାବରେ କହିଲି, ତୁମେ କଣ ଏଣ୍ଟୋନିଓ ?
କିନ୍ତୁ ତାହା ଚାହିଁନାହିଁ ।
ସେ କହିଲା : ମୋଟେ ନୁହେଁ । ତାପରେ କ୍ଷୁରରେ ସୁନ୍ଦର
ରେ ସେ କ୍ଷୌର କରିବା ଆରମ୍ଭ କଲା । ମନେହେଲା ସେ
ମିତ ତାର ପ୍ରଥମ ଶାଣିତ ମନ୍ତବ୍ୟଟିକୁ ସମ୍ଭାଳି ନେଇ ମୋର
ନାବେଦନା ଦୂର କରିବାକୁ ଚାହୁଁଛି । ତାପରେ ହଠାତ୍ ସେ
ସମୟରେ କହିଉଠିଲା, ଆଚ୍ଛା ସିନର ବ୍ୟଲଦେଣୀ, ମୋର ତ
ନିହୁଏ ପ୍ରତିଟି ପୁରୁଷ ସ୍ତ୍ରୀଲୋକ ପସନ୍ଦ କରନ୍ତି । ଏଇତ ସ୍ୟାନ
ରନସର ଧର୍ମଯାଜକଟିର ବି ଗୋଟିଏ ସ୍ତ୍ରୀ ଲୋକ ଅଛି । ତାର

ପୁଣି ଦୁଇଟି ସନ୍ତାନ ବି ହୋଇଛନ୍ତି । ପ୍ରତିଟି ମଣିଷର ମନରେ ଯଦି ଆପଣ ଉଙ୍କି ମାରି ଦେଖନ୍ତି ତାହାହେଲେ ଦେଖିବାକୁ ପାଇବେ କୌଣସି ନା କୌଣସି ସ୍ତ୍ରୀ ଲୋକ ତା ମଧ୍ୟରେ ରହିଛି । ତେବେ ମଜା କଣ ଜାଣନ୍ତି କାଲେ ଲୋକେ ଏହାକୁ ନେଇ ଗୁଜବ ରଟନା କରିବେ ତେଣୁ ଏସବୁ କେହି କାହାକୁ କହିବା ପାଇଁ ଚାହାନ୍ତି ନାହିଁ । ଆଉ ଆପଣ ବି ଜାଣନ୍ତି ଯେ ସ୍ତ୍ରୀ ଲୋକେ ବେଶୀ କଥାବାର୍ତ୍ତା ପସନ୍ଦ କରନ୍ତି ନାହିଁ ।

ପ୍ରେମ କ୍ଷେତ୍ରରେ ଗୋପନୀୟତା ରକ୍ଷାର ଗୁରୁତ୍ୱ ସଂପର୍କରେ ସେ ମୋତେ ଏକ ସାରଗର୍ଭ ବାଣୀ ଶୁଣେଇ ଦେଲା । ଯାହା ହେଉ ବର୍ତ୍ତମାନ କିନ୍ତୁ ଅଳ୍ପ ସନ୍ଦେହ ମୋର ମନରେ ଜାଗିଲା ଯେ ସ୍ତ୍ରୀର ଅଭିଯୋଗ ମୂଳରେ କିଛିଟା ସତ୍ୟ ହୁଏତ ଥାଇପାରେ ।

ସ୍ତ୍ରୀର ବଡ଼ ପୁଅ ଏଣ୍ଡ୍ରେଲେ ସପ୍ତାହରେ ଦିନେ ହିସାବ ପତ୍ର କରିବା ପାଇଁ ମୋ ପାଖକୁ ଉପରଓଳି ଆସୁଥିଲା । ପଢ଼ା ଘରେ ବସି କିଛି ସମୟ ହିସାବ ପରୀକ୍ଷା କରି ଦେଖିବା ପରେ ଏଣ୍ଟୋନିଓକୁ ସେ ଚିହ୍ନେ କି ନା ଏବଂ ତା ସମ୍ବନ୍ଧରେ ତାର ଧାରଣା କଣ ଜାଣିବାକୁ ଚାହିଁଲି । ଏଣ୍ଡ୍ରେଲୋର ଭିତରେ କେମିତି ଏକ ନିର୍ବୋଧ ଧୂର୍ତ୍ତତାର ଛାପ ଥିଲା । ସେ ଅଳ୍ପ ପରିଶ୍ରାନ୍ତର ହସ ସହିତ ଉତ୍ତର ଦେଲା, ହଁ, ହଁ ଏଣ୍ଟୋନିଓକୁ ଆମେ ବେଶ ଭଲ ଭାବରେ ଜାଣୁ । ତାପରେ ଅଳ୍ପ ଇତସ୍ତତ କରି ସେ ପୁନର୍ବାର କହିଲା : ନ ପିତା ହିସାବରେ କିନ୍ତୁ ତାର ତୁଳନା ନାହିଁ ।

: କିନ୍ତୁ··· ।

: ସେ ଏଠିକି ନୂତନ ଆସିଛି । ବିଦେଶୀ ଲୋକର ଧରଣ ଧାରଣ ଯେ ପୃଥକ ହୁଏ ଏକଥା ସମସ୍ତେ ଜାଣନ୍ତି । ମନେହୁଏ ଯେଉଁଠୁ ସେ ଆସିଛି ସେଠାକାର ଅଦବକାୟଦା ସଂପୂର୍ଣ୍ଣ ପୃଥକ ।

: କାହିଁକି କହୁଛ ?

ମୁଣ୍ଡ ହଲେଇ ସେ ଉତ୍ତର ଦେଲା କାରଣ ଅବଶ୍ୟ ଅନେକ
ରହିଛି ।' ତାର ହସ ମଧ୍ୟରେ ଏକ ସବ୍‌ଜାନତାର ଭାବ ଫୁଟି
ଉଠିଲା । ସିଏ ଯେ ଏଣ୍ଟୋନିଓଙ୍କୁ ମୋଟେ ପସନ୍ଦ କରେନା ଆଉ
ତାର ବି ଯେ ମଜାର ମଜାର କାରଣ ଅଛି ଏହା ତାର ହାବଭାବରେ
ଫୁଟି ଉଠିଲା ।

: ଗୋଟାଏ ଦୁଇଟି ଉଦାହରଣ ଦିଅ ତ ଶୁଣିବା, ତାକୁ
ପଚାରିଲି ।

ସେ ଯେମିତି ହଠାତ୍ ଖୁବ ଗମ୍ଭୀର ହୋଇଗଲା । କଥାଗୁଡ଼ିକ
ମଧ୍ୟରେ ଜୋର ଦେଇ ସେ ଟିକଏ ଉଦ୍ଦୀପ୍ତ କଣ୍ଠରେ କହିଲା,
ଦେଖନ୍ତୁ ସିନର, ପ୍ରଥମ କଥା ସେ ସ୍ତ୍ରୀ ଲୋକଙ୍କୁ ଖୁବ୍ ଜଳାଏ ।

: ସତରେ ?

: ଆଃ, କାହିଁକି କହୁଛନ୍ତି ! ଆଉ ସେ ଯାହା କରେ ତାହା
ଆପଣଙ୍କର ଧାରଣାର ବାହାରେ । ସୁନ୍ଦରୀ ହେଉ ବା କୁତ୍ସିତ
ହେଉ, ଯୁବତୀ ହେଉ ବା ବୁଢ଼ୀ ହେଉ ସ୍ତ୍ରୀ ହେଲେହିଁ ହେଲା ।
ଯେଉଁମାନେ କେଶବିନ୍ୟାସ ପାଇଁ ତାର ଦୋକାନକୁ ଯାଆନ୍ତି,
କେବଳ ସେମାନଙ୍କରହିଁ ନୁହେଁ, ବାହାରେ ବି ତାର କାରବାର
ସେହି ରକମ । ଯାହାକୁ ଇଚ୍ଛା ତାହାକୁ ଆପଣ ପଚାରି ପାରନ୍ତି ।
ଆପଣମାନେ ଯେମିତି ଶିକାରକୁ ବାହାରନ୍ତି, ସେ ସେହିଭଳି
ରବିବାର ହେଲା ମାତ୍ରକେ ସାଇକେଲଟି ନେଇ ଗଳିରେ ଗଳିରେ
ବୁଲି ବୁଲେ, ଜଘନ୍ୟ କଥା । ତେବେ ଏ କଥା ବି ଆପଙ୍କୁ କହୁ
ରଖୁଛି ଯେ ଏହାର ମଧ୍ୟରେ ସେ ଏମିତି କୌଣସି ନା କୌଣସି
ଲୋକର ହାତୁଡ଼ିରେ ପଡ଼ିବହିଁ ପଡ଼ିବ ସିଏ ତାର ଏହି ଅଭ୍ୟାସଟା
ଚିରକାଲ ପାଇଁ ଶେଷ କରିଦେବ । ଏଞ୍ଜେଲୋର ସ୍ୱାଭାବିକ ଗମ୍ଭୀର
ଟା କଟିଯାଇ ଗୋଟାଏ ବାତୁଲ ସ୍ୱଭାବ ବାହାରି ଆସିଲା ।
କୌଣସି କୌଣସି କୃଷକ ଯେତେବେଳେ ଦେଖନ୍ତି ଯେ ମୂନିବ

ତାର କଥା ଶୁଣିବା ପାଇଁ ରହୁଁଛି, ସେତେବେଳେ ସେ ଯେମିତି ଭାବରେ ଅସଂଲଗ୍ନ ନାନା କଥା କହେ, ଇଏବି ସେମିତି ନାନା ନୀତି ଉପଦେଶ ଦେଇ ବକ୍ତୃତା ଦେବାକୁ ଆରମ୍ଭ କଲା ।

କଥା ମଝିରେ ବାଧା ଦେଇ କହିଲି, କିନ୍ତୁ ତାର ସ୍ତ୍ରୀର ଖବର କଣ ?

ଆହା ବିଚ୍ଛୁଆ ! ସେ ଆଉ କଣ କରିବ କହନ୍ତୁ ? ସେ କାଳେ ଆଉ କାମଧାମ କରେ । ସ୍ତ୍ରୀକୁ ସେ କ୍ଷୌରକର୍ମ ଶିଖେଇଛି । ମଝିରେ ମଝିରେ ଖଣ୍ଡଦଦାରଙ୍କ ଘର ତା ଉପରେ ଦେଇ ସନ୍ଧର ଯିବା ବାହାନାରେ ସାଇକେଲ ନେଇ ବାହାରିଯାଏ । ପ୍ରକୃତରେ ଯାଏ ସ୍ତ୍ରୀ ଲୋକ ଖୋଜା । ଏଇ ସେ ଗତବର୍ଷ··· ।

ତା ପାଖରୁ ଆଉ ବେଶୀ କଥା ଶୁଣିବା ମୋ ପକ୍ଷରେ ମର୍ଯ୍ୟାଦା ହାନିକର ମନେହେଲା । ଏଣ୍ଟୋନିଓ ସମ୍ପର୍କରେ ମୋର ଯାହା ଜାଣିବା ଦରକାର ତାହା ଇତିମଧ୍ୟରେ ଜାଣି ନେଇଥିଲି । କଥାର ମୋଡ଼ ବୁଲେଇ ନେଲି ଏବଂ କିଛି ସମୟ ପରେ ତାକୁ ବିଦାୟ ଦେଇଦେଲି ।

ତାପରେ ଏକାକୀ ବସି ନାନା ଚିନ୍ତାରେ ମୁଁ ବୁଡ଼ି ରହିଲି । ବୁଝିଲି ମୋର ସ୍ତ୍ରୀ ସତକଥା କହୁଛି, ଅନ୍ତତଃ କଥାଟା ବିଶ୍ୱାସ କରିବା ଭଳି ଯଥେଷ୍ଟ କାରଣ ରହିଛି ବୋଲି ମୋର ମନେହେଲା ।

ମୁଁ ଖୁବ୍ ହତାଶ ହୋଇ ପଡ଼ିଲି । ଏଣ୍ଟୋନିଓ ଯେ ଏତେଟା ନିକୃଷ୍ଟ ତାହା ଆଗରୁ କଳ୍ପନା କରି ନାହିଁ । ତାକୁ କେମିତି ରହସ୍ୟମୟ ମନେ ହେଉଥିଲା । ତେଣୁ ତାକୁ ମୋତେ ଭଲ ଲାଗିଥିଲା । ରହସ୍ୟର କୁହେଳିକା କଟିଯାଇ ଏଣ୍ଟୋନିଓର ଯେଉଁ ରୂପଟି ବାହାରି ଆସିଲା ତାହା ହେଲା ଏକ କୁତ୍ସିତ ମଣିଷର ଛବି; ଯିଏ ତାର ନିଜ ସମାଜର ଏମିତି କି ମୋର ସ୍ତ୍ରୀଭଳି ଉଚ୍ଚ ସମାଜର ନାରୀମାନଙ୍କୁ ବି ବିରକ୍ତ କରି ବୁଲେ । ତାର ବ୍ୟକ୍ତିଗତ ଜୀବନର

ଗୋପନ ତଥ୍ୟ ଜାଣିପାରି ମୁଁ ଭୀଷଣ ବିରକ୍ତ ହୋଇ ଉଠିଲି । ତା ପ୍ରତି ଲିଡ଼ାର ଘୃଣା ବହୁ ପୂର୍ବରୁ ମୋ ମଧ୍ୟରେ ସଂକ୍ରମିତ ହୋଇ ପାରିଥାନ୍ତା । ତାକୁ ହୁଏତ ମୁଁ ଘୃଣା ବି କରିଥାନ୍ତି । ତାର ସମସ୍ତ କଥା ଶୁଣି ତା ଉପରେ କେବଳ ଯେ ମୋର କରୁଣା ମିଶ୍ରିତ ଘୃଣା ଭାବ ଜନ୍ମିଲା ସେୟା ନୁହେଁ, ନିଜ ଉପରେ ବି ଘୃଣା ହେଲା । ହଠାତ୍ ମନେହେଲା ମୁଁ ଏହି ଗ୍ରାମ୍ୟ ଜିନ୍ କୁସ୍ତାନଟା ସହିତ ପ୍ରତିଦ୍ୱନ୍ଦ୍ୱିତାର ମାନ ଓ ନିମ୍ନ ସ୍ତରକୁ ଓହ୍ଲାଇ ଆସିଛି ।

ଏହା ଅବଶ୍ୟ ସତ ଯେ ତା ଉପରେ ମୋର ବିଶ୍ୱାସ ପ୍ରବଣତା ମୂଳରେ ଥିଲା ସ୍ୱାର୍ଥ ଚିନ୍ତା । ସ୍ୱାର୍ଥଟି ଆଉ କିଛି ନୁହେଁ ସେ ଥିଲେ ନିଜେ କ୍ଷୌର ହେବା ଭୟରୁ ମୋତେ ରକ୍ଷା ମିଳେ ।

ଏଞ୍ଜେଲୋ ସହିତ କଥାବାର୍ତ୍ତା ହେବା ପରେ ନିୟମାନୁସାରେ ସ୍ତ୍ରୀ ସହିତ ବୁଲିବାକୁ ବାହାରିଲି । ମନେହେଲା ବର୍ତ୍ତମାନ ବୋଧହୁଏ ମୁଁ ମୋର ସ୍ତ୍ରୀକୁ ପ୍ରତାରଣା କରୁଛି । ତଥାପି ଏଞ୍ଜେଲୋ ପାଖରୁ ଯାହା ଜାଣିଲି ତାହା ପ୍ରକାଶ କରିବା ଯୁକ୍ତିଯୁକ୍ତ ମନେହେଲା ନାହିଁ । ମୁଁ ବେଶ୍ ବୁଝିପାରିଲି ଏସବୁ କଥା ଉତ୍ଥାପନ କଲେ ତା ମଧ୍ୟରେ ଯେଉଁ କ୍ରୋଧବହ୍ନି ନିର୍ବାପିତ ହୋଇଛି ବୋଲି ମନେ ହେଉଛି ତାହା ପୁଣି ନୂତନ ଭାବରେ ଜଳି ଉଠିବ । ମୋର ମନ ଏକ ଅନିଶ୍ଚିତ ବିଷାଦରେ ପରିପୂର୍ଣ୍ଣ ହୋଇଗଲା । ଏକ ସମୟରେ ତାକୁ ଅନ୍ୟମନସ୍କ ଦେଖି ପଚାରିଲି : ଏଣ୍ଟୋନିଓ ଯେ ତୁମକୁ ଅସମ୍ମାନ କରିଥିଲା, ସେକଥା ଭାବୁଛ ବୋଧହୁଏ ? ତୁମେ ଯଦି ଚାହଁ ମୁଁ ତାକୁ ନିଶ୍ଚୟ ତଡ଼ିଦେବି ।

ଏଥର ସେ ଏଣ୍ଟୋନିଓର ବିରୁଦ୍ଧରେ କିଛି କହିଥିଲେ ମୁଁ ନିଶ୍ଚୟ ଖୁସି ହୋଇଥାନ୍ତି । ନିଜର ସ୍ୱାର୍ଥପରତାରେ ମୁଁ ବେଶ୍ ଆଘାତ ପାଇଥିଲି । ଏଥର ଟିକିଏ ମାତ୍ର ଉତ୍ସାହ ପାଇଥିଲେ ଏଣ୍ଟୋନିଓକୁ ତଡ଼ିଥାନ୍ତି ।

ସେ ଚମକି ପଡ଼ି କହିଲା : ନାପିତଟାର କଥା ଭାବୁଛ ? ନା, ମୋଟେ ନୁହେଁ । ସତ କହିବାକୁ ଗଲେ ମୁଁ ସେକଥା ପୁରାପୁରି ପାଶୋରି ଯାଇଛି ।

ତାର ଆନ୍ତରିକ ଅନାଗ୍ରହ ଭାବରେ ମୁଁ ଉତ୍ସାହିତ ହୋଇ ଉଠିଲି । ଭାବିଲି ମୋର ପ୍ରସ୍ତାବ ଆଉ ବାତୁଲ ହେବ ନାହିଁ । : ତୁମେ ଚାହିଁଲେ ମୁଁ ତାକୁ ନିଶ୍ଚୟ ତଡ଼ିବି ।

: ନା, ମୁଁ ତାହା ତୁମକୁ କହି ପାରିବି ନାହିଁ, କହି ଉଠିଲା ମୋର ସ୍ତ୍ରୀ । ତାହିଁରେ ମୋର କିଛି ଯାଏ ଆସେନା । ତୁମେ ବିଶ୍ୱାସ କର, ଦିନେ ଯେ କିଛି ଘଟିଥିଲା ତାହା ମୁଁ ପୂରା ପାଶୋରି ଯାଇଛି ।

: କିନ୍ତୁ ମୁଁ କଣ ଭାବୁଥିଲି ଜାଣ ?

ଖୁବ୍ ଗଭୀର ଚିନ୍ତା ପରେ ସେ କହିଲା : ସେ ତୁମର ଏକାନ୍ତ ନିଜସ୍ୱ ବ୍ୟାପାର । ସେ ଏଠିକି ଆସିଲେ ବିରକ୍ତ ହୁଅ କି ନାହିଁ ଭାବି ଦେଖିବ ।

: ମୁଁ ତ ମୋଟେ ବିବ୍ରତ ବୋଧ କରୁ ନାହିଁ ।

: ତାହାହେଲେ ତୁମେ ତାକୁ ତଡ଼ିବା ପାଇଁ ଚାହୁଁଛ କାହିଁକି ?

ଅଳ୍ପ ହତାଶ ହେଲେ ମଧ୍ୟ ତାର ଯୁକ୍ତି ନିର୍ଭର ବ୍ୟବହାରରେ ମୁଁ ଖୁସି ହେଲି । କପାଳଗୁଣରେ ମୋର ସୃଜନୀ ଶକ୍ତିରେ ପୁ ବିକାଶର ଆନନ୍ଦରେ ସେତେବେଳେ ମୁଁ ପରିପୂର୍ଣ୍ଣ । ଅନ୍ୟ ଦିଗରେ ଏହି ଆନନ୍ଦର ଆତିଶଯ୍ୟରେ ମୋର ଆଚରଣରେ ପ୍ରକାଶିତ ଅନ ଭାବନା ଚିନ୍ତା ସମୂହକୁ ବିଶ୍ଳେଷଣ କରିବା ଭଳି ଶକ୍ତି ମୁଁ ହରେ ଦେଇଥିଲି । ପରଦିନ ଯଥାରୀତି ଏଣ୍ଟୋନିଓ ଆସିଲା । ଲକ୍ଷ୍ୟ କଲି, ଏଣ୍ଟୋନିଓ ନିକଟରୁ ତା ସମ୍ବନ୍ଧରେ ଏତେ ଖବର ପାଇଲା ପରେ ବି ତାର ଉପସ୍ଥିତିରେ ମୁଁ କମ ଆନନ୍ଦ ପାଇଲି ନାହିଁ

ଆଗେ ତା ସମ୍ବନ୍ଧରେ କିଛି ଜାଣି ନ ଥିଲି ତେଣୁ ତାକୁ ରହସ୍ୟମୟ ମନେ କରୁଥିଲି । ଆଜି ମୁଁ ତାର ସବୁକିଛି ଜାଣି ସାରିଛି ବୋଲି ହିଁ ମୋ ପାଖରେ ସେ ସମ୍ମାନ ରହସ୍ୟାବୃତ । ରହସ୍ୟମୟତା ଟି ପୂର୍ବେ ଯେମିତି କୌଣସି ଏକ ଦୁର୍ଗମ ଅଞ୍ଚଳରେ ଥିଲା, ଏବେ ମାତ୍ର ପ୍ରଭେଦ । ସ୍ରେଷ୍ଟ ବିଶ୍ୱ ସବୁକିଛିରେ ଏଭଳି ରହସ୍ୟ ରହିଛି, ତାର ଗୋଟାଏ ବ୍ୟାଖ୍ୟା ବି ଦିଆଯାଇ ପାରେ । କେବଳ ତାର ଅବସ୍ଥିତିର କାରଣ ଠିକ୍ କି ବ୍ୟାଖ୍ୟା କରାଯାଇ ପାରେ ନାହିଁ ।

ପରବର୍ତ୍ତୀ ଦିନଗୁଡ଼ିକ ଏକ ଅଦ୍‌ଭୁତ ପ୍ରେରଣା ଆଉ କାମ ମଧ୍ୟରେ କଟିଗଲା । ମୋର କାମ ଯେତିକି ଶେଷ ହୋଇଆସିଲା ମୋର ଏହି ଶକ୍ତିଗୁଡ଼ିକ ସେତେ ଯେମିତି ବଢ଼ି ଉଠି ତାର ଚରମ ପରିଣତିରେ ଯାଇ ପହଞ୍ଚିଲା । ଏଣ୍ଟୋନିଓ ପ୍ରତ୍ୟେକଦିନ ଆସୁଥିଲା । ପ୍ରଥମ ଦିନର ବିହ୍ୱଳ ଭାବ କଟିଯିବା ପରେ ତାକୁ ଅତୁଟ ଅନୁସନ୍ଧିତ୍ସାର ସହ ଲକ୍ଷ୍ୟ କରିଯିବାକୁ ଲାଗିଲି । ବର୍ତ୍ତମାନ ଯେମିତି ଆମ ଉଭୟଙ୍କ ମଧ୍ୟରେ ଏକ ସମ୍ପର୍କ ଗଢ଼ି ଉଠିଛି ଯାହା ମୌନ ହେଲେ ମଧ୍ୟ ଅସ୍ପଷ୍ଟ ନୁହେଁ । ସ୍ତ୍ରୀର ପ୍ରସ୍ତାବ ଅନୁସାରେ ଯଦି ସେତେବେଳେ ତାକୁ ଅପସାରଣ କରି ଦେଇଥାନ୍ତି ତାହାହେଲେ ନିଶ୍ଚୟ ଏ ଭୁଲ ହୋଇଥାନ୍ତା । ଏହି ସମ୍ପର୍କ ବ୍ୟାଖ୍ୟା କରି ବୁଝେଇ ହେବ ନାହିଁ । ଆଗେ ଏଣ୍ଟୋନିଓ ସହିତ ଥିଲା ମୁନିବ ଭୃତ୍ୟର ସଂପର୍କ । ସ୍ତ୍ରୀ ତା ବିରୁଦ୍ଧରେ ଅଭିଯୋଗ ଆଣିବା ପରେ ସେହି ସଂପର୍କର ପରିବର୍ତ୍ତନ ହୋଇ ଏକ ନୂତନ ସମ୍ପର୍କ ଗଢ଼ି ଉଠିଛି । ଏଣ୍ଟୋନିଓ ମୋର ସମ୍ମାନହାନି କରିଛି । ଅନ୍ତତଃ କରିଛି ବୋଲି ବିଶ୍ୱାସ କରାଯାଇ ପାରେ । କାରଣ ମୋର ସ୍ତ୍ରୀ

ଆଉ ସମ୍ମାନ ଏକାକଥା । ସ୍ୱାମୀ ହିସାବରେ ସ୍ତ୍ରୀ ସହିତ ମୋର ଯେଉଁ ସମ୍ପର୍କ ସେହି ପରିପ୍ରେକ୍ଷୀରେ କଥାଟା ବିଚାର କରୁଛୁ ଅବଶ୍ୟ ସେହି ସମ୍ପର୍କଟିକ ନିତାନ୍ତ ଘିଷ୍ଠଗତ । ଜଣକ ସହି ଦରମା ଦେବା ନେବାକୁ ଆଶ୍ରୟ କରି ମୁନିବର ସମ୍ପର୍କ ଅନ୍ୟ ଜଣେ ସାଥିରେ ବୈବାହିକ ବନ୍ଧନ ନିର୍ଭର ସ୍ୱାମୀର ସମ୍ପର୍କ । ଦୁଇଟିକୁ କ ବେଶୀ କଳଙ୍କିତ ସମ୍ପର୍କ କହିପାରେ । ଏଣ୍ଟୋନିଓକୁ ବରଖା କରିବା ପାଇଁ କହି ମୋର ସ୍ତ୍ରୀ, ପ୍ରଧାନତଃ ଏହି ଦୁଇ ସମ୍ପ ଉପରେ ପରୋକ୍ଷ ଭାବରେ ନିର୍ଭର କରିବାକୁ କହିଥିଲା । ଯାହାହେ ସ୍ତ୍ରୀର ପ୍ରସ୍ତାବ ମୁଁ ଗ୍ରହଣ କରି ନାହିଁ ଏବଂ ଏଣ୍ଟୋନିଓ ଯଥାପୂ କାମ କରି ଚାଲିଛି ।

ଏହା ପରଠାରୁ ଏଣ୍ଟୋନିଓ ଯେତେବେଳେ କ୍ଷୌର କରିବାକୁ ଆସୁଥିଲା ସେତେବେଳେ ବୋଧହୁଏ ମୋର ସ୍ତ୍ରୀ ତାର ପଢ଼ା ଘରେ ରହୁଥିଲା । କାରଣ ପୂର୍ବପରି ସେ ଆଉ ମୋ ଘରକୁ ଆସି ବସୁ ନଥିଲା । ସିଏ ଯେ ଯୁକ୍ତିନିଷ୍ଠ ଗୋଟାଏ ଅନୁମାନ ଉପରେ ନିର୍ଭର କରି ତାର ପୂର୍ବର ମାନସିକ ପ୍ରତିକ୍ରିୟା ବିସର୍ଜନ ଦେଇ ପାରୁନାହିଁ ଏଥିରେ ମୁଁ ବିରକ୍ତ ହୋଇ ଉଠିଲି । ଠିକ୍ କେବେ ଆଉ କେମିତି ଭାବରେ ମନେନାହିଁ, ତେବେ ସେ ସକାଳେ ମୋ ପାଖକୁ କାହିଁକି ଆସୁନି ସେ ପ୍ରଶ୍ନ ତାକୁ ମୁଁ କରିଥିଲି । ଅଳ୍ପ ଅସ୍ଥିର ଭାବରେ ରାଗ ନଯାଇ ସେ ଉତ୍ତର ଦେଇଥିଲା, ସତରେ ସିଲଭିଓ ତୁମର ବୁଦ୍ଧିର ପରିମାଣ ଉପରେ ବେଳେ ବେଳେ ମୋର ସନ୍ଦେହ ହେଉଛି । ଲୋକଟାକୁ ତାର ଅଭଦ୍ରତା ପାଇଁ କୌଣସି ଶାସ୍ତି ହିଁ ତୁମେ ଦେଇ ନାହିଁ । ଏହାପରେ ମୁଁ କେମିତି ଭାବରେ ତୁମ ପାଖକୁ ଆସିବି କୁହ ? ଆସିଲେ, ସେ ଭାବିବ ତାକୁ ମୁଁ କ୍ଷମା କରିଛି ଅଥବା ଅନ୍ୟ ରକମର ଖରାପ କିଛି ବି ଭାବି ବସିପାରେ । ନ ଆସିଲେ ବରଂ ସେ ଭାବିବ ଯେ ଏହି କୁତ୍ସିତ ଘଟଣାକୁ ମୁଁ ଏଡ଼େଇ ଯିବାପାଇଁ ଚାହୁଁଛି

ଜାଣେନା କେଉଁ ଦୁଷ୍ଟ ବୁଦ୍ଧିର ପ୍ରଭାବରେ ମୁଁ କହୁ ବସିଲି, : ଘଟଣାଟା ତୁମେ ଲକ୍ଷ୍ୟ କରନାହଁ ଏମିତ କଥା ବ ସେ ଭାବନେଇ ପାରେ । ଆହୁର ଖରାପ ହେବ ସେ ଯଦ ଭାବେ ଯେ ତମେ ସବୁ କଛୁ ଲକ୍ଷ୍ୟକର ବ ନଜେ କଛୁ କରନାହଁ, ମୋ ଦ୍ୱାରା କଛୁ କରେଇ ନାହଁ ।

ସେ ଖୁବ୍ ଶାନ୍ତ ଭାବରେ ଉତ୍ତର ଦେଲା : ଏ ସବୁର ଗୋଟାଏ ମାତ୍ର ସମାଧାନ ଥିଲା, ଏବଂ ତାହା ହେଉଛି ସେହିଦନହିଁ ତାକୁ ବିତାଡ଼ିତ କରବା ।

---

ଶେଷରେ ମୋର ଜୀବନରେ ସେହି ବହୁ ପ୍ରତୀକ୍ଷିତ ମୁହୂର୍ତ୍ତିଟି ଆସିଲା ଯେଉଁ ଦନ ସଞ୍ଜ ଲେ ମୋର ଗଳ୍ପ ଲେଖା ଖାତାର ଶେଷ ପୃଷ୍ଠାର ଶେଷ ଛତ୍ରରେ ଶେଷ ଶବ୍ଦଟି ବସେଇଦେଲି । କେବଳହିଁ ମନେହେଲା ଯେ ମୁଁ ଅନନ୍ତକାଳଧର ଏକ ଅମାନୁଷିକ କର୍ମ କର ଆସୁଥିଲି । ପ୍ରକୃତରେ ପ୍ରାୟ କୋଡ଼ିଏ ଦନ ଧର ଛପା ଅକ୍ଷରରେ ଲେଖା ବହ ଭଳି ପ୍ରାୟ ଏକଶତ ପୃଷ୍ଠାର ରଚନା ତଆର କରଥିଲି । ଲେଖାର ଖାତାଖଣ୍ଡିକ ନେଇ ଝରକା ପାଖରେ ଯାଇ ମୁଁ ଠିଆ ହେଲି । ଯତ୍ନର୍ଚ୍ଚିତ ସଦ୍ଗୁଣ ପୃଷ୍ଠା ଗୁଡ଼ିକ ଉପରେ ଦୃଷ୍ଟି ବୁଲେଇବାକୁ ଯାଇ, ମନେ ନାହିଁ କାହିଁକ ମୋର ଦୁଇ ଚକ୍ଷୁ ଅଶ୍ରୁପ୍ଲାବିତ ହୋଇଗଲା । ତାର କାରଣ ଦୀର୍ଘ ଶ୍ରମଜନିତ କ୍ଳାନ୍ତ କମ୍ବା କର୍ମ ସମାପନର ଆନନ୍ଦ ଆଜ ତା ସଠିକ୍ ଭାବରେ କହୁ ପାରବ ନାହିଁ । ଏକଥା ଚନ୍ତାନକର ରହିପାରିଲି ନାହିଁ ଯେ ମୋର ଅତୀତ ଏବଂ ଭବିଷ୍ୟତ ଜୀବନର ଯେଉଁ ସାଫଲ୍ୟ ଆଜଠାରୁ

ମୁଁ ବନ୍ଦନ କରିବାକୁ ଯାଉଛି ତାର ସୁନେଲି ଫସଲ ସଂଚିତ ହୋଇ ରହିଛି ଏହି ରଚନା ମଧ୍ୟରେ । ପୃଷ୍ଠାଗୁଡ଼ିକ ଉପରେ ଆଖିବୁଲେଇବା ପାଇଁ ଯାଇ ପୁନରାୟ ମନେହେଲା ମୋର ଦୃଷ୍ଟିଶକ୍ତି ଅସ୍ପଷ୍ଟ ହୋଇ ଆସୁଛି ଆଉ ସ୍ନେହ କି ବୁଝିଲି ଦୁଇ ଗୁଣଠୋପା ଅଶ୍ରୁ ହାତ ଉପରେ ଝରିପଡ଼ୁଛି । ହଠାତ୍ ଦେଖିଲି ସାଇକେଲରେ ଏଣ୍ଟୋନିଓ ଆସି ଯାଇଛି । ଶୀଘ୍ର ଲେଖା ଖାତାଟାକୁ ଟେବୁଲ ଉପରେ ଥୋଇ, ଆଖି ପୋଛି, ମୁଁ ପ୍ରସ୍ତୁତ ହୋଇ ପଡ଼ିଲି ।

ଏଣ୍ଟୋନିଓ ବାହାରି ଯିବାପରେ ଶୟନ କକ୍ଷକୁ ଯାଇ ପୋଷାକ ପରିବର୍ତ୍ତନ କରିବା ଅବସରରେ ମୁଁ ମୋର ସାହିତ୍ୟକର୍ମ କଥା ପୁଣି ଭାବିବାକୁ ଆରମ୍ଭ କଲି । ଅନ୍ୟାନ୍ୟଦିନ କେବଳ ସେହିଦିନର ଲେଖାକଥାହିଁ ଭାବୁଥିଲି । ଆଜି କିନ୍ତୁ ସମଗ୍ର ଚେତନାଟିର କଥା ପରମତୃପ୍ତିର ସହିତ ଭାବି ଚାଲିଲି । ଏକାନ୍ତରେ ମୁଁ ଯାହାକୁ ମୋର ସଂପୂର୍ଣ୍ଣ ଏକ ସାହିତ୍ୟ କୀର୍ତ୍ତି ବୋଲିହିଁ ଭାବୁଛି ତାହା ମୋ ସମ୍ମୁଖରେ ପଡ଼ିଥିଲା । ତାକୁ ସମ୍ପୂର୍ଣ୍ଣ ଭାବରେ ଉପଭୋଗ କରିବା ଶକ୍ତି ବର୍ତ୍ତମାନ ମୋର ହୋଇଛି । ଖୁବ୍ କଷ୍ଟ ଆଉ କ୍ଲାନ୍ତିକର ଶ୍ରମ ମଧ୍ୟରେ ଛୋଟ ଛୋଟ ଦୃଶ୍ୟ ଦେଖି ଦେଖି କୌଣସି ଲୋକ ଯେତେବେଳେ ପର୍ବତ ଶିଖରରେ ପହଞ୍ଚେ ଆଉ ପୁରା ଦୃଶ୍ୟଟି ଏକ ନଜରରେ ଦେଖିବାକୁ ପାଏ ତାର ଯେମିତି ଆନନ୍ଦ ହୁଏ, ଆଜି ମୋର ଆନନ୍ଦଟି ଅନେକଟା ସେହି ଧରଣର । ଯେତେବେଳେ ଲେଖି ଚାଲିଥିଲି ସେତେବେଳେ ଯେମିତି ସମସ୍ତ ତାର ଗତି ହରେଇ ପକେଇ ଥିଲି । ଏହି ସବୁ ଭାବିବା ସମୟରେ ହଠାତ୍ ମୋର ସ୍ତ୍ରୀ ଚୌକାଠ ପାରିହୋଇ ଘରେ ପ୍ରବେଶକଲା, : କଣ ଏମିତି କାମ କରୁଛ କହତ ? ସେ ପାଖରେ ପ୍ରାୟ ଘଣ୍ଟାଏ ହେଲା ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇ ରହିଛି ।

ଡ୍ରେସିଂ ଗାଉନ ପରିହିତ ଅବସ୍ଥାରେ ମୁଁ ବିଛଣାରେ ବସିଥିଲି ଗତ ରାତିର ପୋଷାକପତ୍ରକ ସେ ଯାଏ ଚୌକି ଉପରେ ପଡ଼ିଥିଲା

ଘଣ୍ଟାରେ ଦେଖିଲି ଦ'ଟା ବାଜିଛି, ତାର ଅର୍ଥ ଏଣ୍ଟୋନିଓ ପ୍ରାୟ ପୌନେ ଗୋଟାଏରେ ଚାଲି ଯାଇଛି । ଗୋଟାଏ ମୋଜା ପିନ୍ଧି ଏବଂ ଅନ୍ୟ ଗୋଟାକ ହାତରେ ନେଇ ମୁଁ ନିର୍ବାକ ହୋଇ ବସି ରହିଛି ପ୍ରାୟ ଘଣ୍ଟାଏ ପନ୍ଦର ମିନିଟ ଭଳି । ଖୁବ୍ ବିସ୍ମୟ ପ୍ରକାଶ କରି କହି ଉଠିଲି : ସତରେ ମୁଁ ଦୁଃଖିତ । ମୋର କଣ ଯେ ହୋଇଛି ଜାଣେନା । ତୁମେ ଚାଲ, ମୁଁ ବର୍ତ୍ତମାନ ଆସୁଛି । ତାପରେ ଶୀଘ୍ର ପୋଷାକ ବଦଳେଇ ତଳକୁ ଚାଲିଗଲି ।

ଉତ୍ସାହର ପ୍ରଥମ ଜୁଆର ଭଟ୍ଟା ପଡ଼ିବାମାତ୍ରକେ ମୋର ମନ ମଧ୍ୟରେ ଏକ ନୂତନ ପ୍ରଶ୍ନ ଜାଗି ଉଠିଲା । ସ୍ଥିର ହୋଇଥିଲା ଲେଖାଟା ଶେଷ ହେବା ମାତ୍ରକେ ତାକୁ ପଢ଼ି ଶୁଣେଇବି । ନିଜଠାରୁ ତ ନିଶ୍ଚୟ ଅନ୍ୟ ଯେକୌଣସି ସମାଲୋଚକଠାରୁ ତା ଉପରେ ମୋର ଆସ୍ଥା ଥିଲା ଅନେକ ବେଶୀ । ସିଏ ଯେ ଖୁବ୍ ମାନସିକ ଉତ୍କର୍ଷସଂପନ୍ନା ନୁହେଁ ବା ତାର ଯେ କୌଣସି ସାହିତ୍ୟିକ ରୁଚି ନାହିଁ ଏକଥା ପୂର୍ବରୁ କହିଛି । ସାଧାରଣ ପାଠକ ସଦୃଶ କାହାଣୀର ଆଙ୍ଗିକ ଅପେକ୍ଷା ଆଖ୍ୟାନଭାଗ ଉପରେହିଁ ତାର ନଜର ବେଶୀ ଭାବରେ ପଡ଼ୁଥିଲା । କିନ୍ତୁ ତାର ସିଦ୍ଧାନ୍ତ ଯେ କୌଣସି ଅଜ୍ଞ ସାଧାରଣ ବ୍ୟକ୍ତିର ମତ ସଦୃଶ ହେବ ଏକଥା ଜାଣିସୁଦ୍ଧା ବୋଧହୁଏ ତା ଉପରେ ମୋର ସମଧିକ ଆସ୍ଥା ଜନ୍ମିଥିଲା । ଲେଖାଟା ମୋଟାମୋଟି ଚଳନୀୟ ହୋଇଛି, ଏହାଠାରୁ ଅଧିକ ଅର୍ଥାତ୍ ତାର ସାହିତ୍ୟମୂଲ୍ୟ ସମ୍ବନ୍ଧରେ କୌଣସି ସଠିକ ସୂଚନା ଯେ ସେ ଦେଇପାରିବ ନାହିଁ ଏକଥା ମୁଁ ଜାଣିଥିଲି । ଆଉ ତା ବ୍ୟତୀତ ଯେ କୌଣସି ବହି ସଂପର୍କରେ ପ୍ରଥମ ସ୍ପର୍ଶ ବିଷୟହିଁ ହେଲା ତାର ପ୍ରାଣବସ୍ତୁ । ଏମିତି ଅନେକ ବହି ଆମେ ପଢ଼ିଛୁ ବା ଭବିଷ୍ୟରେ ପଢ଼ିବୁ ଯେଉଁଗୁଡ଼ିକର ରଚନା ପଦ୍ଧତି ତ୍ରୁଟିପୂର୍ଣ୍ଣ, ଭାଷା ଅପଟୁ ଏବଂ ଘଟଣା ବିନ୍ୟାସ ଅସଙ୍ଗତ । ତଥାପି ଏଗୁଡ଼ିକ ଭିତରେ ବେଳେ ବେଳେ ଏକ ପ୍ରାଣସ୍ପନ୍ଦନ ମିଳେ । ଏମିତି ବହିବ

ପୁଣି ଆମେ ପାଇଛୁ ଯେଉଁଗୁଡ଼ିକ ସବୁ ଦିଗରୁ ଖୁଣିଶୂନ୍ୟ, କାହାର୍
ସୁବିନ୍ୟସ୍ତ ଏବଂ ରଚନା କୌଶଳ ସୁ-ସଂସ୍କୃତ; ତଥାପି ଏମିତ
ଧରଣର ଅନେକ ରଚନାକୁ ପ୍ରାଣହୀନ ମନେ ହେଉଛି, ଏବ
ଯଥେଷ୍ଟ କାରଣ ନ ଦେଖେଇ ଆମେ ଏସବୁକୁ ବାତିଲ କରି
ଦେଇଛୁ । ଦୀର୍ଘକାଳ ପଢ଼ାଶୁଣା ଏବଂ ସମାଲୋଚନା ପରେ ଏହି
ସିଦ୍ଧାନ୍ତରେ ମୁଁ ଉପନୀତ ହୋଇଛି । ବହିଟି ପ୍ରାଣବନ୍ତ ହୋଇ
ଉଠିଛି କି ନାହିଁ ଏହିଟା ହିଁ ମୋ ଦିଗରୁ ପ୍ରଥମେ ଜାଣିବା ପ୍ରୟୋଜନ
ବୋଲି ଅନୁଭୂତ ହେଲା, ଆଉ ମୁଁ ଜାଣିଥିଲି ଯେ ମୋର ସ୍ତ୍ରୀ
ଅପେକ୍ଷା ଏ ବିଷୟରେ ଅଧିକତର ନିର୍ଭରଯୋଗ୍ୟ ମନ୍ତବ୍ୟ କେହି
କରି ପାରିବେ ନାହିଁ ।

ରଚନାଟା ପଢ଼ିବା ଦିଗରୁ କେତୋଟି ବାସ୍ତବ ଅସୁବିଧା
ଥିଲା । ଲେଖିବାକୁ ଯାଇ ଛନ୍ଦଗୁଡ଼ିକ ମଧ୍ୟରେ ବେଶ୍ ଟିକିଏ
ସଂଯୋଜନ ଓ ପରିବର୍ତ୍ତନ କରିବା ପାଇଁ ପଡ଼ିଛି । ଏଥିରେ ପଢ଼ାଟା
ଗୋଲମାଲ ଆଉ ବିରକ୍ତିକର ହେବାର ସମ୍ଭାବନା ବେଶୀ । ପଢ଼ିବାକୁ
ଯାଇ ଗୋଟାଏ ତୃପ୍ତିକର ପରିବେଶ ମୁଁ ସୃଷ୍ଟି କରିବାକୁ ଚାହେଁ ।
କିନ୍ତୁ ଲେଖା ମଧ୍ୟରେ କଟାକଟି ଥିବାରୁ ଏ ପୃଷ୍ଠା ସେ ପୃଷ୍ଠା ଖୋଜି
ହୁଏତ ଗଳ୍ପର ଖିଅ ସଂଗ୍ରହ କରିବାକୁ ପଡ଼ିବ । ତା ବ୍ୟତୀତ
କେଉଁଠି କେଉଁଠି ପ୍ରୟୋଜନୀୟ ସଂଯୋଜନର କ୍ଷେତ୍ରରେ ଭୁଲ୍
ହୋଇଥାଇ ପାରେ । ତେଣୁ ମନେହେଲା ଲେଖାଟା ବର୍ତ୍ତମାନ
ପଢ଼ି ଗୋଟାଏ ସ୍ୱୟଂସମ୍ପୂର୍ଣ୍ଣ ଆନନ୍ଦ ଆସ୍ୱାଦନ କରିବା ସମ୍ଭବ ନୁହେଁ ।
ମିଛା ସନ୍ଦେହ ତୁଳିବାକୁ ଯାଇ ନାନା ବିଷୟରେ ଆଲୋଚନା
କରିବାକୁ ଲାଗିଲି । କିନ୍ତୁ ଏହି ଅବସରରେ ମନ ମଧ୍ୟରେ ଲେଖାଟା
ପଢ଼ି ଶୁଣେଇବା ବ୍ୟାପାରରେ ଗୋଟାଏ ସ୍ଥିର ସିଦ୍ଧାନ୍ତ କରି
ବସିଲି । ଦଶ ବାରଦିନ ପରେ ପାଣ୍ଡୁଲିପିଟା ଟାଇପ କରିନେଇ
ଛାପରେ ପଢ଼ିବା ଭଲ । ତା'ଛଡ଼ା ଇଏ ବି ଠିକ୍ ଯେ ଏମିତ

ଭାବରେ ତାକୁ ଟାଇପ କରିବାକୁ ଗଲେ ତା ମଧ୍ୟରେ ଯେଉଁସବୁ ଭୁଲ୍‌ଭ୍ରାନ୍ତି ରହିଛି ସେଗୁଡ଼ିକର ବି ସଂଶୋଧନ ହୋଇଯିବ ଏବଂ ଲେଖାର ଅଙ୍ଗସୌଷ୍ଠବ ମଧ୍ୟ ନିଃସନ୍ଦେହରେ ତ୍ରୁଟିମୁକ୍ତ ହେବ । ସବୁଠାରୁ ବଡ଼କଥା, ଏହି ଦଶହିନ ଧରି ମୁଁ ମୋର ଶ୍ରେଷ୍ଠ କୃତିର ଅମୁଦ୍ରିତ ପାଣ୍ଡୁଲିପି ସହିତ ଏକକ ଘନିଷ୍ଠତା ସ୍ଥାପିତ କରିପାରିବି । ଶେଷରେ ଏହି ଯୁକ୍ତିହିଁ ମୋ ପାଖରେ ବଡ଼ ହୋଇ ଉଠିଲା ।

ଉପରଓଳି ଟାଇପରାଇଟରଟା ପରୀକ୍ଷା କରିବାକୁ ଯାଇ ଦେଖିଲି ଟାଇପ କରିବା କାଗଜତକ ଘରେମରେ ଶୁଣିଦେଇ ଆସିଛି । ଗାଁରେ ସେ କାଗଜ ପାଇବାର ସମ୍ଭାବନା ନାହିଁ । ତେବେ ସହରରେ ଯେଉଁ ଦୋକାନ ଅଫିସ ସରଞ୍ଜାମ ସରବରାହ କରେ ସେଠି ହୁଏତ ସେ କାଗଜ ମିଳିଲେ ମିଳିପାରେ । ଏ ଭଗରେ ସେଦିନ ପୁଣି ସହରକୁ ଯିବାର ସୁଯୋଗ ନ ଥିଲା କାରଣ ମୋର ଯିବାର ଏକମାତ୍ର ଯାନ ସ୍ତ୍ରୀର ସେହି ଘୋଡ଼ାଗାଡ଼ିଟି ସକାଳୁ ସହରକୁ ଚାଲି ଯାଇଥିଲା । ତା ପରଦିନ ସହରକୁ ଯିବା ସ୍ଥିର କରି ରାତିରେ ସ୍ତ୍ରୀକୁ କହିଲି : କିଛି କିଣାକିଣି କରିବା ପାଇଁ ମୁଁ ସକାଳେ ସହରକୁ ଯାଉଛି । ଠିକ୍ କଣ କିଣିବା ପାଇଁ ଯାଉଛି କହିଲି ନାହିଁ ତେବେ ସାଧାରଣ ଭାବରେ ତାକୁ ବି ସଙ୍ଗରେ ଯିବା ପାଇଁ ଅନୁରୋଧ କଲି । ସେ ଯେ ଘୋଡ଼ାଗାଡ଼ିରେ ଯିବା ପାଇଁ ଚାହିଁବ ନାହିଁ । ତାହା ମୁଁ ଜାଣିଥିଲି । ତା'ଛଡ଼ା ମୋର ମଧ୍ୟ ଏକ ନିର୍ଜ୍ଜନ ପରିବେଶ କାମ୍ୟ ଥିଲା । କାହିଁକି ଯାଉଛି ସେସବୁ ଜାଣିବା ପାଇଁ ନ ଚାହିଁ ସେ ମୋ ସହିତ ଯିବା ପାଇଁ ସିଧା ସଳଖ ଅସ୍ୱୀକାର କଲା । ପରେ ପଚାରିଲା, ଫେରିବ କେତେବେଳେ ?

: କହିଲି ଯେତେ ଶୀଘ୍ର ସମ୍ଭବ । ଦ୍ୱିପ୍ରହର ପୂର୍ବରୁ ତ ନିଶ୍ଚୟ ।

ଟିକିଏ ରହି ସାଧାରଣ ଭାବରେ ସେ ପୁନର୍ବାର ପଚାରିଲା : ନାପିତ ଆସିଗଲେ କଣ କରାଯିବ ?

ମୁଁ ବି ଟିକିଏ ଭାବି ନେଇ ଉତ୍ତର ଦେଲି : ତା ଆସିବା ପୂର୍ବରୁ ମୁଁ ଫେରିବି । ଆଉ ଯଦି ଟିକିଏ ଡେରି ହୋଇଯାଏ ତାକୁ ଅପେକ୍ଷା କରିବା ପାଇଁ କହିବ । ସହରରେ ନାପିତମାନଙ୍କର କ୍ଷୁର ନାନା ଧରଣର ଗ୍ରାହକମାନଙ୍କଠାରେ ବ୍ୟବହୃତ ହୁଏ । ସେଠି କ୍ଷୌର ହେବା ପାଇଁ ମୋତେ ଭଲ ଲାଗିବ ନାହିଁ । ଏଟେଣ୍ଟୋନିଓ ତା ସହିତ କିଛି ଆଣି ନ ଥିଲା ଯାହା କିଛି ଦରକାରୀ ଜିନିଷ ସବୁ ମୁଁ ସନ୍ନିବେଶିତ କରୁଥିଲି ।

ଏ ବିଷୟରେ ଆମେ ଆଉ କୌଣସି ଆଲୋଚନା ନ କରି ଅନ୍ୟ ବିଷୟରେ କଥାବାର୍ତ୍ତା କଲୁ । କାମ ଶେଷ ହେବା ପରେ ସ୍ତ୍ରୀ ଉପରେ ମୋର ପ୍ରେମ ଯେମିତି ପ୍ରବଳତର ହୋଇ ମନ ମଧ୍ୟକୁ ଫେରି ଆସିଥିଲା । କଥାଟା ଏହି ଭାବରେ କହିଲେହିଁ ଯଥେଷ୍ଟ ହେବ ଯେ ତା ପ୍ରତି ମୋର ପ୍ରେମ ଅତୁଟ ରହିଥିଲା ତେବେ କାମ ଭିତରେ ଏହି କୋଡ଼ିଏ ଦିନ ମୁଁ ପ୍ରେମ ନିବେଦନର କୌଣସି ଚେଷ୍ଟା କରି ନାହିଁ । ଶ୍ରେଷ୍ଠ ଖାଇବା ଘରର ଟେବୁଲ ପାଖରେ ଆମେ ବସିଥିଲୁ । ଲୋଡ଼ାର ଦେହରେ ଥିଲା ସୁନ୍ଦର ଧଳା ରଙ୍ଗର ଗୋଟାଏ ସାନ୍ଧ୍ୟ ପୋଷାକ । ଗଳା, ଆଙ୍ଗୁଠି ଆଉ କାନରେ ବଡ଼ ବଡ଼ ଦାମୀ ଗହଣା ସେ ପିନ୍ଧିଥିଲା । ତାର ସୁନ୍ଦର ମୁହଁ ଏବଂ ଏଟେଣ୍ଟୋନିଓ ପ୍ରସ୍ତୁତ କରି ଦେଇଥିବା କୁଞ୍ଚିତ କେଶଦାମ ଉପରେ ଟେବୁଲ ଲ୍ୟାମ୍ପର ସ୍ନିଗ୍ଧ ମୃଦୁ ଆଲୋକ ପଡ଼ୁଥିଲା । ତାର ଅଯତ୍ନ ବିନ୍ୟାସ ଦୀର୍ଘ କେଶର ବେଷ୍ଟନୀ ମଧ୍ୟରେ ଯେଉଁ ମୁଖଶ୍ରୀ ଦେଖିବାରେ ମୁଁ ଅଭ୍ୟସ୍ତ ଥିଲି, ତା ବଦଳରେ ତାର ମୁଖମଣ୍ଡଳର ଏକ ଆବେଗପ୍ରବଣ ଅଳ୍ପବୟସ୍କା ମୁହଁର ଶ୍ରୀସମ୍ପଦ ଆଜି ଦେଖିଲି । କୁଞ୍ଚିତ କେଶରାଶି ସାନିଧ୍ୟରେ ବଡ଼ ବଡ଼ ନୀଳ ଆଖିର ଝିଙ୍ଗ ଚାହାଣୀ,

ଚିତ୍ରାଙ୍କିତ ନାଗ। ଆଉ ବସ୍ତୁତ ମୁଖମଣ୍ଡଳରେ ହାସ୍ୟରେଖା ଯେମିତି ଆହୁରି ବେଶୀ ସ୍ପଷ୍ଟ ହୋଇ ଫୁଟି ଉଠିଛି । କଣ ଯେମିତି ହେଉଛି ତାର ମୂର୍ତ୍ତି ଆଜି ପ୍ରାଚୀନ ଗ୍ରୀକ୍ ଦେଶୀୟ ଅର୍ଦ୍ଧ ମାନବ ଅର୍ଦ୍ଧ ଶିଶୁର ରୂପ ନେଇଛି । ତାକୁ ଦେଖିଲା ମାତ୍ରକେ ପୁରାତନ ଗ୍ରୀକ୍ ଭାସ୍କର୍ଯ୍ୟର କଥା ମନେପଡ଼େ । ତାହାର ମୁହଁ ଓ ଆଖିରେ ଏକ ସମୟରେ ଦ୍ୟର୍ଥକ ବଦ୍ରୁପର ଚିହ୍ନ ଆଉ ହିବ୍ରୁ ଦେଶୀୟ ଯୁବକର ମୁଖାଂଶ ଦେଖାଯାଏ । ତାର ଏହି ରୂପଟିକୁ ବୈଚିତ୍ର୍ୟ ଦେବାପାଇଁ ବୋଧହୁଏ ଏଣ୍ଟୋନିଓ ଘଟଣାଦିନ ତାର ସୁନେଲୀ କେଶରେ ଗୋଟିଏ ଲାଲ ଫୁଲ ଗେଞ୍ଜି ଦେଇଥିଲା । ତା ଆଡ଼କୁ ଚାହିଁ କହିଲି : ବୁଝିଲି ଏଣ୍ଟୋନିଓ ତୁମର କେଶକୁ କିନ୍ତୁ ଯେମିତି ଭାବରେ ବିନ୍ୟସ୍ତ କରିଛ, ତାହା ତୁମକୁ ବେଶ୍ ମାନୁଛି । ଘଟଣାଟା ଆଜିହିଁ ମୁଁ ବିଶେଷ ଭାବରେ ଲକ୍ଷ୍ୟ କରିଛି । ଜାପିତଟିର ନାମ ଶୁଣିବା ମାତ୍ରକେ ସେ ଯେମିତି ଟିକିଏ ଚମକିପଡ଼ି ଆଖି ନୁଆଁଇ ନେଲା । ସେତେବେଳେ ସେ ଗୋଟାଏ ସୁରାପାତ୍ରର ମନ୍ତବଡ଼ ଷ୍ଟିକର ଠିପିଟା ଖୋଲିବା ପାଇଁ ଚେଷ୍ଟା କରୁଥିଲା । ତାର ହାତ ଭଳି ଲାଲ ତୀକ୍ଷ୍ଣ ନଖଗୁଡ଼ିକ ମଝିରେ ଠିପିଟାର ଗଲଗୁଡ଼ିକ ଉପରେ ଅଲୁଅ ପଡ଼ି ଖୁବ୍ ବଡ଼ ଗୋଟାଏ ହୀରକଖଣ୍ଡ ପରି ଦେଖା ଯାଉଥିଲା । ସେ ଧିରେ ଧିରେ କହି ଉଠିଲା । କେଶକୁ ଏମିତି ଭାବରେ ସଜେଇବା ପଛରେ ଏଣ୍ଟୋନିଓର କୌଣସି ଅବଦାନ ନାହିଁ । ଏହା ଏକାନ୍ତ ଭାବରେ ନିଜସ୍ୱ । ସେ ଯାହା କରିଛି ତା ହେଉଛି ମୋର ନିର୍ଦ୍ଦେଶ ପାଳନ କରିବା ଏବଂ ତାହା ବି ତ୍ରୁଟିପୂର୍ଣ୍ଣ ଭାବରେ ।

: ଏ ଧରଣରେ କେଶବିନ୍ୟାସର ଚିନ୍ତା ତୁମ ମୁଣ୍ଡକୁ ଆସିଲା କେମିତି ?

: ମୁଁ ଯେତେବେଳେ ଖୁବ ଗ୍ରେଟ ଥିଲି ସେତେବେଳେ ଏମିତି ଭାବରେ କେଶବିନ୍ୟାସ କରୁଥିଲି । କେଶର ଏହି ଭାଙ୍ଗଗୁଡ଼ିକ ଅଳ୍ପ

ବୟସୀ ଆଉ···ଟିକଏ ରହି ମୃଦୁ ହସି ସେ ବାକ୍ୟଟି ଶେଷକଲା, ମୋଭଳି ତରୁଣୀମାନଙ୍କୁ ବେଶ୍ ମାନେ ।

: ମଧ୍ୟବୟସୀ ମାନେ ? ନିର୍ବୋଧ ଭଳି କଥାବାର୍ତ୍ତା କରନା ।

: ଦେଖ ଲୀଡ଼ା ଏହି ଫୁଲଗୁଡ଼ିକ କିନ୍ତୁ ତୁମକୁ ଚମତ୍କାର ମାନୁଛି ।

ଏହି ସମୟରେ ପରିଚାରିକା ଘର ଭିତରେ ପ୍ରବେଶ କଲା । ଆମେ ନୀରବରେ ଖାଇବା ଆରମ୍ଭ କଲୁ । ସେ ଚାଲିଯିବା ପରେ ମୋର ଛୁରୀ ଚାମୁଚ ରଖିଦେଇ କହିଲି, ତୁମେ ପୁରାପୁରି ଅନ୍ୟରକମ ଦେଖା ଯାଉଛ; ବା କୁହାଯାଇ ପାରେ ତୁମେ ଏକା ମଣିଷ, ଭିନ୍ନ ଭିନ୍ନ ରୂପରେ ତୁମକୁ ଦେଖୁଛି । କେମିତି ଯେମିତି ମୁଁ ଚଞ୍ଚଳ ହୋଇ ଉଠିଲି, ମୃଦୁ କଣ୍ଠରେ କହିଲି, ତୁମେ ସତରେ ବଡ଼ ସୁନ୍ଦର । ମଝିରେ ମଝିରେ ଏକଥା ହୁଏତ ଭୁଲିଯାଏ କିନ୍ତୁ ଯେତେବେଳେ ଏ ମୁହୂର୍ତ୍ତି ଫେରିଆସେ ସେତେବେଳେ ତୁମକୁ ଯେ କେତେ ଭଲ ପାଏ ତାହା ଗଭୀର ଭାବେ ବୁଝିପାରେ ।

ସେ ନୀରବରେ ଖାଉଥିଲା । ମୋର କଥାରେ କୌଣସି ଅବଜ୍ଞା ନଥିଲା, ବରଂ ତା ମୁଖମଣ୍ଡଳରେ ଅନତ ଆଖିପତା ଆଉ କଂପିତ ନାଶାରନ୍ଧ୍ରରେ ଟିକଏ ଆତ୍ମତୃପ୍ତିର ଆଭାସ ଦେଖିବାକୁ ମିଳିଲା । ମୁଁ ଜାଣିଥିଲି ତାର ପସନ୍ଦ ଅନୁସାରେ ପ୍ରଶସ୍ତି ଗ୍ରହଣ କରିବା ପଦ୍ଧତିହିଁ ହେଲା ଏହିଭଳି । ପ୍ରସ୍ତୁ ଉଚ୍ଛ୍ୱାସରେ ତାର ହାତରେ ହାତରଖି ମୃଦୁ ଗଳାରେ କହିଲି, ମୋତେ ଗୋଟାଏ ଚୁମ୍ବନ ଦିଅ ଲୀଡ଼ା ।

ସେ ନୀରବରେ ମୋତେ ଆଖି ଉଠେଇ ଚାହିଁଲା । ତାର ଦୃଷ୍ଟିରେ ବକ୍ରତା ନଥିଲା ବରଂ ଥିଲା ସାବଲୀଳ ସ୍ୱାସ୍ଥ୍ୟ । ପ୍ରଶ୍ନକଲା,

: ତୁମର କାମ ତାହାହେଲେ ଶେଷ ହେଇଛି ।

ସତ୍ୟ ଗୋପନ କରି ଉତ୍ତର ଦେଲି : ନା ଶେଷ ହୋଇନାହିଁ । କିନ୍ତୁ ଘଟଣା କଣ ଜାଣ ? କିନ୍ତୁ ତୁମକୁ ଚାହିଁଲେ ପ୍ରେମ ନିବେଦନ

ା ଚୁମ୍ବନ ନକରିବା କଥା ମୁଁ ଭାବି ପାରେନା । ଚୁଲିରେ
ାଉ କାମ !

କଥାରେ କଥାରେ ମୁଁ ତାଙ୍କୁ ମୋ ଆଡ଼କୁ ଆକର୍ଷଣ କଲି ।
ଂଚତ ବାଧାଦେଇ ସେ ମୋ ଅଡ଼କୁ ଝୁଙ୍କିପଡ଼ି ପ୍ରଣୟସ୍ନିଗ୍ଧ
ୃଦୁକଣ୍ଠରେ କହି ଉଠିଲା : ତୁମେ ଗୋଟାଏ ମସ୍ତ ପାଗଳ । ତାପରେ
ସେ ହଠାତ୍ ମୋ ଆଡ଼କୁ ଢୁଲିପଡ଼ି ପ୍ରଚଣ୍ଡ ଆବେଗରେ ଚୁମ୍ବନ
ଲା । ଏହାପରେ ଚାଲିଲା ଦାନ ପ୍ରତିଦାନର ଖେଳ । ସ୍ୱାଭାବିକ
ାବରେ ଆମର କାଣ୍ଡଦେଖି ମନେ ହୋଇପାରେ ଯେ ଅମେ ପ୍ରେମ
କ୍ଷେତ୍ରରେ ସମ୍ପୂର୍ଣ୍ଣ ନବାଗତ ଆଉ ଆଗ୍ରହର ଅତିଶଯ୍ୟରେ ଓ ଭୟରେ
ାମେ ଆମର ଯଥାର୍ଥ ଆନନ୍ଦକୁ ମାଟି କରି ଦେଉଛୁ । ମୋର ତ
ନେହେଲା ମୁଁ ତାର ଓଠରୁ ଚୁମ୍ବନର ପାଖୁଡ଼ାଗୁଡ଼ିକ ନେଇ
ଯିଛି । ମୁଁ ଯେମିତି ମୋର ଶୈଶବକୁ ଫେରି ଯାଇଛି ଏବଂ
ୁହପ୍ରବଣ କୃଦ୍ଧ ଗୃହଭୃତ୍ୟର ଉପସ୍ଥିତି ପରିବର୍ତ୍ତେ କଠୋର ପ୍ରକୃତି
ତାଙ୍କର ଉପସ୍ଥିତିର ଭୟରେ ଅତ୍ୟନ୍ତ ଚଞ୍ଚଳ । ଗୃହଭୃତ୍ୟ ଅଳ୍ପ
ୃତବୋଧ କଲେ ମଧ୍ୟ ସହାନୁଭୂତି ସହିତ ସବୁଦିଗ ବିଚାର କରି
ୁଥିଲା । ଆମେ ଆମର ଆକସ୍ମିକ ଏହି ପ୍ରୀତିପର୍ବ ଶେଷକରି
। ଶାନ୍ତ ହୋଇ ବସି ପଡ଼ିଲୁ । ମୁଁ ଟିକିଏ କ୍ଳାନ୍ତ ହେଲେ ମଧ୍ୟ
ାବେଲକେ ଶାନ୍ତ ପିଲାଙ୍କ ଭଳି ଚୁପଚାପ ବସି ରହିଲି ।
ାରିକା କିନ୍ତୁ ସେ ଯାଏ ଆସିଲା ନାହିଁ । ତେଣୁ ତାଙ୍କୁ ଓ ନିଜକୁ
ହସମାଡ଼ିଲା । ସେ ଯେମିତି ଟିକିଏ ସନ୍ଦେହ କରି ପ୍ରଶ୍ନକଲା
ସିଲ ଯେ ?

: ନା, ନା, ଲାଜ଼ୁ ତୁମକୁ ଦେଖି ହସୁନାହିଁ, ମୁଁ ମୋର ନିଜର
ରେ ହସୁଛି । ତଳକୁ ମୁହଁ ପୋତି ଖାଉ ଖାଉ ସେ
ିବାକୁ ଚାହିଁଲା : କାହିଁକି ଏତେ ସୁଖ କେଉଁଥି ପାଇଁ ?
କୌଣସି କଥା ଗୋପନ ନକରି ଏଥର ସରଳ ଭାବରେ କହିଲି,

: ମୋର ଏତେ ଦିନର କାମନା ପୂର୍ଣ୍ଣ ହୋଇଛି । ଯାହା ସାଧାର
ବ୍ୟକ୍ତି ପକ୍ଷରେ ଦୁର୍ଲଭ ତାହା ମୋର କରତଳଗତ ।

: କେଉଁ କାମନାଟି ତୁମର ପୂର୍ଣ୍ଣ ହେଲା ?

ଉତ୍ତରରେ କହିଲି : ବର୍ଷ ପରେ ବର୍ଷ ଗୋଟାଏ ନାରୀ
କେବଳ ଭଲ ପାଇବାକୁ ଚାହିଁଛି ଆଉ ପ୍ରତିଦାନରେ ତାର ଭଲ
ପାଇବା ଚାହିଁଛି । ବର୍ତ୍ତମାନ ମୁଁ ତୁମକୁ ଭଲପାଇ ପାରିଛି ଆଉ
ଯେତେଦୂର ମନେହୁଏ ତୁମର ପ୍ରେମ ବି ପାଇଛି । ଦୀର୍ଘକାଳ ଧରି
ଭାବିଛି ଏକ ଅକ୍ଷୟ ପ୍ରାଣବନ୍ତ ଆଉ କାବ୍ୟଧର୍ମୀ ସାହିତ୍ୟ ସୃଷ୍ଟି କରିବା
ସେ କାମନା ବି ମୋର ପୂର୍ଣ୍ଣ ହୋଇଛି । ଗୋଟାଏ ସୁନ୍ଦର କାହାଣୀ
ରଚନା ମୁଁ କରି ପାରିଛି । ତାହା ହେଲେ ଦେଖ, ମୋର
ବର୍ତ୍ତମାନ ଦୁଇଟି କାମନା ପୂର୍ଣ୍ଣ ହୋଇଛି ।

ଲେଖା ଯେ ଶେଷ ହୋଇଛି ଏକଥା ସ୍ତ୍ରୀଙ୍କୁ ଜଣେଇବି ନାହିଁ
ବୋଲି ଭାବିଥିଲି । କିନ୍ତୁ ଆନନ୍ଦର ଆତିଶଯ୍ୟରେ କଥାଟି
ଗୋପନ ରଖି ପାରିଲି ନାହିଁ । ମୁଁ ଜାଣିଥିଲି ଯେ ସେ ମୋତେ
ଖୁବ୍ ଭଲପାଏ, ତଥାପି ଲିଜା ଉପରେ ମୋର ଏ ସମ୍ବାଦର
ପ୍ରତିକ୍ରିୟା ଦେଖି ମୋର ଆନନ୍ଦରେ ବାକ୍‌ରୁଦ୍ଧ ହୋଇ ପଡ଼ିଲି
ତୁମେ ଶେଷ କରି ପକେଇଛ ଲେଖା ? ଆନନ୍ଦରେ ଯେମିତି
ଫାଟି ପଡ଼ିଲା ଲିଜା, ଶେଷ କରି ପକେଇଛ ଲେଖା ? ତାର
କଥାରେ ଯେମିତି ଆନନ୍ଦ ଝରିପଡ଼ିଲା, ଆଉ ତାର ମଧୁର ସୁର ଝଂକୃତ
ହେଲା ମୋର ସମଗ୍ର ହୃଦୟରେ । ସେ କହି ଚାଲିଲା : ସତେ
ଫିଲଭେଓ, ଏ କଥା ବି ତୁମେ ମୋତେ ଆଗରୁ କହୁନା ?

ଠିକ୍ ଶେଷ କରିଛି କହିଲେ ଯାହା ବୁଝାଏ ତାହା ହୋଇନାହିଁ
ବୋଲି ସମ୍ବାଦଟି ତୁମକୁ ଦେବାପାଇଁ ଚାହୁଁ ନଥିଲି । ବର୍ତ୍ତମାନ
ତାକୁ ଟାଇପ୍ କରିବାକୁ ହେବ । ପାଣ୍ଡୁଲିପିଟି ଟାଇପ୍ ନକଲ
ପର୍ଯ୍ୟନ୍ତ ଠିକ୍ ଶେଷ କରିଛି କହି ପାରୁନାହିଁ ।

: ଭିତରେ କିଛି ଯାଏ ଆସେନା । ସେଇ ଉଚ୍ଛ୍ୱସିତ ଆନନ୍ଦର
ଖିଅଟାଣି ଗ୍ଲାଲଜ ଲାଡ଼୍ରା । ସେ ମୋ ପାଖରେ ଏକ ସ୍ମରଣୀୟ
ମୁହୂର୍ତ୍ତ ; ଲେଖାଟା ସମ୍ପୂର୍ଣ୍ଣ ହୋଇଛି ସେଇଟାହିଁ ବଡ଼କଥା । ଆସ
ଆମେ ବହିଟିର ସାଫଲ୍ୟକାମନା କରି ତାର ସ୍ୱାସ୍ଥ୍ୟପାନ କରିବା ।
ତାର ସ୍ନେହପ୍ରବଣ ମଧୁର ଆଚରଣ ଏବଂ ସୁନ୍ଦର ଉଜ୍ଜ୍ୱଳ ନୀଳଚକ୍ଷୁ
ଯୋଡ଼ିକ ଯେମିତି ମୋ ପ୍ରତି ପ୍ରେମରେ ପରିପୂର୍ଣ୍ଣ ହୋଇ ଉଠିଲା ।
ଆବେଗ କଂପିତ ହାତରେ ମୁଁ ତାର ପାନପାତ୍ରରେ ଟିକିଏ ସୁରା
ଢାଳିଦେଲି । ଏହାପରେ ଉଭୟେ ଯେତେବେଳେ ଉଭୟଙ୍କର
ପାନପାତ୍ର ଟେବୁଲ ଉପରୁ ଟିକିଏ ଉପରକୁ ଉଠେଇ ଧରିଲୁ
ସେତେବେଳେ ସେ କହିଉଠିଲା : ତୁମର ଏବଂ ତୁମ ବହିର
ଉଦ୍ଦେଶ୍ୟରେ···ଏହାପରେ ସେ ତାର ମୁହଁଟି ମୋ ଆଡ଼କୁ ଆଗେଇ
ଦେଲା ଏବଂ ସତ କହିବାକୁ ଗଲେ ଏଇଥର ଗୋଟାଏ ସୁଦୀର୍ଘ
ଆବେଗ ତପ୍ତ ଚୁମ୍ବନ ତାର ଓଠ ଉପରେ ମୁଁ ଅଙ୍କିତ କରିଦେଲି ।
ପରେ ପରିଚାରିକା ଟ୍ରେ'ରେ ଖାଦ୍ୟ ପଦାର୍ଥ ନେଇ ଘରକୁ ଆସିଲା
ଏବଂ ଆମେ ବି ଯିଏ ଯାର ଆସନରେ ଠିକ୍ ହୋଇ ବସିଲୁ ।

ମୋର ସ୍ତ୍ରୀ ବିରକ୍ତିକର ସାମାଜିକ ପରିବେଶଗୁଡ଼ିକୁ କେଉଁ
ଭାବରେ ସହଜ ଏବଂ ସ୍ୱାଭାବିକତାର ମାଧୁର୍ଯ୍ୟ ଦେଇ ମଣ୍ଡିତ କରିବାକୁ
ଏ ତାହା ଜାଣିଥିଲା । ସେହି ଧରଣରେ ସେ ପରିଚାରିକାଟିକୁ
ାକି କହିଲା : ଆସ ଆନା, ଆଜି ଆମର ଏକ ସ୍ମରଣୀୟ ଦିନ ।
ନପାତ୍ର ସୁରା ତୁମରବି ପାନ କରିବା ଉଚିତ । ସିଲଭର୍ଓ. ତାର
ପାତ୍ରରେ ଟିକିଏ ଢାଳି ଦିଅନା । ନିଅ ଆନା, ସିନର ସିଲଭର୍ଓର
ୟ ପାନକର । ଟ୍ରେଟି ଗୋଟାଏ ପାଖରେ ରଖି ଦେଇ ଆନା
ନପାତ୍ରଟି ଟେକିନେଲା । ତାପରେ କୁଣ୍ଠିତ ଭଙ୍ଗିରେ ଉପରକୁ
ାଳିଧରି କହିଲା : ହଁ ସେଥିା ହେବ ନିଶ୍ଚୟ, ସ୍ୱାସ୍ଥ୍ୟପାନ ତାହେଲେ
ିବାକୁ ହେବ ।

ପୁଣି ସ୍ୱାଭାବିକ ଭାବରେ ଆମର ଖାଇବା ପିଇବା ଆରମ୍ଭ ହେଲା ଏବଂ ମୋର ସ୍ତ୍ରୀ ପ୍ରଶ୍ନକରି ପୁଛିଲା : ତାହାହେଲେ, ତୁମେ ନିଶ୍ଚୟ ଏଥର ଗୋଟାଏ ଭଲ କାମ କରିଛ, କଣ କହୁଛ ?

: ମୋର ତ ସେଆ ମନେହୁଏ । ତା'ଛଡ଼ା ଅନ୍ୟମାନେ ଯାହା ଭାବନ୍ତୁ ମୁଁ ଅନ୍ତତଃ ଏକଥା ନିଶ୍ଚିତ ଭାବରେ ଭାବପାରେ କାରଣ ଜଣେ ସାମାଲୋଚକ ମଧ୍ୟ ।

ମାଡ଼ା ତାର ହାତଟି ମୋର ହାତ ଉପରେ ରଖି ନୀରବରେ ମୋର ମୁହଁକୁ କିଛି ସମୟ ଚାହିଁ ରହିଲା । ଏଥର ସେ କହି ଉଠିଲା : ସତରେ ମୁଁ ଯେ କେତେ ଖୁସି ହୋଇଛି ସିଲଭିଓ । ମୁଁ ତାର ହାତଟି ଟେକିଧରି ପରମ ସ୍ନେହରେ ଚୁମ୍ବନ କଲି । ମୋର କାମ ଶେଷ ହେବାର ଖବରଟିକୁ ସେ ଯେମିତି ଭାବରେ ଅଭିନନ୍ଦନ କଲା ତହିଁରେ ତା ପ୍ରତି ମୋର କୃତଜ୍ଞତାର ଆଉ ଅନ୍ତ ରହିଲା ନାହିଁ । ତାର ମନ ମଧ୍ୟରେ ମୋ ପାଇଁ ଯେଉଁ ଅକ୍ଷୟ ପ୍ରେମ ସଂଚିତଥିଲା, କଷ୍ଟିପଥର ଛୁଇଁ ତାର ମୂଲ୍ୟଟି ଯେମିତି ସେ ମୋ ଆଗରେ ଅଜଥରେ ଟେକିଧରିଲା । ଆନନ୍ଦବିହ୍ୱଳତାରେ ମୋର କେବଳ ମନେହେବାକୁ ଲାଗିଲା ଯେ ଏହି ସ୍ୱୀକୃତି ମୋର ସାହିତ୍ୟ ଜ୍ଞାନଶୂନ୍ୟ ସ୍ତ୍ରୀ ପାଖରୁ ଲାଭ କରୁନାହିଁ, ଲାଭ କରୁଛି କୌଣସି ବିଚକ୍ଷଣ ସମାଲୋଚକ ପାଖରୁ । ଏ ଅନୁଭୂତି ଯେ ଖୁବ୍ ନିର୍ଭର ଯୋଗ୍ୟନୁହେଁ ତାହା ମୁଁ ଭୁଲି ନାହିଁ । ତଥାପି ମୋର ମନେହୁଏ, ଏମିତିକି ଯେଉଁମାନେ ବିଖ୍ୟାତ ଲେଖକ ସେମାନଙ୍କ ଲେଖକ ଜୀବନରେ ପ୍ରାରମ୍ଭରେ ଏ ପ୍ରକାର ଅଭିଜ୍ଞତା ହୁଏ । ସେହି ଆଶାପୂର୍ଣ୍ଣ ଜୀବନର ପ୍ରଥମ ଅଧ୍ୟାୟରେ ଅଭିଜ୍ଞତାର ସହ କର୍ମୀର ମତାମତ ଅନ୍ତତଃ ପକ୍ଷରେ ଅରେ ହେଲେବି ନିଶ୍ଚୟ ପ୍ରୟୋଜନ ହୁଏ । ଏହି ଆନନ୍ଦମୟ ପରିବେଶ ଦ୍ୱାରା ଏମିତି ଏକ ଆନନ୍ଦ ଲୋକରେ ଉତ୍ତୀର୍ଣ୍ଣ ହୋଇଥିଲି ଯେ ସହସା ଆବିଷ୍କାର କଲି ନିଜର ଅଜ୍ଞାତସାରରେ ଖାଇବା ଶେଷ

କରିଛି, ଟେବୁଲ ଗୁଡ଼ା ଉଠିଛି, ଝୁଲି ଝୁଲି ଡ୍ରଇଂ ରୁମକୁ ଆସିଛି ଏବଂ ମୋର ସ୍ତ୍ରୀ ମୋ ସମ୍ମୁଖରେ ଠିଆହୋଇ କଫି ଢ଼ାଳୁଛି ।

ଉଜ୍ଜ୍ୱଳ ବିଦ୍ୟୁତର କ୍ଷଣିକସ୍ଫୁରଣରେ ଯେମିତି ଭାବରେ ମଣିଷର ଦୃଷ୍ଟି ଶକ୍ତିରେ ଚମକ ଲାଗେ, ସାମନାର ମଣିଷକୁ ସେ ଚିହ୍ନି ପାରେନା, ସେହିଭଳି ସେହି ରାତିର ଟିକିନିଖି ଘଟଣା ଆଜି ମୋର ମନେ ପଡୁନାହିଁ । ଯେଉଁ ଟିକିଏ ମନେ ପଡ଼ୁଛି ତାହା ହେଲା ଆନନ୍ଦର ପ୍ରାବଲ୍ୟରେ ମୁଁ ବେଶ୍ ଟିକିଏ ଉତ୍ତେଜିତ ହୋଇ ପଡ଼ିଥିଲି ଏବଂ ପ୍ରଗାଢ଼ ଆବେଗ ସହକାରେ ଆମ ଉଭୟଙ୍କର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରୁଥିଲି । ତାପରେ ତାକୁ ଏବଂ ମୋତେ ନେଇ ଯେଉଁ କାହାଣୀ ରଚନା କରିଛି, ସେହି ଆଲୋଚନା କରିବାକୁ ଯାଇ ଜଣେଇଲି ଆମର ବିବାହକୁ କେନ୍ଦ୍ରକରି କେମିତି ଭାବରେ ଘଟଣା ସଂସ୍ଥାନ କରିଛି । କେଉଁଠି କେଉଁଠି କଣ ବାଦ ଦେଇଛି ଆଉ କେଉଁଠି କି କି ଘଟଣା ଉପରେ ବିଶେଷ ଗୁରୁତ୍ୱ ଦେଇଛି । (ମୋର ବିଭି ପ୍ରସଙ୍ଗରେ ବହୁ ବିଖ୍ୟାତ ଗ୍ରନ୍ଥରୁ ମୁଁ ଅନେକ ଉଦ୍ଧୃତ ଦେଇଥିଲି ।) ତା'ଛଡ଼ା ନିଜର ବକ୍ତବ୍ୟକୁ ପୁରାତନ ନଜୀର ଦେଇ ତଥ୍ୟର ମର୍ଯ୍ୟାଦା ଦେଇଥିଲି । ଏସବୁ ବକ୍ତବ୍ୟ ମଝିରେ ମୁଁ ପୂର୍ବ ଅନ୍ୟ କଥା ଏବଂ କାହାଣୀର ବି ଅବତାରଣା କରିଥିଲି । …ଗରେ ଏକ ସଦ୍ୟ ପ୍ରକାଶିତ କବିତା ସଂଗ୍ରହ ପଢ଼ିଥିଲି । ଶେଷରେ ସେହି ବହିଟି ଟାଣିଆଣି କେତୋଟି ଅଧୁନିକ କବିତା ପଢ଼ି ତାକୁ ଶୁଣେଇଲି । ମୋର ସ୍ତ୍ରୀ ସାମନା ସୋଫାରେ ଗୋଡ଼ ଲମ୍ବେଇ ସିଗାରେଟ ଟାଣୁଥିଲା ଏବଂ ମୋର ପଢ଼ା ଶୁଣୁଥିଲା । ଗଳ୍ପ ଲେଖା ଶେଷ କରିଛି ଏକଥା ଶୁଣେଇବା-ସମୟରେ ପ୍ରେମର ଯେଉଁ ସ୍ୱତଃସ୍ଫୁର୍ତ୍ତି ବିକାଶ ଲକ୍ଷ୍ୟ କରିଥିଲି ସେମିତି ଅପରିବର୍ତ୍ତିତ ମନୋଭାବ ନେଇ ସେ ମୋର ପଢ଼ା ଶୁଣୁଥିଲା । ସହରତଳୀର ସେହି ଘରେ, ବିଂଶ ଶତକର ଏକ ବୈଠକଖାନାରେ ସେଦିନ ସହସ୍ର ପୂର୍ଣ୍ଣ

ତାଙ୍କର ଆସବାବପତ୍ର ମଝିରେ ବସି ଆମେ ବିଶେଷ ଭାବରେ ମୁଁ ନିଜେ, ଯେଉଁ ଏକାତ୍ମ ପ୍ରଶ୍ରୟର ଆଶ୍ୱାସ ଲାଭ କରିଥିଲି ତାହା ଅତୁଳନୀୟ । ଆଉ ଠିକ୍ ଯେଉଁ ମୂହୂର୍ତ୍ତରେ ମୁଁ ସେହି ବତ୍ତିଟି ବନ୍ଦ କଲି, ଘରର ଆଲୋକଟି ନିର୍ବାପିତ ହୋଇଗଲା ।

ଗ୍ରାମର ଏସବୁ ଅଞ୍ଚଳରେ ବିଜୁଳିବତ୍ତୀର ହଠାତ୍ ଲିଭିଯିବା ସେମିତି ବିସ୍ମୟକର ଘଟଣା ନୁହେଁ । ସମଗ୍ର ସହରଟା ଉପରେ ଯେମିତି ପରମ ଶାନ୍ତି ଆଉ ନିର୍ଜନତାର ସ୍ନିଗ୍ଧ ପ୍ରଲେପ ମାଖି ଦେଇଗଲା ଜ୍ୟୋସ୍ନାଲୋକ । ଯେଉଁଦିନ ପାହାଡ଼ର ଚୂଡ଼ାରେ ସହରଟି ଗଢ଼ି ଉଠିଥିଲା ସେଦିନ ତା ପଛରେ ଥିଲା ତାକୁ ସୁରକ୍ଷିତ କରି ରଖିବାର କଳ୍ପନା । ଆଜି ମୋର ମନେହେଲା ଆକାଶରେ ସଦା ଜାଗ୍ରତ ଅଭିଭାବକତ୍ୱର ଆଲୋକରେ ସହରଟି ତାର ନିର୍ଭୟ ଆଶ୍ରୟ ଖୋଜି ପାଇଛି । ଆକାଶର ଏହି ଚନ୍ଦ୍ର ଆଡ଼କୁ ଚାହିଁ ମୁଁ ସଂପୂର୍ଣ୍ଣ ଭାବରେ ଆତ୍ମବିସ୍ମୃତ ହୋଇ ପଡ଼ିଲି । ଠିକ୍ ଏମିତି ସମୟରେ ମୋ ପଛରୁ ମୋର ସ୍ତ୍ରୀର କଣ୍ଠସ୍ୱର ଭାସି ଆସିଲା । ସେ ଏତେବେଳଯାଏ ସୋଫାରେ ବସିଥିଲା । ସେଠୁ ତାକୁ କହୁ ଥିବାର ଶୁଣିଲି : ଶୋଇବାକୁ ଯିବାର ସମୟ ହୋଇନି ? ମୋର ତ ମନେହୁଏ ବେଶ୍ ରାତି ହୋଇ ଯାଇଛି, ସେୟା ନା ?

ତାର କଥାରେ ଶୋଇବାକୁ ଯିବା ସମୟଟିକୁ ସ୍ମରଣ କରେଇ ଦେବା ବ୍ୟତୀତ ହୁଏତ ଆଉ କିଛି ନଥିଲା । କିନ୍ତୁ ମୋର ମନ ସେହି ଉଲ୍ଲସିତ ଅବସ୍ଥାରେ ମନେହେଲା ଏହି କଥା କେଉଁପ ଭିତରେ ଏକ ସସ୍ନେହ ଆହ୍ୱାନଧ୍ୱନିତ ହୋଇଛି । ଶୀଘ୍ର ପଛକୁ ଫେ ଚାହିଁଲି । କହିଲି : ଦେଖ ବାହାରେ କେତେ ସୁନ୍ଦର ଚନ୍ଦ୍ର । ଆମେ ଟିକିଏ ବୁଲି ଆସିବାନି ଲୀଡ଼ା ? କୌଣସି କଥା ନକହି ସେ ଅନ୍ଧକାର ଘରଭିତରୁ ବାହାରି ଆସିଲା । ଆମେ ଏକାଠି ମୁରୁମ-ବିଛା ରାସ୍ତାରେ ଆଗକୁ ଚାଲିଲୁ ।

ରାସ୍ତାର ଗ୍ରୁପ୍ସାଘନ ଅଂଶକୁ ଆସି ମୁଁ ତାର କଟୀବେଷ୍ଟନ କରି ଆଗେଇବାକୁ ଲାଗିଲି । ମଦନହ୍ୱେଲ୍ଲ ସେ ଯେମିତ ଜାଣିଥିଲା କୌଣସି ପ୍ରକାର ଭାବପ୍ରବଣତା ପ୍ରକାଶ ନକରି ମୁଁ ଏମିତ ଭାବରେ ତାର କଟୀଦେଶ ପରମ ସ୍ନେହରେ ଅଥଚ ପ୍ରତ୍ୟକ୍ଷ ଔଦାସିନ୍ୟରେ ଜଡ଼େଇ ଧରିବି । ସେଥିପାଇଁ ସେ ବେଶ୍ ପ୍ରସ୍ତୁତ ଥିଲା । ଦୁଇଧାଡ଼ି ଗଛ ମଝିରେ ଆମେ ଆଗେଇଲୁ । ବୃକ୍ଷର ଘନ ପଲ୍ଲବ ଅନ୍ତରାଳରେ ମଝିରେ ମଝିରେ ଉଜ୍ଜଳ ଚନ୍ଦ୍ରାଲୋକ ଆସି ପଡୁଥିଲା ।

ଆମେ ପୁନରାୟ ଧିରେ ଧିରେ ଆଗେଇ ଗଲୁ । ଏ ପାଖର ଖମାର ଘର ପାରହୋଇ ପାହାଡ଼ର ତୃଣାକୀର୍ଣ୍ଣ ଢାଲୁ ଅଂଶ ପଛରେ ଯେକେଇ ସେହି ଫସଲ ଅମଲ ମଞ୍ଚ ପାଖରେ ଯାଇ ପହଞ୍ଚିଲୁ । ଖଡ଼ର ସ୍ତୁପଗୁଡ଼ିକୁ ଏଥର ସ୍ପଷ୍ଟ ଭାବରେ ଦେଖିବାକୁ ପାଇଲୁ । ତା ମଧ୍ୟରୁ ପ୍ରଥମଟା ଏକବାରକେ ନୂଆ ଚକଚକ ହଳଦୀ ରଙ୍ଗର, ଦ୍ୱିତୀୟଟି ଅଳପ ପୁରୁଣା ବାଦାମୀ ରଙ୍ଗର ଏବଂ ତୃତୀୟଟି ମିଶାମିଶି ଖଡ଼ର ଗ୍ରେଟ ସ୍ତୁପ । ପାଖରେ ଠିଆ କରାହୋଇଥିବା ଗ୍ରେଟ ଗୁଣ୍ଡି ଦେହରେ ତାହା ନୌକାର ମଙ୍ଗଭଳି ଦେଖା ଯାଉଥିଲା । ଘନରଙ୍ଗ ପ୍ରାନ୍ତରର ପୃଷ୍ଠଭୂମିରେ ଚନ୍ଦ୍ରାଆଲୋକିତ ଏହି ଖଡ଼ର ସ୍ତୁପଗୁଡ଼ିକୁ ଆଉ ସବୁ ଦୃଶ୍ୟ ଅପେକ୍ଷା ଯେମିତ ଏକ ବଚ୍ଛିନ୍ନ ବୈଶିଷ୍ଟ୍ୟପୂର୍ଣ୍ଣ ଜଗତ ବୋଲି ମନେ ହେଉଥିଲା । ଜାହିଁକି ଜାଣେନା ହଠାତ୍ ମୋର ପ୍ରବଳ ଇଚ୍ଛା ହେଲାଯେ ଚନ୍ଦ୍ରାଲୋକରେ ଫସଲ ଅମଳର ସେହି ମଞ୍ଚଉପରକୁ ଉଠି ବିଛା ହୋଇଥିବା ଖଡ଼ ଉପରେ ଆମେ ପରସ୍ପରକୁ ପ୍ରେମ ନିବେଦନ କରନ୍ତୁ । ଏହି ଯଥା ଯୋଗ୍ୟ ପରିବେଶ, ଜ୍ୟୋତ୍ସ୍ନାସ୍ନାତ ପ୍ରାନ୍ତର ମଧ୍ୟରେ ମୋର ସାହିତ୍ୟ କୀର୍ତ୍ତିର ଶୁଭ ସମାପ୍ତି ଏବଂ ଆମ ଦାମ୍ପତ୍ୟ ପ୍ରଣୟର ମଧୁର ଜୀବନକୁ ପ୍ରତ୍ୟାବର୍ତ୍ତନର ସମାରୋହପୂର୍ଣ୍ଣ ନିଦର୍ଶନଟି ବୋଧହୁଏ ଆମେ ଏଭଳି ଭାବରେ ସ୍ମରଣୀୟ କରି ରଖିପାରୁ । ମୋର ଏହି ଆକାଂକ୍ଷା ମଧ୍ୟରେ ଯେ କୌଣସି ପ୍ରକାର

ସାହିତ୍ୟ ସଚେତ ସ୍ମୃତି ଉଦ୍ଦୀପ୍ତ ହୋଇ ଉଠିନାହିଁ ତାହା କହି ପାରିବିନାହିଁ । ତା'ଛଡ଼ା ମୋ ଭିତରେବି ଥିଲା ସାହିତ୍ୟ, ତେଣୁ ମୁଁ ଯେ ମୋର ଭିତରେର ସାହିତ୍ୟିକ କଳ୍ପନାକୁ ଗଭୀର ଆଉ ଅକୃତ୍ରିମ ଆବେଗରେ ଅନୁରଞ୍ଜିତ କରି ଚିତ୍ରିତ କରିବାକୁ ଚାହିଁବି ଏତ ଅତି ସ୍ୱାଭାବିକ କଥା । ମିଡ଼ାକୁ ପାଖରେ ପାଇବାପାଇଁ ମୁଁ ଚଞ୍ଚଳ ହୋଇ ଉଠିଥିଲି । ଉନ୍ମୁକ୍ତ ଚନ୍ଦ୍ରାଲୋକିତ ପ୍ରାନ୍ତରର ନିର୍ଜନ ସାନିଧ୍ୟରେ ତାକୁ ଘନିଷ୍ଠ କରି ମୋର ଯେ ପାଇବାର କାମନା ଏହା ବୋଧହୁଏ ଖୁବ୍ ସ୍ୱାଭାବିକ ଥିଲା ।

ବିଶାଳ ବିସ୍ତୀର୍ଣ୍ଣ ପ୍ରାନ୍ତରର ଦୃଶ୍ୟଟିକୁ ସମ୍ପୂର୍ଣ୍ଣ ଭାବରେ ଉପଭୋଗ କରିବା ପାଇଁ ଫସଲ ଅମଳ ମଞ୍ଚ ଉପରକୁ ଯେ ମୁଁ ଯିବାକୁ ଚାହେଁ ସେ କଥା ମିଡ଼ାକୁ କହିଲି । ସେତେବେଳେ ବି ସେ ମୋ ସହିତ ପାଖାପାଖି ଠିଆ ହୋଇଥିଲା । ପିଚ୍ଛିଳ ଘାସ ଉପରେ ଅତି କଷ୍ଟରେ ହାତ ଧରାଧରି ହୋଇ ଆମେ ଉପରେ ଉଠିଲୁ । ଉପରକୁ ଯାଇ ଆମେ ଉଭୟେ ଅଳ୍ପ ସମୟ ସ୍ଥିର ନୀରବତାରେ ସେହି ବିଶାଳ ଦୃଶ୍ୟଟି ଉପଭୋଗ କରିବାକୁ ଆରମ୍ଭ କଲୁ । ଯେତେ ଦୂରଦୃଷ୍ଟି ପାଏ, ସେତେଦୂର ଆମେ ଦେଖିଲୁ ଚନ୍ଦ୍ରର ଉଜ୍ଜଳ କିରଣରେ ସବୁକିଛି ଏକ ଅପୂର୍ବ ସୌନ୍ଦର୍ଯ୍ୟରେ ଉଦ୍‌ଭାସିତ । ଫଳଗଛ, ଅଙ୍ଗୁର କ୍ଷେତ ଏମିତି କି ଦୂରର ବୃଦାଗୁଡ଼ିକ ବି ନିଖୁଣ ଭାବରେ ସୁନ୍ଦର ବୋଲି ମନେହେଲା । ସ୍ଥାନେ ସ୍ଥାନେ କୌଣସି ଖମାରଘର ଚନ୍ଦ୍ରର ଶୁଭ୍ର ଆଲୋକରେ ସ୍ୱାନକର ରମଣୀୟ ରୂପଧାରଣ କରିଥିଲା । ପୃଥିବୀ ଆଉ ପ୍ରଶାନ୍ତ ଆକାଶ ମଝିରେ ଦୂରଚକ୍ରବାଳରେ ମୁଣ୍ଡଟେକି ଠିଆହୋଇଥିଲା କଳାରଙ୍ଗର ଧାଡ଼ିଏ ପାହାଡ଼ । ଠିକ୍ ଏମିତି ସମୟରେ ପ୍ରାନ୍ତର ଆରପାଖ ଦେଇ ମୋର ଦୃଷ୍ଟିର ବାହାରେ ବୋଧହୁଏ ଗୋଟାଏ ଟ୍ରେନ ଚାଲିଗଲା । ତାର ସେହି ସାମୟିକ ଶବ୍ଦ ବିଲୀନ ହେବା

ପରେ ନିଦ୍ରାମଗ୍ନ ପ୍ରାନ୍ତରର ବିସ୍ତୀର୍ଣ୍ଣ ନୀରବତା ଯେମିତି ଆହୁରି ବହୁଗୁଣିତ ହୋଇପଡ଼ିଲା ।

ପ୍ରକୃତିର ସେହି ସୌନ୍ଦର୍ଯ୍ୟ ଆଡ଼କୁ ବିହ୍ୱଳ ଦୃଷ୍ଟିରେ ଚାହିଁ ନୀଡ଼ା ଯେମିତି ସେହି ଗଭୀର ନୀରବତାର ଅର୍ଥ ଖୋଜି ପାଇବାପାଇଁ ଚେଷ୍ଟା କରୁଥିଲା । ତାର କଟୀଦେଶ ବେଷ୍ଟନ କରିନେଇ ରବିର ରୂପ ବିଶ୍ଳେଷଣର ଭଙ୍ଗିରେ କେତେବେଳେ ଏଦିଗ କେତେବେଳେ ସେଦିଗ ଅଂଗୁଳି ନିର୍ଦ୍ଦେଶ କରି ନାନା କଥା ମୃଦୁ କଣ୍ଠରେ କହିଯିବାକୁ ଲାଗିଲି । କଥା ମଝିରେ ଏକ ସମୟରେ ତାକୁ ପଛକୁ ଫେରେଇ ନେଇ ପାହାଡ଼ ଚୂଡ଼ାରେ ଅବସ୍ଥିତ ସହରର ଆଡ଼କୁ ତାର ଦୃଷ୍ଟି ଆକର୍ଷଣ କଲି । ଆମେ ଧିରେ ଧିରେ ଆଗେଇ ଖଡ଼ଗଦା-ଗୁଡ଼ିକ ପାଖରେ ଯାଇ ପହଞ୍ଚିଲୁ । ତଳେ କିଛିଟା ଖଡ଼ ବିଛେଇ ହୋଇ ପଡ଼ିଥିଲା । ମନେହୁଏ ସକାଳଓଳି ଚାଷୀମାନଙ୍କର ପୁଅଝିଅମାନେ ଏଠି ଖେଳାଖେଳି କରି ଯାଇଛନ୍ତି । ହଠାତ୍ ମୁଁ ତାକୁ ଏକାନ୍ତ ଭାବରେ ପାଖକୁ ଟାଣିଆଣି କହିଲି : ଆଚ୍ଛା ଆମ ଘରର ନିଭୃତତମ କକ୍ଷ ଅପେକ୍ଷା ଏ ସ୍ଥାନଟା ଅଧିକତର କାମ୍ୟ ନୁହେଁକି ନୀଡ଼ା ? ମୁଁ ତାଙ୍କୁ ଖଡ଼ ବିଛା ହୋଇଥିବା ମଞ୍ଚିଉପରେ ବସି ପଡ଼ିବା ପାଇଁ ଇଂଗିତ କଲି ।

ପ୍ରଲୁବ୍ଧ ବିସ୍ଫାରିତ ନୀଳଚକ୍ଷୁଦ୍ୱୟ ସେ ମୋ ମୁହଁ ପାଖରେ ତୋଳି ଧରି ଆସ୍ତେ ଆସ୍ତେ କହିଲା : ନା, ନା, ଖଡ଼ଗୁଡ଼ିକ ବଡ଼ି ଅପରିଚ୍ଛନ୍ନ । ମୋ ଦେହରେ ଏଗୁଡ଼ିକ ଫୁଟିଯିବ, ଆଉ ମୋର ନୂତନ ଫ୍ରକଟା ଏକ ବେଳକେ ଅପରିଷ୍କାର ହୋଇଯିବ ।

: ଫ୍ରକଟାର ଭାବନା କଣ ବଡ଼ ନୀଡ଼ା ?

ଏମିତି ଆଲୋଚନାର ମୁହୂର୍ତ୍ତରେ ସେ ଏକ ଅପ୍ରତ୍ୟାଶିତ ପ୍ରଣୟ ମଧୁର ଭଙ୍ଗୀରେ ହସିଉଠି କହିଲା : ତୁମର ଲେଖା କାମତ ଶେଷ ହୋଇନ ଏ ଯାଏ, ଯେଉଁଦିନ ତୁମର କାମ ପ୍ରକୃତରେ ଶେଷ

ହୋଇଯିବ, ସେ ଦିନହିଁ ରାତ୍ରରେ ଆମେ ଏଠିକି ଚାଲି ଆସିବା ଆଉ ଏମିତି ଆନନ୍ଦମୟ ମୁହୂର୍ତ୍ତଗୁଡ଼ିକୁ ଏଇଠି ଘଣ୍ଟାପରେ ଘଣ୍ଟା ବସି ଉପଭୋଗ କରିବା । କଣ ଖୁସି ତ ?

: ନା, ନା, ତାହା ହେବନି । ସେଦିନ ମୋଟେ ଚନ୍ଦ୍ର ନଥିବ ·· ଏଇ ରାତିଟି କେତେ ସୁନ୍ଦର !

ସେତେବେଳଯାଏ ବି ଯେମିତି ତାର କିଛି ସଙ୍କୋଚ ରହିଛି ଏମିତି ଭାବରେ କୋମଳ ଅନୁନୟର ଭଙ୍ଗିରେ ସେ କହି ଉଠିଲା : ଆଜି ମୋତେ ଯିବାକୁ ଦିଅ ସିଲଭିଓ । କଥାର ଶେଷ ହେଉ ନ ହେଉଣୁ ସେ ହଠାତ୍ ନିଜକୁ ଛଡ଼େଇ ନେଇ ହସି ହସି ଚାଲିଲୁ ଓହ୍ଲେଇଗଲା । ମୂହୂର୍ତ୍ତିକ ପୂର୍ବରୁ ତାର ଆଖିରେ କାମନାର ଯେଉଁ ଦୀପ୍ତି ଦେଖିଥିଲି, ବର୍ତ୍ତମାନ ତାର ଶିଶୁ ସୁଲଭ ହସ ମଧ୍ୟରେ ବି ସେହି ସ୍ନେହଭାବରୁ କାମନାର ସ୍ୱର ମୁଁ ଶୁଣିବାକୁ ପାଇଲି । ପ୍ରଥମେ ମୋତେ ଖୁବ୍ ଖରାପ ଲାଗିଥିଲା । କିନ୍ତୁ ବର୍ତ୍ତମାନ ମନେହେଲା ମୋର ଯଥେଷ୍ଟ କ୍ଷତି ପୂରଣ ହୋଇ ଯାଇଛି । ତାର ପଶ୍ଚାଦ୍‌ନୁସରଣ କରି ମନେହେଲା ଘଟଣାର ଏହି ପରିଣତିଟି, ଏହି ମୃଦୁ ପ୍ରତ୍ୟାଖ୍ୟାନ । ଆଉ ଟିକିଏ ହସହିଁ ଦେଉଛି ଅତ୍ୟନ୍ତ ସ୍ୱାଭାବିକ । ସେ ଦ୍ରାକ୍ଷାକୁଞ୍ଜ ଆଉ ପାର୍କ ଭିତର ଦେଇ ଦୌଡ଼ି ଚାଲିଥିଲା । ତାକୁ କିନ୍ତୁ ସହଜରେ ଧରି ମୁଁ ବନ୍ଦୀକରି ପକେଇଲି । ତାର ହସର ପ୍ରଭାବରେ ମୋର ସକଳ କାମନା ବାସନା ମୂର୍ତ୍ତିତା ଲାଭ କରିଥିଲା । ଗୋଟାଏ ଚୁମ୍ବନ ପରେ ତାର ହାତଟି ଶକ୍ତ ଭାବରେ ଧରିନେଇ ପରମ ତୃପ୍ତିର ସହ ପୁନର୍ବାର ଆମେ ଆଗେଇ ଚାଲିଲୁ । ଚନ୍ଦ୍ରାଲୋକରେ ଆମ ସମ୍ମୁଖରେ ଦୁଇଟି ଛାୟା ପଡ଼ିଥିଲା, ପୃଥକ ପୃଥକ ଥିଲେ ମଧ୍ୟ ହାତରେ ହାତ ଛନ୍ଦାଛନ୍ଦି ହୋଇଥିଲା । ଫସଲ ଅମଳ ମଞ୍ଚ ଉପରୁ ମୋର ଆଲିଙ୍ଗନ ଏଡ଼େଇ ଏହି ଭାବରେ ପଳେଇ ଆସି ସେ ଯେମିତି ଭଲ ପାଇବାର ଗଭୀର ପରିଚୟ ଦେଇଛି ବୋଲି

ମନେହେଲା । ଧିରେ ଧିରେ ଆଗେଇ ଆମେ ପୁଣି ଘର ଆଗରେ ଆସି ପହଞ୍ଚିଲୁ । ଇତି ମଧ୍ୟରେ ବିଜୁଳିବତିଗୁଡ଼ିକ ପୁନରାୟ ଜଳି ଉଠି ଘର ଭିତରକୁ ପ୍ରବେଶ କରିବାପାଇଁ ଆମକୁ ଯେମିତି ଆହ୍ୱାନ ଜଣାଉଥିଲା । ସେ ଯେତେବେଳେ ମୋର ଆଗେ ଆଗେ ଧିର ସୁନ୍ଦର ଭଂଗିରେ ସିଡ଼ିରେ ଉଠୁଥିଲା ସେତେବେଳେ ତା ର ଦେହର ଛନ୍ଦ ଯେମିତି ମୂର୍ତ୍ତି ହୋଇ ଉଠୁଥିଲା । ସେଦିନ ଭଳି ସୁନ୍ଦର ତାକୁ ମୁଁ ବୋଧହୁଏ ଆଉ କୌଣସି ଦିନ ଦେଖିନାହିଁ । ଦରଜା ମୁହଁରେ ଠିଆହୋଇ ଲାଜ଼ା ପୁନରାୟ ମଧୁର ହସର ସ୍ୱାହାଣୀ ହାଣି କହିଲା : ତାହା ହେଲେ ତୁମର କାମ ଶେଷ ହେଉ, ନୁହେଁ ?...ତାପରେ ଗୋଟାଏ ରାତିରେ ଆମେ ସେଠିକି ଚାଲିଯିବା । ତାର ଗୋଟାଏ ହାତ ମୁଁ ସ୍ପର୍ଶ କଲି । ପରମ ତୃପ୍ତିରେ କିଛି ସମୟ ତାର ମୁହଁକୁ ଚାହିଁ ରହିଲି । ତାପରେ ସିଧା ମୋର ଶୟନକକ୍ଷକୁ ଚାଲିଗଲି ଆଉ ଅଳ୍ପ ସମୟ ପରେ ଗଭୀର ନିଦ୍ରାରେ ଅଚେତନ ହୋଇ ପଡ଼ିଲି ।

ପରଦିନ ସକାଳୁ ଉଠି ମନେହେଲା ମୋର ସେହି ଆତ୍ମତୃପ୍ତିର ଭାବଟି କମି ନଯାଇ ବରଂ ବଢ଼ିଉଠିଛି । ଏଣ୍ଡୋକୋଲର ଘୋଡ଼ା-ଗାଡ଼ିରେ ଚଢ଼ି ଯେତେବେଳେ ମୁଁ ସହରକୁ ଯାଉଥାଏ ମୋର ସ୍ତ୍ରୀ ସେତେବେଳଯାଏ ଶୋଇଥିଲା । ଏଣ୍ଡୋକୋ ବୋଧହୁଏ ଭାବିଲା ଯେ ଗାଁର ଖବର ଅନ୍ତର ମୋତେ ଜଣେଇବା ତାର କର୍ତ୍ତବ୍ୟ । ସେ ରାସ୍ତାସାରା ବକ ବକ କରିବାକୁ ଲାଗିଲା ଏବଂ ମୁଁ ମୋର ଭାବନା ଆଉ ଅନୁଭୂତି ମଧ୍ୟରେ ବୁଡ଼ିରହିଲି ।

ଇତି ମଧ୍ୟରେ ଆମେ ସହରର ପ୍ରଧାନ ଫାଟକରେ ଆସି ପହଞ୍ଚି ଯାଇଥିଲୁ । ଫାଟକର ସ୍ଥାପତ୍ୟ ଶିଳ୍ପଟି ପ୍ରାଚୀନ ଇଟାଲୀର ଏକ ବିଶେଷ ଧାରାରେ ଗଠିତ ବୋଲି ମନେହେଲା । ତା ଉପରେ ମଧ୍ୟ ଯୁଗୀୟ ହାଲୁକା ଗଠନର ତୋରଣ ଶୋଭା ପାଉଥିଲା । ଯେ କୌଣସି ଦିନର ସକାଳଓଲ ପାହାଡ଼ର ଚୂଡ଼ାରେ ଅବସ୍ଥିତ ଏହି

ସହରଟିର ରୌଦ୍ରାଲୋକିତ ପଥରେ କୃଷକମାନଙ୍କର ଜିନିଷ ପତ୍ର ଟ୍ରକ୍ ପ୍ରଭୃତି ନେଇ ଯାତାୟତ କରୁଥିବାର ଦେଖିଲି । ଟିକିଏ ପରେ ଦୁଇଧାଡ଼ି ପୁରାତନ ଘରର ମଝିରେ ସୁରଙ୍ଗ ଭଳିଆ ରାସ୍ତା-ଉପରେ ମୋର ଗାଡ଼ି ଯାଇ ପହଞ୍ଚିଲା । ମୁଁ ଯେମିତି ଅଳ୍ପ ହତାଶ ହୋଇ ପଡ଼ିଲି । ଚୌରାସ୍ତାକୁ ଯାଇ ମୁଁ ଏଷ୍ଟେଲେଙ୍କୁ ଛାଡ଼ିଦେଇ କହିଲି ସେ ଯେମିତି ଘଣ୍ଟାକ ମଧ୍ୟରେ ଫେରି ଆସେ । କେର୍ସୋ ପଛରେ ପକେଇ ମୁଁ ଆଗେଇ ଚାଲିଲି । ଯେଉଁ ଦୋକାନରେ କାଗଜ କିଣିବି ବୋଲି ଭାବି ରଖିଥିଲି ସେ ଦୋକାନଟି ଖୋଜି ବାହାର କରିବା ପାଇଁ ମୋତେ କଷ୍ଟ ହେଲା ନାହିଁ । କିନ୍ତୁ ଟାଇପ କରିବା କାଗଜ ମିଳିଲା ନାହିଁ । ବିରକ୍ତ ହୋଇ ଶେଷରେ କୌଣସି ରକମର କାଗଜରେ କାମ ଚଳେଇ ନେବି ଭାବି କିଛି ଫୁଲସ୍କେପ କାଗଜ କିଣିନେଲି । କାଗଜ ତକ କାଖରେ ଯାକି ସେଠାକାର ଗୋଟାଏ କାଫେରେ ପ୍ରବେଶ କଲି । କାଫେଟି ଥିଲା ଅତି ପୁରାତନ ଧରଣର ଏବଂ ଅପରିଷ୍କୃତ । ଥାକ ଉପରେ କେତୋଟି ବୋତଲ ବସା ହୋଇଥିଲା । କାନ୍ଥ ପାଖରେ ଯେଉଁ ଗଦିଆ ଆସନ ସେଠି ଜଣେ ବୋଲି ଗ୍ରାହକ ନଥିଲେ ଯାହା ହେଉ ଗ୍ଲାସେ ଭରମୁଥ ପାନକରି ମୁଁ ଖବର କାଗଜ ଷ୍ଟଲକୁ ଚାଲି ଆସିଲି । ଏଇଠି କେତେଗୁଡ଼ିଏ ସଚିତ୍ର ସାମୟିକ ପତ୍ରିକା ଏବଂ ବ୍ୟଙ୍ଗ ରଚନା ଏପଟ ସେପଟ କରି ଶେଷରେ ଖଣ୍ଡେ ଖବର କାଗଜ କିଣିନେଲି । କାଗଜ ଖଣ୍ଡିକ ନେଇ ଟାଉନହଲ ସାମନାରେ ଗୋଟାଏ ପଥର ବେଦୀରେ ବସିଲି । ଦେଖିଲି ଟିକିଏ ଉପରେ ବୁନସ୍ୱାଦବଂଶର ମର୍ଯ୍ୟାଦା ସୂଚକ ପ୍ରତୀକ ଚିହ୍ନ ଅଙ୍କିତ ହୋଇ ରହିଛି ଏବଂ ପାଖରେ ରହିଛି ଘୋଡ଼ା ବାନ୍ଧି ରଖିବାର ଲୁହାର ରିଂ । ଏଷ୍ଟେଲେଙ୍କୁ ଘଣ୍ଟାକ ପରେ ଆସିବାକୁ କହିବା ଠିକ ହେଲାନାହିଁ ବୋଲି ମନେହେଲା । ତଥାପି ଭାବିଲି ତାର କାମଧାମ ଶେଷ କରି ସେ

ଆସୁ—ଆଖ ପାଖରେ ଦୋକାନଗୁଡ଼ିକରେ ଲୋକମାନେ କାମ କରୁଥିଲେ, କାଗଜ ପଢ଼ି ସାରିବା ପରେ ସେ ସବୁକୁହିଁ ଦେଖିବାକୁ ଲାଗିଲି। ସୂର୍ଯ୍ୟ କ୍ରମଶଃ ଉପରକୁ ଉଠିବାକୁ ଲାଗିଲା ଏବଂ ଟାଉନ ହଲର ଛାୟା କ୍ରମେ ସଂକୁଚିତ ହୋଇ ବନ୍ଧା ହୋଇଥିବା ପଥର ତଳେ ପହଞ୍ଚିଲା। କେଉଁଠି ଯେମିତି ହଠାତ୍ କନଭେଣ୍ଟର ଘଣ୍ଟା ବାଜି ଉଠିଲା ଆଉ ତା ସହିତ ଗୀର୍ଜାର ଗମ୍ଭୀର ଘଣ୍ଟା। ଦୁ' ପହର ହୋଇ ଯାଇଥିଲା। ସହରଟି ଯେମିତି ତାର ଆଲସ୍ୟରୁ ଜାଗିଉଠିଲା ଅଉ ଦଳ ଦଳ ଲୋକ ବୁଲିବା ଯାଗାରେ ଆସି ଜମାହେବାକୁ ଲାଗିଲେ। ସାରା ରାସ୍ତା ପାଖରେ, କର୍ସୋ ପଛରେ ପଡ଼ିକରି ମୁଁ ମଧ୍ୟ ସେହି ସୂର୍ଯ୍ୟାଲୋକିତ ସଙ୍କୀର୍ଣ୍ଣ ଆଡ଼କୁ ଗଲି। କାହିଁକି ଜାଣେନା। ମୋର ଧାରଣା ହେଲା, ଏଞ୍ଜେଲୋକୁ ମୁଁ ଏଇଠି ପାଇବି। ମୋର ଅନୁମାନ ଠିକ୍। ସେଠି କେତେ ଜଣ ଗ୍ରାମ୍ୟଲୋକ ସହିତ ଏଞ୍ଜେଲୋକୁ କଥାବାର୍ତ୍ତା କରୁ ଥିବାର ଦେଖିଲି। ଆମେ କାଳ ବିଳମ୍ବ ନକରି ଘରମୁହାଁ ବାହାରିଲୁ।

ହୁଏତ ବା କ୍ଳାନ୍ତି ପାଇଁ, ଫେରିବା ପଥରେ ମୋର ଚିନ୍ତା ବାସ୍ତବପଥ ଅନୁସରଣ କରି ଗଲା। ବହିଟା କାହାକୁ ଛାପିବା ପାଇଁ ଦେବି, କେମିତି ବିକ୍ରୀ ହେବ, କେଉଁ କେଉଁ ସମାଲୋଚକ ଏ ବହି ଉପରେ ଲେଖିବେ, କିଏ ସବୁ ବହିଟି ପସନ୍ଦ କରିବେ ଆଉ ସବୁ କରିବେ ନାହିଁ, ଏମିତି ନାନା କଥା ଚିନ୍ତା କରିବାକୁ ଲାଗିଲି। ହଠାତ୍ ଲୀଡ଼ାର କଥା ମନେ ପଡ଼ିଲା। କାହିଁକି ଜାଣେନା ମନେ ହେଲା ତାକୁ ପାଇବା ମୋର ଜୀବନ ପକ୍ଷରେ ଏକ ସୌଭାଗ୍ୟର ଅଧ୍ୟାୟ। ତାକୁ ହରେଇଲେ ମୋର ଯେଉଁ ବିରାଟ ପରିବର୍ତ୍ତନ ଘଟିବ ଏକଥା ଭାବିବାକୁ ଯାଇ ଏକ ନିଦାରୁଣ ମର୍ମପୀଡ଼ା ଅନୁଭବ କଲି। ମନେହେଲା ମୋର ହୃତ୍‌ପିଣ୍ଡ ଥର ଥର ହୋଇ କଂପୁଛି ହୁଏତ ଏହିକ୍ଷଣି ମୋର ଶ୍ୱାସ ପ୍ରଶ୍ୱାସ ସ୍ତବ୍‌ଧ ହୋଇଯିବ। ତା

ସମ୍ଭବତ ମୋର ଜୀବନ ଯେ ଓତପ୍ରୋତ ଭାବରେ ଜଡ଼ିତ ଏବଂ ତାକୁ ବାଦଦେଇ ମୋର ଜୀବନ ଯେ ଅର୍ଥହୀନ ସେ କଥା ବୁଝିବା ପାଇଁ ବାକି ରହିଲା ନାହିଁ । ତାକୁ ପାଇ ଆନନ୍ଦ ଅଉ ସୌଭାଗ୍ୟ ଗର୍ବରେ ମଝିରେ ମଝିରେ ହୁଏତ ଭାବୁଛି ଯେ ତାକୁ ବାଦଦେଇ ବି ମୋର ଜୀବନ ସହଜ ଭାବରେ ଚାଲି ପାରିବ । କିନ୍ତୁ ନିଜକୁ ମନେ ମନେ ତା ପାଖରୁ ବିଚ୍ଛିନ୍ନ କରିନେଇ ଦେଖିଲି ଯେ ସେମିତି ଅବସ୍ଥାରେ ବୋଧହୁଏ ମୁଁ ମଧ୍ୟ ପୃଥିବୀର ସବୁଠାରୁ ଅସହାୟ ଏବଂ ହତଭାଗ୍ୟ ବ୍ୟକ୍ତି ହେବି । କାହିଁକି ଜାଣେନା ମନେହେଲା ଏହି ବିଚ୍ଛେଦ ହେଲେ ନା ହେଲେ ମୋର ଜୀବନରେ ଘନେଇ ଆସିବ । ଅବର୍ଣ୍ଣନୀୟ ଅବସାଦରେ ମୁଁ ଏକାବେଳକେ ଭାଙ୍ଗିପଡ଼ିଲି । ତାହାରେ ପ୍ରଚଣ୍ଡ ସୂର୍ଯ୍ୟ କିରଣ ସତ୍ତ୍ୱେବି ଯେମିତି ଏକ ଶୀତଳ ସ୍ପର୍ଶରେ ମୋର ଆପାଦ ମସ୍ତକ କମ୍ପି ଉଠିଲା । ମୁଁ କ୍ରମଶଃ କାତର ହୋଇ ପଡ଼ିଲି । ଦୁଇ ନୟନରୁ ଅଶ୍ରୁର ଝର୍ଣ୍ଣ ଝରି ପଡ଼ିଲା । ଘୋଡ଼ାର ଗତିବେଗ ବଢ଼େଇ ଦେବା ପାଇଁ ହଠାତ୍ ଏଞ୍ଜେଲେ ଉପରେ କ୍ରୋଧାନ୍ୱିତ ହୋଇ ପଡ଼ି କହିଲି ଏହି ବେଗରେ ଗଲେ ସନ୍ଧ୍ୟା ଆଗରୁ ଆମେ କଣ ଘରେ ପହଞ୍ଚି ପାରିବା ? ଭାଗ୍ୟକ୍ରମେ ସେତେ-ବେଳକୁ ଆମେ ସମତଳଭୂମିରେ ଆସି ପହଞ୍ଚି ଥିଲୁ ଏବଂ ଘୋଡ଼ାଟା ବି ବୋଧହୁଏ ବୁଝି ପାରିଥିଲା ଯେ ତାର ଅସ୍ତାବଲ ଅତି ନିକଟରେ । ତେଣୁ ସେ ଟିକିଏ ଯେମିତି ଗତିବେଗ ବଢ଼େଇ ଦେଲା । ରାସ୍ତା ଆଡ଼କୁ ଉତ୍ସୁକ ଆଗ୍ରହରେ ଚାହିଁ ଶୀଘ୍ର ଘରକୁ ଫେରିବା ଚିନ୍ତାରେ ଆଉ ସେଠିକି ଫେରି ଲିଡ଼ାକୁ ନିକଟରେ ପାଇବାର ଭାବନାରେ ଅଧୀର ହୋଇ ଉଠିଲି । ଖୋଲା ପଡ଼ିଆ ଦେଇ ପ୍ରଥମେ ବଡ଼ ଗୋଟାଏ ରାସ୍ତା ତାପରେ ଗୋଟାଏ ପୋଲ । ଏହି ପୋଲ ପାରିହୋଇ ଯେଉଁ ରାସ୍ତା ଚାଲି ଯାଇଛି ତାହା ଆମ ପାର୍କର କାନ୍ଥ ଦେହରେ ଆସି ମିଶିଛି, ତାପରେ ଆମର ଗେଟ, ମୁରୁମଦିଆ ରାସ୍ତା

ଆଉ ଘର । ଘର ଆଗର ଖୋଲା ଜାଗାଟା ସେତେବେଳେ ବି ସୂର୍ଯ୍ୟାଲୋକରେ ଝଲମଲ କରୁଥିଲା । ରାସ୍ତାରେ ଯେମିତି ଭସ୍ମ ପାଇ ଯାଇଥିଲି ତାପରେ ଏକ ଅଭାବିତ ଦୃଶ୍ୟ ମୋତେ ବିସ୍ମିତ କରିଦେଲା । ଦେଖିଲି ଉପର ମହଲାର ଝରକା ପାଖରେ ଗୋଟାଏ ହାଲୁକା ରଙ୍ଗର ପୋଷାକ ପିନ୍ଧି ହାତରେ ବହିନେଇ ଲୀଡ଼ା ବସି ରହିଛି । ମନେହେଲା ସେ ଯେମିତି ବର୍ଷ ପରେ ବର୍ଷ ସେଠି ମୋର ଅପେକ୍ଷାରେ ବସି ରହିଛି । ତାର ପ୍ରତୀକ୍ଷାରତ ସେହି ମୂର୍ତ୍ତି ମୋର କ୍ଳାନ୍ତ ମନଟାକୁ ଏକାବେଳକେ ଭରିଦେଲା । ରାସ୍ତାରେ ଗାଡ଼ିର ଶବ୍ଦ ପାଇବା ମାତ୍ରକେ ସେ ତତ୍‌କ୍ଷଣାତ ବାହାରି ଆସିଲା । ଗାଡ଼ି ରହିବା ମାତ୍ରକେ ମୁଁ ଶୀଘ୍ର ଓହ୍ଲାଇ ସମ୍ଭାଷଣ ଜଣାଇ ଘର ଭିତରକୁ ପଶିଗଲି ।

: ବଡ଼ ଡେରିକରି ପକେଇଛ; ପଛରେ ଆସୁ ଆସୁ ଲୀଡ଼ା କହିଲା, ତୁମର ନାପିତ ବନ୍ଧୁ ସମସ୍ତୁ ହେଲା ଆସିଛି । ଉପରେ ସେ ତୁମ ପାଇଁ ଅପେକ୍ଷା କରିଛି ।

ପଚାରିଲି : କେତେଟା ବାଜିଛି ?

: କେତେବେଳୁ ଗୋଟାଏ ବାଜିଲାଣି ।

ଏଣ୍ଟୋନିଓ ଡେରି କରିଦେଲା । ବର୍ତ୍ତମାନ କ୍ଷୌର କର୍ମ ଶେଷକରି ଚାଲି ଆସୁଛି । ସେ କୌଣସି କଥା ନ କହି ବଗିଚାକୁ ବାହାରିଗଲା ଏବଂ ମୁଁ ବି ଉପରେ ଥିବା ମୋର ପଢ଼ା ଘରକୁ ଚାଲିଆସିଲି । ସେଠି ଏଣ୍ଟୋନିଓ କ୍ଷୁର ଏବଂ ଅନ୍ୟାନ୍ୟ ଜିନିଷ ସଜେଇ ରଖି ମୋ ପାଇଁ ଅପେକ୍ଷା କରିଥିଲା । ମୋତେ ମୁଣ୍ଡନୁଆଁଇ ସେ ସୁପ୍ରଭାତ ଜଣେଇଲା । ମୁଁ ଭୀଷଣ ବ୍ୟସ୍ତ ହୋଇ କହିଲି : ସଞ୍ଜଲ ସାରିନଅ ଏଣ୍ଟୋନିଓ, ବଡ଼ ଡେରି ହୋଇଗଲାଣି । ଯେତେଶୀଘ୍ର ପାର ଶେଷ କରିନଅ । କଥାଟିକୁ କୌଣସି ପ୍ରକାରେ କହି ମୁଁ ଆରାମ ଚେୟାରଟାରେ ବସିପଡ଼ିଲି ।

ବର୍ତ୍ତମାନ ମୁଁ ବେଶ୍ ବୁଝି ପାରୁଛି କ୍ଷୁଧାର ତାଡ଼ନାରେ ମୁଁ ବ୍ୟସ୍ତ ହୋଇ ପଡ଼ିଥିଲି । ସକାଳବେଳା କପେ କଫି ବ୍ୟତୀତ ଅଉ କିଛି ଖାଇନାହିଁ । ପେଟରେ କିଛି ନଥିବାରୁ ମୁଣ୍ଡ ଘୁରୁଥିଲା । କ୍ଷୁଧାର ଜ୍ୱାଳାରେ ମୁଁ ଅସନ୍ତୁଷ୍ଟ ହୋଇ ପଡ଼ିଥିଲି । ଏଣ୍ଟୋନିଓ ଯେତେବେଳେ ତାର ସ୍ୱାଭାବିକ ମନ୍ଥର ଗତିରେ ମୋର କାନ୍ଧଉପରେ ଟାଓ୍ୱେଲ୍ ଜଡ଼େଇ ଦେଉଥିଲା ସେତେବେଳେ ଯେମିତି ଟିକିଏ ରାଗି ଯାଇ କହି ଉଠିଲି : ତୁମେ କଣ ଶୀଘ୍ର କାମକରି ପାରନା ?

ବ୍ରସରେ ସାବୁନ ମାଖି ନେଇ ସେ ମୋ ଆଡ଼କୁ ଫେରି ଠିଆ ହେଲା, ମୋ ମୁହଁରେ ସାବୁନ ଘଷିବା ପାଇଁ । ଗ୍ରାହକର ମୁହଁ ଉପରେ ସାବୁନ ଫେଣର ଗୋଟାଏ ବରଫ ସ୍ତର ତିଆରି କରିବାରେ ଏଣ୍ଟୋନିଓର ଯୋଡ଼ି ନଥିଲେ । କିନ୍ତୁ ଏହି ଦିନ ମୁହଁସାରା ସାବୁନ ମାଖି ଆରାମ ଚେୟାରରେ ବସି ରହିବା ମୋ ପକ୍ଷରେ ଗୋଟାଏ ଅସମ୍ଭବ ବ୍ୟାପାର ବୋଲି ମନେ ହେଉଥିଲା । ପୁଣି ଇଏସ୍ଥି ବି ମନେହେଉଥିଲା ଏଣ୍ଟୋନିଓ ମୋତେ ଏଇଭଳି ଅସମ୍ଭବ ଅବସ୍ଥାରେ ଇଚ୍ଛାକରି ପକେଇ ରଖିଛି ।

ଏପଟେ ଯେତେବେଳେ ଅନନ୍ତକାଳଧରି ମୋର ମୁହଁ ଉପରେ ବ୍ରସ ଚଳିବାକୁ ଲାଗିଲା ସେତେବେଳେ ରାଗିଯାଇ କହି ଉଠିଲି : ତୁମକୁ ଶୀଘ୍ର କାମ ସାରିବାକୁ କହିଥିଲି । ତୁମର ସାବୁନ ଘଷିବାହିଁ ଶେଷ ହେଲା ନାହିଁ । ଦେଖିଲି ବିସ୍ମିତ ଗୋଲ ଗୋଲ ଆଖିରେ ଏଣ୍ଟୋନିଓ ମୋତେ ଥରେ ଦେଖିନେଇ ବ୍ରସଟା ରଖିଦେଇ କ୍ଷୁରଟା ଉଠେଇ ନେଲା ।

କିନ୍ତୁ ମୋର କହିବା ପରେ ବି ବ୍ରସର ଗୋଟାଏ ରାଉଣ୍ଡ ମୋ ମୁହଁରେ ବୁଲେଇବା ବାଦ ଦେଇନାହିଁ । ଏହାକୁ ତା ତରଫରୁ ମୋପ୍ରତି ଅବାଧ୍ୟତା—ଏମିତିକି ଅଳ୍ପ ଔଦ୍ଧତ୍ୟପୂର୍ଣ୍ଣ ଆଚରଣ ବୋଲିହିଁ ମନେହେଲା । ମୁଁ ବେଶ୍ ବିରକ୍ତ ହୋଇ ଉଠିଲି ।

କିଛି ସମୟ କ୍ଷୁରଟାରେ ଶାଣ ଦେଇ ନେଇ ସେ ମୋତେ
କ୍ଷୌର କରିବାକୁ ଆରମ୍ଭ କଲା । ଖୁବ୍ ଦକ୍ଷତାର ସହ ସେ ମୋର
ଡାହାଣ ଗାଲର ଫେଣ ଗୁଡ଼ିକ ପରିଷ୍କାର କରିନେଇ ବାଁ ପଟକୁ
ବୁଲି ଠିଆ ହେଲା । ଏଇ ଭାବରେ କାମ କରିବାକୁ ଯାଇ ସେ ତା
ଶରୀରଟାକୁ ମୋର ହାତ ଉପରେ ଚାପି ଧରିଲା । ଯେଉଁଦିନଠାରୁ
ସେ ମୋତେ କ୍ଷୌର କରିବା ପାଇଁ ଆସୁଛି ତା ମଧ୍ୟରେ ଏଇ ପ୍ରଥମ
ମୋ ଦେହ ଉପରେ ତା ଦେହର କୌଣସି ଅଂଶର ଚାପ ଅନୁଭବ କଲି
ଏବଂ ସଙ୍ଗେ ସଙ୍ଗେ ନୀଡ଼ାର ଅଭିଯୋଗ ଗୁଡ଼ିକ ମନେ ପଡ଼ିଲା ।
ଏଥିରେ ଆଉ ସନ୍ଦେହ ରହିଲା ନାହିଁ ଯେ ନଇଁ ପଡ଼ିବାକୁ ନାଇ ସେ
ମୋର ହାତ ଏବଂ କାନ୍ଧ ଉପରେ ଶରୀରଟିକୁ ଚାପି ଧରିଛି । ଏହି
ଶରୀର ସ୍ପର୍ଶ ସଙ୍ଗେ ସଙ୍ଗେ ସ୍ତ୍ରୀ ଅନୁଭୂତି ଟିକକ ବ ମୋ ପାଖରେ
ସ୍ପଷ୍ଟ ହୋଇ ଉଠିଲା । ଏକ ଅଦ୍ଭୁତ ଧରଣର ଘୃଣାରେ ସଙ୍କୁଚିତ
ହୋଇ ଉଠିଲି । ମନେହେଲା ହୁଏତ ବା ଆକସ୍ମିକ ତଥାପି ଏହି
ଚେତନାହୀନ ଦେହ ସ୍ପର୍ଶଟାକୁ ନିତାନ୍ତ ଇଚ୍ଛାକୃତ ବୋଲି ଭାବି
ଥା ଯାଇପାରେ ।

ସେ ଅପସରି ଯିବ ଭାବି ଅଳ୍ପ ସମୟ ନୀରବ ରହିଲି । କିନ୍ତୁ
ସେ ଟିକିଏ ଘୁଞ୍ଚିଲା ନାହିଁ । ଆଉ ଘୁଞ୍ଚିବାର ବି ଉପାୟ ବୋଧହୁଏ
ଥିଲା । ଘୃଣାର ପ୍ରାବଲ୍ୟରେ ମୋର ବୁଦ୍ଧିବୃତ୍ତି ଲୋପ ପାଇଗଲା ।
ଦ୍ରୁତ ବେଗରେ ମୁଁ ପଛେଇ ବସିଲି ଆଉ ସେହି ମୁହୂର୍ତ୍ତରେହିଁ
ମୋର ଗାଲ ଉପରେ ଏଣ୍ଟୋନିଓର କ୍ଷୁରଟି ବସିଗଲା ।

ଏଣ୍ଟୋନିଓ ଉପରେ କ୍ରୋଧ ଆଉ ଘୃଣାର ଏକ ପ୍ରଚଣ୍ଡ ପ୍ରବାହ
ମୋ ମଧ୍ୟରେ ନଇଁ ଆସିଲା । ସେ ସେତେବେଳକୁ କ୍ଷୁର ହାତରେ
ପଛେଇ ଯାଇ ବିସ୍ମୟର ସହିତ ମୋତେ ଲକ୍ଷ୍ୟ କରୁଥିଲା । ଯେଉଁଠି
କଟିଯାଇ ରକ୍ତ ଝରୁଥିଲା ସେ ସ୍ଥାନରେ ହାତ ଦେଇ ମୁଁ ଚିତ୍କାରି
କଲି : କଣ କରୁଛ ତୁମେ, ତୁମେ କଣ ପାଗଳ ?

କିନ୍ତୁ ସିନର ବ୍ୟାଲଦେଶୀ, ଆପଣ ତ ଭୀଷଣ ଭାବରେ ହଲଚ
ହୋଇ ଉଠିଥିଲେ । ଉତ୍ତର ଦେଲା ଏଣ୍ଟୋନିଓ ।

: ନା, ତା ସତ୍ୟ ନୁହେଁ, ମୁଁ ଚିତ୍କାର କରି ଉଠିଲି ।

ସାମାଜିକ ମର୍ଯ୍ୟାଦାରେ ଯେଉଁମାନେ ଶ୍ରେଷ୍ଠ ସେମା
ଯେତେବେଳେ ଦେଖନ୍ତି ଯେ ଉପରିସ୍ଥ ଲୋକେ ତାଙ୍କୁ ଭୁଲ ବୁଝୁଛ
ସେତେବେଳେ ଯେମିତି ଅନୁନୟର କାତର ଫଙ୍ଗୀରେ ଅତ୍ୟ
ସମ୍ମାନର ସହିତ ସେମାନେ କଥା କହନ୍ତି, ସେମିତି ଭାବ
ଏଣ୍ଟୋନିଓ କହିଲା : ଆପଣ ହଲଚଲ ନ ହେଲେ କେମିତି ଭାବ
କଟିଯିବା ସମ୍ଭବ କହନ୍ତୁ ସିନର ? ବିଶ୍ୱାସ କରନ୍ତୁ ଆପଣ ହଲଚ
ହୋଇଥିଲେ । ତେବେ ଏମିତି କିଛି ହୋଇ ନାହିଁ । ଆପ
ଟିକିଏ ସ୍ଥିର ହୋଇ ବସନ୍ତୁ । ଟିକିଏ ତୁଳାରେ ଟେବୁଲ ଉପ
ଠିପି ଖୋଲି ସେ ଅଲ୍ପ ସ୍ପିରିଟ୍ ନେଇ ଆସିଲା ।

ମୁଁ କିନ୍ତୁ କ୍ରୋଧରେ ଚିତ୍କାର କରି ଉଠିଲି : ତୁମେ କ
କହିବାକୁ ଚାହଁ ? କଦର୍ଯ୍ୟ ଭାବରେ କଟି ଯାଇଛି ଏ ଜାଗାଟା ।
ଦର୍ପଣ ପାଖରେ ଯାଇ ମୁଁ ଠିଆହେଲି । ସ୍ପିରିଟ ଲାଗି ସେତେବେଳକୁ
ଜାଗାଟା ଜଳୁଥିଲା । ଏହି ଜ୍ୱାଳାରେ ମୋର କ୍ରୋଧ ଯେମିତି
ଆହୁରି ବଢ଼ିଗଲା । ରକ୍ତଲଗା ତୁଳା ଖଣ୍ଡକ ଫିଙ୍ଗି ଦେଇ କହିଲି
: ତାହାହେଲେ ତୁମେ କହିବା ପାଇଁ ଚାହଁ, କିଛି ହୋଇନ ? ତୁମେ
କ'ଣ କହୁଛ ତାହା ତୁମେ ଜାଣନା ? ଯାଅ, ବର୍ତ୍ତମାନ ବାହାରି
ଯାଅ ।

କିନ୍ତୁ ସିନର ବ୍ୟାଲଦେଶୀ, ମୋର କାମ ଯେ ବର୍ତ୍ତମାନ ଯାଏ
ଶେଷ ହୋଇ ନାହିଁ ?

: କାମର ପ୍ରୟୋଜନ ନାହିଁ । ତୁମେ ବାହାରି ଯାଅ,
କ୍ରୋଧର ଆତିଶଯ୍ୟରେ ମୁଁ ଯେମିତି ଫାଟି ପଡ଼ିଲି । ଆଉ
କେବେହେଲେ ମୁଁ ତୁମର ମୁହଁ ଦେଖିବାକୁ ଚାହେଁନା, ବୁଝିଲ ?

: କହୁ ସିନର ।

: ଯଥେଷ୍ଟ ହୋଇଛୁ, ବାହାର ଯାଅ କହୁଛୁ ।

: ଆଗାମୀ କାଲି ଆସିବ ତ ?

: ନା, କୌଣସିଦିନ ନୁହେଁ । ଘର ମଝିରେ ଠିଆ ହୋଇ ଗଳାରେ ସେହି ଟାଓ୍ୱାଲବନ୍ଧା ଅବସ୍ଥାରେ ଚିତ୍କାର କରି ତାକୁ ମୋର ସ୍ଥିର ସିଦ୍ଧାନ୍ତ ଜଣେଇ ଦେଲି । ବେଶ୍ ମନେ ଅଛି ସେ ଯେମିତି ଟିକଏ ବିଦ୍ରୁପର ଭଙ୍ଗୀରେ ମୁଣ୍ଡ ନୁଆଁଇ କହିଲା : ଆପଣ ଯାହା ଠିକ୍ ମନେ କରିବେ । ତା'ପରେ ସେ ବାହାରକୁ ଚାଲିଗଲା ।

କିଛି ସମୟ ଏକାକୀ ରହିବା ପରେ ମୋର କ୍ରୋଧ ଶାନ୍ତ ହୋଇଗଲା । ସେତେବେଳେ ତଉଲିଆଟା ଖୋଲି ମୁହଁର ସାବୁନ ଟିକକ ଧୋଇ ପକେଇଲି । କ୍ଷୌର ଶେଷରେହିଁ କ୍ଷତଟା ହୋଇ ଥିଲା । ମସୃଣ ମୁହଁ ଉପରେ ତେଣୁ ଏହି ଲାଲ୍ ରଙ୍ଗର କ୍ଷତଟା ବେଶ୍ ସ୍ପଷ୍ଟ ଦେଖାଗଲା । ତୁଳାରେ ପୁନରାୟ ସ୍ପିରିଟ ନେଇ କ୍ଷତଟାକୁ ଜୀବାଣୁ ମୁକ୍ତ କରି ନେଲି । ଯେଉଁ ଆକସ୍ମିକ ଆବେଗରେ ଏଣ୍ଟୋନିଓକୁ ତଡ଼ି ଦେଲି ସେକଥା ଚିନ୍ତା କରିବା ମାତ୍ରକେ ବୁଝି ପାରିଲି କଟିଯିବା ଘଟଣାଟା କେବଳ ନିମିତ୍ତ ମାତ୍ର । ତାକୁ ତଡ଼ି ଦେବାର ଇଚ୍ଛା ହୋଇଥିଲା ବହୁ ପୂର୍ବରୁ । ଆଜିକାର ପ୍ରଥମ ସୁଯୋଗଟି ପାଇ ମୁଁ ସଦ୍ ବ୍ୟବହାର କରିଛି ମାତ୍ର । ହେବ ବୁଝିଲି ଯେ ଗଳ୍ପ ଲେଖା ଶେଷ କରିବା ପରେ ତାକୁ ତଡ଼ିଲେ ଯେ କ୍ଷତି ନାହିଁ । ଏହି ଅନୁଭୂତି ବି ଅନ୍ୟତମ କାରଣ । ସ୍ତ୍ରୀ ପ୍ରତି ପ୍ରେମର ନିଦର୍ଶନ ହିସାବରେ ଏ ଖବରଟି ଉପହାର ଦେଇ ପାରି ନାହିଁ । ସ୍ୱାର୍ଥପର ଭଳି ଏତେଦିନ ତାକୁ କାମରେ ନିଯୁକ୍ତ କରି ରଖିଥିଲି । ସ୍ତ୍ରୀର କୌଣସି ଅଭିଯୋଗ କାନରେ ନେଇ ନାହିଁ । କେବେହେଲେ ସ୍ତ୍ରୀ ପ୍ରତି ମୁଁ ସଦୟ ବ୍ୟବହାର କରି ନାହିଁ । ଯାହା

ହେଉଛ ପୋଷାକ ପରିବର୍ତ୍ତନ କରି ତଳକୁ ଓହ୍ଲାଇ ଆସିଲି ।

ମୋର ସ୍ତ୍ରୀ ଭୋଜନ କକ୍ଷରେ ଥିଲା । କିଛିସମୟ ନୀରବରେ ବସି ରହିବା ପରେ ଜଣେଇଲି : ଆଜି ସତରେ ଏଣ୍ଟୋନିଓଙ୍କୁ ଉଡ଼ି ଦେଲି ବୁଝିଲ ?

ଖାଇବା ପ୍ଲେଟରୁ ମୁହଁ ନ ଉଠେଇ ସେ ପ୍ରଶ୍ନ କଲା : ଏହା ପରେ କ୍ଷୌର କର୍ମ ହେବ କେମିତି ?

: ନିଜେ କ୍ଷୌର ହେବାର ଚେଷ୍ଟା କରିବି । ତା'ଛଡ଼ା ଆଉ କେତେଦିନର ବା କଥା । ଶୀଘ୍ର ବି ତ ଚାଲିଯିବାକୁ ପଡ଼ିବ, ନୁହେଁ ? ଆଜି ଯେ ତାର କଣ ହୋଇଥିଲା କିଏ ଜାଣେ । ଏଇ ଦେଖ ପ୍ରାୟ ଏକଆଙ୍ଗୁଳି କଟି ଯାଇଛି ।

ନାଡ଼ା ମୁହଁ ଉଠେଇ କ୍ଷତଟା ଦେଖିଲା । ବେଶ୍ ଉଦ୍ବେଗରେ କହିଲା : ଟିକିଏ କୌଣସି ଏଣ୍ଟିସେପଟିକ ଲଗେଇ ନେଇଛ ?

: ନେଇଛି । ତେବେ କଣ ଜାଣ କଟିଯିବା ଘଟଣାଟି ନିତାନ୍ତ ଏକ ନିମିତ୍ତମାତ୍ର । ପ୍ରକୃତରେ ମୁଁ ଆଉ ଏଣ୍ଟୋନିଓଙ୍କୁ ସହ୍ୟକରି ପାରୁ ନ ଥିଲି । ତୁମେ ଯାହା କହିଥିଲ ତାହା ସତ ।

: ତାର ମାନେ ? ତୁମେ କଣ କହିବାକୁ ଚାହଁ ?

ଏକ୍ସେଲେନ୍ସି ପାଖରୁ ଯେତେକ ଖବର ସଂଗ୍ରହ କରିଥିଲି ସେତେକ ବର୍ତ୍ତମାନ କହିବା ଦରକାର ବୋଲି ମୋର ମନେହେଲା । କିନ୍ତୁ ସମସ୍ୟାଟା ବଦଳ କରି ନେବା ପାଇଁ ଟିକିଏ ବନେଇ ଚୁନେଇ କହିଲି, : ଆଜି ସକାଳେ ଏକ୍ସେଲେନ୍ସି ସହିତ ମୋର କଥାବାର୍ତ୍ତା ହେଉଥିଲା । ଶୁଣିଲି ଏଣ୍ଟୋନିଓ ଗୋଟାଏ ଅସଂଯତ ଲମ୍ପଟ । ସେ ସ୍ତ୍ରୀଲୋକଙ୍କୁ ବିରକ୍ତ କରି ବୁଲେ । ଏ ଘଟଣାଟା କିନ୍ତୁ ସମସ୍ତେ ଜାଣନ୍ତି । ତେଣୁ ମନେହେଲା ଇଚ୍ଛାକୃତ ଭାବରେ ସେ ତୁମର ଅସମ୍ମାନ କରିଛି ଏମିତି ପ୍ରମାଣ ନଥିଲେ ବି ତୁମର ଅଭିଯୋଗ ଅନେକ ପରିମାଣରେ

ସତ୍ୟ । ଆଜି ତେଣୁ କଟିଯିବା ପରେ ଘଣ୍ଟାକୁ କାମରେ ଲଗେଇ ତାକୁ ଛାଡ଼ିଦେଲି ।

ମୀଡ଼ା କିଛି କହିଲା ନାହିଁ । ମୁଁ ନିଜେ କହି ଚାଲିଲି : ଆଜି ସ୍ତ୍ରୀଲୋକେ ବି ଗେଡ଼ା ଟାଙ୍ଗରା ମୋଟା ମଣିଷଟା ମଧ୍ୟରେ କଣ ଯେ ପାଆନ୍ତି ତାହା ସେମାନେ ଜାଣନ୍ତି । ସେ ନିଶ୍ଚୟ ଭେନସର ପ୍ରଣୟ ପାତ୍ର ହେବା ଭଳି ସୁନ୍ଦର ଯୁବକ ନୁହେଁ ।

ଏ ସମସ୍ତ କଥାର ଉତ୍ତରରେ ସ୍ତ୍ରୀ ପ୍ରଶ୍ନକଲା : ସହରରେ ତୁମର କାଗଜ ପାଇଲ ?

: ନା, ଠିକ୍ ଯେଉଁ କାଗଜ ଖୋଜୁଥିଲି ପାଇଲି ନାହିଁ । କିଛି ଫୁଲସ୍କ୍ୟାପ୍ କିଣି ଆଣିଛି, ତହିଁରେ ଚଳିଯିବ । ବୁଝିଲି ଏଣ୍ଟୋନିଓ ପ୍ରସଙ୍ଗଟା ତାକୁ ଆଦୌ ଭଲ ଲାଗୁନାହିଁ ତେଣୁ ସେ ଅନ୍ୟକଥା ପକେଇବା ପାଇଁ ଚାହୁଁଛି । ତେଣୁ ମୁଁ ବି କହିଲି, ଆଜିଠାରୁ ଟାଇପ କରିବା ଆରମ୍ଭ କରିବି । ସକାଳ ଆଉ ସନ୍ଧ୍ୟା କାମରେ ଲଗେଇ ଶୀଘ୍ର କାମ ଶେଷ କରି ପକେଇବି । ସେ ଏକାଗ୍ର ଚିତ୍ତରେ ଭୋଜନ କରିବାକୁ ଲାଗିଲା, ମୁଁ କିଛି ସମୟ ବହି କଥା, ମୋର ଭବିଷ୍ୟତ ପରିକଳ୍ପନାର କଥା ଏସମସ୍ତ କହି ହଠାତ୍ ତାର ହାତଟା ଟାଣିନେଇ କହିଲି, ତୁମର ଭଲପାଇବା ପାଇ ନଥିଲେ ମୁଁ କେବେ-ହେଲେ ଏ ବହି ଲେଖିପାରି ନଥାନ୍ତି । ତେଣୁ ଠିକ୍ କରିଛି ଏ ବହିଟି ମୁଁ ତୁମର ନାମରେହିଁ ଉତ୍ସର୍ଗ କରିବି । ସେ ହସି ମୋ ଆଡ଼କୁ ଆଖି ଉଠେଇ ଚାହିଁଲା । ମୋର ମନେହେଲା ତା ମଧ୍ୟରେ ଯେଉଁ ମଙ୍ଗଳ କାମନାର ଅକୃତ୍ରିମ ଢଗଟି ବହୁବାର ଆଖିରେ ପଡ଼ିଛି, ଆଜି ଯେକଣ ନିରୀକ୍ଷଣ କଲି ତାର ଚରମ ପ୍ରକାଶ । ଗୋଟାଏ ଅନ୍ଧ ମଣିଷବି ଏହା ନଦେଖି ରହି ପାରିବନାହିଁ । ତାର ହାତଟିକୁ ମୋର ହାତ ମଧ୍ୟରେ ନେଇ ମୁଁ ଚୁପ୍ କରି ବସି ରହିଲି । ମୋର ଆଗ୍ରହ ପୁନରାୟ ଧିରେ ଧିରେ ସ୍ତିମିତ ହୋଇ ଆସିବାକୁ

ଲାଗିଲା । ପିଲା ଆସି ବିରକ୍ତ କରୁ ଏହା ମା ଚାହୁଁ ନାହିଁ, ଅଥଚ ଏମିତି ଅବସ୍ଥାରେ ପିଲା ଦୌଡ଼ିଆସି ଯେତେବେଳେ କୁହେଁ ମାଗୋ ବଡ଼ ହେଲେ ମୁଁ ଜଣେ ସେନାପତି ହେବି ଠିକ୍ ସେତେବେଳେ ମା ଯେମିତି ଭାବରେ ହସନ୍ତି, ଲୀଡ଼ା ଯେମିତି ସେମିତି ଭାବରେ ମୋ ଆଡ଼କୁ ଚାହିଁ ହସିବାକୁ ଲାଗିଲା । ପଚାରିଲା : ଉତ୍ସର୍ଗର ପୃଷ୍ଠାରେ କଣ ଲେଖିବ ?

ମନେ ମନେ ତା ପ୍ରଶ୍ନର କଣ ଉତ୍ତର ଦେବି ତାହା ଠିକ୍ କରି ନେଲି । ଏବଂ ଯେମିତି କିଛିଏ ବିବ୍ରତ ହୋଇ ଉତ୍ତର ଦେଲି : ସେମିତି କିଛି ଲେଖିବିନାହିଁ । ଏଇଧର ଯେମିତି, ମୋର ସ୍ତ୍ରୀକୁ ଲୀଡ଼ାକୁ ବା ଏମିତି କିଛି । ବେଶୀ ଲମ୍ବା କରି କହିଲେ କଣ ତୁମକୁ ଭଲ ଲାଗିବ ?

: ନା, ନା. ସେସବୁ କହନାହିଁ ।

ସେ ଯେ ଅଳ୍ପ ଅନ୍ୟମନସ୍କ ହୋଇ ପଡ଼ିଛି ତାହା ବେଶ ବୁଝିପାରିଲି । ହାତଟା ଆସ୍ତେ ଆସ୍ତେ ଟାଣିନେଇ ମୁଁ ବି ଝରକା ବାହାରକୁ ଚାହିଁ ନୀରବ ତନ୍ଦ୍ରାରେ ବୁଡ଼ିରହିଲି । ଭାବୁଥିଲି ଆମ ଭିତରୁ କେହି ଜଣେ ପ୍ରଥମେ କଥା କହିବ କିନ୍ତୁ ଦୁହେଁ ଚୁପଚାପ ବସି ରହିଲୁ । ତା ଆଡ଼କୁ ଚାହିଁ ଯେ କେହି କହିବ ଯେ ସେ ଏକ କଠିଣ ଆଉ ଦୃଢ଼ାନ୍ତ ନୀରବତାର ଗମ୍ଭୀର ଆବରଣରେ ନିଜକୁ ଢାଙ୍କି ନେଇଛି । ଆଉ ବାହାର ଆସିବା ପାଇଁ ଛଳେ ହେଲେ ଇଚ୍ଛାନାହିଁ । ମୋ ପକ୍ଷରୁ ନୈରାଶ୍ୟର କୌଣସି କାରଣ ଘଟିନାହିଁ ତାହା ପ୍ରମାଣ କରିବାପାଇଁ ଯେମିତି ରସିକତା କରି କହିଲି, ଜାଣ, କୌଣସି ଏକ ଲେଖକ ସ୍ତ୍ରୀକୁ ବହି ଉତ୍ସର୍ଗ କରିବାକୁ କଣ ଲେଖିଥିଲେ ? ମୋର ସ୍ତ୍ରୀକୁ ଯାର ଅନୁପସ୍ଥିତି ବ୍ୟତୀତ ଏ ବହି କେବେହେଲେ ଲେଖିବା ସମ୍ଭବ ହୋଇ ନଥାନ୍ତା ।

ଲୀଡ଼ା ମୁହୁଁ ହସି ଉଠିବା ମାତ୍ରେକେ ମୁଁ ଶୀଘ୍ର କହି ଉଠିଲି

: କିନ୍ତୁ ମୋ କ୍ଷେତ୍ରରେ ଘଟଣାଟା ସମ୍ପୂର୍ଣ୍ଣ ବିପରୀତ । ତୁମର ଉପସ୍ଥିତି ବିନା ଏ ବହୁଲେଖା କୌଣସି ପ୍ରକାରେ ସମ୍ଭବ ହୋଇ ନଥାନ୍ତା । ତାର ମୁହଁରେ କିନ୍ତୁ ହସରରେଖ ଦେଖିଲି ନାହିଁ । ତେଣୁ ନ କହି ରହି ପାରିଲି ନାହିଁ, ତୁମେ ଯଦି ଚାହୁଁନା ତେବେ ମୁଁ ଉତ୍ସର୍ଗ ପତ୍ରହିଁ ରଖିବିନାହିଁ ।

ଶେଷ କଥା କେତୋଟି ମୋ କଣ୍ଠରେ ବୋଧହୁଏ ଅଳ୍ପ ତିକ୍ତତାର ଆଭାସ ଦେଇଥିଲା । ସେ ଯେମିତି ଅଳ୍ପ ସଚେଷ୍ଟ ହୋଇ ନିଜକୁ ଆଲୋଚନା ଭିତରକୁ ଫେରେଇ ଆଣିଲା । ମୋର ହାତଟା ଟାଣିନେଇ କହିଲା : ନା, ନା, ସିଲଭିଓ ତୁମେ ଏକଥା ଭାବନାହିଁ ଯେ ମୁଁ ଏମିତି କିଛି ଚାହେଁନା । ତାର କଣ୍ଠରେ ପୁନରାୟ ମୁଁ ସେ ସଦିଚ୍ଛାର ସ୍ପର୍ଶ ପାଇଲି । ଛୋଟ ପିଲାଟି ହତାଶ ହୋଇ ମା'କୁ ଯେତେବେଳେ କୁହେ, ତୁମେ ଯଦି ଚାହଁନା, ତେବେ ମୁଁ ସେନାପତି ହେବି ନାହିଁ, ସେତେବେଳେ ତାକୁ ମା ଯେମିତି କହନ୍ତି, କିନ୍ତୁ ମୁଁ ଯେ ତୁମକୁ ସେନାପତି ଭାବରେ ଦେଖିବାକୁ ଚାହେଁ । କେତେ-କେତେ ଯୁଦ୍ଧ ତୁମେ ଜୟକରି ଆସିବ, ଲୀଡ଼ାର କଥାରେ ଯେମିତି ଅନେକଟା ସେହି ସ୍ୱର ମୁଁ ଶୁଣିଲି । ବୁଝିଲି କଥା ବଢ଼େଇ ଲାଭ ନାହିଁ । ସେତେବେଳେ ଏଣ୍ଟୋନିଓ ଉପରେ କ୍ରୋଧର କାରଣ ବୁଝିଥିଲି ମୋର କ୍ଷୁଧା, ବର୍ତ୍ତମାନ କିନ୍ତୁ ପୁନରାୟ ସେହିଭଳି ମନଟା ବିଷାକ୍ତ ହୋଇ ଉଠୁଥିଲା, ତେଣୁ ଶୀଘ୍ର ଉଠି ପଡ଼ିଲି । ଉଠିବାକୁ ଯାଇ ଲୀଡ଼ାକୁ ସ୍ମରଣ କରେଇ ଦେବାପାଇଁ କହିଲି : ଆନା ବୋଧହୁଏ କଫି ନେଇ ଆମ ପାଇଁ ବାହାରେ ଅପେକ୍ଷା କରି ରହିଛି ।

ନୀଡ଼ା ଶଯ୍ୟନକକ୍ଷକୁ ଚାଲିଯିବା ପରେ ମୁଁ ମଧ୍ୟ ମୋର ପଢ଼ା ଘରକୁ ଚାଲି ଆସିଲି । ଟାଇପରାଇଟାରଟି ଖୋଲି ତାର ଢ଼ାଙ୍କୁଣି ଚଟାଣରେ ରଖି ମୁଁ କାମ ପାଇଁ ପ୍ରସ୍ତୁତ ହେଲି । ଡାହାଣ ପାଖରେ ପାଣ୍ଡୁଲିପି, ବାଁ ପାଖରେ ସାଦା କାଗଜ ରଖି ମୁଁ ଏକ ସଙ୍ଗରେ ତିନିଖଣ୍ଡ ଲେଖାଏ କାଗଜ କାର୍ବନ ଦେଇ ଟାଇପ କରିବାକୁ ଆରମ୍ଭ କଲି । ବହିର ନାମଟି ଟାଇପ କରିବାକୁ ଯାଇ ଦେଖିଲି କାଗଜ ଠିକ ଭାବରେ ଲଗା ହୋଇନାହିଁ ବୋଲି ଟାଇପଟା ଗୋଟାଏ ପାଖକୁ ହୋଇ ଯାଇଛି । ତାଛଡ଼ା ସେଗୁଡ଼ିକ ବଡ଼ ଅକ୍ଷରରେ ଟାଇପ କରିବା ଉଚିତ ଥିଲା, ତାହା ବି ହୋଇନାହିଁ । ପୁନରାୟ ତିନିଖଣ୍ଡ କାଗଜ ନେଇ କାମ ଆରମ୍ଭ କରାହେଲା । ଏଥର ନାମ ଠିକ ମଝିରେ ଲେଖାହେଲା ସତ କିନ୍ତୁ ସେପଟେ କାର୍ବନଗୁଡ଼ିକ ଠିକ ଭାବରେ ଦିଆ ହୋଇ ନଥିବାରୁ ତଳର କାଗଜଗୁଡ଼ିକରେ ଟାଇପହିଁ ଉଠିଲା ନାହିଁ ।

ମିନାକଟା ଏକାବେଳକେ ବିଗିଡ଼ିଗଲା । ମେସିନରୁ କାଗଜ ଗୁଡ଼ିକ ବାହାର କରି ଛିଣ୍ଡେଇ ପକେଇଲି । ପୁନରାୟ ତିନିଖଣ୍ଡ କାଗଜ ନେଇ କାମ ଆରମ୍ଭ କରିବା ପରେ ଦେଖାଗଲା ଖୁବ କମରେ ଟାଇପରେ ଗୋଟା ଦୁଇତିନ ଭୁଲ ହୋଇ ଯାଇଛି । ସତକଥା କହିବାକୁ ଗଲେ ଏଥର ମୁଁ ଉଦ୍‌ଭ୍ରାନ୍ତ ହୋଇ ପଡ଼ିଲି । ଟେବୁଲ ଛାଡ଼ି ଉଠି ଘର ମଧ୍ୟରେ ଯେଉଁ ବଡ଼ ବଡ଼ ଜର୍ମାନ ଛବିଗୁଡ଼ିକ ଥିଲା ତାହା ଦେଖିବାକୁ ଲାଗିଲି । ସେଠି ଥିଲା କାମାରସିର ଦୁର୍ଗ ଓସ୍ଥାରମାର ସହରର ଦୃଶ୍ୟ, ଲେକଷ୍ଟାନବାର୍ଗର କୂଳରେ ଝଡ଼ ଆଉ

ଗାଇନ୍‌ର ସ୍ୱର । ଘରରର ମୃଦୁ ଆଲୋକରେ ନିଶ୍ଚିନ୍ତ ନିଦ୍ରା ପାଇଁ ଆହ୍ୱାନ ଫୁଟି ଉଠୁଛି । ବୁଝିଲି ମୁଁ ନିଜେହିଁ କ୍ଲାନ୍ତ ହୋଇ ପଡ଼ିଛି, କୌଣସି କାମ କରିବାହିଁ ବର୍ତ୍ତମାନ ମୋ ପକ୍ଷରେ ସମ୍ଭବ ନୁହେଁ । ଘରର ଏକ ଅନ୍ଧକାର କୋଣରେ ଏକ ଶକ୍ତ ସୋଫା ଉପରେ ଯାଇ ଡେଣ୍ଣ ଶୋଇ ପଡ଼ିଲି । ଶୋଇ ରହି ମୁଁ ନିକଟରେ ଥିବା ଗୋଟାଏ ଛୋଟ ଟେବୁଲ ଆଡ଼କୁ ହାତ ବଢ଼ାଇ ଦେଲି । ତା ଉପରେ ଗହଣା ବାକ୍‌ସ ନାନା ପ୍ରକାର ଫରୁଆ ଇତ୍ୟାଦି ଥିଲା । ସେଠୁ ଗୋଟାଏ ଚମଡ଼ା ବନ୍ଧେଇ ଖାତା ଟାଣିନେଇ ଦେଖିଲି ୧୮୭୦ ମସିହାର ଏକ ସ୍ମୃତିଚିହ୍ନ । ଟିକକ ପୂର୍ବରୁ ଯେଉଁ ଧରଣର ଛବି ଦେଖିଥିଲି ଖାତାର ମାଲିକ ପ୍ରତିଟି ପୃଷ୍ଠାରେ ସେମିତି ଛବି କାଳି ଓ କଲମରେ ଅଙ୍କନ କରିଛନ୍ତି । ପ୍ରତିଟି ଛବି ତଳକୁ ଇଂରାଜୀରେ ଲେଖା ହୋଇଛି ଫରାସୀ ଦେଶୀୟ ନିଦ୍ରା କଥାର ଉଦ୍ଧୃତି । ପ୍ରତିଟି ଛବି ଭଲ ଭାବରେ ଦେଖି ତା ତଳର ଆବେଗସିକ୍ତ ଉଦ୍ଧୃତିଗୁଡ଼ିକ ମନଦେଇ ପଢ଼ୁ ପଢ଼ୁ ଦେଖିଲି ନିଦ ଆସି ଯାଇଛି । ଖାତାଟା ଟେବୁଲ ଉପରେ ରଖିଦେଇ କେତେବେଳୁ ଗଭୀର ନିଦରେ ନିମଗ୍ନ ହୋଇ ପଡ଼ିଥିଲି !

ବେଶୀ ହେଲେ ପ୍ରାୟ ଘଣ୍ଟାଏ ଖଣ୍ଡେ ମୁଁ ଶୋଇଥିବି, କିନ୍ତୁ ଏହି ଅଳ୍ପ ସମୟ ମଧ୍ୟରେ ନିଦ ଭିତରେ ଟେବୁଲ, ଚଉକି, ଟାଇପ ରାଇଟର ସବୁ ଦେଖିଲି । କାମ କରିବାକୁ ଇଚ୍ଛା ହେଲା, କିନ୍ତୁ ଅଦ୍‌ଭୁତ ଏକ ଅକ୍ଷମତାରେ ଆଚ୍ଛନ୍ନ ହୋଇ ରହିଲି । ଠିକ୍ ଏମିତି ସମୟରେ ହଠାତ୍ ଯେମିତି କୌଣସି ଏକ ସଙ୍କେତ ମୋର ନିଦ ଭାଙ୍ଗିଦେଲା, ମୁଁ ଚେଇଁ ଉଠି ଠିଆ ହୋଇ ପଡ଼ିଲି ।

ଘର ଭିତରଟାରେ ପାତଳା ଅନ୍ଧକାର । ଝରକାଗୁଡ଼ିକ ପୁରା ଖୋଲି ଦେଇ ଦେଖିଲି ଖରା ପଡ଼ିଛି । କୌଣସି କଥା ଚିନ୍ତା ନକରି ମୁଁ କାମରେ ବସିଗଲି ।

ପ୍ରାୟ ଦୁଇଟି ପୃଷ୍ଠା ଯନ୍ତ୍ର ଚାଳିତ ସଦୃଶ ଟାଇପ କରି ତୃତୀୟ ପୃଷ୍ଠାକୁ ଆସି ହଠାତ୍ ରହିଗଲି । ମୁଁ ସେତେବେଳେ କୌଣସି କଥା ଗଭୀର ଭାବରେ ଭାବୁ ନଥିଲି । ମୋର କେବଳ ମନେ ହେବାକୁ ଲାଗିଲା, ଯେଉଁ ଶବ୍ଦ ଗୁଡ଼ିକ କେଇଦିନ ପୂର୍ବରୁ ଉତ୍ସାହର ବଶ୍ୟତାରେ ନିଜେହିଁ ପ୍ରୟୋଗ କରିଛି, ସେଗୁଡ଼ିକହିଁ ଏହି ମୁହୂର୍ତ୍ତରେ ଅର୍ଥହୀନ ମନେ ହେଉଛି । ଅଭିଧାନର ପୃଷ୍ଠାରେ ଯେମିତି ଭାବରେ କେତେ ଗୁଡ଼ିଏ ଶବ୍ଦ ଏକତ୍ରିତ ହୋଇଥାଏ, ଇଏବି ଯେମିତି ସେହିଭଳି ନିରର୍ଥକ ଶବ୍ଦର ଅପ୍ରୟୋଜନୀୟ ସମାବେଶ ମାତ୍ର । ଏମିତି ଭାବନାରେ ଯେତେବେଳେ ମଗ୍ନ, ସେତେବେଳେ ଲୀଡ଼ା ମୋର ଚା'ର ପ୍ରୟୋଜନ ଅଛିକି ନା ଜାଣିବା ପାଇଁ ଦରଜା ପାଖରେ ଆସି ଠିଆହେଲା । ପାଣ୍ଡୁଲିପି ଆଗରେ ବସି ଯେଉଁ ଅବାସ୍ତବ ଚିନ୍ତାରେ ଜର୍ଜରିତ ହୋଇ ଉଠିଥିଲି ତହିଁରୁ ଯେମିତି ମୁଁ ମୁକ୍ତିର ଆହ୍ୱାନ ପାଇଲି । ସିଧା ଉଠିପଡ଼ି ତାରି ପଛେ ପଛେ ତଳକୁ ଓହ୍ଲାଇ ଗଲି । ସେ ବୁଲିଯିବା ପାଇଁ ପ୍ରସ୍ତୁତ ହୋଇ ଚା'ଟେବୁଲକୁ ଆସିଥିଲା । ମୁଁ ସେତିକିବେଳକୁ ବେଶ୍ ସମ୍ଭାଳି ନେଇଛି । ଚା'ହା ଖାଇ ଖାଇ ତା ସହିତ ନାନା କଥା ଆଲୋଚନା କରିଗଲି । ତାକୁବି ମୋଟେ ଚିନ୍ତିତ ବା ଅନ୍ୟମନସ୍କ ମନେହେଲା ନାହିଁ, କଥାରେ କଥାରେ ଖୁବ୍ ଆନନ୍ଦ ପାଇଲା । ଚା' ଖାଇବା ପରେ ପ୍ରାତ୍ୟହିକ ନିୟମାନୁସାରେ ଆମେ ବୁଲିବା ପାଇଁ ବାହାରିଲୁ ।

ପୂର୍ବରୁ କହିଛି ବୁଲିବାଭଳି ଖୁବ୍ ବେଶୀ ରାସ୍ତାଘାଟ ଏଠି ନଥିଲା । ପଡ଼ିଆ ମଝିରେ ଯାଇଥିବା ଏକ ଛୋଟ ରାସ୍ତା ଦେଇ ମୁଁ ଆଗରେ ଏବଂ ଲୀଡ଼ା ପଛରେ, ଏମିତି ଭାବରେ ବୁଲୁଥିଲୁ । ଅଳ୍ପ ସମୟ ପରେ ବୁଝିଲି ମୋର ମନର ସେହି ବିପନ୍ନତା ଜମାଟ ବାନ୍ଧି ରହିଛି । ପାଣ୍ଡୁଲିପିରୁ ସଂଗ୍ରହ କରି ଆଣିଥିବା ସେହି ଅସ୍ପଷ୍ଟ ମାନସିକ ଦୁର୍ବଳତାଟି କଟେଇ ଉଠିବା ପାଇଁ ଚାହିଁଲି । ସ୍ୱାଭାବିକ

ଖବରେ କଥାବାର୍ତ୍ତା କରି ମନର ଅସ୍ପଷ୍ଟ ଅବସ୍ଥାଟାକୁ ଏଡ଼େଇ ଯିବାର ଚେଷ୍ଟା କଲି । ରାସ୍ତାଟି ପଡ଼ଆରେ ସର୍ପିଲ ଗତିରେ ଏମିତି ଭାବରେ ଚାଲିଯାଇଛି ଯାହା ଫଳରେ ଗୋଟାଏ ଗୋଟାଏ ଯାଗାରେ କେତେ ଗୁଡ଼ାଏ ଖମାର ଘର ପରସ୍ପର ସହିତ ଏକତ୍ରିତ ହୋଇଛି, କେଉଁଠି ଗୋଟାଏ ବିଚ୍ଛିନ୍ନ କୁଟୀର ନିକଟରେ ଥିବା ଫସଲ ଅମଳ ମଞ୍ଚର ଦେହକୁ ଲାଗି ରହିଥିବା ପନିପରିବା କ୍ଷେତ ଆଉ ଗାଡ଼ିଆ ପାଖଦେଇ ରାସ୍ତାଟି ଗୋଟାଏ ଅଙ୍ଗୁର କ୍ଷେତ ପାଖାପାଖି ଚାଲିଯାଇଛି । ଯେତେଦୂର ଦୃଷ୍ଟି ଯାଏ ସେତେଦୂରର କ୍ଷେତ ଖମାର ଗଛପତ୍ର ସବୁକିଛି ସୂର୍ଯ୍ୟାଲୋକରେ ଝଲମଲ କରୁଥିଲା । ନୀଳ ଆକାଶର ବୁକୁରେ ଗଛର ମୁଣ୍ଡଗୁଡ଼ିକ କଳା ଛବିଭଳି ଦେଖା ଯାଉଥିଲେବି ସେମାନଙ୍କର ପ୍ରତ୍ୟେକଟି ପତ୍ର ଯେମିତି ଚକ ଚକ୍ କରି ଜଳୁଥିଲା । ଗୋଟାଏ ଗଭୀର ପରିଖା ଉପରର ବଙ୍କିମ ସେତୁ ଉପରେ ମୋର ସ୍ତ୍ରୀ ଯେତେବେଳେ ଆଗେଇ ଚାଲୁଥିଲା, ତାକୁ ନିରୀକ୍ଷଣ କରିବାପାଇଁ ମୁଁ ଟିକିଏ ରହିଗଲି । ସେ ଲାଲ, ସବୁଜ, ହଳଦୀ ଆଉ ନୀଳ ବୁଟୀ ପଡ଼ିଥିବା ଗୋଟାଏ ଧୂସର ରଙ୍ଗର ସ୍କର୍ଟ ଜାମା ଆଉ ତା ଉପରେ କୋଟ ପିନ୍ଧିଥିଲା । ସକାଳଓଳି ପାଣ୍ଡୁଲିପିର ଶବ୍ଦଗୁଡ଼ିକୁ ଯେମିତି ଅର୍ଥହୀନ ମନେ ହୋଇଥିଲା ତାକୁବି ସେମିତି ମୋର ସମ୍ମୁଖରେ ଥିବା ସମସ୍ତର ଚିତ୍ରପଟରେ ଏକ ଅର୍ଥହୀନ ବିନ୍ଦୁମାନ ମନେହେଲା । ମୁଁ ଖୁବ୍ ଭୟ ପାଇଗଲି । ମୋର ଯେମିତି ପୃଥିବୀର ସବୁଠାରୁ ଅବାନ୍ତର କଥାଗୁଡ଼ିକ ବାହାରିବାକୁ ଲାଗିଲା । ମୁଁ ଯେମିତି କହିବା ପାଇଁ ଆରମ୍ଭ କଲି । ମୋର ନାମ ସିଲଭିଓ ବ୍ୟାଲଦେଶୀ । ମୁଁ ବିବାହ କରିଛି ଗୋଟାଏ ନାରୀକୁ ଯାହାର ନାମ ଲୀଡ଼ା ।

ପ୍ରକୃତରେ କିନ୍ତୁ ମୋ ମୁହଁରୁ କଥା ବାହାରୁ ନଥିଲା । ବେଶ୍ ବୁଝି ପାରିଲି ହଠାତ୍ ଗୋଟାଏ ଯନ୍ତ୍ରଣା ନ ପାଇଲେ ମନର ଏହି

ଅବାନ୍ତର ବନ୍ଧନରୁ ମୁକ୍ତି ପାଇବ ନାହିଁ । ଯଦି ଏହି ସମୟରେ ହଠାତ୍ ମୋର ସ୍ତ୍ରୀର ବାଳ ଗୋଛାଏ ଧରି ତଳର ପଥର ଉପରକୁ ଠେଲିଦିଏ ଏବଂ ପରିବର୍ତ୍ତିରେ ତା ପାଖରୁ ଏକ ପ୍ରଚଣ୍ଡ ଚପୋଟାଘାତ ପାଏ ତେବେ ମନ୍ଦ ହେବନାହିଁ । ଏମିତବି ହୋଇ ପାରେ ଯେ ମୋର ପାଣ୍ଡୁଲିପିର ସଠିକ ମୂଲ୍ୟବୋଧ ପାଇଁ ତାକୁ ଛିଣ୍ଡେଇ ଟିକ-ଟିକ କରି ନଆଁରେ ଫିଙ୍ଗିଦେବାହିଁ ମୋର ପ୍ରୟୋଜନ ।

ବେଶ୍ ବୁଝି ପାରିଲି ଯେ ମୁଁ ପାଗଳ ହୋଇ ଯାଇଛି । ନିଦାରୁଣ ଯନ୍ତ୍ରଣା ଲାଭ ନକଲେ ନିଜ ଉପରେ ଆସ୍ଥା ବା ଅପରର ଉପସ୍ଥିତି ସମ୍ବନ୍ଧରେ ଧାରଣା ମୋର କୌଣସି ପ୍ରକାରେ ଫେରି ଆସିବନାହିଁ । ଏହାରି ମଝିରେ ଏହା କହି ନିଜକୁ ଆଶ୍ୱସ୍ତ କରିବାକୁ ଚାହିଁଲି ଯେ ମୋର ସ୍ତ୍ରୀ ବା ମୋର ରଚନାର ପାଣ୍ଡୁଲିପି ଯଦି ଦୁର୍ବୋଧ ବି ହୋଇଥାଏ ତେବେ ତାହା ଆଉ କାହାରି ଦୋଷ ନୁହେଁ ନିତାନ୍ତ ହିଁ ମୋର ମାନସିକ ଅକ୍ଷମତା ।

ସାୟାହ୍ନର ସେହି ନିସ୍ତବ୍ଧ କୋମଳ ପରିବେଶ ମଧ୍ୟରେ ଅମେ ମୃଦୁ କଣ୍ଠରେ ଆଳାପ କରୁଥିଲୁ । ଲୀଡ଼ା ଖଣ୍ଡେ ଘାସ ମୁହଁରେ ଦେଇ ଅନ୍ୟମନସ୍କ ଭାବରେ ଚୋବେଇ ଚାଲିଥିଲା ଏବଂ ମୁଁ ମଝି ଜଳରେ ପପଲାରର ଖଣ୍ଡିତ ଛାୟାକୁ ଚାହିଁ ବସି ରହିଥିଲି । ଏକଥା ସେକଥା ମଝିରେ କଣ ଗୋଟାଏ କଥାରେ (ମୁଁ ଅବଶ୍ୟ ଶୀତ କାଳରେ ସେ ପାହାଡ଼କୁ ଯିବାକୁ ଚାହେଁ କି ନା ପଚାରି ଥିଲି) ସେ ତାର ଅତୀତ ଜୀବନର ଏକ କାହାଣୀର ଉଲ୍ଲେଖ କରି ବସିଲା । ଘଟଣାଟି ପ୍ରାୟ ଦୁଇବର୍ଷ ପୂର୍ବେ ଏକ ପାର୍ବତ୍ୟ ନିବାସରେ ଘଟିଥିଲା । ପ୍ରଥମରୁ କହିଛି ଲୀଡ଼ାର ପ୍ରଥମ ବିବାହ ଖୁବ୍ କମ ସମୟ ତିଷ୍ଠି ରହି ଥିଲା । ସେ ବିବାହ ବନ୍ଧନ ବିଚ୍ଛିନ୍ନ ହୋଇଯିବା ପରେ ଲୀଡ଼ା ଯେ ଦଶଟି ବର୍ଷ ଏକାକୀ କଟେଇଛି ତା ଭିତରେ ତାର ପ୍ରେମିକର ଅଭାବ ନ ଥିଲା । ମୋର ସେହି ପୂର୍ବର ଭଦ୍ରଲୋକମାନଙ୍କ ପ୍ରତି

କୌଣସି ପ୍ରକାର ଇର୍ଷାବୋଧ ନ ଥିଲା । ତେଣୁ ପ୍ରଥମେ ପ୍ରଥମେ ଯେତେ ସେମାନଙ୍କ କଥା ଘୁରେଇ ଫେରେଇ କହିଲେ ବି ବର୍ତ୍ତମାନ ଖୋଲି ଖୋଲି କହିଯାଏ । ସେ ଯେ କାହିଁକି ଏମିତି କରୁଥିଲା ମୁଁ କହି ପାରିବି ନାହିଁ । ହୁଏତ କିଛିଟା ଅହଙ୍କାର ପ୍ରକାଶ କରିବା ପାଇଁ ହୁଏତ ବା ତାର ସେହି ବଲ୍ଗାହୀନ ସ୍ୱାଧୀନ ଜୀବନର ଅନୁଶୋଚନାରେ । ଗଳ୍ପ ଗୁଡ଼ିକ ଶୁଣିବାରେ ଯେ ଆନନ୍ଦ ପାଉ ଥିଲି ଏକଥା କୁହାଯାଇ ନ ପାରେ । ମୋ ମଧ୍ୟରେ ଅନୁଭୂତିର ଯେଉଁ ପରିଷ୍କତା ରହିଛି ତାହାରି ପାଇଁ ହୁଏତ ବା ଦେଖୁଥିଲି ମଝିରେ ମଝିରେ କାହାଣୀର ବୈଶିଷ୍ଟ୍ୟରେ ମୁଁ ଚମକି ଉଠିଛି । ତେବେ ଏ ବିସ୍ମୟ ପ୍ରକାଶ କୌଣସି ସମୟରେ ସ୍ୱେଚ୍ଛାକୃତ ନ ଥିଲା । ଏହାକୁ ଇର୍ଷା କୁହାଯାଇ ପାରେନା ବା ଗର୍ବବୋଧ କରିବା ଚଳେନା ମୋର ବୁଦ୍ଧିନିଷ୍ଠ ବିଷୟମୁଖି ମନୋଭାବର ପ୍ରକାଶ କୁହାଯାଇ ପାରେ । କିନ୍ତୁ ଆଜି ଲମ୍ବା ଘାସର ଅଗଟା ଖେଳେଇ ଖେଳେଇ ସେ ଯେତେବେଳେ କଳ୍ପନାଲୋକରେ ଅନ୍ୟମନସ୍କ ଦୃଷ୍ଟି ନିବଦ୍ଧ କରି ଏକ ଅନ୍ୟତମ ପ୍ରେମ କାହାଣୀ ବର୍ଣ୍ଣନା କରିଗଲା ସେତେବେଳେ ବେଶ୍ ବୁଝିପାରିଲି ଯେ ତାର ଅତୀତ କାହାଣୀ ମୋର ମନ ମଧ୍ୟରେ ଏକ ଅସ୍ୱାଭାବିକ ଅନୁଭୂତି ସୃଷ୍ଟି କରୁଛି । ମୂର୍ଚ୍ଛା ଭାଙ୍ଗି ଗୋଟାଏ ମଣିଷକୁ ଠିଆ କରି ରଖିବାରେ ଏ ଧରଣର ପ୍ରେମ କାହାଣୀ ଯେ ଟନିକ ହିସାବରେ ଅନବଦ୍ୟ ଏଥିରେ ସନ୍ଦେହ ନାହିଁ । ଗଳ୍ପ ଶୁଣିବାକୁ ବସି ମନେ ହୋଇଥିଲା ଏକ ଅବାନ୍ତର ଘଟଣା ନିତାନ୍ତ ଅନିଚ୍ଛାସତ୍ତ୍ୱେ ବି ମୋତେ ଶୁଣିବାକୁ ପଡ଼ିବ । ବର୍ତ୍ତମାନ ବୁଝି ପାରିଲି ସେ ନିତାନ୍ତ ବାସ୍ତବ ଘଟଣାଟି ଆବେଗତପ୍ତ କଣ୍ଠରେ ବର୍ଣ୍ଣନା କରି ଯାଉଛି । ଏଥିରେ ସେ ବେଶ୍ ମଜା ପାଉଥିଲା ସତ କିନ୍ତୁ ମୋ ପକ୍ଷରେ ଏ କାହାଣୀ ଶୁଣିବା ଠାରୁ ଯନ୍ତ୍ରଣାଦାୟକ ଅଉ କିଛି ନ ଥିଲା । ଯେଉଁମାନଙ୍କ ଧମନୀରେ ଉତପ୍ତ ରକ୍ତସ୍ରୋତ

ପ୍ରବାହିତ ସେମାନେ ଏ ପ୍ରକାର କାହାଣୀ ଶୁଣିଶୁଣି ହୁଏତ ଉତ୍ତେଜିତ ହୁଅନ୍ତେ, ଘୃଣା କରନ୍ତେ, କିନ୍ତୁ ମୋ ମଧ୍ୟରେ ଉତପ୍ତ ରକ୍ତର ଅଭାବ ଥିଲା । ହୁଏତ ବା ତେଣୁ ଘଟଣାଟି ଶୁଣି ଶୁଣି ମୁଁ ଆମ ଉଭୟଙ୍କ ସମ୍ବନ୍ଧରେ ସଠିକ ମୂଲ୍ୟାୟନ ଠିକଭାବେ କରିନେଲି । ଯାହାକୁ ତାର ପସନ୍ଦ ହୋଇଥିଲା ତାକୁ କେମିତି ଭାବରେ ସେ ଡାକି ଆଣିଛି । ଚୁମ୍ବନ କରି ଏକତ୍ର ରାତି ଯାପନର ସମ୍ମତି ଦେଇଛି । ଏସବୁ କାହାଣୀ ଯେତେବେଳେ ସେ ଅବଲୀଳାକ୍ରମେ କହିଗଲା ସେତେବେଳେ ମୁଁ ଯେ ଟିକିଏ କଷ୍ଟ ଅନୁଭବ କଲି ତହିଁରେ ସନ୍ଦେହ ନାହିଁ । କିନ୍ତୁ ଏହି କଷ୍ଟ ଠିକ୍ ମୋର ସ୍ତିମିତ ପ୍ରାୟ ଜୀବନୀ ଶକ୍ତିକୁ ମୋ ମଧ୍ୟକୁ ଫେରେଇ ଦେଲା । ତେଣୁ କାହାଣୀର ତିକ୍ତତା ଗୁଡ଼ିକ ମୋ ମନରେ କେବଳମାତ୍ର ମଧୁରତାହିଁ ସୃଷ୍ଟି କଲା । ଏହାକୁ ସେହି ବିଷାକ୍ତ ସହିତ ତୁଳନା କରାଯାଇ ପାରେ ଯାର ସ୍ୱଳ୍ପ ପରିମାଣ ସେବନରେ ରୋଗୀ ପୁନର୍ଜନ୍ମ ଲାଭ କରେ ।

ଆଲପିନ୍‌ରେ ଥରେ ଏକ ଲାଲବାଲଓ୍ୱାଲା ସାମରିକ କର୍ମଚାରୀ ସହିତ କେମିତି ଭାବରେ ତାର ଏକ ଘଟଣା ଘଟିଥିଲା ତାହା କହିଲା । ସେ କହିଲା ସେତେବେଳେ ମୁଁ ଆଲପିନର ପାହାଡ଼ରେ । ମାର୍ଚ୍ଚ ମାସ । ବରଫ ତରଳି ଯାଉଛି । ତେଣୁ ପ୍ରାୟ ପାଞ୍ଚହଜାର ଫୁଟ ଉପରେ ପର୍ବତାରୋହୀମାନଙ୍କ ହୋଟେଲରେ ଯାଇ ମୁଁ ରହିଲି । ସେଠିକି ପ୍ରାୟ କେହି ଆସନ୍ତି ନାହିଁ । ଲମ୍ବା ଛାତ ଉପରେ ଚୌକିରେ ବସି ଖରା ପୋଇଁବା ଏବଂ ବହି ପଢ଼ିବାରେହିଁ ଦିନଗୁଡ଼ିକ କଟୁଥିଲା । ହଠାତ୍ ଦିନେ ଦଳେ ଆଲପିନ୍ ଟ୍ରୁପ୍ ଉପରକୁ ଉଠି ଆସିଲେ । ସେମାନେ ସେମାନଙ୍କର ସ୍କୀଗୁଡ଼ିକ ଖୋଲିରଖି ହୋଟେଲ ଭିତରକୁ ବୋଧହୁଏ କିଛି ମଦ ଖାଇବା ପାଇଁ ଗଲେ । ସେମାନଙ୍କ ମଧ୍ୟରେ ଲାଲ କେଶ ଏବଂ ରୌଦ୍ରଦଗ୍ଧ ମୁହଁବାଲା ଜଣେ ଯୁବକ ଲେଫ୍‌ଟେନ୍ୟାଣ୍ଟ ଥିଲା । ତାର ମୁଣ୍ଡରେ

ଟୋପି ବା ଦେହରେ ଜ୍ୟାକେଟ ନଥିଲା । ସେ ଢ଼ିଲା ପାଉଁଶିଆ ରଙ୍ଗର ସାର୍ଟ ପିନ୍ଧିଥିଲା । ନିଜର ସ୍କୀ ଖୋଲିବା ପାଇଁ ସେ ଯେତେବେଳେ ନଇଁ ପଡ଼ୁଛି ସେତେବେଳେ ସବଳ ପିଠି ପଟରୁ ଅଣ୍ଟା ପର୍ଯ୍ୟନ୍ତ ମୋର ନଜରରେ ପଡ଼ିଲା । ସିଧା ଠିଆହେବା ମାତ୍ରକେ ଉଦ୍ବେଗ ଦୃଷ୍ଟିରେ ଦେଖିଲୁ । କିନ୍ତୁ ମୋର ମନେହେଲା ହୁଏତ ସେ ମୋର ମନର କଥା ବୁଝି ପାରିନାହିଁ । ଯାହାହେଉ ମୁଁ ହୋଟେଲର ପ୍ରଧାନ ଘରକୁ ଚାଲି ଆସିଲି । ସିଏ ବି ବରଫ ମଧ୍ୟରେ ସ୍କୀଟାକୁ ପୋତିରଖି ମୋର ପଛରେ ପଛରେ ଆସିଲା । ତାର ସଂଗୀମାନେ ସେତେବେଳକୁ ଘର ଭିତରକୁ ଆସି ବସିଥିଲେ । ସେ ଆସି ସେମାନଙ୍କ ସହିତ ବସି ପଡ଼ିଲା । ମୁଁ କପେ ଚା'ର ଅର୍ଡର ଦେଇ ସେମାନଙ୍କର ବିପରୀତ ଦିଗରେ ଗୋଟାଏ ଟେବୁଲରେ ଯାଇ ବସିଲି । ସେମାନେ ହାସପରିହାସରେ ମଶ୍‌ଗୁଲ୍ ହୋଇ ପଡ଼ିଲେ ଆଉ ମୁଁ ବୋକା ଭଳି କେବଳହିଁ ତାର ଦୃଷ୍ଟି ଆକର୍ଷଣ କରିବାକୁ ଲାଗିଲି । ସେ ପରେ ଅବଶ୍ୟ କହିଥିଲା ଯେ ମୋର ହାବଭାବ ସେ ସେତେବେଳେ ଲକ୍ଷ୍ୟ କରିଥିଲା । କିନ୍ତୁ ସେ ଏମିତି କୌଣସି ଲକ୍ଷଣ ପ୍ରକାଶ କରୁନାହିଁ ଦେଖି ଭୟକଲି ଯେ ସେ ବୋଧହୁଏ ମୋର ମନକଥା ବୁଝି ପାରୁନାହିଁ । ହଠାତ୍ ସେ ଯେମିତି ମୋ ଆଡ଼କୁ ଥରେ ଚାହିଁଛି ତତ୍‌କ୍ଷଣାତ୍ ଆଉ ଯେପରି ସେ ଭୁଲକରି ନବସେ, ମୁହଁରେ ଗୋଟାଏ ଅଙ୍ଗୁଳି ସ୍ପର୍ଶକରି ତାକୁ ଚୁମ୍ବନକଲି । ସେ ସବୁ ଦେଖିଲା ତଥାପି ମୋର ମନୋଭାବ ବୁଝି ପାରିଛି ଏମିତି କିଛି ପ୍ରକାଶ କଲା ନାହିଁ ଭାବଭଙ୍ଗିରେ । ଏଥର ମୋର ଭୟହେଲା ସେ ବୋଧହୁଏ ମୋତେ ପସନ୍ଦ କରୁନାହିଁ । ଖୁବ୍ ଗରମ ପଡ଼ୁଛି ଏମିତି ଭାବ ଦେଖେଇ ମୁଁ ଜ୍ୟାକେଟଟା ଖୋଲି ନିଜର କାନ୍ଧଉପର ଫିତାଗୁଡ଼ିକ ଅଳ୍ପ ଢ଼ିଲା କରିଦେଲି । ତା—ପରେ କାହିଁକି ଜାଣେନା ମୋର ଭୀଷଣ କ୍ରୋଧ ହେଲା

ମୁଁ ମୋର ଘଣ୍ଟାଉପରେ ପଡ଼ିଥିବା ଚେୟାରକୁ ଫେରିଗଲି । ଏକ ନିସ୍ତବ୍ଧ ଅନିଶ୍ଚୟତା ଭିତରେ ଚେୟାରରେ ବସି ରହିଲି ସେଇଠି । ସୂର୍ଯ୍ୟ ପଶ୍ଚିମ ଦିଗରେ ଢଳି ପଡ଼ିଲେ । ଗଭୀର ହତାଶାରେ ମୋର ମନ ଭାଙ୍ଗି ପଡ଼ିଲା । ଠିକ ଏମିତି ସମୟରେ ଦେଖିଲି ସେ ସ୍ତ୍ରୀଜଣ ତଳକୁ ଓହ୍ଲେଇ ଆସୁଛି । ଆନନ୍ଦର ଆତିଶଯ୍ୟରେ ତାକୁ ଅଭିନନ୍ଦନ ଜଣେଇବା ପାଇଁ ଆଗେଇଗଲି । ସେ କହିଲା : ମୋତେ ନୂତନ ଗୋଟାଏ କାହାଣୀ ଫାନ୍ଦିବାକୁ ପଡ଼ିଲା । ବନ୍ଧୁମାନେ ତ କୌଣସିପ୍ରକାରେ ବିଶ୍ୱାସ କରିବାକୁ ଚାହୁଁ ନ ଥିଲେ । ଛାଡ଼, ସେଥିରେ କିଛି ଯାଏ ଆସେନା ! ମୁଁ ଚୁପ୍ କରି ରହିଲି । ସ୍ୱୀକାର କରିବା ଭଳି ସେ ଉତ୍ତେଜନା ଫଳରେ ମୋର ବାକ୍ ରୁଦ୍ଧ ହୋଇ ପଡ଼ିଥିଲା । ସେ ଧୀରେ ଧୀରେ ତାର ସ୍ତ୍ରୀ ଖୋଲି ରଖିଲା । ତାର ହାତ ଧରି ତା'ପରେ ମୁଁ ତାକୁ ସିଧା ଦୁଇମହଲାରେ ଥିବା ମୋର ଶୟନକକ୍ଷକୁ ନେଇ ଚାଲି ଆସିଲି । କଳ୍ପନା କରିପାର, ତାର ନାମ କି ମୁଁ ଜାଣେନା ?

ତାର ସଂକ୍ଷିପ୍ତ ଭାଷାର ମୁଁ କାହାଣୀଟି ଉପସ୍ଥାପନା କଲି । କାହାଣୀ ମଧ୍ୟରେ ସମ୍ଭୋଗ ସଂକ୍ରାନ୍ତ ଅଂଶର ବର୍ଣ୍ଣନା ଆଉ ମୁହଁର ଭାଷା ଠିକ୍ ଠିକ୍ କହିଲି ନାହିଁ ସତ କିନ୍ତୁ କଣ୍ଠସ୍ୱରର ଆବେଗ ଗମ୍ଭୀରତାରେ ଆଉ ଦେହ ସଞ୍ଚାଳନର ବୈଶିଷ୍ଟ୍ୟରେ ମୁଁ ତାହା ବେଶ୍ ବୁଝି ପାରିଲି । କାହାଣୀ ଶେଷରେ ସେ ଯେମିତି ଅନେକବେଶୀ ରୂପବତୀ ଆଉ ପ୍ରାଣବନ୍ତ ହୋଇ ଉଠିଲା । ମନେ ହେଲା ମୁଁ ଯେମିତି ଭାବରେ ମଝିରେ ମଝିରେ ନିଃଷ୍ପ୍ରାଣ ଆଉ ଅବସନ୍ନ ହୋଇପଡ଼େ ତହିଁରୁ ମୁକ୍ତି ପାଇବାକୁ ହେଲେ ଏହି ଉଚ୍ଛଳ ପ୍ରାଣମୟତାର କିଛି ଅଂଶ ମୋତେ ଗ୍ରହଣ କରିବାକୁହିଁ ପଡ଼ିବ । ସ୍ତ୍ରୀର ଅଜ୍ଞାତ ଜୀବନର ପ୍ରେମ କାହାଣୀ ଶ୍ରବଣରତ ସ୍ୱାମୀ ଯେମିତି ମୁଁ ନୁହେଁ । ବିଶେଷ ମୁହୂର୍ତ୍ତରେ ଧାରା ବର୍ଷଣର ସ୍ନେହ ସ୍ପର୍ଶରେ ନନ୍ଦିତ

ଧ୍ୱଂସରୁ ରକ୍ଷାପ୍ରାପ୍ତ ମୁଁ ଏକ ମୃତ୍ତିକା ଖଣ୍ଡ ମାତ୍ର । ଲମ୍ବା ଘାସର ଅଗ ମୁହଁରେ ଧରି ନୀରବରେ ବସି ରହିଲି । ମୁଁ କିନ୍ତୁ ବେଶ୍ ଅନୁଭବ କଲି ମୋର ଅଳ୍ପ କେଇ ମୁହୂର୍ତ୍ତ ପୂର୍ବର ସେହି ଯନ୍ତ୍ରଣାଦାୟକ ମାନସିକ ଦୁର୍ବୋଧତା ଆଉ ଆଚ୍ଛନ୍ନତା ସମ୍ପୂର୍ଣ୍ଣ ଭାବରେ କଟିଯାଇଛି ।

---

ଆମେ ବେଶ ଧୀରେ ସୁସ୍ଥେ ଘରକୁ ଫେରି ଆସିଲୁ । ଇତିମଧ୍ୟରେ ମୁଁ ମଧ୍ୟ ଶାନ୍ତ ଓ ସ୍ୱାଭାବିକ ହୋଇ ପଡ଼ିଥିଲି । ନାନା ହସପରିହାସ ଭିତରେ ଆମେ ସମସ୍ତ ପଥ ଅତିକ୍ରମ କରି ଆସିଲୁ । ଘରକୁ ଫେରିବାରେ ଆମର ଅଳ୍ପ ବିଳମ୍ବ ହୋଇ ଯାଇଥିଲା । ସେ ଆସିବା ମାତ୍ରେ ପୋଷାକ ପରିବର୍ତ୍ତନ କରିବା ପାଇଁ ଉପର ଘରକୁ ଚାଲିଗଲା, ଆଉ ମୁଁ ରେଡ଼ିଓ ଗ୍ରାମରେ ଗୋଟାଏ ରେକର୍ଡ଼ ଲଗେଇ ବସି ପଡ଼ିଲି । ରେକର୍ଡଟି ଥିଲା ମୋଜାର୍ଟର ଏକ କ୍ୱାର୍ଟେଟ୍, ଗୀତର ସ୍ୱରରେ ମନ ଆନନ୍ଦରେ ଭରିଗଲା । ଟିକିଏ ପରେ କ୍ୱାର୍ଟେଟଟି ଯେତେବେଳେ ମିନୁଏଟ ହୋଇ ପଡ଼ିଲା ସେମାନଙ୍କ ରିଢ କଥାବାର୍ତ୍ତା ମଧ୍ୟରେ ଜଣେ ପୁରୁଷ ଆଉ ଜଣେ ନାରୀର କଣ୍ଠ ମୋତେ ଅନ୍ୟ ଏକ ଚମତ୍କାର କ୍ଷେତ୍ରକୁ ନେଇଗଲା । ସେମାନଙ୍କର ଆନନ୍ଦମୟ ପ୍ରଶ୍ନ ଏବଂ ଇଷତ୍ ବ୍ୟାତୁର ଉତ୍ତର ମଧ୍ୟରେ ମୁଁ ଦୁଇଟି ବିଶିଷ୍ଟ ମନୋଭାବର ସନ୍ଧାନ ପାଇଲି । ଗୋଟିଏ ସକ୍ରୀୟ ଅନ୍ୟଟି ନିଷ୍କ୍ରୀୟ, ଗୋଟିଏ ଅଗ୍ରଣୀ ଆଉ ଅନ୍ୟଟି ସଙ୍କୁଚିତ ହୁଏତ ବା ଶଙ୍କିତ ମଧ୍ୟ । ଏହି ଦୁଇଟି ମନ ଯେ ଦୁଇଟି ମଣିଷର ଯେଉଁମାନେ

ଆଜକାଲର ଏହି ନୃତ୍ୟଗୀତରେ ଅଂଶ ଗ୍ରହଣ କରିଛନ୍ତି, ସେମାନେ ଆଜକାଲର କି ଦୁଇ ଶତାବ୍ଦୀ ପୂର୍ବର ତାହିଁରେ କୌଣସି ଯାଏ ଆସେନା, ସେମାନଙ୍କର ଏହି ମନୋଭାବର ପରିବର୍ତ୍ତନ ସମୟର ପ୍ରଭାବରେ କୌଣସି ଦିନହିଁ ହୁଏନାହିଁ । ଅସମ୍ଭବ ଏହି ସେ ଆମେହିଁ ଏହି ନୃତ୍ୟଗୀତରେ ଅଂଶ ଗ୍ରହଣ କରୁଛୁ—ମୁଁ ଏବ ମୋର ସ୍ତ୍ରୀ ଯେମିତି ଭାବରେ ଯୁଗ ଯୁଗ ଧରି ଅଗଣିତ ନରନାରୀ ନୃତ୍ୟଗୀତରେ ଅଂଶ ଗ୍ରହଣ କରିଛନ୍ତି ଆମ ପୂର୍ବରୁ । ଚିନ୍ତାରେ ବୁଡ଼ି ଯାଇଥିଲି । ସମୟର ଗତି ମୋତେ ଲକ୍ଷ୍ୟକରି ନାହିଁ । ହଠାତ୍ ଯେତେବେଳେ ଲିଡ଼ା ଗତ ସନ୍ଧ୍ୟାର ସାଦା ପୋଷାକଟା ପିନ୍ଧି ଆଗରେ ଆସି ଠିଆ ହେଲା, ମୋର ଚମକ ଭାଙ୍ଗିଲା । ଯେମିତି ଅଳ୍ପ ଅଧୈର୍ଯ୍ୟ କଣ୍ଠରେ ଗୀତଟିକୁ ଅଧାରେ ବନ୍ଦକରି ଦେଇ ସେ କହି ଉଠିଲା : ଆଜି ସନ୍ଧ୍ୟାର ଗୀତ ମୋତେ ଟିକିଏ ବି ଭଲ ଲାଗୁନାହିଁ ଫିଲଭିଓ, ଜାଣେନା କାହିଁକି । ଏହାପରେ ମୋ ପାଖକୁ ଆସି ବସିଲା ଲିଡ଼ା । ସାଧାରଣ ଭାବରେ ପ୍ରଶ୍ନ କଲା, ତାହାହେଲେ, ଆଜି ସନ୍ଧ୍ୟାଠାରୁ ଟାଇପ କରିବା କାମ ଆରମ୍ଭ କରୁଛ ତ ?

କଥାବାର୍ତ୍ତା କରୁ କରୁ ସେ ତାର ଗ୍ଲେଟ ବ୍ୟାଗରୁ ଦର୍ପଣଟି ବାହାର କରି ମୁଣ୍ଡରେ ଖୋସିଥିବା ଗଟକା ଫୁଲଗୁଡ଼ିକ ଠିକ କରିନେଲା । ପରମ ସନ୍ତୋଷ ସହକାରେ କହିଲି : ନିଶ୍ଚୟ ଆଜି ସନ୍ଧ୍ୟାରୁ ମଧ୍ୟରାତ୍ରୀ ପର୍ଯ୍ୟନ୍ତ କାମ କରିବ । ଦୁ'ଘଣ୍ଟା ଦିନ ମଧ୍ୟରେହିଁ ମୁଁ କାମଟି ଶେଷକରି ଦେବ, ଆଶା କରୁଛି । ନିଜର କେଶ-ଗୁଚ୍ଛରେ ଥରେ ହାତ ବୁଲେଇ ନେଇ ସେ ପ୍ରଶ୍ନକଲା : କଣ କହିଲ ଅଧରାତି ପର୍ଯ୍ୟନ୍ତ ? ନିଦ ହେବ ନାହିଁ ?

କାହିଁକି ? ରାତିରେ କାମ କରିବା ମୋର ଅଭ୍ୟାସ ଅଛି, ଉତ୍ତର ଦେଲି । ଉତ୍ତର ସହିତ ହାତବଢ଼େଇ ତାର କଟିବେଷ୍ଟନ

କରି ଗମ୍ଭୀର ଆବେଗରେ କହିଉଠିଲି : ତୁମ ସହିତ ମିଳିତ ହେବା ପାଇଁହିଁ କାମଟା ଶୀଘ୍ର ଶେଷକରିବା ଦରକାର ।

ଦର୍ପଣଟା ବ୍ୟାଗରେ ପୂରେଇ ଲିଡ଼ା ପୁଣି ପ୍ରଶ୍ନକଲା : କାହିଁକି ଆମେ କଣ ଏକାଥି ନାହୁଁ ?

ନା, ଠିକ୍ ଯେମିତି ଭାବରେ ଚାହେଁ ସେମିତି ଭାବରେ ଆମେ ନାହୁଁ । ବୁଝିଛ, କହି ସେ ହଠାତ୍ ଚେୟାର ଛାଡ଼ି ଉଠି ଠିଆହେଲା ଏବଂ ଅଧୈର୍ଯ୍ୟ ହୋଇ ଘର ମଧ୍ୟରେ ପଦ ଚାରଣ କରିବାକୁ ଆରମ୍ଭ କଲା । ବିସ୍ମିତ ହୋଇ ପ୍ରଶ୍ନକଲି : ତୁମର କଣ ହେଲା ?

ଟିକିଏ ଯେମିତି ରୁଢ଼ କଣ୍ଠରେ ଉତ୍ତର ଦେଲା ଲିଡ଼ା : କିଛି ନୁହେଁ ଭୋକ ହେଉଛି, ତୁମକୁ ଭୋକ ହେଉନାହିଁ ?

: ସେକଥା କୁହ ! ମୁଁ କିନ୍ତୁ ବେଶୀ କିଛି ଖାଇବିନାହିଁ, ନିଦ ଆସିଯିବ ।

: ତୁମେ ନିଜ ଶରୀରର ପ୍ରତି ଖୁବ୍ ଯତ୍ନଶୀଳ ନିଶ୍ଚୟ । ଉତ୍ତରଟା ଶୁଣି ଟିକିଏ ଚମକି ଉଠିଲି । କଥାଟା ନିଃସନ୍ଦେହରେ ଅପ୍ରତୀକର । ଏଥିପାଇଁ ମୁଁ ପ୍ରସ୍ତୁତ ଥିଲି ।

ଶାନ୍ତ ଭାବରେ ଜାଣିବାକୁ ଚାହିଁଲି : ତୁମେ କଣ କହିବାକୁ ଚାହଁ ? ଲିଡ଼ା ବୁଝିପାରିଲା, ତାର ବ୍ୟବହାର ମୋତେ କ୍ଷୁଣ୍ଣ କରିଛି । ଆଗେଇ ଆସି ଆଦରର ଭଙ୍ଗିରେ କହି ଉଠିଲା : ମୁଁ ସତରେ ଲଜ୍ଜିତ । କ୍ଷୁଧାର ତାଡ଼ନାରେ ମଣିଷ ବୋଧହୁଏ ଟିକିଏ ରୁଢ଼ ହୋଇଉଠେ । ମୋ କଥାରେ କାନଦିଅ ନାହିଁ ।

ଏଣ୍ଡୋନେଓର କାହାଣୀ ମନେ ପଡ଼ିଲା । କହିଲି : କଥାଟା ... ତ । କ୍ଷୁଧାର ତାଡ଼ନାରେ ମଣିଷ ବେଶ ରୁକ୍ଷ ହୋଇଉଠେ ।

ଏଡ଼େଇ ଯିବାପାଇଁ ବୋଧହୁଏ ସେ ଶୀଘ୍ର କହି ଉଠିଲା : ଅଚ୍ଛା ... ମାର ଏ ଜାମାଟା ତୁମକୁ କେମିତି ଲାଗେ କୁହତ ?

ବେଶ୍ ବୁଝିପାରିଲି ସେ ପ୍ରସଙ୍ଗାନ୍ତରକୁ ଚାଲିଯିବା ପାଇଁ

ସ୍ପୃହୁଁଛୁ । କହୁଛୁ ଗତ ସନ୍ଧ୍ୟାରେ ସେ ସେହି ପୋଷାକଟି ପିନ୍ଧିଥିଲା । ଅନେକଥର ମୁଁ ତାକୁ ସେହି ପୋଷାକରେ ଦେଖିଛୁ । ତଥାପି ଟିକିଏ ପ୍ରଶସ୍ତର ଭଙ୍ଗିରେ କହିଲି : ଖୁବ୍ ସୁନ୍ଦର, ଏହି ପୋଷାକ ତୁମକୁ ମାନେ ପ୍ରଚୁର···ବୁଲିପଡ଼ି ଠିଆହୁଅତ, ଟିକିଏ ଭଲ ଭାବରେ ଦେଖେ ।

ଅତ୍ୟନ୍ତ ବାଧ୍ୟ ହୋଇ ସେ ପରକ୍ଷଣେ ବୁଲିପଡ଼ି ଠିଆହେଲା । ପୂର୍ବ ସନ୍ଧ୍ୟାରେ ସେ ସିଲ୍କ ଆଉ ରବରରେ ତିଆରି ଗୋଟାଏ ଆମେରିକାନ କଟିବନ୍ଧ ତାର ପ୍ରାସ୍ତୁ ସ୍ୱଚ୍ଛ ପୋଷାକ ଉପରେ ବ୍ୟବହାର କରିଥିଲା । ଦେହର ଏହି ବିଶେଷ ଅଂଶଟିର ଗଠଣ ଠିକ୍ ରଖିବା ପାଇଁ ବୁଆଡ଼େ ତାକୁ ସେ ବ୍ୟବହାର କରେ । ମୋ ପକ୍ଷରେ ତାହା ଆଦୌ ରୁଚିଶୀଳ ନଥିଲା । ତାର ଢ଼ିଲା ପୋଷାକ ଉପରେ ସେହି ଶକ୍ତ କଟିବନ୍ଧଟା ବିକୃତାଙ୍ଗ ବ୍ୟକ୍ତିମାନଙ୍କ ବ୍ୟବହାର କରିଥିବା ଜିନିଷଗୁଡ଼ିକ କଥାହିଁ ମନେ ପକେଇଦିଏ । ଆଜି ଦେଖିଲି ସେ ଖଣ୍ଡିକ ନାହିଁ । ତାକୁ ଅଳ୍ପ ନମନୀୟ ଆଉ ସ୍ୱାସ୍ଥ୍ୟବତୀ ମନେହେଲା । ପଚାରିଲି : ଆଜି ସନ୍ଧ୍ୟାରେ ତୁମର ସେହି ଆମେରିକାନ ବର୍ମଟି ପିନ୍ଧନା ?

ଏକ ନଜରରେ ମୋତେ ଚାହିଁନେଇ ସେ କହିଲା : ନା ତା ଉପରେ ବିରକ୍ତି ଧରି ଯାଇଛି । କିନ୍ତୁ ତୁମେ ଜାଣିଲ କେମିତି ?

: କାଲି ସନ୍ଧ୍ୟାରେ ତ ତୁମେ ତାକୁ ପିନ୍ଧିଥିଲ ।

ଆମର ଏହି କଥାବାର୍ତ୍ତା ମଝିରେ ପରିଚାରିକା ଆସି ଖାଦ୍ୟ ପ୍ରସ୍ତୁତ ହୋଇ ଯାଇଥିବା କଥା ଘୋଷଣା କରିଗଲା । ଆମେ ଡାଇନିଂ ରୁମରେ ଯାଇ ବସିଲୁ ଆଉ ମୋର ସ୍ତ୍ରୀ ପରିବେଷଣ କରିବାକୁ ଆରମ୍ଭ କଲା । ଦେଖିଲି ସେ ଯାହା କହିଥିଲା ତାର ରୂପାନ୍ତର କରୁଛି । କହିଥିଲା ଭୋକ ହେଉଛି କିନ୍ତୁ କୌଣସି ଜିନିଷକୁ ଅଧଚାମୁଚରୁ ବେଶୀ କୌଣସି ଖାଇବା ଜିନିଷ ସେ ନେଲାନାହିଁ ।

ନକରିହୁ ରହି ପାରିଲି ନାହିଁ । ଏ ପୁଣି କି କଥା ? ସେକ ହେଉଥିଲା କିନ୍ତୁ କହୁଛ ନେଲନାହିଁ ଦେଖୁଛ ?

ସେ ଯେମିତି ସାମାନ୍ୟ ବିରକ୍ତ ହେଲା, ହୁଏତ ତାର ବିପର୍ଯ୍ୟସ୍ତ କଥାର ଜାଲରେ ଧରାପଡ଼ିବା ପାଇଁ । ଉତ୍ତର ଦେଲା : ନା, ମୁଁ ଭୁଲ କହୁଥିଲି । ମୋର ଟିକିଏ ବି ଭୋକ ନାହିଁ । ଖାଦ୍ୟ ଦେଖିଲେ ଖରାପ ଲାଗୁଛି ।

ଉଦ୍‌ବିଗ୍ନ ଭାବରେ ପଚାରିଲି : ତୁମର ଦେହ ଭଲ ନାହିଁ ?

ଟିକିଏ ଇତସ୍ତତ କରି ଏକା ନିଶ୍ୱାସରେ ଉତ୍ତର ଦେଲା ଲାଜ୍‌ରା ମନେହୁଏ ସୁସ୍ଥ ଅଛି ମୋର କ୍ଷୁଧା ନାହିଁ । କଥାରେ କଥାରେ ତାର କଣ୍ଠରୁ ଯେମିତି କ୍ଳାନ୍ତିର ସ୍ୱର ଝରିପଡ଼ିଲା । କିଛି ସମୟ ନୀରବରେ ଗ୍ଲୁମୁଚଟା ପ୍ଲେଟରେ ଠୁକାଠୁକି କରି ସମସ୍ତ ଆଡ଼େଇ ଦେଇ ବୁକୁ ଉପରେ ହାତରଖି ସେ ବସି ରହିଲା । ମୁଁ ଟିକିଏ ବେଶ ଭୟପାଇ କହିଲି : ତୁମର ଶରୀର ନିଶ୍ଚୟ ଭଲନାହିଁ ।

ପୁଣି କିନ୍ତୁ ସେ କଥାଟା ସ୍ୱୀକାର କଲା । ଯେମିତି ଏହିକ୍ଷଣି ମୂର୍ଚ୍ଛାଯିବ ଏମିତି ଅବସନ୍ନ ଭାବରେ କହି ଉଠିଲା : ସତରେ ମୋର ଦେହ ଭଲନାହିଁ । ଖୁବ୍ ଦୁର୍ବଳ ଲାଗୁଛି ।

: ବିଛଣାରେ ଟିକିଏ ଶୋଇପଡ଼ ?

: ନା ।

: ପରିବେଷକକୁ ଟିକିଏ ଡ଼ାକି ଦେଉଛି, କଣ କହୁଛ ?

: କୌଣସି ଦରକାର ନାହିଁ, ତୁମେ ମୋତେ ଏକପାତ୍ର ମଦ ଢ଼ାଳି ଦେଇ ପାର ?

: ତାର କଥା ଅନୁସାରେ କାମ କଲି । ଅଳ୍ପ ଖାଇବା ପରେ ତାକୁ ଟିକିଏ ସୁସ୍ଥ ମନେହେଲା । ପରିବେଷକ ଫଳ ଦେଇଗଲା । ସେ ଟିକିଏ ବି କିଛି ଛୁଇଁଲା ନାହିଁ । ମୁଁ ପେନ୍ଥାଏ ଅଙ୍ଗୁର ନେଇ

ଗୋଟାଏ ଗୋଟାଏ କରି ଖାଇବାକୁ ଲାଗିଲା । ସେ ଏମିତି ଭାବରେ ଚାହିଁ ରହିଲା, ଯେମିତି ଅଙ୍ଗୁରଗୁଡ଼ିକ ମୁହଁରେ କେମିତି ପକାଉଛି ତାହା ଦେଖୁଛି ଆଉ ଗୋଟି ଗୋଟି କରି ଗିଳୁଛି । ଖାଇବା ଶେଷ କରି ଯେତେବେଳେ ଅଗ ଖଣ୍ଡିକ ଫିଙ୍ଗିଦେଲା ସେ ଡେଇଁପଡ଼ି ଉଠିଲା ଏବଂ କହିଲା : ଏଥର କିନ୍ତୁ ଶୋଇବା ପାଇଁ ଯାଉଛି ।

ତାର କଣ୍ଠସ୍ୱରରେ ମୁଁ ଟିକିଏ ଚମକିପଡ଼ି ପ୍ରଶ୍ନ କଲି : କଫି ଖାଇବ ନାହିଁ ?

ଦରଜା ଉପରେ ହାତରଖି ସିଧା ଠିଆ ହୋଇ ସେ ଅଷ୍ଟ୍ରେର ସ୍ୱଭାବରେହିଁ ଉତ୍ତର ଦେଲା : ନା କଫି ଖାଇବି ନାହିଁ । ମୁଁ ବର୍ତ୍ତମାନ ଶୋଇବାକୁ ଚାହେଁ ।

ପରିଚାରିକାକୁ ମୋର କଫି ଉପରେ ପହଞ୍ଚେଇ ଦେବା ପାଇଁ କହିଲି, ଏହାପରେ ତାର ପଛରେ ପଛରେ ଯାଇ କହିଲି : ମୋର କାମ ଏଥର ଆରମ୍ଭ କରିଛି ।

ସେ ମୋ ଆଡ଼କୁ ଫେରି ନ ଚାହିଁ କଥାର ଉତ୍ତର ଦେଲା : ମୁଁ ଶୋଇବ । ତାର କପାଳ ଉପରେ ହାତ ରଖି ପଚାରିଲି, ଜ୍ୱର ହୋଇନ ତ ?

ସେ ହଠାତ୍ ଅପସରି ଯାଇ କହି ଉଠିଲା : ତମେ ତ ଆଚ୍ଛା ମଣିଷ ମିଲଭିଓ । ସବୁ ଜିନିଷ ଟିକିନିଖି ଭାବରେ ତୁମର ଜାଣିବା ଦରକାର । ମୁଁ ବେଶ୍ ଭଲ ଅଛି, କିଛି ଭାବ ନାହିଁ ।

ମୁଁ ଅଳ୍ପ ବିବ୍ରତ ବୋଧ କଲି । ଦରଜା ପାଖକୁ ଆସି ଚୁମ୍ବନ କରିବା ପାଇଁ ତାର ହାତଟି ଉଠେଇ ନେଲି । କିନ୍ତୁ ଟିକିଏ ସଙ୍କୋଚ ପ୍ରକାଶ କରି କହିଲି : ତୁମ ପାଖରୁ ମୁଁ ଗୋଟାଏ ବିଶେଷ କାମ ଆଶା କରେ ଲିଡ଼ା ।

: କି କାମ ?

: ଘର ଭିତରକୁ ଆସି ମୋର ପାଣ୍ଡୁଲିପିର ପ୍ରଥମ ପୃଷ୍ଠାରେ

ଗୋଟାଏ ଚୁମ୍ବନ ଆଙ୍କି ଦେଇଯାଅ । ଏହା ମୋର ସୌଭାଗ୍ୟ
ଚିତ କରିବ ।

କିଛିଟା ଚେଷ୍ଟା ଆଉ କିଛିଟା ପ୍ରୀତି ମିଶେଇ ସେ ଏମିତି ଏକ
ସ ହସି ଉଠିଲା ଯାହା ମଧ୍ୟରେ ଫୁଟି ଉଠିଲା ତାର ଗମ୍ଭୀର
ନ୍ତରିକତା ଟିକିକ । ଯାହାହେଉ ଶୀଘ୍ର ମୋର ପଢ଼ା ଘରକୁ
ଉ ଯାଉ ସେ କହିଲା : ତୁମର ଇଚ୍ଛା କି ହୁକୁମ । ସଂସ୍କାର ତ
ମ ନୁହେଁ ଦେଖୁଛୁ । କିନ୍ତୁ ଯାହା ଗୃହୁଁ···

ଆଲୋକ ଜଳେଇ ଦେଲି । କିନ୍ତୁ ଅନ୍ଧକାର ମଧ୍ୟରେ
ତ୍ୟବସରରେ ସେ ମୋର ପଢ଼ା ଟେବୁଲ ପାଖରେ ଯାଇ ପହଞ୍ଚି
ଗଥିଲା । ଉତ୍ସାହର ପ୍ରାବଲ୍ୟରେ ସେ ଏକାଧିକବାର ଏକ କଥାହିଁ
ଚାରଣ କଲା । ସେ ପୃଷ୍ଠାଟି କାହିଁ, ମୋତେ କେଉଁଠି ଚୁମ୍ବନ
ଗବାକୁ ପଡ଼ିବ ?

ତା ପାଖକୁ ମୁଁ ପୃଷ୍ଠାଟା ଆଗେଇ ନେଇଗଲି । ଦାମ୍ପତ୍ୟ
ପ୍ରେମ ଟାଇପ କରି ହୋଇଥିବା କାଗଜ ଖଣ୍ଡେ ତା ସାମନାରେ
ଟାଳ ଧରିଲି । କାଗଜଟି ହାତରେ ନେଇ ସେ ବେଶ୍ ଚିତ୍କାର
ର କଥା କେତୋଟି ପଢ଼ିଲା । ସେ ଯେମିତି କଣ ଗୋଟାଏ
ନ୍ତବ୍ୟ କଲା ଅଳ୍ପ ମୁଖଭଙ୍ଗୀ କରି । ମୁଁ କିନ୍ତୁ କିଛି ବୁଝିପାରିଲି
ାହିଁ । ତା'ପରେ କାଗଜ ଖଣ୍ଡିକ ମୁହଁ ପାଖକୁ ଉଠେଇ ଦୁଇ
ଠକୁ ତା ଉପରେ ଚୁପି ଧରିଲା । ତା'ପରେ କାଗଜ ଖଣ୍ଡିକ ରଖି
ଦେଇ କହିଲା : ଏଥର ଖୁସି ତ ?

ପ୍ରଥମ ପୃଷ୍ଠାର ଟିକିଏ ତଳକୁ ଫୁଲର ଦୁଇଟି ପାଖୁଡ଼ା ପରି
ଲି ଅର୍ଦ୍ଧବୃତ୍ତ ଅଙ୍କିତ ହୋଇ ଯାଇଥିଲା । ମୁଁ ସତରେ ପରିତୃପ୍ତ
ହୋଇ ପଡ଼ିଲି । ହସି ହସି କହିଲି : ତୁମକୁ ଅଜସ୍ର
ନ୍ୟବାଦ ।

ଦ୍ରୁତ ବେଗରେ ହାତ ଉଠେଇ ମୋ ଗାଲରେ ମୃଦୁ କରାଘାତ

କର ସହଳ କହ୍ଣ ଉଠିଲ : ତୁମର ସାଫଲ୍ୟ କାମନା କରୁଛି ସିଲଭିଓ । ମୁଁ ଖୁବ୍ କ୍ଲାନ୍ତ, ଶୋଇବାକୁ ଗ୍ଲଲ । ମୁଁ କାଲି ସକାଳଯାଏ ଶୋଇବ । କୌଣସି କାରଣରୁ ଦରଜାରେ ଯେମିତ ଧକ୍କା ନ ଦଅ ।

: ଠିକ୍ ଅଛୁ, କାଲି ସକାଳ ଯାଏ ତ ?

ପରଗ୍ଭରକା ଭଙ୍ଗ ଆଣୁଥିଲ । ଲାଢ଼ା ଦ୍ରୁତ ବେଗରେ ତା'ପାଖ ଦେଇ ତଳକୁ ଓହ୍ଲେଇ ଗଲ । ମୁଁ ପର ପର ଦ'କପ୍ କଫି ଖାଇ ନେଲ । ପରଗ୍ଭରକାଟି ଯେତେବେଳେ ଗ୍ଲଲଗଲ ମୁଁ ଟାଇପ୍ ରାଇଟରଟା ଖୋଲ ନେଇ କାମରେ ଲଗିଗଲ । ମୋର ସେହ୍ଣ ବଭ୍ରାନ୍ତ, ଅସନ୍ତୁଷ୍ଟ ଏବଂ ପରସ୍ପର ବରୋଧି ଚନ୍ତାଗୁଡ଼କ ମୋଟେ ନ ଥିଲ । ତା' ପରବର୍ତ୍ତେ ମନରେ ଏମିତ ଏକ ସ୍ୱାଭାବକ ସ୍ୱଚ୍ଛତା ଆସିଥିଲ ଯହିଁରେ ମୋର ଧାରଣା ହେଲ ମୋର ମୁଣ୍ଡ ଘଣ୍ଟା ଓ ଓଜନ ଯନ୍ତ୍ର ଭଳ ନପୁଣ ଭାବରେ କାମ କର ଯାଉଛି । ଏହ୍ଣ ନର୍ଭୁଲ ଯାନ୍ତ୍ରିକ ମସ୍ତିଷ୍କରେ ଅହଙ୍କାର, ଭୟ, ଆକାଂକ୍ଷା କଛି ହେଲେ ନ ଥିଲ ।

ମନେହେଲ ମୋର ମୁଣ୍ଡ ନପୁଣ ଯନ୍ତ୍ରଭଳ ନର୍ଭୁଲ ଭାବରେ କାମ କରିପାରେ ଆଉ ଏହାର ସାହାଯ୍ୟରେ ମୁଁ ବର୍ତ୍ତମାନ ମୋ ନଜ ଲେଖାର ସଠିକ ମୂଲ୍ୟାଙ୍କନ ବ କରିପାରେ । ମୁହଁରେ ସିଗାରେଟ୍ ଗ୍ଲପିଧର ଅଧା ଟାଇପକର୍ ଦ୍ରି କାଗଜରେ ପୁଣି ପୁରାଦମରେ ଟାଇପ୍ କରିବା ଆରମ୍ଭ କରିଦେଲ ।

କଛି ସମୟ ଟାଇପ୍ କରିବା ପରେ ମୁଁ ସିଗାରେଟ୍ ଖଣ୍ଡକ ଆ୍ୟାସ-ଟ୍ରେରେ ଫିଙ୍ଗି ଦେଇ ପାଣ୍ଡୁଲପିଟି ପଢ଼ିବାକୁ ଆରମ୍ଭ କଲ । ମୋର ଧାରଣା ହେଲ ଯେ ଯେଉଁ କଥାଗୁଡ଼କ ଟାଇପ୍ କରୁଛି ତାହା ସମ୍ପୂର୍ଣ୍ଣ ଅର୍ଥହୀନ, ଭଙ୍ଗା କାଚ ଭଳ ତାର ଶବ୍ଦ ବେସୁରା । ମୋର ସୁସ୍ଥ, ସ୍ୱଚ୍ଛ ମସ୍ତିଷ୍କରେ ମନେହେଲ ଏଇ ରଚନାଟି ଅନ୍ୟତମ

ଶ୍ରେଷ୍ଠ ମର୍ଯ୍ୟାଦା ପାଇବାର ତ ଦୂରର କଥା, ପ୍ରକୃତରେ ଏହା ଏକ ନିକୃଷ୍ଟ ଶ୍ରେଣୀର ସୃଷ୍ଟି । ମୋର ସାହିତ୍ୟ ସମ୍ପର୍କରେ ଯେଉଁ ଅଭିଜ୍ଞତା ଅଛି ଆଉ ସମାଲୋଚକ ହିସାବରେ ମୁଁ ମନ୍ଦ ନୁହେଁ ଏକଥା ଆଗରୁ କହିଛି । ଲେଖାର କାଗଜଗୁଡ଼ିକ ହାତରେ ନେଇ ମୋର ମନେହେଲା ଯେ ବର୍ତ୍ତମାନ ମୋର ମାନସିକତାରେ ସମାଲୋଚନା କରିବା ଶକ୍ତି ସୁନ୍ଦର ଭାବରେ କାମ କରୁଛି । ବୁଝିଲି ଯେ ରଚନାରେ ପ୍ରତ୍ୟେକଟି ଶବ୍ଦ ଗୋଟି ଗୋଟି କରି ଧାତବ ଖଣ୍ଡ ସଦୃଶ ମୁଁ ମୋର କଷ୍ଟି ପଥରରେ ପରୀକ୍ଷାକରି ଦେଖିଛି । ସମସ୍ତ ଲେଖାଟା ପଢ଼ିବାକୁ ଗଲେ କାଳେ କାହାଣୀର ଚଳମାନ ଛନ୍ଦରେ ଆକୃଷ୍ଟ ହୋଇ ପଡ଼ିବ ସେହି ଆଶଙ୍କାରେ ଅଳ୍ପ ଅଳ୍ପ କରି ଏଠୁ ସେଠୁ ପଢ଼ି ଦେଖିଲି । ଏଥର ଯେ ମୋର ଭୁଲ୍ ହେବ ନାହିଁ ସେ ସମ୍ବନ୍ଧରେ ନିଃସନ୍ଦେହ ହେଲି । ବୁଝିପାରିଲି କାହାଣୀଟି ଏକାବେଳକେ ଅଚଳ, ଆଉ ତା' ଅପେକ୍ଷା ବି ବଡ଼ କଥା ଏହା ଯେ ବର୍ତ୍ତମାନ ଏହାର କୌଣସି ପ୍ରତିକାର ନାହିଁ । ଆଗେ ଯେତେବେଳେ ବହିର ସମାଲୋଚନା କରୁଥିଲି ସେତେବେଳେ ଯାହା କରୁଥିଲି ବର୍ତ୍ତମାନ ବି ସେଯା କରିବା ପାଇଁ ଆରମ୍ଭ କଲି । ଖଣ୍ଡେ ସାଦା କାଗଜ ଆଉ କଲମ ନେଇ ମୋ ମନରେ ଲେଖାଟି ସମ୍ପର୍କରେ ଯାହା ଯାହା ଧାରଣା ସୃଷ୍ଟିହେଲା ତାହା ଲେଖି ପକେଇଲି । ପ୍ରକୃତରେ ମୋତେ ସେତେବେଳେ ଏକ ବସ୍ତୁନିଷ୍ଠ ସମାଲୋଚନାର ନିଶା ଲାଗିଥିଲା ।

କାଗଜ ଉପରେ ଲେଖିଲି 'ସିଲଭିଓ ବ୍ୟାଲଦେଶୀ ରଚିତ ଦାମ୍ପତ୍ୟ ପ୍ରେମ ଶୀର୍ଷକ କାହାଣୀ ଉପରେ ମନ୍ତବ୍ୟ ।' ତା' ତଳକୁ ସିଇନଟାଣି ଆଗେ ଠିକ୍ ଯେମିତି ବିଚ୍ଛିନ୍ନ ଭାବରେ ଦଫାଓ୍ୱାରି ମନ୍ତବ୍ୟଗୁଡ଼ିକ ଲେଖି, ଶେଷରେ ସବୁ କିଛି ମିଶେଇ ଏକ ରାୟ ଦେଉଥିଲି, ବର୍ତ୍ତମାନ ସେଯା କରିବାକୁ ଆରମ୍ଭ କଲି । ନିଜ

ସମ୍ବନ୍ଧରେ ହିଁ ଯେ ମୁଁ ଗୋଟିଏ ପ୍ରବନ୍ଧ ରଚନା କରିବାକୁ ଚାହୁଁଥିଲି ସେୟା ନୁହେଁ । ପ୍ରକୃତରେ କାହାଣୀଟା ମୋତେ କାହିଁକି ଖରାପ ଲାଗୁଛି ତା'ର କାରଣଗୁଡ଼ିକ ସଂଗ୍ରହ କରି ମୋର ଅନୁଭୂତିର ସତ୍ୟତା ପ୍ରମାଣ କରିବାକୁ ମୁଁ ଚାହୁଁଥିଲି । ମୁଁ ଯେ ଏହି ଲେଖାଟାକୁ ଏକ ଉତ୍କୃଷ୍ଟ ସାହିତ୍ୟକୃତି ଭାବି ନେଇଥିଲି ସେଥିପାଇଁ ନିଜକୁ ଟିକିଏ ଶାନ୍ତି ଦେବା ବି ବୋଧହୁଏ ଏହାର ଅନ୍ୟତମ ଉଦ୍ଦେଶ୍ୟ ଥିଲା । କିନ୍ତୁ ସବୁ କିଛି ଉପରେ ଯେଉଁ ମନୋଭାବ କାମ କରୁଥିଲା ତାହାହେଲା ମୋର ସାହିତ୍ୟ ସୃଷ୍ଟି ସଂପର୍କିତ ଆକାଂକ୍ଷାରେ ଯୌକ୍ତିକତାଟିକୁ ଦୃଢ଼ାନ୍ତ ପରିଚ୍ଛନ୍ନ ଭାବରେ ବିଚାର କରି ଦେଖିବା ।

---

କାଗଜ ଉପରେ ମୁଁ ଯାହା ଲେଖିଥିଲି ତାହା ହେଲା ଏଇ ‘ପ୍ରଥମ-ରଚନା ରୀତି’ ତାପରେ ଶୀଘ୍ର ଏହି କଥା କେତୋଟି ଲେଖିଛୁ, ‘ପରିଷ୍କାର ନିର୍ଭୁଲ, ଆଡ଼ମ୍ବରପୂର୍ଣ୍ଣ, ମୌଳିକତାହୀନ, ବ୍ୟକ୍ତିତ୍ୱ ସ୍ପର୍ଶ ବିହୀନ, ସରସତା ବର୍ଜିତ । ସଂକ୍ଷିପ୍ତତା କ୍ଷେତ୍ରରେ ବାଗ୍‌ବିସ୍ତୃତ, ପ୍ରୟୋଜନୀୟ ବିସ୍ତୃତି କ୍ଷେତ୍ରରେ ଅଯଥା ବାଗ୍‌ସଂଯମ, ବ୍ୟବହାରଗତ ତ୍ରୁଟିପାଇଁ ଅକାରଣ ପ୍ରାଚୁର୍ଯ୍ୟ ମଣ୍ଡିତ, ବୈଶିଷ୍ଟ୍ୟ-ବର୍ଜିତ ରଚନାରୀତି, ପରିଶୀଳିତ ଏବଂ ସେହି କାରଣରୁ କାବ୍ୟଧର୍ମୀ ଗୁଣାବଳୀର ବିନ୍ଦୁମାତ୍ର ବି ଚିହ୍ନ ନାହିଁ । ଦ୍ୱିତୀୟ—ନମନୀୟତା ନାହିଁ । ଉପସ୍ଥାପନାରୀତି ପରିବର୍ତ୍ତେ କଥନରୀତିର ବ୍ୟବହାର, ରଚନା ଚିତ୍ରଧର୍ମୀ ନୁହେଁ, ସତ୍ୟର ସ୍ୱାଭାବିକ ଗଭୀରତା ବା ବିସ୍ତୃତି ନାହିଁ ତୃତୀୟ—ଚରିତ୍ର ଅନୁପସ୍ଥିତ । ସହାନୁଭୂତି ପୂର୍ଣ୍ଣ ଅନ୍ତର୍ଦୃଷ୍ଟି

ଦ୍ୱାରା କୌଣସି ଚରିତ୍ର ଚିତ୍ରଣ ହୋଇନାହିଁ, ତ୍ରୁଟିପୂର୍ଣ୍ଣ ଅନୁକରଣ-ବୃତ୍ତିର ସହାୟତାରେ ଉପସ୍ଥାପିତ ଚରିତ୍ର ଅତ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟର ଏବଂ ଅସ୍ପଷ୍ଟ । ରସଦୃଷ୍ଟି ପ୍ରାଣହୀନ, ତୁଚ୍ଛ ବସ୍ତୁର ବର୍ଣ୍ଣନାରେ ଅକାରଣ ମୁଖରତା ସନ୍ଦେହହୀନ ଆପତବିରୋଧ ଚରିତ୍ରଗୁଡ଼ିକ ଏକାନ୍ତ ଭାବରେ ଅସ୍ଥାୟୀ । ପାଲେ, ଲରେନୋସ, ଏଲ୍‌ଇସା ବା ମାରିଆ ନାମ କରଣରେ ବୈଚିତ୍ର୍ୟ ଯାହାହିଁ ଥାଉ ସେମାନଙ୍କର ସ୍ଥାନ ପରିବର୍ତ୍ତନରେ ରଚନାର କୌଣସି ଅଙ୍ଗହାନୀ ଘଟିନାହିଁ । ବସ୍ତୁତ ଏଗୁଡ଼ିକ ଚରିତ୍ର ନୁହେଁ ଅସ୍ପଷ୍ଟ ଛାୟାମାତ୍ର । ଚତୁର୍ଥ—ମନସ୍ତାତ୍ତ୍ୱିକ ସତ୍ୟ ଅକଥିତକର । ବିବେକ ଘଟିତ ପ୍ରଶ୍ନବାହୁଲ୍ୟ, ଛଦ୍ମ ସ୍ୱାନୁଭୂତିର ବହିର୍ଭୂତ ସୂକ୍ଷ୍ମ ବହୁ ପ୍ରଶ୍ନର ଅବତାରଣା, ସାମଞ୍ଜସ୍ୟହୀନ ମନ୍ତବ୍ୟର ଅକାରଣ ସମାବେଶ ଓ ସାଧାରଣ ବୁଦ୍ଧିର ଅଭାବ । ଲେଖକ ଯେଉଁ ପ୍ରତ୍ୟବର୍ତ୍ତନା ଚଳନିଷ୍ଠ ତର୍କର ସଂକୀର୍ଣ୍ଣ ପଥ ଅବଲମ୍ବନରେ ଘନଘନ ଇହଲୋକରୁ ଅନ୍ୟ ଲୋକକୁ ପ୍ରସ୍ଥାନ କରିଛନ୍ତି ତାହା ସ୍ପଷ୍ଟ ଭାବରେ ପ୍ରତୀୟମାନ ହୁଏ । ପଞ୍ଚମ—ଅନୁଭୂତି ଶୀତଳ ଓ ନିର୍ଜୀବ । ଆପାତ-ଦୃଷ୍ଟ ଆବେଗୋଚ୍ଛ୍ୱାସ ଓ ସ୍ଫୀତିର ଅନ୍ତରାଳରେ ଅକ୍ଷମତା ଓ ଶୂନ୍ୟତା ନିହିତ । ଅନୁଭୂତି ବିହୀନ ଭାବ ପ୍ରବଣତାର ପ୍ରାବଲ୍ୟ । ଷଷ୍ଠ—କାହାଣୀବିନ୍ୟାସ, ଆପାତଦୃଷ୍ଟ ମସୃଣ କୁଶଳ କାହାଣୀ-ସଂସ୍ଥାନର ଅନ୍ତରାଳରେ ଭ୍ରାନ୍ତ ଗଠନକୁଶଳତା, ଭାରସାମ୍ୟହୀନତା, ବର୍ଜନଶୀଳ ମନୋଭାବ ଅନାବଶ୍ୟକ ଶବ୍ଦସମ୍ଭାରରେ ରଚନା ଭାରାକ୍ରାନ୍ତ କରଣର ମନୋଭାବ ପ୍ରଭୃତି ଲକ୍ଷଣୀୟ । ଲେଖକ କଳ୍ପିତ ସମସ୍ୟା ସମାଧାନରେ ଦୈବ ସାହାଯ୍ୟପ୍ରାପ୍ତିର ଘଟଣାପ୍ରାଚୁର୍ଯ୍ୟ ଉପସ୍ଥିତ । ରଚନାର କେନ୍ଦ୍ରରେ କୌଣସି ବସ୍ତୁ ବୈଶିଷ୍ଟ୍ୟ ନଥିବାରୁ ପରିଧି ମଧ୍ୟରେ ହିଁ ଲେଖକଙ୍କର ଅନୁବର୍ତ୍ତନ । ସପ୍ତମ ଓ ଶେଷ—ସାମଗ୍ରିକ ଉପଲବ୍ଧି ମୂଳକ ମନ୍ତବ୍ୟ, ଏହିଁ ପଲ୍ଲବଗ୍ରାହୀ ଶିଳ୍ପ ରସିକର ବୁଦ୍ଧି, ଦୃଢ଼ ବୋଧ ରୁଚିଶୀଳତା ଥିବା ସତ୍ତ୍ୱେବି ତାର ସୃଜନୀ ପ୍ରତିଭା

ନାହିଁ । ପୁସ୍ତକଟିର ନିଜସ୍ୱ କୌଣସି ବକ୍ତବ୍ୟ ନାହିଁ । ଅନ୍ୟାନ୍ୟ ବହୁ ପୁସ୍ତକ ନିର୍ଭରତାରେ ରଚିତ ଏହା ଏକ ଦ୍ୱିତୀୟ ବା ତୃତୀୟ ଶ୍ରେଣୀର ରଚନା । ଏହାକୁ ଉଷ୍ମ ଆରାମପ୍ରଦ ଆଶ୍ରୟରେ ରଚିତ ଏକ ଅର୍ଥହୀନ ରଚନା କୁହାଯାଇ ପାରେ । ପ୍ରୟୋଗବାଦୀ ଉପସଂହାର, ପୁସ୍ତକଟି ଅବଶ୍ୟହିଁ ମୁଦ୍ରଣ ଯୋଗ୍ୟ । ପ୍ରଖ୍ୟାତ ଶିଳ୍ପୀ ଚିହ୍ନିତ କେତୋଟି ଚିତ୍ର ସମନ୍ୱିତ ଏକ ଶୋଭନ ସଂସ୍କରଣ ବି ପ୍ରକାଶ କରାଯାଇ ପାରେ । ସାହିତ୍ୟ ରସିକଗଣଙ୍କ ମଧ୍ୟରେ ଯଥାଯୋଗ୍ୟ ପ୍ରଚାର କାର୍ଯ୍ୟପରେ କିଂଚିତ ସାଫଲ୍ୟ ଅବଶ୍ୟ ଆଶା କରାଯାଇ ପାରେ । ସମାଲୋଚକମାନଙ୍କ ସହିତ ହୃଦ୍ୟତାର ପରିମାଣ ଯଥେଷ୍ଟ ଥିଲେ ପ୍ରଶଂସା ସୂଚକ ଆଲୋଚନା ବି ପ୍ରକାଶ ସମ୍ଭବ । ତେବେ ପୁସ୍ତକଟିର ନିଜସ୍ୱ କୌଣସି ମୂଲ୍ୟନାହିଁ । ମୋର ରଚନା ସମ୍ବନ୍ଧରେ ନିଜର ଶେଷ ମନ୍ତବ୍ୟଟି ରେଖାଙ୍କିତ କରିବା ପରେ ପୁଣି ଟିକଏ ଯୋଗ କରିଦେଲି : ଗୋଟିଏ ଶାନ୍ତ ଓ ସୁଶିକ୍ଷିତ ମନର ଯେଉଁ ପରିଚୟ ଲେଖକ ଏହି ଗ୍ରନ୍ଥରେ ଉପସ୍ଥିତ କରିଛନ୍ତି ତାହା ନିଃସନ୍ଦେହରେ ମୂଲ୍ୟବାନ । ରଚନା କାଳରେ ଲେଖକ ଯେଉଁ ଗୋଟାଏ ଶ୍ରେଷ୍ଠ ସାହିତ୍ୟକୀର୍ତ୍ତି ସୃଷ୍ଟି କରୁଛନ୍ତି ଏ ବିଷୟରେ ଅବହିତ ଥିଲେ । ଏହାର ଅବଶ୍ୟମ୍ଭାବି ଫଳ ସ୍ୱରୂପ ନିଜର ଚରିତ୍ର ଚିତ୍ରଣରେ ସେ ସାର୍ଥକତା ଅର୍ଜନ କରିଛନ୍ତି । ସେହି ଦିଗରୁ ପୁସ୍ତକଟି ସୃଜନଶକ୍ତି ବର୍ଜିତ, କାମନାନିଷ୍ଠ ଜଣେ ଅକ୍ଷମ ଦିବାସ୍ୱପ୍ନ ଦର୍ଶକର ଦର୍ପଣ ସ୍ୱରୂପ ପରିଗଣିତ ହୋଇପାରେ ।

ମୋର କାମ ଶେଷ ହୋଇଗଲା । ଟାଇପରାଇଟରରୁ କାଗଜ ଗୁଡ଼ିକ ବାହାର କରିନେଇ ସେ ସବୁ ସଜେଇ ରଖିଲି । ସିଗାରେଟ ଲଗେଇ ଘର ମଧ୍ୟରେ ପଦଚାରଣ କରିବାକୁ ଲାଗିଲି । ନିଜର ରଚନା ଉପରେ ନିର୍ଦ୍ଦୟ ସମାଲୋଚନାଟି ଲେଖିବା ପରେ ବେଶ୍ ବୁଝିପାରିଲି ଯେ ପୂର୍ବେ ମନର ଯେଉଁ ଅବସ୍ଥାକୁ ମୁଁ ପରିଚ୍ଛନ୍ନ ରସଦୃଷ୍ଟି ଭ୍ରମରେ

ଆନନ୍ଦିତ ହୋଇଥିଲି ତାହା ପ୍ରକୃତରେ ବିଭ୍ରାନ୍ତ ଚଞ୍ଚଳ ମନର ବାତୁଳତା ମାତ୍ର । ବିକ୍ଷୁବ୍ଧ ସମୁଦ୍ରର ବୁକୁରେ ବିଚୂର୍ଣ୍ଣ ଜାହାଜରେ ଶ୍ରେଷ୍ଠବଡ଼ ଅଂଶଗୁଡ଼ିକ ଉପରେ ଯେମିତି ଶାନ୍ତ ଚନ୍ଦ୍ରାଲୋକ ବିଛେଇ ହୋଇପଡ଼େ ମୋର ଆକାଂକ୍ଷାର ଭଗ୍ନଅଂଶ ଗୁଡ଼ିକ ଉପରେ ଠିକ୍ ସେହିପରି ମୋର ଶାନ୍ତ ମନର ସ୍ପର୍ଶ ତାର ସମସ୍ତ ଶକ୍ତିତାକୁ ସମ୍ପୂର୍ଣ୍ଣ ଢାଳି ଦେଇଥିଲା । ସମସ୍ତ କାମ ଆଉ ଚିନ୍ତା ଜଗତରୁ ନିଜକୁ ବିଚ୍ଛିନ୍ନ କରି ନେଇ ଛୋଟିଏ ଘରେ ମୁଁ ଲେଖା ଭିତରେ କଟେଇଛି ସେତେବେଳେ ଯେ ମୋର ଚେତନ ମନର ଗଭୀରତାରେ ବିରାଟ ଏକ ହତାଶ ବସା ବାନ୍ଧିଥିଲା ଏକଥା ବୁଝିବାକୁ ଆଜି ଆଉ ହେଲା ନାହିଁ । ମନର ସ୍ୱାଭାବିକତା ମୋର ବଜାୟ ରହିଥିଲା, ତଥାପି ଉନ୍ମାଦ କଳ୍ପନାର ବିଭଙ୍ଗ ଜୁଆରରେ ମୋର ହୃଦୟ ଯେମିତି ଆଚ୍ଛନ୍ନ ଆଉ ଅଭିଭୂତ ହୋଇଗଲା । ଟିକିଏ ପୂର୍ବରୁ ଲଗେଇଥିବା ସିଗାରେଟଟି ଫିଙ୍ଗିଦେଇ ମୁଁ ମୋର କପାଳର ଶିର ଯୋଡ଼ିକ ନିଜର ଅଙ୍ଗୁଳିରେ ଯୋରରେ ଚିପି ଧରିଲି । କାହିଁକି ଜାଣେନା ମନେ ହେଲା ମୋର ଏହି ବ୍ୟର୍ଥତା କେବଳ ସାହିତ୍ୟ କ୍ଷେତ୍ରରେ ନୁହେଁ, ଏହା ବୃହତ୍ତର ଜୀବନ କ୍ଷେତ୍ରରେ ମଧ୍ୟ ଭବିଷ୍ୟତ ବ୍ୟର୍ଥତାର ପରିସୂଚକ । ଏହି ସମ୍ଭାବନାର ବିରୁଦ୍ଧରେ ମୋର ସମଗ୍ର ସତ୍ତା ବିଦ୍ରୋହୀ ହୋଇ ଉଠିଲା । ମୁଁ ଯେ ବିଧ୍ୱସ୍ତ ହୋଇ ଯାଉଛି ମୋର ବ୍ୟକ୍ତିସତ୍ତା ଯେ ଏକ ଅବାନ୍ତର ଶୂନ୍ୟତାରେ ନିମଜ୍ଜିତ ହୋଇଯାଉଛି ଏମିତି ଏକ ଅବର୍ଣ୍ଣନୀୟ ଅନୁଭୂତିରେ ମୋର ମନ ଭରି ଉଠିଲା । ମୁଁ ତ ଜଣେ ଅକର୍ମଣ୍ୟ, ଦୁର୍ବଳ, ହେୟ ବ୍ୟକ୍ତି ଭାବରେ ଚିହ୍ନିତ ହେବାପାଇଁ ଚାହିଁନାହିଁ । ହୁଏତ ବା ଏମିତି ଅପଦାର୍ଥ ହୋଇ ରହିବାକୁ ଚାହିଁନାହିଁ ବୋଲିହିଁ ବିଦ୍ରୋହିଟି ମଧ୍ୟରେ ମୋର ଏହି ରୂପଟିହିଁ ବଡ଼ ହୋଇ ଉଠିଛି ଏହି ଆତ୍ମ ଚେତଟିର ଉପରେହିଁ ମନ ଏମିତି ଖୁବ୍ ବେଶୀ ବିଦ୍ରୋହୀ ହୋଇ ଉଠିଲା ।

ନୈରାଶ୍ୟର ତାଡ଼ନାରେ ମୋର ଶରୀର ହାଲୁକା ହୋଇଯାଇ ଦମକା ପବନରେ ଉଡ଼ି ବୁଲୁଥିବା ଝରାପତ୍ର ସଦୃଶ ଘର ମଧ୍ୟରେ ଘୁରି ବୁଲିବାକୁ ଲାଗିଲି । ନିଜର ଚଳବୁଲ, ନିଜର ଚିନ୍ତାଧାରା କୌଣସିଟି ଉପରେ ମୋର କର୍ତ୍ତୃତ୍ୱ ନଥିଲା । ବୁଡ଼ି ଯାଉଥିବା ମଣିଷ ଯେମିତି ଭାବରେ କୁଟାଖିଏକୁ ଆଶ୍ରୟ କରି ବଞ୍ଚିବାକୁ ଚାହେଁ ସେହିଭଳି ଭାବରେ ମୋର ଏହି ମାନସିକ ନୈରାଶ୍ୟ ମଧ୍ୟରେ ଲିଡ଼ା ପାଖରୁ ମୁଁ ସାନ୍ତ୍ୱନା ପାଇବାକୁ ଚାହିଁଲି । ଚିନ୍ତା କରିବା ସଙ୍ଗେ ସଙ୍ଗେ କେତେବେଳେ ଯେ ମୁଁ ମୋର ପଢାଘରୁ ଓହ୍ଲାଇ ଆସି ତାର ଦରଜା ପାଖରେ ଠିଆ ହୋଇଛି ମନେ ନାହିଁ । ଦରଜାରେ ଆଘାତ କରିବାକୁ ଯାଇ ଦେଖିଲି କବାଟଗୁଡ଼ିକ ଈଷତ୍ ଖୋଲା, ଠିକ୍ ଯେମିତି ସାବଧାନତା ରକ୍ଷା କରିବା ପାଇଁ ସେଗୁଡ଼ିକ ଏମିତି ଭାବରେ ରଖା ହୋଇଥିବାର ମନେହେଲା । ଦୁଇଥର କରାଘାତ କରି ଅପେକ୍ଷା କରିବା ପରେ ମଧ୍ୟ ଯେତେବେଳେ କୌଣସି ସୂଚନା ପାଇଲି ନାହିଁ ସେତେବେଳେ ବାଧ୍ୟ ହୋଇ ଦରଜା ଖୋଲି ଘର ଭିତରକୁ ଗଲି ।

ଅନ୍ଧକାର ଘର ଭିତରେ ପଶି ବଡ଼ ଆଲୁଅଟି ଜଳେଇବା ମାତ୍ରକେ ପ୍ରଥମେ ଦୃଷ୍ଟିଗୋଚର ହେଲା ଅବ୍ୟବହୃତ ବିଛଣା ଉପରେ ସ୍ତ୍ରୀର ସାନ୍ଧ୍ୟ ପୋଷାକଟି ପଡ଼ି ରହିଛି । ଭାବିଲି ନିଦ ଆସିନାହିଁ ବୋଲି ବୋଧହୁଏ ବଗିଚାକୁ ଚାଲି ଯାଇଛି । କିନ୍ତୁ ଏମିତି ଭାବରେ ଏକା ଗଲା କାହିଁକି ? ମୋତେ ଡାକି ପାରିଥାନ୍ତା, ଏସବୁ ଭାବି ମୁଁ ଟିକିଏ ବିରକ୍ତ ବି ହେଲି । ଘଡ଼ିକୁ ଚାହିଁ ବୁଝିପାରିଲି ପ୍ରାୟ ତିନିଘଣ୍ଟା ପୂର୍ବେ ସେ ମୋର ଲେଖା ପୃଷ୍ଠାରେ ଚୁମ୍ବନଚିହ୍ନ ଅଙ୍କି ଦେଇ ଆସିଛି । ଏହା ମଧ୍ୟରେ କିନ୍ତୁ ଘଟଣା ପ୍ରବାହ ଏତେ ଦ୍ରୁତ-ବେଗରେ ଆବର୍ତ୍ତିତ ହୋଇଛି ଯେ ମୋର ମନେହେଲା ସେ କେବଳ ମାତ୍ର ଅଧଘଣ୍ଟାର ବ୍ୟବଧାନ, ସିଡ଼ିରେ ତଳକୁ ଓହ୍ଲାଇ ଆସିଲି ।

ଭାବିଥିଲି ହୁଏତ ତାକୁ ଡ୍ରଇଂରୁମରେ ପାଇବି । ନାଲି ନେଳୀ କାଚର ସେଡର ଗୁଡ଼ିକରେ ଆଲୁଅ ପଡ଼ି ମନେହେଲା ସମସ୍ତ ଘରଟି ଜାଗ୍ରତ ହୋଇ ଉଠିଛି । ସେଠାରେ ବି କାହୁ ସାଡ଼ା ନଥିଲା । ଯେଉଁ ଖଣ୍ଡିକ ସେ ପଢୁଥିଲା ତାହା ପଡ଼ି ରହିଥିଲା ଏବଂ ପାଖରେ ଥିବା ଆ୍ୟାସ-ଟ୍ରେରେ ଲିପଷ୍ଟିକର ରଙ୍ଗଲଗା ଲମ୍ବା ସିଗାରେଟ ଗୁଡିକ ଭର୍ତ୍ତି ହୋଇଥିଲା । ଝରକା ଖୋଲା ତଥାପି ଘରମଧ୍ୟରେ ସିଗାରେଟର ଗନ୍ଧ । ବେଶ୍ ବୁଝିପାରିଲି ଏଇ ମାତ୍ର ବଗିଚାକୁ ବାହାରି ଯାଇଛି । ତାକୁ ଆଗରେ ଥିବା ଖୋଲାଜାଗାରେ ଧରିବା ବିଶେଷ କଠିଣ ନୁହେଁ ।

ମୁରୁମପକା ରାସ୍ତାରେ ଗତ ରାତିର ଚନ୍ଦ୍ରକିରଣ କଥା ମନେ ପଡ଼ିଲା । ହତାଶା ଏବଂ ସଙ୍ଗେ ସଙ୍ଗେ କେମିତି ଏକ ପ୍ରକାର ଆବେଗରେ ମନେହେଲା କାଲିକାର ଅପୂର୍ଣ୍ଣ କାମନା ଆଜି ତୃପ୍ତ କରିବି । ଆଲୋକରେ ଉଦ୍ଭାସିତ ନିଦ୍ରାମଗ୍ନ ଗ୍ରାମର ଶେଷ ପ୍ରାନ୍ତରେ ଫସଲ ଅମଳ ମଞ୍ଚ ଉପରେ ତା ନିକଟରେ ପ୍ରେମ ନିବେଦନର ଆକାଂକ୍ଷା ମୋର ପ୍ରବଳ ହୋଇ ଉଠିଲା । ଅଜସ୍ର ଶିଳାବୃଷ୍ଟିରେ ଫସଲ ନଷ୍ଟ ହୋଇଯିବା ପରେ ସରଳ କୃଷକ ଯେମିତି ଭାବରେ ତାର ସ୍ତ୍ରୀର ଆଲିଙ୍ଗନ ମଧ୍ୟରେ ସାନ୍ତ୍ୱନା ସନ୍ଧାନ କରେ, ସେମିତି ଭାବରେ ମୋର ଏହି ଚିନ୍ତା ଅତ୍ୟନ୍ତ ଯୁକ୍ତିଯୁକ୍ତ ମନେହେଲା । ସମସ୍ତ ଆଶା ଆକାଂକ୍ଷା ଧୂଳିସାତ୍ ହୋଇ ଯିବା ପରେ ସାଧାରଣ ମଣିଷର ପର୍ଯ୍ୟାୟକୁ ମୋତେ ବର୍ତ୍ତମାନ ଫେରିଯିବା ପାଇଁ ପଡ଼ିବ । ଆଜି ଏହି ରାତିର ଅବସାନରେ ମୁଁ ମୋର ରୂପବତୀ ସ୍ତ୍ରୀର ପ୍ରେମରେ ମଗ୍ନ ଜଣେ ସାଧାରଣ ଶିକ୍ଷିତ ମଣିଷ ଭାବରେହିଁ ପରିଚିତ ହେବି । ମୋର ଆଚରଣ ହେବ ସୁନ୍ଦର ଆଉ ନିଜର ତ୍ରୁଟିବିଚ୍ୟୁତି ସମ୍ପର୍କରେ ଧାରଣା ହେବ ସ୍ୱଚ୍ଛ । ସ୍ତ୍ରୀର ସାନିଧ୍ୟରେହିଁ ମୋର କାବ୍ୟିକ ଆବେଗ ପରିତୃପ୍ତ ହେବ, ରଚନାର ବ୍ୟର୍ଥ ଚେଷ୍ଟାରେ ନୁହେଁ ।

ସମସ୍ତ ଆଶା ଆକାଂକ୍ଷା ବର୍ଜନ କରି ଯେଉଁ ସବୁ ବ୍ୟର୍ଥପୁରୁଷ ସେମାନଙ୍କ ପତ୍ନୀମାନଙ୍କ ପ୍ରୀତିସାଧନରେ ମଗ୍ନ ହୁଅନ୍ତି ଏମାନେ ଏହା ନିଶ୍ଚୟ ଭଲ ପାଆନ୍ତି ।

ନାନା କଥା ଭାବି ଭାବି ମୁଣ୍ଡ ତଳକୁ ପୋତି ଯେତେବେଳେ ଯାଉଛି ସେତେବେଳେ ହଠାତ୍ ଆଖିରେ ପଡ଼ିଲା ଲୀଡ଼ା ଗାଡ଼ି ଚଳାଇ ରାସ୍ତାର ମୋଡ଼ବୁଲି ଅଦୃଶ୍ୟ ହୋଇଗଲା । ତା'ର ସୁନେଲି କେଶଦାମ ଓ କାନ୍ଧଖୋଲା ଧଳା ଜାମାଟା ଜୋହ୍ନାରେ ଝଲମଲ କରି ଉଠିଲା । ବେଶ୍ ବୁଝିପାରିଲି ଖମାରଘର ଗୁଡ଼ିକର ଆରପାଖରେ ସେହି ଫସଲ ଅମଳ ମଞ୍ଚଅଡ଼କୁ ସେ ଚାଲିଛି । ସେହି ମଞ୍ଚ ଉପରେହିଁ ମୁଁ ତାକୁ ପ୍ରେମ ନିବେଦନ କରିବାକୁ ଚାହେଁ । ତେଣୁ ମୁଁ ମଧ୍ୟ ସେହି ରାସ୍ତା ଧରି ଦ୍ରୁତ ବେଗରେ ଆଗେଇ ଗଲି । ଟିକିଏ ପରେ ଦେଖିବାକୁ ପାଇଲି ପାର୍କ ଆଉ କ୍ଷେତଗୁଡ଼ିକ ମଝିରେ ଯେଉଁ ଗ୍ରେଟ ରାସ୍ତାଟା ବଡ଼ ରାସ୍ତା ଆଡ଼କୁ ଯାଇଛି ସେ ସେହି ପଥରେ ଆଗେଇ ଚାଲିଛି । ଥରେ ଭାବିଲି ଡାକିବି, ପୁଣି ଭାବିଲି ତା' ଅପେକ୍ଷା ଶୀଘ୍ର ଯାଇ ତାକୁ ଧରିପକାଇ ଚମକାଇ ଦେଇ ଦୁଇ ହାତରେ ଆଲିଙ୍ଗନ କରିବା ଭଲ ।

ମୁଁ ଗ୍ରେଟ ରାସ୍ତାରେ ପହଞ୍ଚି ଦେଖିଲି ସେ ବଡ଼ ରାସ୍ତା ପାରି ଖମାରଘର ପାଖଦେଇ ଗ୍ରେଟ ଖାଲଟାର ତଳପାଖରେ ପ୍ରାୟ ଦୌଡ଼ି ଯାଉଛି । ଗଛର ଅନ୍ଧକାର ଫାଙ୍କରେ ହଠାତ୍ ଜହ୍ନ ଆଲୁଅରେ ତା'ର ମୁହଁ ଦେଖି ମୋତେ କେମିତି ଅଦ୍ଭୁତ ଲାଗିଲା । ସେତେବେଳକୁ ମୁଁ ଖମାରଘର ପାଖରେ ପହଞ୍ଚି ସାରିଥିଲି । ମୁଁ ଠିକ୍ ସଜେଇ କହିପାରିବି ନାହିଁ ତଥାପି କାହିଁକି ଯେମିତି ଏକ ଅଶୁଭ ପୂର୍ବାଭାସରେ ମୁଁ ନିସ୍ତବ୍ଧ ହୋଇ ଠିଆ ହୋଇ ପଡ଼ିଲି । ଲୀଡ଼ା ସେତେବେଳକୁ ସେହି ମଞ୍ଚ ପାଖକୁ ଯାଇ ତା ଉପରେ ଉଠିବାପାଇଁ ଚେଷ୍ଟା କରୁଥିଲା । ସେଠି ପୂର୍ବପରି କେତୋଟି ଖଡ଼ର ସ୍ତୂପ ଥିଲା । ଲୀଡ଼ାର ଶ୍ରମ-କ୍ଳାନ୍ତ

ୁହିଁ, ଚକ୍‌ଚକ୍ ଆଖି ଆଉ ଆନ୍ଦୋଳିତ ଦେହ ଯଷ୍ଟିକୁ ମୁଁ ଚାହିଁ ହୁଥିଲି । ସେ ସେତେବେଳକୁ ସିଧା ମଞ୍ଚଟାରେ ଉଠିବା ପାଇଁ ବଳ ଚେଷ୍ଟା କରୁଥିଲା । ଖସି ଆସିବା ସମୟରେ ବୁଦାଗୁଡ଼ିକୁ ଆଁକୁଡ଼ିଧରି ସେ ବାରମ୍ବାର ଯେମିତି ସେଠି ଉଠିବାର ଚେଷ୍ଟା କରୁଥିଲା ତହିଁରେ ଖାଦ୍ୟ ଲୋଭରେ ଗୁଗଲ ପାହାଡ଼ ଚଢ଼ିବା କଥାଟିହିଁ ମୋର ମନେପଡ଼ିଲା । ସେ ଯେମିତି ଉପରକୁ ଉଠିଛି ସେମିତି ଗୁମ୍ଫାର ଅନ୍ତରାଳରୁ ଗୋଟିଏ ମଣିଷ ବୋଧହୁଏ ତାର ହାତ ଧରି ଟେକିନେଲା । ତାକୁ ଠିଆ କରେଇବାକୁ ଯାଇ ଭୁଲିପଡ଼ି ଠିଆ ହେବା ମାତ୍ରକେ ଚିହ୍ନିଲି ଲୋକଟି ଏଣ୍ଡ୍ରୋନର୍ଡ ।

ସବୁକିଛି ମୁଁ ସ୍ପଷ୍ଟ ବୁଝିପାରିଲି । ମନେହେଲା ମୋର ଶରୀରଟା ଶିଥିଳ ହୋଇ ଆସୁଛି । ତଥାପି ବିସ୍ମିତ ନ ହୋଇ ରହି ପାରିଲିନି ଯେ ମୋର ସ୍ତ୍ରୀକୁ ଏହି ଟିକକ ପୂର୍ବରୁ ମୁଁ ଚିହ୍ନି ପାରି ନାହିଁ, ଯେତେବେଳେ ତାର ଘରକୁ ଯାଇ ତାକୁ ଖୋଜି ପାଇ ନାହିଁ, ସେତେବେଳେ ବି ନୁହଁ । ମାତ୍ର ତିନି ସପ୍ତାହ ପୂର୍ବରୁ ଏହି ାପିତଟିକୁ ତଡ଼ିଦେବା ପାଇଁ ଲିଡ଼ାହିଁ ମୋତେ ଅନୁରୋଧ କରିଲି । ବିସ୍ମୟର ଗମ୍ଭୀରତା ଏବଂ ନିର୍ମମ ମାନସିକ ଯନ୍ତ୍ରଣାରେ ମୋର ଶ୍ୱାସରୁଦ୍ଧ ହୋଇଆସିଲା । ଆତ୍ମସମ୍ମାନ ଖାତିରରେ ସେଆଡ଼କୁ ଚାହିଁବା ପାଇଁ ମୋର ମନ ଚାହୁଁ ନ ଥିଲା । ତଥାପି ା ଦୃଶ୍ୟ ଦେଖିବାର ପ୍ରବୃତ୍ତି ଟିକକ ଏଡ଼େଇ ଦେଇ ପାରିଲି ନାହିଁ । ଚନ୍ଦ୍ରାଲୋକରେ ଉଦ୍‌ଭାସିତ ଏହି ମଞ୍ଚଟିକୁ ରଙ୍ଗମଞ୍ଚ ବୋଲି ମନେ ହେଲା । ଦେଖିଲି ମଣିଷଟି ସିଧା ଠିଆ ହୋଇ ହାତଧରି ନିଜ ଆଡ଼କୁ ଲିଡ଼ାକୁ ଆକର୍ଷଣ କରୁଛି ଏବଂ ଲିଡ଼ା ବାଧା ଦେବାକୁ ଚେଷ୍ଟା କରୁଛି । ବହୁ ବାର ବହୁ ଘଟଣାକୁ କେନ୍ଦ୍ର କରି ଯେଉଁ ଅଦ୍‌ଭୁତ ୂକ ଭାବଗମ୍ଭୀର ମୁଖ ବିକୃତ ଲିଡ଼ାର ଦେଖିଛି, ବର୍ତ୍ତମାନ ସେହି ବି ତାର ମୁହଁରେ ଯେମିତି ଫୁଟି ଉଠିଛି । ଘୃଣା ଆଉ କାମନାର

ମିଶ୍ରଣରେ ତାର ମୁହଁ ଅର୍ଦ୍ଧ ଉନ୍ମୁକ୍ତ, ଚକ୍ଷୁ ଯୋଡ଼ିକ ବିସ୍ଫାରିତ ଏ
ଚିବୁକଟି ସାମନା ପଟକୁ ବିସ୍ତୃତ । ବିଶେଷ ଏକ ନୃତ୍ୟ ଭଙ୍ଗୀରେ
ତାର ଶରୀରଟି ଯେମିତି ଆନ୍ଦୋଳିତ ହେଉଥିଲା ତହିଁରେ ତା
ମୁହଁର ସେହି ବିଶେଷ ବିକୃତିକୁ ଲକ୍ଷ୍ୟ କଲି ।

ଏଣ୍ଟୋନିଓ ଲୀଡ଼ାକୁ ତା ଆଡ଼କୁ ଟାଣି ନେବା ପାଇଁ ଚାହୁଁଛି
ଆଉ ଲୀଡ଼ା ମୃଦୁ ବାଧା ଦେଉଛି । ଏହାରି ଭିତରେ ଏକ ସମୟରେ
ପାଦର ଆଙ୍ଗୁଳି ଉପରେ ଭର ଦେଇ ସେ ଠିଆ ହୋଇ ପଡ଼ିଲା
ଏହି ଦୃଶ୍ୟ ଦେଖି ମୋର ବି ଗୋଟାଏ ନାଚକଥା ମନେପଡ଼ିଲା
ସେମାନେ ସେହିଭଳି ପରସ୍ପରକୁ ଟଣାଟଣି କରି ଚାଲିଛନ୍ତି ଆ
ମୋର ମନେହେଉଛି, ସେମାନେ ମିନୁଯେଟ୍ ନାଚ ଚାଲିଛନ୍ତି
ଲୀଡ଼ାର ହାତ ଥିଲା ଏଣ୍ଟୋନିଓର ବୁକୁ ଉପରେ ଏବଂ ଏଣ୍ଟୋନି
ତାର କଟୀ ବେଷ୍ଟନ କରିଥିଲା । ଚନ୍ଦ୍ରର ମଧୁର ଜ୍ୟୋତ୍ସ୍ନାରେ
ମୋର ବେଶ୍ ମନେହେଲା ଏହି ଯୋଡ଼ିଟି ଯେମିତି ନାଚର ରିହାର୍ସାଲ
କରୁଛନ୍ତି, ପୁରୁଷଟି ସିଧା ଠିଆ ହୋଇଛି ଏବଂ ନାରୀଟି ଅ
ବୃତ୍ତାକାରରେ ତାର ଚାରିପଟରେ ଘୁରି ଚାଲିଛି । ସଙ୍ଗୀତ ଅ
ନିର୍ଦ୍ଦିଷ୍ଟ କୌଣସି ନୃତ୍ୟର ନିୟମ ନ ଥିଲେ ବି ଏ ନୃତ୍ୟର ନିଜ
ଉନ୍ମାଦନାମୟ ଗୋଟାଏ ଛନ୍ଦ ଥିଲା ନିଶ୍ଚୟ । ଶେଷରେ ଲୀଡ଼ା ବ
ଏଣ୍ଟୋନିଓ ଯେ କେହିଜଣେ ଅପରର ଭାରସାମ୍ୟଟି ନଷ୍ଟ କରିଦେଲେ
ଆଢୁଆଳରେ ହଜି ଗଲେ ।

---

ସେମାନଙ୍କୁ ଆଉ ଦେଖିବାକୁ ନ ପାଇ ମୋତେ ଖୁବ୍ ଖରାପ
ଲାଗିଲା । ଖଡ଼ ସ୍ତୂପ ଦୁଇଟି ମଝିରେ ଥିବା ଶୂନ୍ୟମଞ୍ଚ ଉପରେ

ଚନ୍ଦ୍ରର ଉଜ୍ଜଳ ଆଲୋକ ଷଚ୍ଛେଇ ହୋଇ ପଡ଼ିଥିଲା । ଦୁଇଟି ପ୍ରାଣୀଙ୍କୁ ଏହି ମଞ୍ଚ ଉପରେ ଚନ୍ଦ୍ରାଲୋକରେ ନାଚୁ ଥିବାର ଦେଖି ମୁଁ ଯେମିତି କିଛି ସମୟ ପାଇଁ ଭୁଲି ଯାଇଥିଲି ଯେ ଜଣେ ମୋର ସ୍ତ୍ରୀ ଲୀଡ଼ା ଏବଂ ଅପର ଜଣକ ଜଣେ ନାପିତ । ମନେ ହୋଇଥିଲା ଚନ୍ଦ୍ରର ସମ୍ମୋହନମୟ କିରଣ ମଧ୍ୟରେ ଦୁଇଟି ନୈଶ୍ୟ ଆତ୍ମା କୌଣସି ଏକ କୁହୁକ ବଳରେ ଏକତ୍ରିତ ହୋଇଛନ୍ତି । ଘଟଣା ପ୍ରବାହରେ ମୁଁ ଅଭିଭୂତ ହୋଇ ପଡ଼ି ଥିଲି ସତ ତଥାପି ସମଗ୍ର ଘଟଣାର ଗୋଟାଏ ବିଚ୍ଛିନ୍ନ ରୂପ ଚିନ୍ତା କରି ନିଜକୁ ସଂଯତ କରିବା ପାଇଁ ଚାହିଁଲି । ଯାହାହେଉ ମୋର ସୌନ୍ଦର୍ଯ୍ୟବୋଧର ଚରମ ପରୀକ୍ଷା ହୋଇଗଲା । ଆଉ ଏହି ଅନୁଭୂତିହିଁ ମୋତେ ରକ୍ଷା କଲା । ଏହି ମଞ୍ଚ ଉପରେ ଗତ ରାତ୍ରିରେ ଶାନ୍ତ ନୀରବ ପରିବେଶରେ ପ୍ରେମ ନିବେଦନର ଯେଉଁ ଆବେଗ ମୋର ମନରେ ଉଦ୍‌ବେଳ ହୋଇ ଉଠିଥିଲା ତା ମଧ୍ୟରେ ଯେ ଚରମ ସତ୍ୟ ନିହିତ ଥିଲା ତାହା ସ୍ପଷ୍ଟ ହୋଇ ପଡ଼ିଲା । ଶେଷ ମୁହୂର୍ତ୍ତରେ କେବଳ ନାୟକର ପରିବର୍ତ୍ତନ ଘଟିଛି ମାତ୍ର । ମୁଁ ଆଲିଙ୍ଗନ କରିନାହିଁ ସତ, କିନ୍ତୁ ତା ମଧ୍ୟରେ ଯେଉଁ ସୌନ୍ଦର୍ଯ୍ୟ ଥିଲା ତାକୁ ଅସ୍ୱୀକାର କରିବି କେମିତି ?

ମୋର ଆହତ ଗର୍ବ ଶେଷ ଅବଲମ୍ବନ ପାଇଁ ଏହି ବସ୍ତୁନିଷ୍ଠ ଚିନ୍ତାକୁ ଆଶ୍ରୟ କରିଛି ଏମିତି ଏକ ସନ୍ଦେହ ମୋର ମନଭିତରେ ଉଙ୍କି ଦେଇଗଲା । ମନକହିଲା, ଘଟଣାର ଯେ କୌଣସି ଅର୍ଥ ମୁଁ କରେନା କାହିଁକି ମୋର ସ୍ତ୍ରୀ ଯେ ମୋତେ ପ୍ରତାରଣା କରିଛି ଏବଂ ଏହି ପ୍ରତାରଣା ଏକ ନାପିତକୁ ଆଶ୍ରୟ କରି, ଏକଥା ଅସ୍ୱୀକାର କରିବି କେମିତି ? ଏର୍ଣ୍ଣୋନିଓର ବାହୁବନ୍ଧନରେ ଲୀଡ଼ାକୁ ଦେଖିବା ପରେ ଏଇ ପ୍ରଥମ ବୁଝିଲି ଯେ ମୋତେ ଜଣେ ଏମିତି ସ୍ୱାମୀର ଭୂମିକା ନେବାକୁ ପଡ଼ିଛି ଯାର ସ୍ତ୍ରୀ ଅସତୀ । ନିଦାରୁଣ ମର୍ମବେଦନା ଅନୁଭବ କଲି । କିନ୍ତୁ ମୋତେ ଯୁକ୍ତିନିଷ୍ଠ ରହିବାକୁ ହିଁ ପଡ଼ିବ ।

ଏହାହିଁ ମୋର ଭଗବତ୍ ନିର୍ଦ୍ଦିଷ୍ଟ କର୍ମ, ସ୍ତ୍ରୀ ପ୍ରତାରଣା ବି ମୋତେ ଏହାଠାରୁ ବିରତ କରି ପାରିବ ନାହିଁ । ଏଣ୍ଟୋନିଓ ଓ ମୋର ସ୍ତ୍ରୀ ମଧ୍ୟରେ ଯେଉଁ ଘଟଣା ଘଟିଗଲା ସେହି କଥା ଭାବୁ ଭାବୁ ମୁଁ ଦ୍ରୁତଗତିରେ ଘରକୁ ଫେରି ଆସିଲି ।

ଏଣ୍ଟୋନିଓ ଯେ ଅପରାଧୀ ତହିଁରେ କୌଣସି ସନ୍ଦେହ ନାହିଁ । ତେବେ ଇହା ବି ସମ୍ଭବ ଯେ ସୂନ୍ୟପାତ୍ରରେ ସ୍ତ୍ରୀ ସହିତ ତାର ପ୍ରଥମ ସଂସ୍ପର୍ଶ ନିତାନ୍ତହିଁ ଆକସ୍ମିକ ଭାବରେ ଘଟିଥିଲା ଇଚ୍ଛାକୃତ ନୁହେଁ । ଏହି ଏକଇ ଭାବରେ କୁହା ଯାଇପାରେ ଯେ ଲୀଡ଼ା ଯାକୁ ନାପିତ ପକ୍ଷରୁ ସୌଜନ୍ୟ ଅଭାବ ବୋଲି ତା ପତି ଅବିମିଶ୍ର ଘୃଣା ପ୍ରକାଶ କରିଥିଲା ତା ମଧ୍ୟ ଥିଲା ଅକୃତ୍ରିମ । ହୁଏତ ବା ଏହି ପ୍ରବଳ ଘୃଣାର ଆଢ଼ୁଆଳରେ ତାର ଅବଚେତନ ମନର ଆକର୍ଷଣ ଆଉ ଉତ୍ତେଜନା ସୃଷ୍ଟି ହୋଇଥିଲା । ବର୍ତ୍ତମାନ ବୁଝି ପାରିଲି ନାପିତଟିକୁ ବହିଷ୍କାର କରିବା ପ୍ରସ୍ତାବ କରି ସେ ନିଜକୁହିଁ ରକ୍ଷା କରିବା ପାଇଁ ଚାହିଁଥିଲା । ମୁଁ କିନ୍ତୁ ନିର୍ବୋଧ ଭଳି କିଛି ନବୁଝି କେବଳ ସ୍ୱାର୍ଥପର ସଦୃଶ ନିଜର ଅସୁବିଧା କଥାହିଁ ଚିନ୍ତା କରିଛି । ଲୀଡ଼ା କିନ୍ତୁ ଯେମିତି ନିଜର ମନଟିକୁ ବୁଝି ପାରିନାହିଁ ସେହିଭଳି ଧରି ପାରିନାହିଁ ମୋର ସ୍ୱାର୍ଥଚିନ୍ତାକୁ । ସେ ନିତାନ୍ତ ସ୍ନେହ ଆଉ ସଦିଚ୍ଛା ପ୍ରଣୋଦିତ ହୋଇ ତାହା ନେଇ ଜିଦ୍ କରିନାହିଁ । ଯେଉଁ ମଣିଷ ତାକୁ ଅପମାନ କରିଛି ଅଥଚ ଯାହାପ୍ରତି ସେ ଭିତରେ ଭିତରେ ଆକୃଷ୍ଟ ସେହି ମଣିଷ ପ୍ରତିଦିନ ଏହି ଘରକୁ ଆସିଛି, ଲୀଡ଼ା ବି ତାହା ସହ୍ୟକରି ଯାଇଛି ନିର୍ବିବାଦରେ । ମୋର ଲେଖାର କାମଟିକୁ ଶେଷ କରିବା ସ୍ୱାର୍ଥରେ ଆମର ଗୋଟାଏ କପଟଚୁକ୍ତି ଦେଇ ନିଜ ନିଜର ମାନସିକ ବିଭେଦ ଆଉ ଦୈହିକ ଆବେଗକୁ ଆମେ ଢାଙ୍କି ରଖିବା ପାଇଁ ଚାହିଁଥିଲୁ । କିନ୍ତୁ ତହିଁରେ ଏହି ଫଳ ହୋଇଛି ଯେ ଆମର ବିଭେଦ ଆଉ

ଆବେଗ ଚୂଡ଼ାନ୍ତ ରୂପ ଗ୍ରହଣ କରିଛି । ତିନି ସପ୍ତାହରେ ମୋର କାମ ଶେଷ ହୋଇଛି ଠିକ୍, କିନ୍ତୁ ଏହାର ମଧ୍ୟରେ ଲିଡ଼ାର ଭିତରେ ଥିବା ଆବେଗ ଚରମ ପର୍ଯ୍ୟାୟକୁ ଆସି ଯାଇଛି । ଆଜି ଯେଉଁ ଟିକକ ଦରକାରଥିଲା ତାହା ହେଲା ମୋର ଅରେ ସହରକୁ ଯିବା । ଠିକ୍ ସେହିଦିନହିଁ ଲିଡ଼ା ତାର ମୃଣାର ସ୍ୱରୂପଟା ବୁଝିପାରିଛି ।

ଏଣ୍ଟୋନିଓ ସେହିଦିନ ଆସି ମୋର ଦେଖା ପାଇ ନାହିଁ । ତାପରେ ସିଡ଼ିରେ ଉଭୟଙ୍କର ସାକ୍ଷାତ ହେବା ସମୟରେ ହୁଏତ ଏଣ୍ଟୋନିଓ ପ୍ରବଳ ଭାବରେ ଆଗେଇ ଆସିଛି । ନଚେତ ଲିଡ଼ାହିଁ ଆଗେଇ ଆସିଛି ଆଗେ । ଯାହାହେଉ ହଠାତ୍ ସେମାନଙ୍କ ମଧ୍ୟରେ ଗୋଟାଏ ଚୂଡ଼ାନ୍ତ ବୁଝାମଣା ହୋଇ ଯାଇଛି, ଆଉ ଲିଡ଼ାର ବ୍ୟବହାରଟା ହୋଇ ପଡ଼ିଛି ଗୋଟାଏ ଭାରି ପଥର ଖଣ୍ଡ ସଦୃଶ ଯାହାକୁ ଜଳରେ ନିକ୍ଷେପ କଲେ ନିଜର ଓଜନରେହିଁ ନଦୀ ତଳରେ ଯାଇ ପହଞ୍ଚିଲା । ଯେଉଁ ମଞ୍ଚ ଉପରେ ମୁଁ ଲିଡ଼ାକୁ ମୋର କାମନାର ଦୀପ୍ତିରେ ଉଜ୍ଜଳକରି ଦେଖିବା ପାଇଁ ଚାହିଁଥିଲି, ହୁଏତ ଏକପ୍ରକାର ନିଷ୍ଠୁରତାରେ ଲିଡ଼ା ସେହି ମଞ୍ଚଉପରେ ଏଣ୍ଟୋନିଓ ହାତରେ ନିଜକୁ ସମର୍ପଣ କରି ଦେବାର ସିଦ୍ଧାନ୍ତ ନେଇଥିଲା । ଯେଉଁ ସ୍ତ୍ରୀ ବର୍ତ୍ତମାନବି ତାର ସ୍ୱାମୀକୁ ଭଲପାଏ ତା କଥା ବାଦଦେଲେ ବି ଜଣେ ଶତ୍ରୁ ଯାର କିଛି ମାତ୍ରାରେ ବିବେକ ବୁଦ୍ଧି ଆଉ ରୁଚିଶୀଳତା ରହିଛି ସିଏବି ବୋଧ-ହୁଏ ଏମିତି ଏକ ହୃଦୟହୀନ ନିଷ୍ଠୁର ଆଚରଣ କରି ପାରିବ ନାହିଁ । କାରଣ ସକାଳେ ଏଣ୍ଟୋନିଓ ଚାଲିଯିବା ପରେ କାମଗୁଡ଼ିକ ଲିଡ଼ା ବେଶ ସୁନ୍ଦର ଭାବରେ ଚଳେଇ ନେଇଛି । ସେ ଜାଣିଥିଲା ଗଭୀର ରାତି ପର୍ଯ୍ୟନ୍ତ ମୁଁ କାମ କରିବି ଆଉ ଇଏବି ଜାଣିଥିଲା ଯେ ଏହି ସମୟରେ ନିଶ୍ଚିନ୍ତ ଭାବରେ ସେ ପ୍ରତିଶ୍ରୁତି ପାଳନ କରିବାକୁ ଯାଇ ପାରିବ । ଜନ୍ତାରେ ପଡ଼ିଯିବା ମୂଷାକୁ ବିଲେଇ ଯେମିତି ଭାବରେ ଖେଳାଏ, ସେ ସେମିତି ଭାବରେ ମୋତେ ଆଲପିନରେ ଅଙ୍କିସର

ସମ୍ଭବତ ପ୍ରେମର ଗଳ୍ପ ଶୁଣାଇଥିଲା । ପ୍ରକୃତରେ ସକାଳବେଳା ଏଣ୍ଟୋନିଓ ସମ୍ଭବତ ସାକ୍ଷାତର ସୂଚନା ଓ ଇଂଗିତହିଁ ସେ ଦେଇଥିଲା । ଭୋଜନ କାଳରେ ନିଜର ଅଶୋଭନ ଆକୁଳତା ସେ ଢାଙ୍କି ରଖି ପାରିନାହିଁ—ଏମିତି କି ବଡ଼ ଗୋଟାଏ ପ୍ରଶଂସନୀୟ ଗୁଣ ନହେଲେହେଁ ଆଚରଣର ଶାଳୀନତା ରକ୍ଷାପାଇଁ ଯେତିକି କପଟତା କରିଯିବା କଥା ତାହାବି କରିନାହିଁ । ତାର ଏହି କ୍ଷୁଧା ଯେ ଅନ୍ୟ ଏକ କ୍ଷୁଧାର ତାଡ଼ନାରେ କମିଯାଇଛି ଏତକ ମୁଁ ବୁଝି ନ ପାରିଲେହିଁ ତା ପକ୍ଷରେ ଯଥେଷ୍ଟ ଥିଲା । କାଲେ ତାର ଏହି ଅସୁସ୍ଥତାର ଛଳନାକୁ ମୁଁ ସତ୍ୟ ବୋଲି ଧରିନେବି ଆଉ ତା ଘରେ ରାତ୍ରିଯାପନର ଇଚ୍ଛା ପ୍ରକାଶ କରିବି ସେଥିପାଇଁ ସେ ଘୁରେଇ ଫେରେଇ ଏହାକୁ ଅନ୍ୟ ପ୍ରକାରର ଦୈହିକ ଅସୁସ୍ଥତା ବୋଲି ଇଂଗିତ କରିଥିଲା । ମୁଁ ପଢ଼ାଘରେ ନିଜକୁ ବନ୍ଦ କରିବା ପରେ ସେ ତଳେ ବୈଠକଖାନାରେ ତିନିଘଣ୍ଟା ଧରି ଗୋଟାକ ପରେ ଗୋଟାଏ ସିଗାରେଟ ପୋଡ଼ୁଛି ଏବଂ ଏକ ବିଶେଷ ମୁହୂର୍ତ୍ତର ପ୍ରତୀକ୍ଷା କରିଛି । ଏହାପରେ ଯେମିତି ସମସ୍ତ ହୋଇଛି ସେମିତି ସେ ଦୌଡ଼ି ଯାଇଛି ତାର କଥା ରକ୍ଷା କରିବା ପାଇଁ । ତାପରେ ତାର ସେହି ନୃତ୍ୟ ଯାହାର ଏକମାତ୍ର ଦର୍ଶକ ଥିଲି ମୁଁ, ତାରି ଭିତରେ ତାର ଅବଦମିତ ଆସଙ୍ଗଲିପ୍ସାହିଁ ଫୁଟି ଉଠିଛି ।

ସ୍ୱୀକାର କରିବି ଯେ ଲିଡ଼ାର ସମଗ୍ର ବ୍ୟବହାର ମଧ୍ୟରେ ଏକ ପ୍ରବଞ୍ଚନାମୟ ସାମୟିକ କର୍ମ ପ୍ରଚେଷ୍ଟାହିଁ ଦେଖିଲି । ମନୁଷ୍ୟ ସଦ୍‌ଗୁଣ ଏହି କାମନା ମନର ଗଭୀରତାରୁ ଜନ୍ମଲାଭ କରି ଛୁଟି ଚଳେ, ପୁଣି କିଛିକ ପରେ କେଉଁଠି ଯେପରି ବିଲୀନ ହୋଇଯାଏ । ଅନ୍ୟ ଦିଗରୁ କୁହାଯାଇ ପାରେ ଯେ ତାର ସେହି କାମ ମଧ୍ୟରେ ସାମାଜିକ ରୀତିଭଙ୍ଗିରେ ଏକ ଅନିଚ୍ଛାକୃତ ପ୍ରୟାସ ମାତ୍ର ଦେଖିଲି । ଏଣ୍ଟୋନିଓ ସମ୍ଭବତ ତାର ସେହି ଗୋଟାଏ ରାତିର ଗୁପ୍ତପ୍ରଣୟ ଯେ ଶେଷ ହୋଇଗଲା ଏକଥା ଭାବି ନେବାର ଯଥେଷ୍ଟ କାରଣ ରହିଛି । ମୋ

ସହିତ ଦୀର୍ଘ ଏକବର୍ଷ ଧରି ଯେଉଁ ସଂପର୍କ ଗଢ଼ି ଉଠିଛି ତାର ଧରଣହିଁ ପୃଥକ, ତେଣୁ ଏକଥା ଭାବି ନଆଯାଇ ପାରେ ଯେ ଏହି ସ୍ୱଳ୍ପକାଳୀନ ଗୁପ୍ତପ୍ରଣୟ ଆମର ସମ୍ପର୍କକୁ ମୋଟେ କ୍ଷୁଣ୍ଣ କରିବନାହିଁ । ମୁଁ ଯଦି ଏ ସମ୍ବନ୍ଧରେ ନୀତାକୁ କିଛି ଜାଣିବା ପାଇଁ ନଦିଏ ତେବେ ସେ ହୁଏତ ଅଧିକ ବେଶୀ ମୋତେ ଭଲ ପାଇବ ଏବଂ ଏଣ୍ଟୋନିଓର ହାତରୁ ମୁକ୍ତି ପାଇବାର ପଥ ନିଜେହିଁ ଠିକ୍ କରିନେବ । କିନ୍ତୁ ମୋର ମନେହେଲା ଏହି ଚିନ୍ତାଧାରା ମୋର ଅକ୍ଷମତା, ଦୁର୍ବଳତା, ଆଉ ଅମନୁଷ୍ୟ ଚରିତ୍ରର ପରିଚୟସୂଚକ । ମୋର ମନ ବିଷାଦ ମଗ୍ନ ହୋଇ ପଡ଼ିଲା । ସ୍ନେହ ସଦିଚ୍ଛାର ମୁକ୍ତ ପଥରେ ଯେମିତି ସୃଜନୀଶକ୍ତି ଆଉ ଶ୍ରୀ ସୌଭାଗ୍ୟ ବର୍ଦ୍ଧିତ ହୋଇଥିଲା । ଏହି କରୁଣାର ଦାନ ବଡ଼ ମୋର ବାକ୍ସର୍ବସ୍ୱ ଗୋଟେ ଏ ସାହିତ୍ୟକର୍ମୀ ଆଉ ଈଷଦୁଷ୍ଣ ସଙ୍ଗୀତର ମୃଦୁ ସ୍ପର୍ଶ ମିଳେ, କବିତା ବା ଯଥାର୍ଥ ପ୍ରେମ ମିଳେ ନାହିଁ । ମୋ ପାଇଁ ଶ୍ରେଷ୍ଠ ସାହିତ୍ୟକୀର୍ତ୍ତି ତ ନୁହେଁ, ମଞ୍ଚଉପରର ନୃତ୍ୟ ବି ନୁହେଁ ; ସେଗୁଡ଼ିକଠାରୁ ଏକ ଅତି ସାଧାରଣ ଜୀବନକୁ ମୁଁ ନିର୍ବାସିତ ହୋଇଗଲି ।

ଦୁଃଖର ବାୟୁ ପ୍ରବାହରେ ତାଡ଼ିତ ହୋଇ ଇତି ମଧ୍ୟରେ ମୁଁ କେତେବେଳେ ପାର୍କ ପାରେଇ ସିଢ଼ି ଦେଇ ନିଜର ପଢ଼ାଘରେ ଆସି ପଶିଛି ମନେନାହିଁ । ଖଣ୍ଡେ କାଗଜ ଟାଣିନେଇ ତା ଉପରେ ଲେଖିଲି ପ୍ରିୟତମା ନୀତା । ତା ସହିତ ସମସ୍ତ ସମ୍ପର୍କ ଚୂଡ଼ାନ୍ତ ଭାବରେ ଶେଷକରି ନେବାପାଇଁ ଚିଠି ମୁଁ ଲେଖି ବସିଥିଲି ।

କେତେ ସମୟ ଧରି ମୁଁ କାନ୍ଦିଥିଲି ମନେନାହିଁ ମୋର, ତେବେ ଚିଠି ଲେଖିବା ସମୟରେ ଲୋତକ ଧାରରେ ସମସ୍ତ ଚିଠି ଧୋଇ ଧାଇ ଏକାକାର ହୋଇ ଯାଇଥିଲା । ସେ ଚିଠିରେ ମୁଁ କହିବା ପାଇଁ ଚାହୁଁଥିଲି ଯେ ଆମ ମଧ୍ୟରେ ଆଉ କୌଣସି ସନ୍ଦେହ ନାହିଁ । ତିମାନଠାରୁ ବିଚ୍ଛିନ୍ନ ହୋଇଯିବାହିଁ ଆମ୍ଭମାନଙ୍କ ପକ୍ଷରେ ଶୁଭ ।

କିନ୍ତୁ ଏହି କେତୋଟି କଥା ଲେଖିବାକୁ ଯାଇ ଏକ ଅବ୍ୟକ୍ତ ଯନ୍ତ୍ରଣାରେ ମୁଁ ମୁହ୍ୟମାନ ହୋଇ ପଡ଼ିଥିଲି । ସମସ୍ତ ଶରୀରେ ଯେମିତି ଏହି ସିଦ୍ଧାନ୍ତର ପ୍ରତିବାଦରେ ଅଜସ୍ର ଧାରାରେ ଲୋତକ ଝରେଇ ଚାଲିଥିଲା । ବୁଝିଲି ତା ସହିତ ମୋର ସମ୍ପର୍କ ଅତ୍ୟନ୍ତ ଗଭୀର । ସେ ପ୍ରତାରଣା କରିଛି, ଅପରକୁ ଭଲ ପାଇଛି ଆଉ ମୋ ପାଇଁ କେବଳ ବନ୍ଧୁଏ ସ୍ନେହ ଅବଶିଷ୍ଟ ରଖିଛି କି ନାହିଁ ତହିଁରେ ମୋର କିଛି ଯାଏ ଆସେନା । ତାକୁ ମୋର ଜୀବନରୁ ବିଚ୍ଛିନ୍ନ କରିଦେଲେ ଜୀବନଟା କେମିତି ହେବ ସେ କଥା ଥରେ ଭାବିବାପାଇଁ ଚେଷ୍ଟା କଲି । ଏହା ପୂର୍ବରୁ ଆତ୍ମହତ୍ୟା କଥା ବହୁବାର ଚିନ୍ତା କରିଛି, କିନ୍ତୁ ଏଇଥର ବୋଧହୁଏ ମୋ ଜୀବନରେ ସେହି ଲଗ୍ନ ଉପସ୍ଥିତ । ଯାହାହେଉ ଅଜସ୍ର ଅଶ୍ରୁଧାରା ମଧ୍ୟରେହିଁ ଚିଠି ଲେଖା ଶେଷକରି ତଳେ ଦସ୍ତଖତ କରିଦେଲି । କଣ ଲେଖିଛି ପଢ଼ିବାକୁ ଯାଇ ଦେଖିଲି ଅଶ୍ରୁଜଳରେ ସବୁକିଛି ଅସ୍ପଷ୍ଟ ହୋଇ ଯାଇଛି ଆଉ ମନେ ହେଲା ଏ ଚିଠି ଲୀଡ଼ା ଜନକଙ୍କୁ ପଠେଇବା ପାଇଁ କେବେହେଲେ ମୋର ସାହସ ହେବନାହିଁ ।

ଅକପଟରେ ସ୍ୱୀକାର କରିବି ଯେ ସେହି ବିଶେଷ ମୁହୂର୍ତ୍ତରେ ମୋ ମଧ୍ୟରେ ଅକ୍ଷମତା ଓ ସ୍ୱାର୍ଥପରତାର ଭାବ ମୋତେ ଆଚ୍ଛନ୍ନ କରି ପକେଇଥିଲା । ଗୋଟାଏ ରାତିର ଘଟଣାରେ ମୋର ବହୁ ଅଭିଜ୍ଞତା ଅର୍ଜିତ ହୋଇଛି । ଏଥର ଯଦି ମୁଁ ଚେଷ୍ଟାକରେ ତେବେ ଜନକଙ୍କୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ କରି ନପାରିଲେ ବି ବହୁଳାଂଶରେ ସଂଶୋଧିତ କରି ସ୍ୱାଭାବିକ ସ୍ୱଭାବର ମଣିଷ କରି ଗଢ଼ି ତୋଳିପାରେ । ଏହି ନୂତନ ଚିନ୍ତା ମୋତେ ବେଶ ଶାନ୍ତ କରି ପକେଇଲା । ଟେବୁଲ ପାଖରୁ ଉଠି ଶୋଇବା ଘରକୁ ଯାଇ ଲାଲ ହୋଇ ଉଠିଥିବା ଆଖିଗୁଡ଼ିକୁ ଧୋଇ ଝରକା ପାଖରେ ଆସି ଠିଆ ହେଲି ।

ସେଠି ମୁଁ ପ୍ରାୟ ଦଶମିନିଟ ଯାଏ ଠିଆ ହୋଇଥିଲି, କିନ୍ତୁ ଏହି ସମୟରେ କୌଣସି ବିଷୟରେ ଚିନ୍ତା କରିନାହିଁ । ମନେ ମନେ ମୁଁ କାମନା କରୁଥିଲି ରାତିର ଅଚଞ୍ଚଳ ଏହି ନିସ୍ତବ୍ଧତା ମୋ ମନରେ ଶାନ୍ତି ଆଣିଦେଉ । ଯାହାହେଉ ଲିଡ଼ାର କଥା ମୁଁ ମୋଟେହିଁ ଭାବିନାହିଁ ତେଣୁ ତାକୁ ସାମନାର ଖୋଲା ପଡ଼ିଆ ଦେଇ ଘରକୁ ଦୌଡ଼ି ଆସୁଥିବାର ଦେଖି ବେଶ୍ ବିସ୍ମିତ ହେଲି । ଜୋରରେ ଦୌଡ଼ିବାର ସୁବିଧା ପାଇଁ ସେ ତାର ପୋଷାକ ଉପରକୁ ଟେକି ଧରିଥିଲା । ଚନ୍ଦ୍ରାଲୋକରେ ରାସ୍ତା ଉପରେ ତାର ସେହି ଦୌଡ଼ି ଆସୁଥିବାର ଦୃଶ୍ୟ ଦେଖି ମନେ ହେଲା ସେ ଯେମିତି ଗୋଟାଏ ନିସ୍ପୃହ ଶିଆଳ ବା କୋକ ଯିଏ କୁକୁଡ଼ା ଛୁଆ ମାରି ରକ୍ତମଖା ଦେହରେ ଚୁପ୍ ଚୁପ୍ ଗର୍ତ୍ତ ଆଡ଼କୁ ପଳାୟନ କରୁଛି । ଏହି ଅନୁଭୂତିଟି ଏତେ ପ୍ରବଳ ହୋଇ ଉଠିଲା ଯେ ମୋ ଆଖିରେ ସ୍ୱତରେ ସେ ଗୋଟାଏ ବନ୍ୟଜନ୍ତୁ ହୋଇଗଲା ଏବଂ ତା ମଧ୍ୟରେ ଯେହି ବନ୍ୟସ୍ୱଭାବଟା ଯେମିତି ଜଳିବାକୁ ଲାଗିଲା ଶିଖା ବିସ୍ତାର କରି । ଅଳ୍ପ ସ୍ନେହର ହସ ନହସି ମୁଁ ରହି ପାରିଲି ନାହିଁ । ଦୌଡ଼ି ଦୌଡ଼ି ସେ ଯେମିତି ଉପରକୁ ଚାହିଁଛି ସେମିତି ମୋର ଆଖିରେ ତାର ଆଖି ପଡ଼ିଲା । ମୁଣ୍ଡ ନୁଆଁଇ ସେ ଘର ମଧ୍ୟରେ ପଶିଗଲା । ମୁଁ ତା ମଧ୍ୟରେ ଯେମିତି ଏକ ଅଶୁଭ ଦୃଶ୍ୟର ଛାୟା ଦେଖି ଝରକା ପାଖରୁ ଅପସରି ଆସି ମୋର ସୋଫାରେ ବସି ପଡ଼ିଲି ।

---

ଅଳ୍ପ ସମୟ ପରେ ଦରଜା ଖୋଲି ଝଡ଼ପରି ଘର ଭିତରକୁ ପ୍ରବେଶ କଲା ଲିଡା । ତାର ଆକ୍ରମଣମୁଖୀ ଭଙ୍ଗୀ ଦେଖି ବୁଝିଲି

ସେ ନିଜକୁ ରକ୍ଷା କରିବା ପାଇଁ ଚାହୁଁଛି । ଅଳ୍ପ ନ ହସି ରହି ପାରିଲି ନାହିଁ । ଦରଜା ଧରିଥିବା ଅବସ୍ଥାରେ ସେ ପ୍ରଶ୍ନ କଲା : କଣ ହେଉଛି, କାମ କରୁ ନାହଁ ?

ମୁହଁ ନ ଉଠେଇ ହିଁ ଉତ୍ତର ଦେଲି, : ନା ?

ତା ପାଖରେ ମୁଁ କୌଣସି ପ୍ରକାର କୈଫିୟତ ଚାହିଁ ନାହିଁ, ତଥାପି କୈଫିୟତର ସ୍ୱରରେ ସେ କହି ଉଠିଲା : ଶୋଇ ନ ପାରି ଟିକିଏ ପାର୍କକୁ ବୁଲିବା ପାଇଁ ଯାଇଥିଲି କିନ୍ତୁ ତମର କଣ ହୋଇଛି କୁହ ତ ?

ଇତିମଧ୍ୟରେ ଟେବୁଲ ଆଡ଼କୁ ଅଳ୍ପ ଆଗେଇ ଆସିଲେ ବି ପାଖକୁ ଆସିବାର ସାହାସ ତା'ର ହୋଇ ନ ଥିଲା । ଟେବୁଲ ଉପରେ ବିକ୍ଷିପ୍ତ କାଗଜ ଗୁଡ଼ିକୁ ସେ ଏକ ଦୃଷ୍ଟିରେ ଚାହିଁ ରହିଲା । ମୁଁ ଟିକିଏ ଚେଷ୍ଟା କରି କହିଲି : ଆଜି ରାତିରେ ମୁଁ ଗୋଟାଏ ନୂତନ ଜିନିଷ ଆବିଷ୍କାର କରିଛି । ଏହି ଆବିଷ୍କାରର ମୂଲ୍ୟ ମୋ ଜୀବନରେ ଅନେକ ବେଶୀ ।

ତା ଆଡ଼କୁ ଚାହିଁଲି । ସେ ଭ୍ରୂକୁଞ୍ଚନ କରି ହୁଏତ ବା ସାମାନ୍ୟ କ୍ରୋଧରେ ଟାଇପ୍‌ରାଇଟରଟା ଆଡ଼କୁ ଚାହିଁ ରହିଥିଲା । ଚଡ଼ା ଗଳାରେ କହିଲା : କି ଆବିଷ୍କାର ଶୁଣେ ?

ମୋର ପରବର୍ତ୍ତୀ କଥାର ଜବାବ ଦେବା ପାଇଁ ସେ ଯେ ମନେ ମନେ ପ୍ରସ୍ତୁତ ହେଉଛି ସେକଥା ମୁଁ ଠିକ୍ ବୁଝିପାରିଲି । ଗୋଟାଏ ପ୍ରକାର ପୋକ ଦେଖାଯାନ୍ତି ଯେଉଁମାନେ ବିପଦ ସମୟରେ ଭୟ ଦେଖାଇବା ପାଇଁ ପଛଗୋଡ଼ ଗୁଡ଼ିକ ଟେକି ଧରନ୍ତି । ଜୀବ ବିଜ୍ଞାନୀମାନେ ଏହି ଧରଣର ଭଙ୍ଗୀକୁ 'ହେକଟ୍ରାଲ' କହିଥାନ୍ତି । ତାର ଆଚରଣରେ ମୋର ସେହି ପୋକଗୁଡ଼ିକ କଥା ମନେପଡ଼ିଲା । ମୁଁ ଯେମିତି ତାକୁ କହୁଥିବାର ଶୁଣିଲି 'ହଁ ମୁଁ ନାପିତଟାକୁହିଁ' ମୋର ଦେହ ଦାନ କରିଛି, ତାକୁ ମୁଁ ଭଲପାଏ, ଏଥର ତ ବୁଝିଲ,

।ହା ଭଲ ମନେହେଉଛି ସେଇଆ କର ।' ଗୋଟାଏ ଦୀର୍ଘନିଶ୍ୱାସ
।କେଇ କହିଲି : ଆବିଷ୍କାର କଲି ଯେ ଲେଖାଟା ମୋଟେ ଭଲ
ୟାଇ ନାହିଁ । କେବେହେଲେ ମୁଁ ଲେଖକ ହୋଇପାରିବି
ହିଁ ।

ସେ ନୀରବରେ ଠିଆ ହୋଇ ରହିଲା, ସେ ଠିକ୍ ଯେଉଁ କଥା
ଶିବ ଭାବିଥିଲା ତା ବଦଳରେ ଏହି ପ୍ରକାର କଥାଗୁଡ଼ିକୁ ଟିକିଏ
ମିତ ଅବିଶ୍ୱାସର ଭଙ୍ଗୀରେହିଁ ଗ୍ରହଣ କଲା । ତାର କଣ୍ଠରୁ
ଯାଏ ଉଗ୍ରତା ଯାଇ ନ ଥିଲା, ସେମିତି ଭାବରେ ସେ ପ୍ରଶ୍ନ କଲା
ତୁମେ କଣ କହିବାକୁ ଚାହଁ ?

ଶାନ୍ତ କଣ୍ଠରେ କହିଲି : ସତକଥାହିଁ କହୁଛି ମିତ୍ରା । ଏତେ
ଲ ଧରି ନିଜକୁ ମୁଁ ପ୍ରତାରଣା କରିଛି । ଭାବିଥିଲି ଗୋଟାଏ
ତ୍ ସାହିତ୍ୟକୀର୍ତ୍ତି ଗଢ଼ି ଯାଉଛି । କିନ୍ତୁ ଯାହାହେଉଛି ତାହା
ବନ୍ଧ୍ୟା ସୃଷ୍ଟି । ମୁଁ ଜଣେ ହତଭାଗ୍ୟ ପ୍ରତିଭାହୀନ ସାଧାରଣ
ଷ ମାତ୍ର ।

ନିଜ କପାଳ ଉପରେ ହାତ ବୁଲେଇ ବୁଲେଇ ସେ ମୋ
ଖକୁ ଆସି କହିଲା : ଯେଉଁ ଅପ୍ରତ୍ୟାଶିତ ସୁକଠିଣ ନୂତନ
ନାରେ ତାକୁ ଏଥର ଅଭିନୟ କରିବା ପାଇଁ ହେବ ସେଥିପାଇଁ
ନିଜକୁ ପ୍ରସ୍ତୁତ କରିନେଇ କହିଲା, ସେ କେମିତି ହେଲା
ଭିଓ ? ତୁମେ ତ ଏକପ୍ରକାର ନିଶ୍ଚିତ ଥିଲ ।

ଏଥର ଠିକ୍ ବିପରୀତଟାରେ ନିଶ୍ଚିତ ମୁଁ କହିଲି । ଆଉ ତା
ତ ଏ ବିଷୟରେ ମୋର ବିଶ୍ୱାସ ଏତେ ଦୃଢ଼ ଯେ ଏତେବେଳ
ଏ ଆତ୍ମହତ୍ୟାର ଚିନ୍ତାହିଁ କରୁଥିଲି । କଥା ଶେଷରେ ମୁଁ ତାକୁ
ଟେକ ଚାହିଁଲି । ବୁଝିପାରିଲି ଯେତେବେଳଯାଏ ମୋର
ନାର କଥା କହି ଚାଲିଥିଲି ସେତେବେଳ ଯାଏ କେବଳ
ାର କଥାହିଁ ମୁଁ ଭାବୁଛି । ରଚନା ନିରର୍ଥକ ହୋଇଯାଇଛି

ତାହାଁରେ ମୋର କିଛି ଯାଏ ଆସେନା । କିନ୍ତୁ ତାର ସମ
ଦେହରେ ଏକ୍ସୋନଓରର ସମ୍ଭୋଗ ଚିହ୍ନ ଦେଖି ଅବ୍ୟକ୍ତ ଯନ୍ତ୍ରଣାରେ
କାତର ହୋଇପଡ଼ିଲି । କେଶଗୁଚ୍ଛ ବିସ୍ତସ୍ତ ହୋଇପଡ଼ିଛି
ଏମିତି କି ସେଯାଏ ବି ମୁଣ୍ଡରେ ଦ'ବୁଲିଟା ଝିଙ୍କି ଲାଗି ରହିଛି
ତାର ବେଣୀର ସେହି ପୁଷ୍ପଗୁଚ୍ଛଟି ବୋଧହୁଏ ସେହି ମଞ୍ଚ ଉପରେ
ବର୍ତ୍ତମାନ ବି ପଡ଼ି ରହିଥିବ । ତଣ୍ଟିଳ ଓଠରେ ଟିକଏ ଗ
ଲଗେଇ ଆସିଥିବାରୁ ତାର ବିବର୍ଣ୍ଣ ମୁହଁଟି ଅଦ୍ଭୁତ ବିଧ୍ୱସ୍ତ ବୋଲି
ମନେହେଉଛି । ପଡ଼ିଯାଇ ତାର ଆଣ୍ଠୁ ଉପରେ ଟିକଏ ମା
ଲାଗି ରହିଛି, ଆଉ ପୋଷାକ ବି ମୋଡ଼ିମୋଡ଼ି ହୋଇଯାଇଛି ।

ମନେହେଲା ସେହି ଦୈହିକ ଅବସ୍ଥାର କଥା ସେ ଜାଣେ ଏ
ଇଚ୍ଛା କରି ଏହି ଅବସ୍ଥାରେ ମୋ ପାଖକୁ ଆସିଛି । ନ ହେଲେ
ସେ ତ ଅନାୟାସରେ ମୁହଁ ହାତ ଧୋଇ ପୋଷାକ ବଦଳେଇ ମୋ
ପାଖକୁ ଆସି ପାରିଥାନ୍ତା । କଥାଗୁଡ଼ିକ ଭାବିବାମାତ୍ରକେ ମୁଁ
ପୁନର୍ବାର ମାନସିକ ଯନ୍ତ୍ରଣା ଭୋଗ କରିବାରେ ଲାଗିଲି । ମନେହେଲା
ତାର ସେହି ନିର୍ମମ ପ୍ରତିକୂଳତାର ସମସ୍ତ ଅର୍ଥହିଁ ବୁଝିପାରିଛି ।
ସେ ସେତେବେଳଯାଏ କହି ଚାଲିଥିଲା, ଆତ୍ମହତ୍ୟା ? ଆଚ୍ଛା ପାଗଳ
ତ । ଗୋଟାଏ ଗଳ୍ପ ଠିକ୍ ଭାବରେ ଲେଖା ହୋଇ ନାହିଁ ବୋଲି ?

ଅନ୍ତର ଭିତରେ ତାର କଥାଗୁଡ଼ିକହିଁ ପ୍ରତିଧ୍ୱନିତ ହେଲା ।
ମନେହେଲା ସେ ଯେମିତି ନିଜକୁ କହୁଛି । ମୂହୂର୍ତ୍ତିକର ନୀତିଭ୍ରଷ୍ଟତା
ପାଇଁ ଚଳମାନ ଲୋଭ ସମ୍ବରଣ କରି ପାରି ନାହିଁ ବୋଲି ?
ମୁହଁରେ କହିଲି : ମୋ ନିକଟରେ କିନ୍ତୁ ଏ କାହାଣୀର ମୂଲ୍ୟ ଥିଲା
ଅନେକ । ମୁଁ ବ୍ୟର୍ଥ ହୋଇ ଯାଇଛି···ଆଉ ମୋର ବ୍ୟର୍ଥତାର
ନିଦର୍ଶନ ବହନ କରିଛି ଏହି ପାଣ୍ଡୁଲିପି । କଥା ଗୁଡ଼ିକ କହୁ କହୁ
ସମ୍ପୂର୍ଣ୍ଣ ଅନିଚ୍ଛାକୃତ ଭାବରେ ଅତ୍ୟନ୍ତ ରୂଢ଼ତାର ସହ ଆଙ୍ଗୁଠିରେ
ପାଣ୍ଡୁଲିପିଟା ନ ଦେଖେଇ ତାକୁହିଁ ନିର୍ଦ୍ଦେଶ କଲି ।

ସବୁଜଙ୍କ ଏଥର ସେ ବୁଝିପାରିଲା (ହୁଏତ ବା ଆଗରୁ ବୁଝି
କିନ୍ତୁ ମୋତେ ପ୍ରତାରଣା କରିବା ପାଇଁ ଚେଷ୍ଟା କରୁଥିଲା ।)
ଓ ବିଭ୍ରାନ୍ତ ଅବସ୍ଥାରେ ଆଖି ତଳକୁ ପୋତିଲା । ଅଶ୍ରୁ ଉପରୁ
ଠିର କଳଙ୍କ ଟିକକ ଢାଙ୍କି ପକେଇବା ପାଇଁ କୋଳ ଉପରୁ ତାର
ଛଟା ବି ନଇଁଗଲା । ଦେହଗତ ପ୍ରେମ ଯେତେବେଳେ କ୍ଷୟୁମାଣ
ତେବେଳେ ଟିକେତେଗୁଡ଼ିଏ ବନ୍ଧୁରଙ୍କ ପ୍ରେରଣାର ପ୍ରୟୋଜନ
। ଇନ୍ଦ୍ରସୁଗ ୨ ଜ୍ଞାନ୍ତ ଏବଂ ବନ୍ଧୁରବିରଣର ଶୃଙ୍ଖଳାକୁ
ନା ଭଳି ପ୍ରେମମୟୀ ପତ୍ନୀର ଭୂମିକାରେ ଅଭିନୟ କରିବାକୁ
ଣ୍ଣି ବିପନ୍ନବୋଧ କରୁଥିବ ଲୀଡ଼ା । ଆଶଙ୍କା ହେଉଥିଲା ହୁଏତ
ନ୍ତର କୌଣସି ମୂହଁରୁ ବାହାରି ଯିବ । ସ୍ଥିର କଲି ଏଥର
କଥାଟା ଉଠେଇବ । ଏମିତି ସମୟରେ ଶୁଣିଲି କମିତ
ରେ ଲୀଡ଼ା ମୋତେ ପ୍ରଶ୍ନ କରୁଛି । ବାହୁଁକି ତୁମେ ବ୍ୟର୍ଥ
ଲି ସିନିଉ ? କାମ ଭିତରେ ତୁମେ କଣ ମୋ କଥା ଚିନ୍ତା
ବ ନାହିଁ ?
ତା' କଥାରେ ବିସ୍ମିତ ନ ହୋଇ ରହିପାରିଲି ନାହିଁ ।
ତା ଆଉ ଧୃଷ୍ଟତାର ବାହାରେ ଏଥର କିନ୍ତୁ ତା'ର କଥା
ରେ ଏମିତି ଗୋଟାଏ ସ୍ନେହସ୍ପର୍ଶ ଥିଲା ଯାହାର ପ୍ରଶଂସା ନ କରି
ପାରିଲି ନାହିଁ । ତା'ର କଥାର ଉତ୍ତରରେ ଫେରପଚ୍ଛି
ଲି : ତୁମେ ମୋ ପାଇଁ କ'ଣ କରି ପାରିବ ? ମୋ ମଧ୍ୟରେ
ଇ ସୃଜନଶକ୍ତିର ଅଭାବ ତାହା ବୋଧହୁଏ ତୁମେ ପୂର୍ତ୍ତି କରି
ବ ନାହିଁ ।
ଅକୃତ୍ରିମ ସରଳତାରେ ସେ ଉତ୍ତର ଦେଲା : ତାହା ଅବଶ୍ୟ
ଁ, ତେବେ ମୁଁ ତୁମକୁ ଭଲପାଏ ।
ତା'ର ସାଂପ୍ରତିକ ଉତ୍ତେଜନା କମି ଆସିବା ଫଳରେ ଆଖି
କ୍ରମଶଃ ସ୍ୱଚ୍ଛ ଏବଂ ଉଜ୍ଜଳତର ହୋଇ ଉଠୁଥିଲା । ଦେଖି

ବୁଝିପାରଲି ସେ ତା'ର ପୂର୍ବଶକ୍ତି ଫେର ପାଉଛି । ଏମିତି ସମୟ
ସେ ମୋ ଆଡ଼କୁ ହାତଟା ବଢ଼େଇ ଦେଲା । ମୁଁ ମଧ୍ୟ ତା'ର ହା
ଉପରେ ମୃଦୁ ଚୁମ୍ବନ କରି କୋଳ ଉପରେ ରଖି ମୃଦୁ କଣ୍ଠ
କହିଲି : ମୁଁ ବି ତୁମକୁ ଭଲପାଏ ଲୀଡା, ଆଉ ତାହା ତୁମେ
ସମସ୍ତ ମଧ୍ୟରେ ନିଶ୍ଚୟ ବୁଝିପାରିଛ । କିନ୍ତୁ ମୋର ଭୟ ହେଉ
ଏତିକି ସମ୍ବଳକରି ବଞ୍ଚି ରହିବା ବୋଧହୁଏ ମୋ ପକ୍ଷରେ କଷ୍ଟକ
ହୋଇ ଉଠିବ ।

ତା'ର ଯେଉଁ ପାଦଗୁଡ଼ିକୁ କାମନାର ଉଦ୍ଦୀପ୍ତ ଭଙ୍ଗୀ
କିଛିକ୍ଷଣ ପୂର୍ବରୁ ମଞ୍ଚ ଉପରେ ନୃତ୍ୟ କରୁଥିବାର ଦେଖିଥିଲି ତ
ଉପରେ ମୁହଁଟା ଚାପି ଧରିଲି । ସଙ୍ଗେ ସଙ୍ଗେ ତା'ର କଥାଗୁଡ଼ିକ
ଗୋଟାଏ ବିଶେଷ ଅର୍ଥ ମୋର ମନ ମଧ୍ୟରେ ଫୁଟି ଉଠୁଥିଲ
: ଉଦଗ୍ର କାମନାର ତାଡ଼ନାରେ ମୁଁ ଅନ୍ୟାୟ କରି ପକେଇଛି
ତା' ଅପେକ୍ଷା କିନ୍ତୁ ବଡ଼ କଥା, ମୁଁ ତୁମକୁ ଭଲପାଏ । ସତ
ମୁଁ ଦୁଃଖିତ, ଏମିତି କାମ ଆଉ ମୁଁ କେବେହେଲେ କରି
ନାହିଁ ।

ଶେଷ ପର୍ଯ୍ୟନ୍ତ ଯାହା ଭାବିଥିଲି ସେଇଆ ହେଲା । ବୁଝିପାରି
ତା' ପକ୍ଷରୁ ସ୍ନେହ ପ୍ରେମର ପରିମାଣ ଯେତେ ସ୍ୱଳ୍ପ ହେଉନ
କାହିଁକି ସେତିକ ଅଗ୍ରାହ୍ୟ କରିବା ଭଳି ଶକ୍ତି ମୋର ନାହିଁ
ଅନ୍ୟପକ୍ଷରେ ଲୀଡ଼ା ସେପାଏ କହି ଚାଲିଥିଲା : ଯେତେବେଳେ
ତୁମେ ହତାଶ ବୋଧ କରିବ ସେତେବେଳେହିଁ ତୁମେ ମୋ କଥ
ଚିନ୍ତା କରିବ ପିଲଭର୍ଓ । ଯାହା ହେଉନା କାହିଁକି ଆମେ ପରସ୍ପର
ଭଲପାଉଁ ଆଉ ଏହି ଭଲପାଇବାର ଗୋଟାଏ ମୂଲ୍ୟ ନିଶ୍ଚ
ରହିଛି !

ଅତ୍ୟନ୍ତ କୋମଳ କଣ୍ଠରେ କହିଲି : ତୁମର କଥା ଭାବି
କିନ୍ତୁ ତୁମେ କ'ଣ ମୋର କଥା ଭାବିବ ଲୀଡ଼ା ?

ସବୁ ସମୟରେ ।

ଭାବଲି : ସେ କଷ୍ଟସୁ ମିଥ୍ୟା କଥା କହୁ ନାହିଁ । ହୁଏତ ସବୁ ସମୟରେ ଏମିତିକ ଅଳ୍ପ ସମୟ ପୂର୍ବରୁ ଫସଲ ଅମଲ ମଞ୍ଚ ଉପରେ ଏଣ୍ଟୋନିଓଙ୍କୁ ସର୍ବସ୍ୱ ଦାନକରିବା ସମୟରେ ମଧ୍ୟ ସେ ମୋର କଥା ଭାବୁଛି । ଯେଉଁ ଭଳି ଭାବରେ ପ୍ରବଳ ବଞ୍ଚନାର ଅତୁଳ୍ଲକ ନିଦର୍ଶନ ସେ ମୋର ଆଖି ଆଗରେ ଆଜ ତୋଳିଧରିଛି ତହିଁରେ ସିଏ ଯେ ମୋ କଥା ଭାବେ ଏକଥା ସ୍ୱୀକାର କରିବାକୁ ମୋର କଷ୍ଟହେବାହିଁ ଉଚିତ ଥିଲା । ତଥାପି ମଣିଷ ଯେମିତି ଭାବରେ ଏକ କଠିଣ ସମସ୍ୟାର କଥା ସବୁ ସମୟରେ ମନ ମଧ୍ୟରେ ରଖି କାମଦାମ କରିଯାଏ, ଠିକ୍ ସେମିତି ଭାବରେ ସେ ମୋର କଥା ସବୁବେଳେ ମନ ମଧ୍ୟରେ ଧରି ରଖିଛି, ଏହି କଥାହିଁ ମୋର ମନେହେଲା । ସେ ଯେ ମୋ ଉପରେ ସଦିଚ୍ଛା ବଶତଃ ଏସବୁ କଥା କହୁଛି ଏଥିରେ ମୋର ସନ୍ଦେହ ନ ଥିଲା, ଆଉ ତାବ୍ୟତୀତ ସଦିଚ୍ଛା ଟିକକ ବାଦଦେଲେ ସବୁ କିଛି ମୋ ପାଖରେ ଅନ୍ଧକାର, ମିତିକ ଏଣ୍ଟୋନିଓ ହାତରେ ନିଜକୁ ସମର୍ପଣ କରିଦେବାର କାରଣଟିକ ମଧ୍ୟ । ଆମେ ପରସ୍ପର ବିପରୀତ ଦିଗରୁ କଥାବାର୍ତ୍ତା କରୁଥିଲୁ । କାରଣ ମୋ ପାଖରେ ତା'ର ଏହି ସଦିଚ୍ଛାର କୌଣସି ମୂଲ୍ୟ ନ ଥିଲା । ଏହି ସଦିଚ୍ଛାର ଭିତ୍ତିଭୂମି ହେଲା ଯୁକ୍ତି ଆଉ ନୀତି । ମୋ ପାଖରେ କେବଳ ମାତ୍ର ସହଜାତ ପ୍ରବୃତ୍ତିରହିଁ ମୂଲ୍ୟ ଥିଲା, କାରଣ ଏହାର ଅନୁପସ୍ଥିତିରେ ପ୍ରେମ ବା ସାହିତ୍ୟ କାହିଁ କୌଣସି ବିଷୟ ଜନ୍ମ ନେଇ ନ ପାରେ । ସେ କିନ୍ତୁ ସହଜାତ ପ୍ରବୃତ୍ତି ଅପେକ୍ଷା ସଦିଚ୍ଛା ବା ମଙ୍ଗଳକାମନା ଉପରେ ହିଁ ଯୋର ଦେବାକୁ ଚାହୁଁଥିଲା । ଯା' ମଧ୍ୟରେ ଯେଉଁ ଗୁଣଟିର ଅଭାବ ସେ ଗୁଣଟିକୁହିଁ ସେ ବେଶୀ ପରିମାଣରେ ଶ୍ରଦ୍ଧାକରେ । ତା' ମଧ୍ୟରେ ଶୃଙ୍ଖଳା ପ୍ରବୃତ୍ତିର ପ୍ରାଚୁର୍ଯ୍ୟ ଥିଲା ତେଣୁ ସେ ଥିଲା ପରିଚ୍ଛନ୍ନ ଯୁକ୍ତିନିଷ୍ଠା

ପ୍ରତି ଶ୍ରଦ୍ଧାଶୀଳ । ଏପଟେ ମୋ ମଧ୍ୟରେ ପ୍ରାଣସ୍ପନ୍ଦ ଯୁକ୍ତବସ୍ତୁର ଆଧିକ୍ୟ ଥିବାରୁ ପ୍ରାଣବନ୍ତ ପ୍ରବୃତ୍ତି ଉପରେ ମୁଁ ଶ୍ରଦ୍ଧାବାନ । ଜଜେ ଜଜେଙ୍କୁଁ ଯେମିତି ଉଚ୍ଚାରଣ କରି ଚାଲିଲି, କିନ୍ତୁ ଶିଳ୍ପ କ'ଣ କେବଳ ସଦିଚ୍ଛାର ପ୍ରଭାବରେ ସୃଷ୍ଟି ହୋଇ ପାରେ ?

ସେ ମୋ ମୁଣ୍ଡରେ ଧୀରେ ଧୀରେ ଆଘାତ କରୁଥିଲା । ମୋର କଥା ଶୁଣି ନାହିଁ, ତଥାପି ଯେମିତି ଶୁଣିଛି ଏମିତି ଭାବରେ ଅତ୍ୟନ୍ତ ଦରଦ ସହିତ କହି ଉଠିଲା : ଠିକ୍ ଅଛି, ଉଠ ପଡ଼ତ, ପୋଷାକପତ୍ର ଛାଡ଼ି ମୁଁ ଶୋଇବ ଆଉ ତୁମେ ତୁମର ଲେଖାଟି ମୋତେ ପଢ଼ି ଶୁଣେଇବ । ଦେଖାଯାଉ ସତରେ ରଚନାଟା ଖରାପ ନା ନୁହେଁ ।

କଥା କହୁକହୁ ସେ ଉଠି ଠିଆ ହେଲା । ମୋର ସେତେବେଳେ ଏକରକମ ବିଭ୍ରାନ୍ତ ଅବସ୍ଥା । ତାକୁ କହିବାକୁ ଚାହିଁଲି ଯେ ଲେଖାଟି ଖୁବ୍ ଖରାପ ହୋଇଛି ଏବଂ ତାକୁ ନେଇ କିଛି କରିବାର ନାହିଁ । ସେ ମୋ ମୁହଁରେ ହାତ ଚାପିଧରି କଥା କହିବାକୁ ଦେଲା ନାହିଁ । ଜଜେଙ୍କୁଁ ପୁନରାୟ କହି ଉଠିଲା : ଅଉ ପଦେବି କଥା ନୁହେଁ, ଆସ ଦେଖିବା । ଏତେ ଶୀଘ୍ର କିଛି ମନ୍ତବ୍ୟ କରିବା ସମ୍ଭବ ନୁହେଁ । ମୁଁ ମୋ ଘରକୁ ଯାଉଛି, ତୁମେ ଶୀଘ୍ର ମୋ ପାଖକୁ ଚାଲି ଆସିବ, କେମିତି ? ତା'ର ଏହି କଥାର ଉତ୍ତରରେ କିଛି କହିବା ପୂର୍ବରୁ ସେ ଘରଛାଡ଼ି ଚାଲିଗଲା ।

ତା'ର ଆନ୍ତରିକ ସଦିଚ୍ଛା ଯେ ପୁଣି ପ୍ରବଳ ହୋଇ ଉଠିଛି ତହିଁରେ କୌଣସି ସନ୍ଦେହ ରହିଲା ନାହିଁ । କିଏ ଜାଣେ ହୁଏତ ବା ଏହି ସଦିଚ୍ଛାହିଁ ପରବର୍ତ୍ତୀ ଲାଳସାକୁ ଜୟ କରିପାରେ । ସେ ଉତ୍ତର କିନ୍ତୁ ଭବିଷ୍ୟତର ଗର୍ଭରେହିଁ ନିହିତ । ଯାହାହେଉ ଟେବୁଲ ଉପରୁ ପାଣ୍ଡୁଲିପିଟି ଉଠେଇ ନେଲି । ଟେବୁଲ ପାଖରେ ଠିଆ ହୋଇ ମୁଁ ଗୋଟାଏ ସିଗାରେଟ୍ ଧରେଇ ନେଲି । ଝିଙ୍କଏ ପରେ ମନେହେଲା ଅନେକ ସମୟ ବିତିଯାଇଛି । ପାଣ୍ଡୁଲିପିଟି ହାତରେ

ନେଇ ତା'ର ଦରଜାରେ ଆଘାତ କରିବା ମାତ୍ରକେ ସେ ବେଶ୍ ଖୁସି ହୋଇପଡ଼ି ମୋତେ ଭିତରେ ଯିବାପାଇଁ ଆହ୍ୱାନ ଜଣାଇଲା ।

ଗୋଟାଏ ଗାଢ଼କଳା ନୈଶ୍ୟ ପୋଷାକ ପିନ୍ଧି ଇତି ମଧ୍ୟରେ ସେ ବିଛଣାରେ ଆସି ବସିଥିଲା । ବିଛଣାର ମୁଣ୍ଡ ପାଖରେ କେବଳ ଗୋଟିଏ ଆଲୁଅଟା ଜଳୁଥିଲା, ତେଣୁ ବାକି ଘରତକ ପ୍ରାୟ ଅନ୍ଧକାର ଥିଲା । ସ୍ୱାଗତ ସମ୍ଭାଷଣର ମନୋରମ ଭଙ୍ଗୀରେ ସାମନା ପଟକୁ ହାତଟା ରଖି ତକିଆରେ ଭରାଦେଇ ସେ ବିଛଣାରେ ବସିଥିଲା । ମୁଖର ଭାବଟି ମନେହେଲା ବେଶ୍ ସନ୍ତୁଷ୍ଟ । ଇତି ମଧ୍ୟରେ ବିକ୍ଷିପ୍ତ କେଶଗୁଡ଼ିକୁ ସଜାଡ଼ି ନେଇ ବାଁପଟରେ ଗେଞ୍ଜି ଦେଇଛି ଗୋଟିଏ ସନଫୁଲ । ଏମିତିହିଁ ସେ ରୂପବତୀ । ବର୍ତ୍ତମାନ ଯେମିତି ତା'ର ସେ ସୌନ୍ଦର୍ଯ୍ୟର ମୂଳ ଯେଉଁ ମୋହମୟ ମାଧୁର୍ଯ୍ୟ ତେଣୁ ପୁଣି ମନେହେଲା ଆଖି ଓ ମୁହଁକୁ ଫେରି ଆସିଛି । ଗୋଟାଏ କଥା ଭାବି ବିସ୍ମିତ ନହୋଇ ରହି ପାରିଲିନି ଯେ ଏଇ ସୁନ୍ଦର ମୁହଁଟିହିଁ କିଛି କ୍ଷଣ ପୂର୍ବରୁ ଲାଳସାର ପ୍ରବଳ ତାଡ଼ନାରେ ବିକୃତ ଭଙ୍ଗୀରେ କୁତ୍ସିତ ଦର୍ଶନ ହୋଇ ଉଠିଥିଲା । ସେ ହସି ହସି କହିଲା : ବେଶ୍ ଆରମ୍ଭ କର । ଦେଖୁନା ତୁମର ଲେଖା ଶୁଣିବି ବୋଲି ସବୁଠୁ ସୁନ୍ଦର ସାନ୍ଧ୍ୟପୋଷାକ ପିନ୍ଧିଛି ? ତାର ବିଛଣାରେ ଟିକିଏ ଗାମ୍ଭୀର୍ଯ୍ୟ ଭଙ୍ଗୀରେ ବସି କହିଲି ତୁମେ ପଢ଼ିବା ପାଇଁ କହୁଛ ବୋଲି ପଢ଼ୁଛି । ମୁଁ କିନ୍ତୁ ତୁମକୁ ପୂର୍ବରୁ କହୁଛି ଯେ ଲେଖାଟା ମୋଟେ ଭଲ ହୋଇନାହିଁ ।

: ଠିକ ଅଛି, ପଢ଼ି ଯାଅ, ମୁଁ ଶୁଣେ ।

ପ୍ରଥମ ପୃଷ୍ଠାରୁ ପଢ଼ିବା ଆରମ୍ଭ କଲି । ଶେଷ ପର୍ଯ୍ୟନ୍ତ ବିରତି ବିହୀନ ଭାବରେ ଗଳ୍ପଟି ପଢ଼ିଗଲି । ତେବେ ମଝିରେ ମଝିରେ ସେ କେମିତି ଗଭୀର ମନୋଯୋଗ ସହିତ ଶୁଣୁଛି ସେୟା ଦେଖିବା ପାଇଁ କଣେଇ କଣେଇ ଚାହିଁ ଦେଖୁଥିଲି । ପଢ଼ିବା ପରେ ମୋର ପୂର୍ବ ସିଦ୍ଧାନ୍ତର ବିଶେଷ କୌଣସି ପରିବର୍ତ୍ତନ ହେଲା ନାହିଁ । ତ୍ରୁଟି

ପାଇଲି, ବିଷୟ ବସ୍ତୁଟି ମନ୍ଦଲୋକଙ୍କ କେବଳ ଏଇ ପର୍ଯ୍ୟନ୍ତ । ଅବଶ୍ୟ ପୂର୍ବେ ଲେଖାଟିକି ଯେତେ ପରିମାଣରେ ମୂଲ୍ୟହୀନ ମନେ କରିଥିଲି, ଏଥର ପଢ଼ିବାରେ ମନେହେଲା ତା ଅପେକ୍ଷା ଏହାର ବେଶୀ କିଛି ମୂଲ୍ୟ ରହିଛି । ଧାରଣାର ଏହି ସ୍ୱଳ୍ପ ପରିବର୍ତ୍ତନ ଅବଶ୍ୟ ଏମିତି କିଛି ଲକ୍ଷଣୀୟ ନୁହେଁ, କାରଣ ବର୍ତ୍ତମାନ ମୋ ପାଖରେ ମୋର ସ୍ତ୍ରୀର ମନ୍ତବ୍ୟହିଁ ସର୍ବାଧିକ ମୂଲ୍ୟବାନ । ପଢ଼ା ଶେଷରେ ସେ କି ଧରଣର ମନ୍ତବ୍ୟ କରିବ ସେତକ ଜାଣିବା ପାଇଁ ଆଗ୍ରହ ପ୍ରବଳ ହୋଇ ଉଠିଲା । ତା ସମ୍ମୁଖରେ ଦୁଇଟି ମାତ୍ର ପଥ ଉନ୍ମୁକ୍ତ । ହୁଏତ କହିବ ସିଲଭିଓ, ତୁମେ କାହିଁକି ଏମିତି କହୁଥିଲ ? ଲେଖାଟିତ ବେଶ୍ ସୁନ୍ଦର ହୋଇଛି, ଅଥବା କହିବ, ଲେଖାଟି ନିହାତି ମାମୁଲି ହୋଇ ପଡ଼ିଛି । ପ୍ରଥମ ପଥଟି ଯଦି ସେ ଗ୍ରହଣ କରେ ତେବେ ବୁଝିବାକୁ ହେବ ଯେ ସେ ନିର୍ବିକାର ଚିତ୍ତରେ ପ୍ରତାରଣା କରିଛି । ଗଳ୍ପଟି ଭଲ ହୋଇନାହିଁ ଜାଣିବି ସୁନ୍ଦର ହୋଇଛି ବୋଲି ଘୋଷଣା କଲେ, ଏହି କଥାଟିହିଁ ପ୍ରମାଣିତ ହେବ ଯେ ସେ ମୋତେ ନାକରେ ଦଉଡ଼ି ଦେଇ ନିଜ ଇଚ୍ଛାନୁସାରେ ପରିଚାଳିତ କରିବାକୁ ଚାହେଁ; ଏବଂ ଆମ ମଧ୍ୟରେ ସମ୍ପର୍କଟି ନିହାତିହିଁ କରୁଣା ଆଉ ମିଥ୍ୟାଚାର ଉପରେ ପ୍ରତିଷ୍ଠିତ । ଦ୍ୱିତୀୟ ପଥଟି କିନ୍ତୁ ପ୍ରେମର, ଆଉ ସେ ପ୍ରେମ ନିଜର ସ୍ୱଚ୍ଛତା ଏବଂ ସ୍ନେହର ମିଶ୍ରଣରେ ହିଁ ସୃଷ୍ଟ । ଯାହା ହେଉ କେଉଁ ପଥଟି ସେ ବାଛିନେବ ତାହା ଦେଖିବା ପାଇଁ ପ୍ରବଳ ଉତ୍କଣ୍ଠାରେ ବସି ରହିଲି । ଯଦି ସେ କୁହେ ଯେ କାହାଣୀଟି ଭଲ ହୋଇଛି ତେବେ ମୁଁ ଜୋର କରି କହିଉଠିବି, ନା ଗଳ୍ପଟି ନିହାତି ବାଜେ ଏବଂ ତୁମେ ବି ବିଶ୍ୱାସଘାତିନୀ ବ୍ୟତୀତ ଆଉ କିଛି ନୁହଁ !

ପ୍ରଥମରୁ ମୁଁ ଏହି କଥା ମନେ ମନେ ସ୍ଥିର ନେଇ ଗଳ୍ପଟି ପଢ଼ି ଯାଇଛି ଆଉ ପଢ଼ା ଯେତେ ଶେଷ ହୋଇ ଆସୁଛି ସେ କଣ

କହିବ ଭାବ ପଢ଼ାର  ଗତି କ୍ରମଶଃହିଁ ମନ୍ଥର ହୋଇ ଆସୁଛି । ଶେଷ ପର୍ଯ୍ୟନ୍ତ ଗଳ୍ପର ସବା ଶେଷ ବାକ୍ୟଟି ପଢ଼ି ତାଙ୍କୁ ଚାହିଁ ପଚାରିଲି,
: କେମିତି ଲାଗିଲା ?

ଆମେ ପରସ୍ପରକୁ କିଛି ସମୟ ଚାହିଁ ରହିଲୁ, ଏକାବେଳକେ ରବ ନିସ୍ତବ୍ଧ । ମନେହେଲା ପ୍ରତାରଣାର ମନୋଭାବ ଥରେ ମୁହଁ ଉପରେ ଛାୟା ପକେଇ ଦେଇ ଗଲା । ମୁହୂର୍ତ୍ତିକ ପାଇଁ ତରେ ଯେମିତି ସେ ଭାବ ନେଲା ଯେ ରଚନାଟି ଭଲ ହୋଇଛି । ଏହି ମିଥ୍ୟାକଥା କହି ନିଜର ଚତୁରତା, ହୃଦୟହୀନତା ଆଉ ମିଥ୍ୟା ରୁଣା ମିଶ୍ରିତ ଧୃଷ୍ଟତାକୁ ପ୍ରତିଷ୍ଠିତ କରିଦେବ । କିନ୍ତୁ ମୁହୂର୍ତ୍ତିକ ମଧ୍ୟରେ ସେହି ମେଘ କଟିଯାଇ ସେଇଠି ମୋ ପ୍ରତି ସତ୍ୟ ଓ ଶ୍ରଦ୍ଧାଶ୍ରିତ ଏକ ପ୍ରେମର ଭାବ ଫୁଟିଉଠିଲା । ନୈରାଶ୍ୟର ନ୍ତରଙ୍ଗତାରେ ସେ କହି ଉଠିଲା : ତୁମର କଥାହିଁ ବୋଧହୁଏ ଠିକ୍, ହା ଚାହୁଁଥିଲ ସେହି ମହତ୍ତ୍ୱ ସୃଷ୍ଟି ଏହା ହୋଇ ପାରିନାହିଁ । ତେବେ ତୁମେ ଯେତେଟା ଖରାପ ଭାବୁଛ ସେତେଟା ନୁହେଁ କିନ୍ତୁ ଶିବାକୁ ତ ବେଶ୍ ଭଲ ଲାଗୁଥିଲା ।

ମୁଁ ଆଶ୍ୱସ୍ତ ହେଲି । ଆନନ୍ଦରେ କହିଲି : ଠିକ୍ ଏଇ କଥା ଣ ତୁମକୁ ମୁଁ କହୁ ନାହିଁ ?

: ଲେଖାର ଧରଣଟି କିନ୍ତୁ ଚମତ୍କାର ହୋଇଛି କହିଲା ନୀଡ଼ା ।

: କିନ୍ତୁ ଭଲ ଭାବରେ ଲେଖିବାଟାତ ସବୁ କିଛି ନୁହେଁ ।

ମୋର କଣ ମନେହୁଏ ଜାଣ ସେ କହି ଚାଲିଲା, ଏହାକୁ ମେ ଠିକ ଭାବରେ ଲେଖିନାହଁ । ତୁମେ ଯଦି ଥରେ ଢଥର ଭିନ ଭାବରେ ଲେଖିଆନ୍ତ ତାହା ହେଲେ ଉପସଂହାରଟା ତମର ନ ମୁତାବକ ହୋଇ ପାରିଥାନ୍ତା ।

ସେତେବେଳେ ବି ନୀଡ଼ା ଭାବୁଥିଲା ଯେ ପ୍ରେରଣା ଦାନ ଅପେକ୍ଷା ଦିଚ୍ଛାର ଦାନହିଁ ଶିଳ୍ପ ସୃଷ୍ଟିର କ୍ଷେତ୍ରରେ ଅଧିକତର ପ୍ରୟୋଜନ ।

ମୁଁ ବୁଝେଁ ମୋର ପ୍ରେରଣାର ଅନୁକୂଳ ଶିଳ୍ପସୃଷ୍ଟି ହେଉ ଆ
ପଛରେ ଯଦି ପ୍ରକୃତ ପ୍ରେରଣା ନଥାଏ ତେବେ କାମ କରିବା ୍
ସେ ନେଇ ମୁଣ୍ଡ ଘୂରେଇବାର କିଛି ଅର୍ଥ ହୁଏନା ।

ସେ ହଠାତ୍ ଉଦ୍ଦୀପ୍ତ ହୋଇ କହି ଉଠିଲା : ଠିକ ଏଇଠି
ତୁମର ଭୁଲ ହେଉଛି । କାମଟାକୁ ତୁମେ ମୋଟେ ଗୁରୁତ୍ୱ ଦଅନା
କେବଳହିଁ ଦୁଃଶ୍ଚିନ୍ତା କର । ପ୍ରକୃତରେ ଏଇମିତି ଭାବରେହିଁ କା
କରିବା ପାଇଁ ପଡ଼େ, କାମତ କୁହୁକ ବଳରେ ଆଉ ହଠାତ୍ ହୋ
ଯାଏ ନାହିଁ ।

ଆମେ ପରସ୍ପରର ବିପକ୍ଷିତ ଚିନ୍ତାଧାରାକୁ ଆକ୍ରମଣ କରି ବେ
କିଛି ସମୟ ତର୍କ କରି ଗଲୁ । ତାପରେ ପାଣ୍ଡୁଲିପିଟାକୁ ପକେଟେ
ପୂରେଇ ନେଇ କହିଲି, ଠିକ୍ ଏ ବିଷୟରେ ଆଉ ବେଶୀ ମୁଣ୍ଡ
ଘୂରେଇବା ଭଲ ।

ଟିକିଏ ନୀରବତା ପରେ ଶାନ୍ତ ଭାବରେହିଁ କହିଲି : ଜଣେ ଅଖ୍ୟ
ଲେଖକକୁ ସ୍ୱାମୀ ରୂପରେ ପାଇଛ ବୋଲି କିଛି ଯେମିତି ମନେ
କର ।

ସଙ୍ଗେ ସଙ୍ଗେ ସେ ଉତ୍ତର ଦେଲା : ତୁମକୁ ମୁଁ ଲେଖକ
ହିସାବରେ କେବେ ଭାବିନାହିଁ ।

: ତାହା ହେଲେ ମତେ କଣ ଭାବିଥିଲ ?

: ଜାଣେନା ସେ ହସି ହସି କହିଲା, କେମିତି କହିବି ? ବର୍ତ୍ତମା
ଅବଶ୍ୟ ତୁମକୁ ଚିହ୍ନି ପାରିଛି, ତୁମେ କିଛି ଲେଖ ବା ନଲେଖ, ତୁମେ
ମୋ ନିକଟରେ ପୂର୍ବେ ଯାହାଥିଲ ବର୍ତ୍ତମାନ ବି ସେଯା ।

କିନ୍ତୁ ତୁମକୁ ଯଦି ଗୋଟାଏ ମତାମତ ପ୍ରକାଶ କରିବାକୁ ପଡ଼େ
ତାହା ହେଲେ କଣ କହିବ ?

ଅଳ୍ପ ଇତସ୍ତତଃକରି ପରମ ଆନ୍ତରିକତା ସହିତ ସେ କହିଲା: ଭଲ
ପାଇଲେ ଏ ଧରଣର ମତାମତ ପ୍ରକାଶ କେହିହେଲେ କରେନାହିଁ ।

ସେ ଏହିପରି ଭାବରେ ତା'ର ନିଜସ୍ୱ ମତକୁ ପୁନରାୟ ଫେରି ଗଲା । ତା'ର ଏହି ପ୍ରତିବାଦର ଭଙ୍ଗିରେ ଏମିତି ଏକ ଅଟଳ ପ୍ରେମସ୍ପର୍ଶ ଥିଲା ଯାହା ମୋତେ ନିଃସନ୍ଦେହରେ ଅଭିଭୂତ କଲା । ତା'ର ହାତଟାକୁ କୋଳରେ ରଖି କହିଲି : ଆମର ଦାଦିଙ୍କ କଥା ଠିକ୍ । ତୁମକୁ ବି ମୁଁ ଭଲ ଭାବରେ ଜାଣିଛି ତଥାପି ତୁମକୁ ଭଲପାଏ ବୋଲି ହିଁ ତୁମ ସମ୍ବନ୍ଧରେ କୌଣସି ମତାମତ ପ୍ରକାଶ କରିବା ମୋ ପକ୍ଷରେ ଅସମ୍ଭବ । ବୁଦ୍ଧିଦୀପ୍ତ ଉଜ୍ଜ୍ୱଳ ଆଖିରେ ଚାହିଁ ସେ କହିଲା, ଠିକ୍ ସେଯା. ନୁହେଁ କି ? କାହାକୁ କେହି ଯେତେବେଳେ ଭଲପାଏ, ତା'ର ସବୁ କିଛିକୁ ସେ ଭଲପାଏ । ଦୋଷତ୍ରୁଟି ସମସ୍ତ ।

ମୁଁ ପରମ ଆନ୍ତରିକତାର ସହିତ ତାକୁ କହିବାକୁ ଚାହିଁଲି : ମୁଁ ମଧ୍ୟ ତୁମର ଏହି ସୁନ୍ଦର ଉଜ୍ଜ୍ୱଳ ଆଖି, କୁଞ୍ଚିତ କେଶଗୁଚ୍ଛ, ମନୋରମ ଫୁଲ, ଏମିତିକି ତୁମର ଏ ଚମତ୍କାର ନୈଶପୋଷାକ ପରିହିତ ବସିବାର ଭଙ୍ଗିଟିକୁ ମଧ୍ୟ ଭଲପାଏ । ଏଇ ଟିକକ ପୂର୍ବରୁ ତୁମେ ଯେତେବେଳେ ଉନ୍ମାଦନାରେ ଏଣ୍ଟୋନିଓଙ୍କୁ ଆଲିଙ୍ଗନ କରି ଲୀଳାସାର ନୃତ୍ୟ ନାଚି ଚାଲିଥିଲ, ସେତେବେଳେ ବି ତୁମକୁ ଭଲପାଉଛି, ଆଉ ଭବିଷ୍ୟତରେ ବି ତୁମକୁ ଭଲ ପାଇବି । କିନ୍ତୁ ମୁହଁରୁ କୌଣସି କଥା ବାହାରିଲା ନାହିଁ । ମୁଁ ଜାଣି ପକେଇଛି । ଆମ ମଧ୍ୟରେ ସମ୍ପର୍କଟା ବେଶ୍ ବଡ଼ ଶକ୍ତ ହୋଇ ଉଠିଛି । ମୁଁ କେବଳ କହିଲି ହୁଏତ କୌଣସି ଦିନ ଏ କାହାଣୀ ମୁଁ ନୂତନ ଭାବରେ ଲେଖିବି, ଘଟଣାର ପରିସମାପ୍ତି ତ ଏ ଯାଏ ଘନେଇ ଆସି ନାହିଁ, ଦିନେ ନା ଦିନେ, ଯେଉଁଦିନ ଅନେକ କିଛି କଥା ପ୍ରକାଶ କରିବା ଭଳି କ୍ଷମତା ମୁଁ ଅର୍ଜନ କରିବି ସେହିଦିନ ବୋଧହୁଏ ପୁନରାୟ ନୂତନ ଭାବରେ କାମରେ ହାତଦେବି ।

ଆନନ୍ଦରେ ମିଲ୍ଡ୍ରା କହିଉଠିଲା : ପରିପୂର୍ଣ୍ଣ ଭାବରେ ଏକଥା ମୁଁ

ବିଶ୍ୱାସକରେ ସିଲଭିଓ ! ତୁମକୁ ଏ କାହାଣୀ ନୂତନ ଲେଖିବା ପାଇଁ ହେବ, ତେବେ କିଛିଦିନ ପରେ ।

ତାକୁ ବିଦାୟ ଚୁମ୍ବନ ଦେଇ ମୁଁ ସିଧା ମୋର ବିଛଣାକୁ ଚାଲି ଆସିଲି । ଶିଶୁକୁ ଖିଆଲି ବଶତଃ କମ୍ବା ତା'ର କୌଣସି ଦୁଷ୍ଟାମି ପାଇଁ ପିତାମାତା ଶାସନ କଲେ ସେ ଅନେକ ସମୟ ଧରି ଚିତ୍କାର କରି କାନ୍ଦେ । ପରେ ତାକୁ ଟିକିଏ ଆଦର କରି ଶୁଆଇ ଦେଲେ ସେ ନିଶ୍ଚିନ୍ତରେ ଗଭୀର ନିଦ୍ରାରେ ନିଦ୍ରିତ ହୁଏ, ସେହି ଭଳି ଏକ ସୁଗଭୀର ନିଦ୍ରାର କୋଳରେ ମୁଁ ଢଳିପଡ଼ିଲି । ଆରଦିନ ନିଦ ଭାଙ୍ଗିଲା ଟିକିଏ ଡେରିରେ । ଉଠି କ୍ଷୌର କର୍ମ ଏବଂ ପ୍ରାତରାଶ ଶେଷକରି ନେଇ ତା' ପାଖକୁ ବାହାରୁ ଟିକିଏ ବୁଲିଆସିବା ପାଇଁ ପ୍ରସ୍ତାବ କଲି । ସିଏବି ସଙ୍ଗେ ସଙ୍ଗେ ରାଜିହେଲା ।

ଖମାର ଘରଗୁଡ଼ିକର ଆରପାଖରେ ଗୋଟାଏ ଢ଼ିପଯାଗାରେ ପୁରାତନ ଅମଳର ଗୋଟାଏ ଗୀର୍ଜାର ଧ୍ୱଂସାବଶେଷ ରହିଥିଲା । ପଶୁମାନଙ୍କ ସରୁ ଚଲାପଥ ଦେଇ ଆମେ ଉପରକୁ ଆସିଲୁ । ସେଠି ଗୀର୍ଜାର ଚତ୍ୱରକୁ ଘେରି ଯେଉଁ ପ୍ରାଚୀର ଥିଲା ତାହାରି ଉପରେ ଆସି ଆମେ ଦୁହେଁ ବସିଲୁ । ଖିଲାଣଗୁଡ଼ିକର ସ୍ଥାପତ୍ୟରୁ ଜଣା ଯାଉଥିଲା ଯେ ଗୀର୍ଜାଟି ବେଶ୍ ପ୍ରାଚୀନ । ସମ୍ମୁଖରେ ଉଦାର ପ୍ରଶାନ୍ତ ଛବିଳ ପ୍ରକୃତି । କେତୋଟି ଖିଲାଣ ଆଉ ଦେବାଲର କିୟଦଂଶ ବ୍ୟତୀତ ଆଉ କିଛି ହେଲେ ଠିଆ ହୋଇ ରହି ନ ଥିଲା । ପୂର୍ବଦିଗର ଅର୍ଦ୍ଧବୃତ୍ତାକାର ବିଶ୍ରାମସ୍ଥଳ; ଅବଶ୍ୟ ମୂଳ ଗୀର୍ଜାଟି ଭାଂଗିରୁଜି ଏମିତି ଭାବରେ ସ୍ତୂପାକାର ହୋଇ ପଡ଼ିଥିଲା ଯେ ତହିଁରୁ କୌଣସି ବିଷୟ ଅନୁମାନ କରିବା ଦୁଷ୍କର । ପୁରାତନ ଧୂସର ବର୍ଣ୍ଣର ପଥର ଦେଇ ବନ୍ଧା ହୋଇଥିବା ପ୍ରାଙ୍ଗଣରେ ଘାସ ଗଜେଇ ଉଠିଥିଲା । ଦରଜାର ଭଗ୍ନ-ପ୍ରାୟ କବାଟ ଆରପାଖରୁ ସବୁଜ ପତ୍ରବହୁଳ ବୃକ୍ଷମାନ ଉଙ୍କି ମାରୁଥିଲେ । ଆଉ ସୂର୍ଯ୍ୟାଲୋକରେ

ସେମାନଙ୍କର ପଦଗୁଡ଼ିକ ଚକଚକ କରୁଥିଲା । ଗୀର୍ଜା ଅଡ଼କୁ ଯିବି
ାଖିରେ ପଡ଼ିଲା ଗୋଟିଏ ଖିଲାଣ ଉପରେ ଏକ ମୁଖା-ଖୋଦିତ କରା
ହୋଇଛି । ସାଧାରଣତଃ ଏସବୁ ସାଦାସିଧା ଧରଣରେ ତିଆରି
ହେଉଥିଲା ତା' ଉପରେ ଦୀର୍ଘକାଳର ବ୍ୟବଧାନରେ ଏହି ଭାସ୍କର୍ଯ୍ୟଟିକୁ
ାଉ ଚିହ୍ନି ହେଉ ନ ଥିଲା । କିନ୍ତୁ ତାହା ବୋଲି ଗୀର୍ଜାରେ
ାଶ୍ୱାସୀ ମଣିଷମାନଙ୍କୁ ମୃଦୁ ଭର୍ତ୍ସନା କରିବା ଉଦ୍ଦେଶ୍ୟରେ ଯେଉଁ
ାକୃ ଦୈତ୍ୟର ମୂର୍ତ୍ତି ରଖା ହେଉଥିଲା ତା'ଠାରୁ ଏହାର ପାର୍ଥକ୍ୟ
ଯେ ଧରାପଡ଼ୁ ନ ଥିଲା, ତା ନୁହେଁ । ହଠାତ୍ ଯେମିତି ମନେହେଲା
ୂର୍ତ୍ତିର ସେହି ଷଡ଼ଯନ୍ତ୍ରଶୀଳ ଦାନ୍ତ ବାହାର କରା ହସ ଆଉ ମୁଖଭଙ୍ଗୀ
ହିତ ଗତରାତିରେ ଦେଖିଥିବା ମୋ ସ୍ତ୍ରୀର ମୁଖଭଙ୍ଗୀ କଷ୍ଟକଳ୍ପିତ
ହେଲେ ମଧ୍ୟ ଗୋଟାଏ ସାଦୃଶ୍ୟ ରହିଛି । ଅଜ୍ଞାତର ଭାସ୍କର ନିଷ୍ଠୁର
ୂର୍ତ୍ତିଟାର ପୁରୁଳ ଓଠଗୁଡ଼ିକରେ ଆଉ ଆସଙ୍ଗଲିପ୍ସୁ ଆଚ୍ଛନ୍ନ ଦୃଷ୍ଟି
ଧ୍ୟରେ ଏହି ଏକାଧରଣର ଲାଳସାକୁହିଁ ଫୁଟେଇ ତୋଳିବାକୁ
ହିଁ ଥିଲା । ଖିଲାଣର ଏହି ଉପରେ ଥିବା ମୁହଁରୁ ଦୃଷ୍ଟି ଫେରେଇ
ଡ଼ା ଆଡ଼କୁ ମୁଁ ଚାହିଁଲି । ବାହାରେ ପ୍ରାକୃତିକ ଦୃଶ୍ୟ ମଧ୍ୟରେ
ଷ୍ଟି ରଖି ସେତେବେଳକୁ ସେ ମଧ୍ୟ ଗଭୀର ଚିନ୍ତାମଗ୍ନ । ହଠାତ୍
ମା ଆଡ଼କୁ ଚାହିଁ ସେ କହିଉଠିଲା : ଦେଖ କାଲି ରାତ୍ରରେ ତୁମର
ଗଳ୍ପର କଥା ମୁଁ ଅନେକ ଭାବିଛି । ମୁଁ ବୁଝିପାରୁଛି କାହିଁକି
ମର କାହାଣୀ ବିଶ୍ୱାସଯୋଗ୍ୟ ହୋଇ ପାରୁ ନାହିଁ ।

: କାହିଁକି ?

: ତୁମେ ତା' ଭିତରେ ତୁମର ଓ ମୋର ଛନ୍ଦ ଦେବା ପାଇଁ
ହୁଁଛ, ସେଥିପା ନା ?

: ହଁ, ଅନେକଟା ପ୍ରାୟ ସେଥିପା ।

: ଭଲ କଥା, ତେବେ କହିବାକୁ ହେବ ପ୍ରଥମରୁ ମୋର ଭୁଲ୍
ହୋଇଯାଇଛି, ଅର୍ଥାତ୍ ମୁଁ କହିବାକୁ ଚାହେଁ ଯେ କାହାଣୀଟି ଲେଖିବା

ସମୟରେ ମୋର କିମ୍ବା ତୁମ ନିଜ ସମ୍ବନ୍ଧରେ ବି ତୁମର ଧାରଣ
ଯଥେଷ୍ଟ ସ୍ପଷ୍ଟ ନ ଥିଲା । ମୋର ମନେହୁଏ ଆମ କଥା, ବିଶେଷ
ଭାବରେ ଆମ ଭିତରେ ଯେଉଁ ସମ୍ପର୍କ ଗଢ଼ିଉଠିଛି ତାକୁ ନେଇ କିଛି
କହିବାର ସମୟ ଏଯାଏ ଆସି ନାହିଁ, ବିଶେଷ ଭାବରେ ମେ
କଥାତ ଆଦୌ ନୁହେଁ । ମୋର ସ୍ୱରୂପଟି ତୁମେ ମୋତେ
ଫୁଟେଇ ପାରିନାହଁ । ମୋତେ ଖୁବ୍ ବେଶୀ ଆଦର୍ଶସ୍ଥାନୀୟା କରେ
ଥୋଇଛ ।

: ଆଉ କିଛି କହିବାକୁ ଚାହଁ ? ମୁଁ ପ୍ରଶ୍ନ କଲି ।

: ନା, ଆଉ କିଛି ନାହିଁ । ମୋର ବିଶ୍ୱାସ ଆମର ପରସ୍ପର
ସମ୍ବନ୍ଧରେ ଆମର ଧାରଣା ସ୍ପଷ୍ଟତର ହେବାପରେ ତୁମର ‹
କାହାଣୀଟି ପୁନର୍ବାର ଲେଖିବା ଉଚିତ । କାଲି ରାତିରେ ବି
ତୁମେ ସେହି ଏକା କଥା କହିଥିଲ । ବର୍ତ୍ତମାନ ଯଦି ତୁମେ
ଲେଖ, ଲେଖାଟି ନିଶ୍ଚୟ ଚମତ୍କାର ହେବ ।

ଏହାର କୌଣସି ଉତ୍ତର ମୁଁ ଦେଇ ନାହିଁ, କେବଳ ବସିରହି
ତାର ହାତଟା ଏପଟସେପଟ କରିବାକୁ ଲାଗିଲି । ହଠାତ୍ ତାର
କାନ୍ଧ ଉପର ଦେଇ ସେହି ଦାନବର ମୁହଁଟା ଥରେ ଦେଖିନେଲି ।
ମନେ ମନେ ଭାବିଲି, ଏ ହାପରେ କାହାଣୀଟି ଆରମ୍ଭ କରିବ
ପୂର୍ବରୁ ଏହି ଭୟଙ୍କର ଦାନବଟା ସମ୍ପର୍କରେ ଯାହା ଚିନ୍ତା କରିଥିଲି
କେବଳ ସେତିକି ଜାଣିଲେ ଚଳିବ ନାହିଁ, ତାର ବିପକ୍ଷଭଟା ବି
ମୋତେ ଜାଣିବାକୁ ପଡ଼ିବ । ଚିନ୍ତାର ସମାପ୍ତି ଟିକଳ ଘୋଷଣ
କରିବା ପାଇଁକି ବୋଧହୁଏ ଖୁବ୍ ଶାନ୍ତ ଭାବରେ କହି ଉଠିଲା
: ଏ କାମଟିକୁ କରିବା ପାଇଁ ବୋଧହୁଏ ମନେହୁଏ ମୋତେ
ଅନେକ ସମୟ ଲାଗିବ ।